# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୧/୨୦୨୫ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 21/2025 Page 20 ₹ 7.00
୫୧ଶ ଭାଗ ୨୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 297 ମୂଲ୍ୟ ₹୭/-




Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND ®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୧/୨୦୨୫ | Bhubaneswar, Sunday, September 21/2025 | ପୃଷ୍ଠା-୧





# ନିର୍ମାଣହେବ ନୂତନ ଲୋକସେବା ଭବନ

**ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)**

ରାଜ୍ୟରେ ନିର୍ମାଣ ହେବ ନୂତନ ଲୋକସେବା ଭବନ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଲୋକସେବା ଭବନ କିପରି ହେବ ତା'ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାର ଦାୟିତ୍ୱ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ଦିଆଯାଇଛି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପକ୍ଷରୁ ଏହାର ପରିବର୍ଦ୍ଧିତ ଯୋଜନାର ପୃଷ୍ଠା-୨

## ମୋହନଲାଲ୍‌ଙ୍କୁ ଦାଦାସାହେବ ଫାଲ୍‌କେ



ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ଜ୍ଞାନ ଓ ଆତ୍ମବିଜ୍ଞାନ**

# ଏଚ୍-୧ବି ଭିଜା ଫି' ୮୮ ଲକ୍ଷ ଟଙ୍କା

- **ବୃଦ୍ଧି ଘୋଷଣା କଲେ ରାଷ୍ଟ୍ରପତି ଟ୍ରମ୍ପ୍**
- **୭୦% ଭାରତୀୟ ହିତାଧିକାରୀ ହେବେ ପ୍ରଭାବିତ**

ଆମେରିକାରେ ଏଚ୍-୧ ବିଭିଜା ଫି' ବହୁପରିମାଣରେ ବୃଦ୍ଧିକରାଯାଇଥିବାରୁ ସେଠାକୁ ଯାଇ ବସବାସ କରିବାକୁ ଚାହୁଁଥିବା ଭାରତୀୟମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଏଚ୍-୧ବି ଭିଜା ଫି'କୁ ବାର୍ଷିକ ୧ ଲକ୍ଷ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି, ଯାହାକି ପୂର୍ବରୁ ୨,୦୦୦-୫,୦୦୦ ଡଲାର ପଡୁଥିଲା। ଏହି ଭିଜା ବଳରେ ଆମେରିକାରେ ଜଣେ ଭାରତୀୟ ପ୍ରଫେସନାଲ ରହିବାକୁ ଚାହୁଁଥିଲେ ସେପ୍ଟେମ୍ବର ୨୧ ମଧ୍ୟରାତ୍ରିରୁ ତାଙ୍କୁ ପ୍ରାୟ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଆମେରିକା ଲଟେରି ଜରିଆରେ ବର୍ଷକୁ ୮୫,୦୦୦ ଏଚ୍-୧ବି ଭିଜା ଜାରି କରିଥାଏ। ସେଥିରୁ ୭୦%ରୁ ଅଧିକ ଭିଜାଧାରୀ ହେଉଛନ୍ତି ଭାରତୀୟ। ଚାଇନା ଏହି କ୍ଷେତ୍ରରେ ୧୧.୭% ଭିଜାଧାରୀଙ୍କୁ ନେଇ ଦ୍ୱିତୀୟରେ ରହିଛି। ତେଣୁ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଫଳରେ ଆଗକୁ ଭାରତୀୟ ପ୍ରଯୁକ୍ତି ପ୍ରଫେସନାଲ ଓ ଅନ୍ୟ ପେସାଦାରମାନେ ଏବଂ ଭାରତର ଟେକ୍ କମ୍ପାନୀଗୁଡ଼ିକ ବହୁଳ ପ୍ରଭାବିତ ହେବେ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।




**ୱାଶିଂଟନ୍/ ନୂଆଦିଲ୍ଲୀ, ୨୦।୯(ପି.ଟି./ ରଏଟର୍ସ)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଚ୍-୧ବି ଭିଜା ଫି' ୧,୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ ବୃଦ୍ଧି ନେଇ ଏକ ଘୋଷଣାନାମାରେ ସ୍ୱାକ୍ଷର କରିଛନ୍ତି। ତାଙ୍କ ଏହି ପଦକ୍ଷେପ ଆମେରିକାରେ ବସବାସ କରିବାକୁ ଚାହୁଁଥିବା ଭାରତୀୟ ପ୍ରଫେସନାଲମାନଙ୍କୁ ନକାରାତ୍ମକ ଭାବେ ପ୍ରଭାବିତ କରିବ ବୋଲି କୁହାଯାଉଛି। ତେବେ ଉକ୍ତ ବର୍ଦ୍ଧିତ ଫି' କେବଳ ନୂଆ ଆବେଦନକାରୀଙ୍କ କ୍ଷେତ୍ରରେ ଲାଗୁ ହେବ। ଯେଉଁମାନେ ପୂର୍ବରୁ ଏଚ୍-୧ବି ଭିଜା ବଳରେ ଆମେରିକାରେ ରହୁଛନ୍ତି, ସେମାନଙ୍କୁ ଫି' ନେଇ ଚିନ୍ତିତ ହେବାର କାରଣ ନାହିଁ ବୋଲି ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିରୋଧୀ କଂଗ୍ରେସ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁର୍ବଳ ନେତୃତ୍ୱକୁ ଦାୟୀ କରିଥିବାବେଳେ ଜନ୍ମଦିନ ଶୁଭେଚ୍ଛା ବହିର୍ବାଣିଜ୍ୟ ନୀତିର ସଫଳତା ନୁହେଁ ବୋଲି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ୍ ଓୱାଇସି ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଭାରତୀୟଙ୍କ ଉପରେ ବର୍ଦ୍ଧିତ ଭିଜା ଫି'ର କିଭଳି ପ୍ରଭାବ ପଡ଼ିବ ସେନେଇ ଅନୁଧ୍ୟାନ କରାଯାଉଛି ବୋଲି ବହିର୍ବାଣିଜ୍ୟ ମନ୍ତ୍ରଣାଳୟ କହିଛି।

ରାଷ୍ଟ୍ରପତି ଟ୍ରମ୍ପ୍ ଶୁକ୍ରବାର 'ରେଷ୍ଟ୍ରିକ୍ସନ ଅନ୍ ଏଣ୍ଟ୍ରି ଅଫ୍ ସାର୍ଟେନ୍ ନନ୍‌ଇମିଗ୍ରାଣ୍ଟ ୱାର୍କର୍ସ' ପ୍ରୋକ୍ଲାମେଶନ୍‌ରେ ସ୍ୱାକ୍ଷର କରିଛନ୍ତି। ଏଚ୍-୧ବି ଭିଜା କାର୍ଯ୍ୟକ୍ରମ 'ଜାତୀୟ ସୁରକ୍ଷା ପ୍ରତି ଏକ ବିପଦ' ବୋଲି ସେ କହିଛନ୍ତି। ଆପ୍ରବାସନ ପୃଷ୍ଠା-୨

**ଏଚ୍-୧ବି ଉପରେ ସର୍ବାଧିକ ନିର୍ଭରଶୀଳ**

| ଟେକ୍ କମ୍ପାନୀ | ମଞ୍ଜୁରୀପ୍ରାପ୍ତ ଭିଜା ସଂଖ୍ୟା |
|---|---|
| ଆମାଜନ୍ | ୧୦,୦୪୪ |
| ଟିସିଏସ୍ | ୫,୫୦୫ |
| ମାଇକ୍ରୋସଫ୍ଟ | ୫,୧୮୯ |
| ମେଟା | ୫,୧୨୩ |
| ଆପଲ | ୪,୨୦୨ |
| ଗୁଗଲ | ୪,୧୮୧ |
| ଡେଲୋଇଟ | ୨,୩୫୩ |
| ଇନ୍‌ଫୋସିସ | ୨,୦୦୪ |
| ୱିପ୍ରୋ | ୧,୫୨୩ |
| ଟେକ୍ ମହିନ୍ଦ୍ରା ଆମେରିକାସ୍ | ୯୫୧ |

* ୟୁଏସ୍‌ସିଆଇଏସ୍ ପକ୍ଷରୁ ଜାରି ୨୦୨୫ର ତଥ୍ୟ






No.T-85

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା 22/09/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0193/2526




# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୧/୨୦୨୫ | Bhubaneswar, Sunday, September 21/2025 | ପୃଷ୍ଠା-୧







## ନିର୍ମାଣହେବ ନୂତନ ଲୋକସେବା ଭବନ

**ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)**

ରାଜ୍ୟରେ ନିର୍ମାଣ ହେବ ନୂତନ ଲୋକସେବା ଭବନ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଲୋକସେବା ଭବନ କିପରି ହେବ ତା'ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାର ଦାୟିତ୍ୱ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ଦିଆଯାଇଛି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପକ୍ଷରୁ ଏହାର ପରିବର୍ଦ୍ଧିତ ଯୋଜନାର ପୃଷ୍ଠା-୨

### ମୋହନଲାଲ୍‌ଙ୍କୁ ଦାଦାସାହେବ ଫାଲ୍‌କେ



ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ଜ୍ଞାନ ଓ ଆତ୍ମବିଜ୍ଞାନ**

# ଏଚ୍-୧ବି ଭିଜା ଫି' ୮୮ ଲକ୍ଷ ଟଙ୍କା

- **ବୃଦ୍ଧି ଘୋଷଣା କଲେ ରାଷ୍ଟ୍ରପତି ଟ୍ରମ୍ପ୍**
- **୭୦% ଭାରତୀୟ ହିତାଧିକାରୀ ହେବେ ପ୍ରଭାବିତ**

ଆମେରିକାରେ ଏଚ୍-୧ ବିଭିଜା ଫି' ବହୁପରିମାଣରେ ବୃଦ୍ଧି କରାଯାଇଥିବାରୁ ସେଠାକୁ ଯାଇ ବସବାସ କରିବାକୁ ଚାହୁଁଥିବା ଭାରତୀୟମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଏଚ୍-୧ବି ଭିଜା ଫି'କୁ ବାର୍ଷିକ ୧ ଲକ୍ଷ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି, ଯାହାକି ପୂର୍ବରୁ ୨,୦୦୦-୫,୦୦୦ ଡଲାର ପଡୁଥିଲା। ଏହି ଭିଜା ବଳରେ ଆମେରିକାରେ ଜଣେ ଭାରତୀୟ ପ୍ରଫେସନାଲ ରହିବାକୁ ଚାହୁଁଥିଲେ ସେପ୍ଟେମ୍ବର ୨୧ ମଧ୍ୟରାତ୍ରିରୁ ତାଙ୍କୁ ପ୍ରାୟ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଆମେରିକା ଲଟେରି ଜରିଆରେ ବର୍ଷକୁ ୮୫,୦୦୦ ଏଚ୍-୧ବି ଭିଜା ଜାରି କରିଥାଏ। ସେଥିରୁ ୭୦%ରୁ ଅଧିକ ଭିଜାଧାରୀ ହେଉଛନ୍ତି ଭାରତୀୟ। ଚାଇନା ଏହି କ୍ଷେତ୍ରରେ ୧୧.୭% ଭିଜାଧାରୀଙ୍କୁ ନେଇ ଦ୍ୱିତୀୟରେ ରହିଛି। ତେଣୁ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଫଳରେ ଆଗକୁ ଭାରତୀୟ ପ୍ରଯୁକ୍ତି ପ୍ରଫେସନାଲ ଓ ଅନ୍ୟ ପେସାଦାରମାନେ ଏବଂ ଭାରତର ଟେକ୍ କମ୍ପାନୀଗୁଡ଼ିକ ବହୁଳ ପ୍ରଭାବିତ ହେବେ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

**ୱାଶିଂଟନ/ ନୂଆଦିଲ୍ଲୀ, ୨୦।୯(ପି.ଟି./ ରଏଟର୍ସ)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଚ୍-୧ବି ଭିଜା ଫି' ୧,୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ ବୃଦ୍ଧି ନେଇ ଏକ ଘୋଷଣାନାମାରେ ସ୍ୱାକ୍ଷର କରିଛନ୍ତି। ତାଙ୍କ ଏହି ପଦକ୍ଷେପ ଆମେରିକାରେ ବସବାସ କରିବାକୁ ଚାହୁଁଥିବା ଭାରତୀୟ ପ୍ରଫେସନାଲମାନଙ୍କୁ ନକାରାତ୍ମକ ଭାବେ ପ୍ରଭାବିତ




କରିବ ବୋଲି କୁହାଯାଉଛି। ତେବେ ଉକ୍ତ ବର୍ଦ୍ଧିତ ଫି' କେବଳ ନୂଆ ଆବେଦନକାରୀଙ୍କ କ୍ଷେତ୍ରରେ ଲାଗୁ ହେବ। ଯେଉଁମାନେ ପୂର୍ବରୁ ଏଚ୍-୧ବି ଭିଜା ବଳରେ ଆମେରିକାରେ ରହୁଛନ୍ତି, ସେମାନଙ୍କୁ ଫି' ନେଇ ଚିନ୍ତିତ ହେବାର କାରଣ ନାହିଁ ବୋଲି ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିରୋଧୀ କଂଗ୍ରେସ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁର୍ବଳ ନେତୃତ୍ୱକୁ ଦାୟୀ କରିଥିବାବେଳେ ଜନ୍ମଦିନ ଶୁଭେଚ୍ଛା ବହିର୍ବ୍ୟାପାର ନୀତିର ସଫଳତା ନୁହେଁ ବୋଲି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ୍ ଓ୍ୱାଇସି ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଭାରତୀୟଙ୍କ ଉପରେ ବର୍ଦ୍ଧିତ ଭିଜା ଫି'ର କିଭଳି ପ୍ରଭାବ ପଡ଼ିବ ସେନେଇ ଅନୁଧ୍ୟାନ କରାଯାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

ରାଷ୍ଟ୍ରପତି ଟ୍ରମ୍ପ୍ ଶୁକ୍ରବାର 'ରେଷ୍ଟ୍ରିକ୍ସନ ଅନ୍ ଏଣ୍ଟ୍ରି ଅଫ୍ ସାର୍ଟେନ୍ ନନ୍‌ଇମିଗ୍ରାଣ୍ଟ ଓ୍ୱାର୍କର୍ସ' ପ୍ରୋକ୍ଲାମେଶନ୍‌ରେ ସ୍ୱାକ୍ଷର କରିଛନ୍ତି। ଏଚ୍-୧ବି ଭିଜା କାର୍ଯ୍ୟକ୍ରମ 'ଜାତୀୟ ସୁରକ୍ଷା ପ୍ରତି ଏକ ବିପଦ' ବୋଲି ସେ କହିଛନ୍ତି। ଆପ୍ରବାସନ ପୃଷ୍ଠା-୨

### ଏଚ୍-୧ବି ଉପରେ ସର୍ବାଧିକ ନିର୍ଭରଶୀଳ

| ଟେକ୍ କମ୍ପାନୀ | ମଞ୍ଜୁରୀପ୍ରାପ୍ତ ଭିଜା ସଂଖ୍ୟା |
|---|---|
| ଆମାଜନ୍ | ୧୦,୦୪୪ |
| ଟିସିଏସ୍ | ୫,୫୦୫ |
| ମାଇକ୍ରୋସଫ୍ଟ | ୫,୧୮୯ |
| ମେଟା | ୫,୧୨୩ |
| ଆପଲ | ୪,୨୦୨ |
| ଗୁଗଲ | ୪,୧୮୧ |
| ଡେଲୋଇଟ | ୨,୩୫୩ |
| ଇନ୍‌ଫୋସିସ | ୨,୦୦୪ |
| ୱିପ୍ରୋ | ୧,୫୨୩ |
| ଟେକ୍ ମହିନ୍ଦ୍ରା ଆମେରିକାସ୍ | ୯୫୧ |

✱ ୟୁଏସ୍‌ସିଆଇଏସ୍ ପକ୍ଷରୁ ଜାରି ୨୦୨୫ର ତଥ୍ୟ






No.T-85

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

✱✱✱✱✱✱✱✱✱✱

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା 22/09/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0193/2526




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନବମାତୃକା ପୂଜା ଅଭ୍ୟର୍ଥନା କମିଟି ପକ୍ଷରୁ ୧୩ତମ ନବମାତୃକା ପୂଜା ୨୦୨୫, ସ୍ଥାନ: ସହିଦ ନଗର ସ୍ଥିତ ଆର୍ଯ୍ୟ ସମାଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତକ ଫାଉଣ୍ଡେଶନ୍ ପକ୍ଷରୁ ଦେବରାଜ ସାମନ୍ତରାୟଙ୍କ ୮୭ତମ ଜନ୍ମ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍ବର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଏମ୍ବ ଅଡ଼ିଟୋରିୟମ୍, ସମୟ: ଅପରାହ୍ନ ୩ଟା ୪୫।
- ବନ୍ଧୁଘର ସାହିତ୍ୟ ପିଣ୍ଡା ପକ୍ଷରୁ ମାସିକ ସାହିତ୍ୟ ଆସର,ସ୍ଥାନ: ସମ୍‌ହସ୍ପିଟାଲ ଗୋଲେଇ ଛକ ନିକଟସ୍ଥ ବନ୍ଧୁ ଘର, ସମୟ: ଅପରାହ୍ନ ୪ଟା ୩୦।
- ଗାଜା ଷ୍ଟ୍ରିପ ପାଲେଷ୍ଟାଇନ୍ ସିଲିଡ଼ରିଟି ମିଟିଙ୍ଗ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ବସନ୍ତ ନାୟକ ଫାଉଣ୍ଡେଶନ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଓ ଚଷମା ବିତରଣ, ସ୍ଥାନ: ବାରବାଟୀ ପ୍ୟାଲେସ୍, ବାରବାଟୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଅହମଦୀୟା ମୁସଲିମ ଜମାତ କଟକ ପକ୍ଷରୁ ତୃତୀୟ ବିଶ୍ୱଯୁଦ୍ଧ ବନ୍ଦ ହେଉ ଶୀର୍ଷକରେ ବ୍ୟାନର ପ୍ରଦର୍ଶନୀ, ସ୍ଥାନ: ବାଦାମବାଡ଼ି ଟ୍ରାଫିକ ଛକ, ସମୟ: ସକାଳ ୯ଟା।
- ମହାଳୟା ଅବସରରେ ସାମୂହିକ ତିଳତର୍ପଣ, ସ୍ଥାନ: ଶ୍ରୀଶ୍ରୀ ଗୋପିନାଥ ଜିଉ ମନ୍ଦିର ପ୍ରାଙ୍ଗଣ, ରାଉସା ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ଉତ୍କଳ ପକ୍ଷରୁ ଡକ୍ଟର ବ୍ରଜ ମୋହନ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ମା' ଶାରଳା ସଦନ, ବଙ୍ଗାଳିସାହି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ପଞ୍ଚମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ବନ୍ଦେ ଉତ୍କଳ ପକ୍ଷରୁ ଡକ୍ଟର ବ୍ରଜ ମୋହନ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ମା' ଶାରଳା ସଦନ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।
- ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବାର୍ଷିକ ଉତ୍ସବ, ସ୍ଥାନ: କଟକ କ୍ଲବ ଆନେକ୍ସ-୧, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ସେବା ପଖୱାଡ଼ା ଅବସରରେ ମାରାଥନ ରାଲି, ସ୍ଥାନ: ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ: ସକାଳ ୬ଟା ୧୫।
- ଚିତ୍ରକଳା ଶିବିର, ସ୍ଥାନ: ଚାରୁ କାରୁକଳା କେନ୍ଦ୍ର, ଗୋରୁଆଲା, ସମୟ: ସକାଳ ୮ଟା।
- ଶାରଦୀୟ ସାହିତ୍ୟ ସମାରୋହ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୩ଟା।
- ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ, ସ୍ଥାନ: ବାଲି କପିଳେଶ୍ୱର ମନ୍ଦିର, ମଙ୍ଗଳାଘାଟ, ସମୟ: ଅପରାହ୍ନ ୪ଟା।
- ପୁରୀ ରୋଟାରି କ୍ଲବ ପକ୍ଷରୁ ଅନ୍ତର୍ଜାତୀୟ ଶାନ୍ତି ଦିବସ, ସ୍ଥାନ: ଜାନକୀ ପ୍ରାଇଡ୍, ରେଡକ୍ରସ ରୋଡ୍, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ମୋଦି ବିକାଶ ମାରାଥନ୍, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ନୀଳଗିରି, ସମୟ: ସକାଳ ୮ଟା।
- ପ୍ରଧାନମନ୍ତ୍ରୀ ଜନ୍ମ ଦିବସ ଓ ସେବା ପକ୍ଷରେ ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଚନ୍ଦନେଶ୍ୱର ନୂତନ ଯାତ୍ରୀନିବାସ, ଚନ୍ଦନେଶ୍ୱର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ସେବା ପକ୍ଷ ଅବସରରେ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଡାହାଣୀଗଡିଆ ଛକ, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ସମ୍ପର୍କ ପତ୍ରିକା ଉନ୍ମୋଚନ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆତ୍ମନିର୍ଭରଶୀଳ ଭାରତ ଓ ନୂତନ ଜିଏସ୍‌ଟି ବିଷୟରେ ଜିଲାସ୍ତରୀୟ ଆଲୋଚନା, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବାବା ଗଜାନନଙ୍କ ଭସାଣି ଉତ୍ସବ, ସ୍ଥାନ: କଦମବେଡା, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ସେବା ପଖୱାର୍ଡ ମାରାଥନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୬ ଟା ୧୫।
- ଚତୁର୍ଥ ନକ୍‌ଆଉଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଝୁଙ୍ଗୁଲେଇସାହି ଖେଳପଡ଼ିଆ, ବସାସାହି, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା।
- ସଂସଦ ଖେଳ ମହୋତ୍ସବ, ସ୍ଥାନ – କେନ୍ଦୁଝର ଷ୍ଟାଡିୟମ, ସମୟ – ପୂର୍ବାହ୍ନ ୧୦ ଟା
- ଗୋଣ୍ଡ ସାଂସ୍କୃତିକ ସମାଜ ଓଡିଶା ଶାଖା ର ପ୍ରସ୍ତୁତି ବୈଠକ, ସ୍ଥାନ: ଲଙ୍ଗଳକଣ୍ଟି, ଢ଼େଙ୍କିକୋଟ୍, ସ୍ଥାନ: ପୂର୍ବାହ୍ନ ୧୦ ଟା।
- ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଓରାଳୀ, ଛେନାପଦି, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟର ପ୍ଲାଟିନମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଓଏସଇବି ବୈଷୟିକ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଆରଏସ୍‌ଏସ୍‌ର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ନେଇ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବୁଗୁଡ଼ା କଳିଙ୍ଗ ବ୍ଲେଡ଼ ସଂଘ ବଡଦାଣ୍ଡ, ସମୟ: ସକାଳ: ୯ ଟା।

## କନ୍ଧମାଳ
- ମିନି ମାରାଥନ, ସ୍ଥାନ: ଫୁଲବାଣୀ କରୋନେଶନ ପଡ଼ିଆ, ସମୟ: ସକାଳ ୭ ଟା।
- ସାଂଜାସରୁ ଉନ୍ନୟନ ଟ୍ରଷ୍ଟର ବୈଠକ, ସ୍ଥାନ: ଦାରିଙ୍ଗବାଡି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଜପତି
- ସେବା ପଖୱାଡା ମାରାଥନ କାର୍ଯ୍ୟକ୍ରମ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ସକାଳ ୬ ଟା ୧୫।
- ବିଦେଶରେ ପୁରସ୍କୃତ ନୃତ୍ୟ ଶିଳ୍ପୀଙ୍କୁ ଅଭିନନ୍ଦନ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ଢେଙ୍କାନାଳ
- ସେବା ପକ୍ଷ ପାଇଁ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଆଞ୍ଚଳିକ ପରିବହନ ଟେଷ୍ଟିଂ କେନ୍ଦ୍ର, ମହିଷାପାଟ, ସମୟ–ସକାଳ ୬ଟା
- ପୂର୍ବତନ ସୈନିକ ସଂଘ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବଜରଙ୍ଗ କ୍ଲବ ପରିସର, ସମୟ: ସକାଳ ସାଢେ ୮ଟା।
- ଆରୟୁ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସୂର୍ଯ୍ୟ ହୋଟେଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୬ଟା।

## ଅନୁଗୋଳ
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କୃଷି ମହୋତ୍ସବ, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ସେବା ପକ୍ଷ ଉତ୍ସବରେ ମିନି ମାରାଥନ, ସ୍ଥାନ: ଯୋଗଧାରୀ (ନୂଆବସ୍ ଷ୍ଟାଣ୍ଡ ନିକଟ)ରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପର୍ଯ୍ୟନ୍ତ ମିନିମାରାଥନ, ଜଗତ୍‌ସିଂହପୁର,ସମୟ: ସକାଳ ୭ଟା।
- ରୋଟାରି କ୍ଲବ ପକ୍ଷରୁ ବୈଠକ, ସ୍ଥାନ: ପାରାଦୀପ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ଟ୍ରେଲର ଆସୋସିଏଶନ ପକ୍ଷରୁ ଶୁଦ୍ଧ ପାନୀୟଜଳ ସେବା, ସ୍ଥାନ ପୂଜା ମଣ୍ଡପ ଅଞ୍ଚଳ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ବାଲିଘର ମାସିକ ସାହିତ୍ୟ ପତ୍ରିକାର ପୂଜା ସଂଖ୍ୟା ଉନ୍ମୋଚନ, ସ୍ଥାନ: ମା' ଉତ୍ତରେଶ୍ୱରୀ ମନ୍ଦିର ପରିସର, ଇବ୍ରିସିଂ, ତିର୍ତ୍ତୋଲ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଜିଲା ଭାଜପା ପକ୍ଷରୁ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଇନ୍‌ଡୋର ଷ୍ଟାଡ଼ିୟମ୍, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ:ସକାଳ ୯ଟା।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପକ୍ଷରେ ଗଣଦୌଡ, ସ୍ଥାନ:ତିନିମୁହାଣୀ ଛକ, କେନ୍ଦ୍ରାପଡା ସହର, ସମୟ:ସକାଳ ୭ଟା।

## ଯାଜପୁର
- ଜିଲାସ୍ତରୀୟ ମାରାଥନ, ସ୍ଥାନ: ଯାଜପୁର ଏନ୍‌ସି କଲେଜଠାରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: କୃପାସିନ୍ଧୁ ବିଦ୍ୟା ଭବନ, ବରୀ, ସମୟ: ଅପରାହ୍ନ ୫ ଟା।

## ନୟାଗଡ଼
- ବିମଳାଙ୍କ ଷୋଡଶ ପୂଜାର ଅଷ୍ଟମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଗଣିଆ ବ୍ଲକ କାଳିକାପ୍ରସାଦ ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ସାଢ଼େ ୯ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଅଷ୍ଟମ ଦିବସ, ସ୍ଥାନ:ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସେବା ପକ୍ଷର ମାରାଥନ ରାଲି, ସ୍ଥାନ:ନୟାଗଡ ଜଗନ୍ନାଥ ମନ୍ଦିରଠାରୁ ନୟାଗଡ ଷ୍ଟାଡିୟମ, ସମୟ: ସକାଳ ସାଢ଼େ ୬ଟା।
- ମହାଳୟା ଶ୍ରାଦ୍ଧ, ସ୍ଥାନ:ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ସାଢ଼େ ୬ଟା ରୁ ଆରମ୍ଭ ।

## ରାୟଗଡ଼ା
- ସେବା ପଖୱାଡ଼ା ପାଳନ ଅବସରରେ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ, ରାୟଗଡ଼ା, ସମୟ: ସକାଳ ୬ଟା।

## ନବରଙ୍ଗପୁର
- ଦୁର୍ଗାପୂଜା ଉପଲକ୍ଷେ ପୋଲିସ ପକ୍ଷରୁ ଶାନ୍ତି କମିଟି ବୈଠକ, ସ୍ଥାନ: ଉମରକୋଟ ଥାନା, ସମୟ ପୂର୍ବାହ୍ନ: ୧୧ଟା।

## କୋରାପୁଟ
- ଜିଲାସ୍ତରୀୟ ମାରାଥନ କାର୍ଯ୍ୟକ୍ରମ, ସ୍ଥାନ : ସ୍ପୋର୍ଟସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ହିନ୍ଦୀ ଦିବସ ସମାରୋହ, ସ୍ଥାନ: ଅଲିଶାନ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିପିଏଲଏଫ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ବିଡିଓଙ୍କ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ସେମିଳିଗୁଡ଼ା ଉପଖଣ୍ଡ ମାନ୍ୟତା ଦାବି ନେଇ ସମାବେଶ, ସ୍ଥାନ: ବସ୍‌ଷ୍ଟାଣ୍ଡ, ସେମିଳିଗୁଡ଼ା, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ମା' ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ ନୀତି, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୪ଟା ୩୦।
- ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ, ସ୍ଥାନ: ଆଇଆଇଏମ୍ ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- କଳାକାର ମହାସଂଘର ବୈଠକ, ସ୍ଥାନ ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ସେବା ସପ୍ତାହ ଉପଲକ୍ଷେ ଲୋଇସିଂହାରେ ଗଣଦୌଡ଼, ସ୍ଥାନ: ରାମମନ୍ଦିରରୁ ଅଗ୍ରସେନ ଭବନ, ଲୋଇସିଂହା, ସମୟ: ସକାଳ ୯ ଟା
- ଜିଏସଟି ୨.୦କୁ ନେଇ ଲୋଇସିଂହା ବ୍ୟବସାୟୀଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା,ସ୍ଥାନ: କଲ୍ୟାଣମଣ୍ଡପ, ଲୋଇସିଂହା, ସମୟ : ସନ୍ଧ୍ୟା ୫ଟା।

## ରାଉରକେଲା
- ଭାଜପା ପକ୍ଷରୁ ଜିଏସ୍‌ଟି ସମ୍ପର୍କିତ କର୍ମଶାଳା, ସ୍ଥାନ: ସେକ୍ଟର-୩ (ବି-୩୩), ସମୟ: ପୂର୍ବାହ୍ନ ୧୧ଟା।
- ନବରାତ୍ରି ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସିପିସି ନାଇଟ୍, ସ୍ଥାନ: ସେକ୍ଟର– –୧୭ ପେଟ୍ରୋଲ ପମ୍ପ ପଛପଟ, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରରେ ମାସିକ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳତର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜଳେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୯ଟା ୩୦।
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ କ୍ରିକେଟ ମ୍ୟାଚ୍, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ସକାଳ ୯ଟା।

## ବୌଦ୍ଧ
- ଜିଲାସ୍ତରୀୟ ମାରାଥନ ଉତ୍ସବ, ସ୍ଥାନ: ଜିଲା ସଂଗ୍ରହାଳୟ ବୌଦ୍ଧ, ସମୟ: ସକାଳ ୭ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁରେଶ୍ୱରୀଙ୍କ ପୀଠରେ ଚଣ୍ଡୀଯଜ୍ଞ ପାଇଁ କଳସଯାତ୍ରା, ସ୍ଥାନ:ସୁବର୍ଣ୍ଣପୁର ସହର ମହାନଦୀର ତେନ୍ତୁଳିଘାଟ, ସମୟ: ସକାଳ ୮ଟା।
- ନବରାତ୍ର ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର ଦୁର୍ଗା ମନ୍ଦିର, ସମୟ: ସକାଳ ୮ଟା।

## ନୂଆପଡ଼ା
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ପଞ୍ଚମ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ନାଗବାଚା ଯାତ୍ରା ଉପଲକ୍ଷେ ଦୀପ ପ୍ରଜ୍ୱଳନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ, ସମୟ: ସକାଳ ୭ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ମନ ଯେଡ଼େ**
**ତାହା ପ୍ରଭୁ ତେଡ଼େ।**

ଯାଦୃଶୀ ଭାବନା ଯସ୍ୟ, ସଦ୍ଧି ର୍ଭବତିତାଦୃଶୀ। ମନ ଘେନି ଫଳ। ମନ ଉଚ୍ଚ ହେଲେ ଭଲ ଫଳ ମିଳିଥାଏ। ନିଷ୍ଠା, ଆନ୍ତରିକତା ତଥା ମନୋଭାବ ଅନୁସାରେ ମଣିଷ ଫଳ ପାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାଙ୍କର ବାପ ମୂଳ ଲାଗୁଥିଲା**
**ଗାଁ ଗୋଠିଆଙ୍କ ମେଳରେ**
**ତାହାଘର ପୁଅ ସୁଆରି ଚିଲା**
**ପାଦ ଲାଗୁନାହିଁ ତଳରେ।**

ସମୟକ୍ରମେ ଛୋଟରୁ ବଡ଼ ହୋଇଥିବା ଲୋକଟିର ମନରେ ଦର୍ପ ବା ଗର୍ବ ଜାତ ହୋଇଥାଏ। ଧରାକୁ ସରା ମନେକରିବା ସହ ତା'ର ପାଦ ତଳେ ଲାଗି ନ ଥାଏ। ଏପରିସ୍ଥଳେ ତା'ର ପରିବର୍ତ୍ତିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଏଚ୍-୧ବି ଭିଜା..

ଆଇନଜୀବୀ ଓ କମ୍ପାନୀଗୁଡ଼ିକ ବର୍ତ୍ତମାନ ଆମେରିକା ବାହାରେ କୌଣସି କାର୍ଯ୍ୟ କିମ୍ବା ଛୁଟି ପାଇଁ ଥିବା ଏଚ୍-୧ବି ଭିଜାଧାରୀ କିମ୍ବା ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ୨୪ ଘଣ୍ଟା ଭିତରେ ଫେରିଆସିବାକୁ ପରାମର୍ଶ ଦେଇଛନ୍ତି। ସେପ୍ଟେମ୍ବର ୨୧ ରାତି ୧୨ଟା ୦୧ ମିନିଟ୍‌ରେ ଏହି ପ୍ରୋକ୍ଲାମେଶନ୍ କାର୍ଯ୍ୟକାରୀ ହେଉଥିବାରୁ ଉକ୍ତ ଅବଧି ମଧ୍ୟରେ ସେମାନେ ଆମେରିକା ନ ଫେରିଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ।

କଂଗ୍ରେସମ୍ୟାନ୍ ରାଜା କ୍ରିଷ୍ଣା ଏଚ୍-୧ବି ଭିଜା ଫି' ବୃଦ୍ଧି ନିଷ୍ପତ୍ତିକୁ 'ଉଚ୍ଚ ଦକ୍ଷତାସମ୍ପନ୍ନ ଶ୍ରମିକଙ୍କଠାରୁ ଆମେରିକାକୁ ବିଚ୍ଛିନ୍ନ କରିବା ପାଇଁ ଉଦ୍ଦିଷ୍ଟ ଏକ ଉଦ୍ୟମ' ରୂପେ ଅଭିହିତ କରିଛନ୍ତି। ଏହି ବର୍ଗର ହାଇସ୍କିଲ୍ଡ ୱାର୍କରମାନେ ଆମେରିକାର ଶ୍ରମଶକ୍ତିକୁ ଦୀର୍ଘ ସମୟ ଧରି ସୁଦୃଢ଼ କରିବା ସହ ନବଉନ୍ମେଷ ଦିଗରେ ଟାଣିନେଇ ଶିଳ୍ପ ପ୍ରତିଷ୍ଠାରେ ସହାୟକ ହୋଇଛନ୍ତି, ଯାହାକି ଅନେକ ନିୟୁତ ଆମେରିକୀୟଙ୍କୁ ନିଯୁକ୍ତି ପ୍ରଦାନ କରିଥାଏ ବୋଲି କହି ସେ ଟ୍ରମ୍ପଙ୍କ ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେହିପରି ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରାକ୍ତନ ପରାମର୍ଶଦାତା ତଥା ଆପ୍ରବାସନ ନୀତି ସମ୍ପର୍କିତ ଏସୀୟ ଆମେରିକୀୟ ସମୁଦାୟର ନେତା ଅଜୟ ଭୁଟୋରିଆ ଟ୍ରମ୍ପଙ୍କ ନିଷ୍ପତ୍ତି ଆମେରିକୀୟ ପ୍ରଯୁକ୍ତି କ୍ଷେତ୍ର ପାଇଁ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ସତର୍କ କରାଇଛନ୍ତି। ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଇନୋଭେଶନ୍ ପାଇଁ ଏକ ଲାଇଫ୍‌ଲାଇନ୍, ଯାହାକି ସାରା ବିଶ୍ୱରୁ ଶୀର୍ଷ ମେଧାସମ୍ପନ୍ନ ବ୍ୟକ୍ତିମାନଙ୍କୁ ଆକର୍ଷିତ କରିଥାଏ। ଏହି ଭିଜା ପାଇଁ ବର୍ତ୍ତମାନ ମୋଟ ୨,୦୦୦ରୁ ୫,୦୦୦ ଡଲାର ଆବଶ୍ୟକ ହେଉଥିବାବେଳେ ଏଥିରେ ଏତେ ବଡ଼ ବୃଦ୍ଧି ଘଟାଇବା ଯୋଗୁ ଦେଶର କ୍ଷୁଦ୍ର ବ୍ୟବସାୟ ଓ ବିବିଧ କ୍ଷେତ୍ରର ଷ୍ଟାର୍ଟଅପମାନେ ବହୁଳ ପ୍ରଭାବିତ ହେବେ ବୋଲି ଅଜୟ କହିଛନ୍ତି।

ସମ୍ପ୍ରତି ଏଚ୍-୧ବି ଭିଜା ଫି ୨,୦୦୦ରୁ ୫,୦୦୦ ଡଲାର ପର୍ଯ୍ୟନ୍ତ ରହିଛି। ନିଯୁକ୍ତିଦାତାଙ୍କ ବ୍ୟବସାୟର ଆକାର ଓ ଅନ୍ୟ ଖର୍ଚ୍ଚ ଉପରେ ଫି' ଦେୟ ନିର୍ଭର କରିଥାଏ। ଭାରତୀୟ ଟେକ୍ ପ୍ରଫେଶନାଲଙ୍କ ମହଲରେ ସବୁଠୁ ଲୋକପ୍ରିୟ ଏଚ୍-୧ବି ଭିଜା ୩ ବର୍ଷ ପାଇଁ ବୈଧ ରହିଥାଏ, ଯାହାକୁ ଅବଧି ଶେଷ ହେବା ପୂର୍ବରୁ ପରବର୍ତ୍ତୀ ୩ ବର୍ଷ ପାଇଁ ନବୀକରଣ କରାଯାଇଥାଏ।

ଟ୍ରମ୍ପଙ୍କ ନିଷ୍ପତ୍ତି ଟେକ୍ କମ୍ପାନୀଗୁଡ଼ିକ ଦ୍ୱାରା ନିଯୁକ୍ତି ପାଉଥିବା ଭାରତୀୟ ଟେକ୍ନୋଲୋଜି ପ୍ରଫେଶନାଲ ଓ ଅନ୍ୟ ପେସାଦାରଙ୍କୁ ସର୍ବାଧିକ ପ୍ରଭାବିତ କରିବ। ୨୦୨୫ରେ ୫,୫୦୫ ମଞ୍ଜୁରୀପ୍ରାପ୍ତ ଏଚ୍-୧ବି ଭିଜା ସହ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ଏହାର ଦ୍ୱିତୀୟ ସର୍ବାଧିକ ହିତାଧିକାରୀ। ଆମାଜନ୍ ଏହି କ୍ଷେତ୍ରରେ ସବା ଆଗରେ ରହିଛି, ଯାହାର ୧୦,୦୪୪ ୱାର୍କର ଏଚ୍-୧ବି ଭିଜାଧାରୀ ବୋଲି ଆମେରିକା ସିଟିଜେନ୍‌ଶିପ୍ ଆଣ୍ଡ ଇମିଗ୍ରେଶନ୍ ସର୍ଭିସେସ୍ (ୟୁଏସ୍‌ସିଆଇଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ସର୍ବାଧିକ ହିତାଧିକାରୀଙ୍କ ମଧ୍ୟରେ ରହିଛନ୍ତି ମାଇକ୍ରୋସଫ୍ଟ (୫,୧୮୯), ମେଟା (୫,୧୨୩), ଆପଲ (୪,୨୦୨), ଗୁଗଲ (୪,୧୮୧), ଡେଲୋଇଟ୍ (୨,୩୫୩), ଇନ୍‌ଫୋସିସ୍ (୨,୦୦୪), ୱିପ୍ରୋ (୧,୫୨୩) ଓ ଟେକ୍ ମହିନ୍ଦ୍ରା ଆମେରିକାସ୍ (୯୫୧)। ଏହି ଘୋଷଣା ସହ ଟ୍ରମ୍ପ କହିଛନ୍ତି, ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଅତିରିକ୍ତ, ଉଚ୍ଚ ଦକ୍ଷତାସମ୍ପନ୍ନ କାର୍ଯ୍ୟ ପାଇଁ ଅମେରିକାକୁ ଅସ୍ଥାୟୀ ଶ୍ରମିକଙ୍କୁ ଆଣିବା ସକାଶେ ଉଦ୍ଦିଷ୍ଟ ଥିଲା। କିନ୍ତୁ ସେମାନେ ଏଥିରେ ସହଯୋଗୀ ହେବା ପରିବର୍ତ୍ତେ ଉଦ୍ଦେଶ୍ୟମୂଳକ ଭାବେ ଶୋଷଣ କରୁଛନ୍ତି। ଫଳରେ ସ୍ୱଳ୍ପ ବେତନଭୋଗୀ ଓ ସ୍ୱଳ୍ପ ଦକ୍ଷତାସମ୍ପନ୍ନ ଆମେରିକୀୟ ଶ୍ରମିକ ପ୍ରଭାବିତ ହେଉଛନ୍ତି। ଏଚ୍-୧ବି କାର୍ଯ୍ୟକ୍ରମର ଦୁରୁପଯୋଗ ଜାତୀୟ ନିରାପତ୍ତା ପାଇଁ ଏକ ବିପଦ ପାଲଟିଛି। ଘରୋଇ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଏଚ୍-୧ବି ଉପରେ ନିର୍ଭରଶୀଳ ଆଉଟ୍‌ସୋର୍ସିଂ କମ୍ପାନୀଗୁଡ଼ିକୁ ଚିହ୍ନଟ କରିବା ସହ ସେମାନଙ୍କ ଠକେଇ, ମନି ଲଣ୍ଡରିଂ ଷଡ଼ଯନ୍ତ୍ର ଓ ବିଦେଶୀ ଶ୍ରମିକଙ୍କୁ ଆମେରିକାକୁ ଟାଣିବା ନେଇ ଅନ୍ୟ ବେଆଇନ କାର୍ଯ୍ୟକଳାପର ତଦନ୍ତ କରିଛନ୍ତି। ଟ୍ରମ୍ପ ଆହୁରି କହିଛନ୍ତି, ଏହି ଭିଜା କାର୍ଯ୍ୟକ୍ରମର ବ୍ୟବହାରକାରୀ କମ୍ପାନୀଗୁଡ଼ିକ ଉପରେ ଏହା କଷାଯିବା ଜରୁରୀ ହୋଇପଡ଼ିଥିଲା। ଅନ୍ୟପକ୍ଷେ ବିଦେଶୀ ଶ୍ରମିକଙ୍କୁ ଏଚ୍-୧ବି ଭିଜା ଜରିଆରେ ନିଯୁକ୍ତି ପ୍ରଦାନ କରୁଥିବା ଟେକ୍ନୋଲୋଜି ସିଇଓମାନେ ଏହି ପଦକ୍ଷେପକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଏହି ଅବସରରେ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି, ୧୦୦,୦୦୦ ଡଲାର ଦେୟ ପଇଠ କରି ନ ଥିବା ଆବେଦନକାରୀଙ୍କ ପିଟିଶନକୁ ଗୃହ ସୁରକ୍ଷା ସଚିବ ରଦ୍ଦ କରିବେ। ହ୍ୱାଇଟ୍ ହାଉସ୍ ଷ୍ଟାଫ୍ ସେକ୍ରେଟାରି ୱିଲ୍ ସ୍କାର୍ଫ କହିଛନ୍ତି, ଦେଶରେ ଏଚ୍-୧ବି ଅଣଆପ୍ରବାସୀ ଭିଜା କାର୍ଯ୍ୟକ୍ରମର ସବୁଠୁ ଅଧିକ ଦୁରୁପଯୋଗ କରାଯାଇଛି। ନୂଆ ପଦକ୍ଷେପ ଫଳରେ ଏଣିକି କେବଳ ଉଚ୍ଚ ଦକ୍ଷତାସମ୍ପନ୍ନ ଶ୍ରମିକମାନେ ହିଁ ଆମେରିକାକୁ ଆସିବେ।

## ନିର୍ମାଣହେବ ନୂତନ ...

ମାଷ୍ଟର ପ୍ଲାନ୍ ତିଆରି ମଧ୍ୟ କରାଯାଉଛି ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖିଛନ୍ତି। ବିଜେଡି ସଦସ୍ୟ ସୁବାସିନୀ ଜେନାଙ୍କ ପକ୍ଷରୁ ବିଧାନସଭାରେ ପଚରାଯାଇଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ପ୍ରସ୍ତୁତ ହେଉଥିବା ନୂତନ ଲୋକସେବା ଭବନର ମାଷ୍ଟର ପ୍ଲାନ୍‌ଅନୁମୋଦନ ହେବାପରେ ପରବର୍ତ୍ତୀ ପଦକ୍ଷେପ ଅନୁଯାୟୀ ବିସ୍ତୃତ ବ୍ୟୟ ଅଟକଳ କରାଯିବ। ଏହାପରେ ତାହା ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ବର୍ତ୍ତମାନର ସଚିବାଳୟ ବା ଲୋକସେବା ଭବନ କୋଠା ୬୮ ବର୍ଷ ପୁରାତନ। ଏହି ପୁରାତନ କୋଠା ପରିସରରେ ଗୁରୁତର ପାର୍କିଂ ସମସ୍ୟା ପରିଲକ୍ଷିତ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୧୯୫୯ ନଭେମ୍ବର ୧୨ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ତ ରାଜ୍ୟ ସଚିବାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ୨୦୧୯ ଜୁଲାଇ ୩୦ରେ ସଚିବାଳୟ ନାମକୁ ପରିବର୍ତ୍ତନ କରାଯାଇ ଲୋକସେବା ଭବନ ନାମରେ ନାମିତ କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବୃହସ୍ପତିଙ୍କ ଦୃଷ୍ଟିରେ ମଙ୍ଗଳ ରହିଥିବାରୁ ଶାରୀରିକ ସୁସ୍ଥତା ପୂର୍ବପରି ରହିବ। ପାପଗ୍ରହ ପ୍ରଭାବରୁ ସନ୍ତାନ ହେତୁକ କିଛିଟା ସମସ୍ୟା ମନକୁ ବିଚଳିତ କରିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେବା କାରଣରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିବ ।

**ବୃଷ** ସାମଗ୍ରିକ ଦୃଷ୍ଟିକୋଣରୁ ଦ୍ୱିଜା ନକ୍ଷତ୍ର ସକାଶେ ଦିନଟି ପ୍ରୀତିପ୍ରଦ ରହିବ। ଆପଣଙ୍କ କଥା ଓ କାମର ପରିପ୍ରକାଶ ସାମାଜିକ କ୍ଷେତ୍ରରେ ସମ୍ମାନର ପୃଷ୍ଠପୋଷକ ସାଜିବ। ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ରବିଙ୍କ ଉପରେ ପଡୁଥିବାରୁ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ଘଟିପାରେ। ଉପରିସ୍ଥଙ୍କ ସହ ମତାନ୍ତର ଘଟିପାରେ।

**ମିଥୁନ** ମଙ୍ଗଳଙ୍କ କୁପ୍ରଭାବରୁ ମାନସିକ ଉତ୍ତେଜନା ବୃଦ୍ଧି ପାଇବା ସହ ପାରିବାରିକ କଳହ ଲାଗିପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପ୍ରଶାସନ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ।

**କର୍କଟ** ରବି ଓ ବୁଧଙ୍କ ଯୋଗୁ ପ୍ରିୟଜନଙ୍କ ସହାନୁଭୂତି ପାଇବା ସାଙ୍ଗକୁ କାର୍ଯ୍ୟ ହାସଲ କରିବେ। ସଭାସମିତି ଓ ଆନୁଷ୍ଠାନିକ କାମକୁ ଅଗ୍ରଗାମୀ କରାଇବାରେ ସମର୍ଥ ହୋଇପାରନ୍ତି। ଶିଳ୍ପ, ଯାତ୍ରା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** ଦ୍ୱିତୀୟ ଭାବରେ ରବି ଓ ବୁଧଙ୍କ ସ୍ଥିତି ଆପଣଙ୍କ ଓଜସ୍ୱିନୀ ଭାଷା ଗୁଣଗ୍ରାହୀଙ୍କ ଦ୍ୱାରା ପ୍ରଶଂସିତ ହେବ। ଆର୍ଥିକ ଉନ୍ନତି ସହ ସମ୍ମାନଜନକ ସ୍ଥିତିରେ ଦିନଟି ସ୍ମରଣୀୟ ରହିବ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**କନ୍ୟା** ମଙ୍ଗଳଙ୍କ ପ୍ରଭାବରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ଅଧିକ କିଛି ଆଶା କାରଣରୁ କଳହର ସମ୍ଭାବନା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ। ସହକର୍ମୀଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା** ଲାଭ ଓ ବ୍ୟୟାଧିପ ଏକତ୍ର ଅବସ୍ଥାନ କରୁଥିବାରୁ ଆଜି ଯେତିକି ପାଇବେ, ତାହାଠାରୁ ଅଧିକ ଖର୍ଚ୍ଚ କରିବେ। ଶତ୍ରୁଠାରୁ ଦୂରତା ରଖିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡ଼ିପାରେ। ବିଭିନ୍ନ ସମସ୍ୟା ମଧ୍ୟରେ ବୁଡ଼ିରହି ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ଶିଳ୍ପ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** ତୃତୀୟ ଭାବରେ ଗ୍ରହମାନେ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଅଭିଳଷିତ କାର୍ଯ୍ୟ ସାଧନ କରିବେ। ଚନ୍ଦ୍ରଙ୍କ ଶୁଭ ସଂସ୍ଥାନରୁ ଯେଉଁ କାମରେ ହାତ ଦେବେ ନିଶ୍ଚିତ ସଫଳତା ମିଳିବ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରୟତ୍ନ କରିପାରନ୍ତି। ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** କର୍ମସ୍ଥାନର ଯୋଗଫଳ ସ୍ୱରୂପ ନିଜ ଲୋକମାନଙ୍କ ସାନିଧ୍ୟ ଲାଭକରି ପୂର୍ବ ସଂକଳ୍ପ ସାଧନ କ୍ଷେତ୍ରରେ ସମର୍ଥ ହେବେ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ନୂତନ ସ୍ଥାନ ପରିଦର୍ଶନ ସୁଯୋଗ ପାଇବାର ବିଶେଷ ସମ୍ଭାବନା ରହିଛି।

**ମକର** ଭାଗ୍ୟାଧିପତିଙ୍କ ଦୃଷ୍ଟିରେ ରାଶ୍ୟାଧିପତି ରହିଥିବାରୁ ଆପଣଙ୍କ କାର୍ଯ୍ୟ ସଫଳ ହେବ। ଉପରିସ୍ଥମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ହେବନି, କିନ୍ତୁ ଆବଶ୍ୟକତା ପୂର୍ଣ୍ଣ ହେବା କାଠିକର ପାଠ ହେବ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପତିଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ନୀଚାଭିମୁଖୀ ଶୁକ୍ରଙ୍କ ଯୋଗୁ ପରିବାରରେ କଳହ ଲାଗିପାରେ। ସଭାସମିତିରେ ତର୍କବିତର୍କଜନିତ ଉତ୍ତେଜନାମୂଳକ ପରିସ୍ଥିତିର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** ଆଜି କର୍ମାଧିପତିଙ୍କ ସ୍ୱଗୃହକୁ ଦୃଷ୍ଟି ଯୋଗୁ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ସେପରି କିଛି ହେବନି। ରବି ଓ ବୁଧଙ୍କ ପ୍ରଭାବରେ ପରିବାରରେ ସମାଲୋଚିତ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ନଚେତ୍ ସମସ୍ୟା ଉପୁଜିପାରେ। ଯାତ୍ରା ସମୟରେ କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତିଦିବସ, ଆଶ୍ୱିନ କୃଷ୍ଣପକ୍ଷର ମହାଳୟା ଶ୍ରାଦ୍ଧ, ଫୁଲୁରି ବ୍ରତ, ବଜ୍ରକାଳିକା ପୂଜା, ସୂର୍ଯ୍ୟମହତୀ ଓ କରତୋୟା ସ୍ନାନ ଯୋଗ (ଆଜି ଆଂଶିକ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ, ଭାରତ ଓ ଓଡ଼ିଶାକୁ ଅଦୃଶ୍ୟ ହେତୁ ପାଳନୀୟ ନୁହେଁ), ରାଶି ନକ୍ଷତ୍ର- ସକାଳ ଘ.୦୯।୩୨ମି. ପର୍ଯ୍ୟନ୍ତ ପୂର୍ବାଫାଲ୍‌ଗୁନୀ/ସିଂହ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୬ ଗତେ ଘ.୦୮।୫୧ ମଧ୍ୟେ, ଘ.୦୧।୦୯ ଗତେ ଘ.୦୩।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୦ ଗତେ ଘ.୦୫।୪୦ ମଧ୍ୟେ ରାହୁକାଳ।

# ଭୁବନେଶ୍ୱର କ୍ଲବ୍ ନିର୍ବାଚନ, ଫଳାଫଳ ଆଜି

## ସରିଲା ଇ-ଭୋଟିଂ, ଆଜି ବାଲଟ୍ ଭୋଟ







ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ଭୁବନେଶ୍ୱର କ୍ଲବ୍ କାର୍ଯ୍ୟକର୍ତ୍ତା ନିର୍ବାଚନ ୨୦୨୫-୨୭ ଶନିବାର ଠାରୁ ଆରମ୍ଭ ହୋଇଛି। କ୍ଲବ୍‌ର ଯେଉଁ ଭୋଟରମାନେ ବାହାରେ ଅଛନ୍ତି, ସେମାନେ ଶନିବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ଇ-ଭୋଟିଂ ଜରିଆରେ ମତଦାନ କରିସାରିଛନ୍ତି। ରବିବାର ଏଥିପାଇଁ ପୂର୍ବାହ୍ନ ୧୧ଟାରୁ ୫ଟା ମଧ୍ୟରେ ବାଲଟ୍ ଭୋଟିଂ କରାଯିବ। ମିଳିଥିବା ସୂଚନା ମୁତାବକ, ଉକ୍ତ ନିର୍ବାଚନରେ ମୋଟ୍ ୨୩୨୧ ଜଣ ବୈଧ ଭୋଟର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୯୯୨ ବ୍ୟକ୍ତିଗତ ଏବଂ ୩୧୯ ଜଣ କର୍ପୋରେଟ ଭୋଟର ଅଛନ୍ତି। ଏହି ନିର୍ବାଚନରେ ସଭାପତି ପଦ ଲାଗି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନର କ୍ଲବ୍ ସଭାପତି ଅସୀତ ତ୍ରିପାଠୀ ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ର ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଅସୀତ ତୃତୀୟ ଥର ଲାଗି ସଭାପତି ପଦ ପାଇଁ ନିର୍ବାଚନ ଲଢୁଥିବାବେଳେ ତାଙ୍କ ବିରୋଧରେ ପ୍ରଥମ ଥର ପ୍ରଦୀପ ମଇଦାନକୁ ଓହ୍ଲାଇଛନ୍ତି। ଗୋଟିଏ ପଟେ ପ୍ରଗତିକୁ ସମର୍ଥନ ବୋଲି ଅସୀତ ସ୍ଲୋଗାନ ଦେଇଥିବାବେଳେ ପରିବର୍ତ୍ତନର ସ୍ୱର ଦେଇ ପ୍ରଦୀପ ଭୋଟ ମାଗିଛନ୍ତି। କ୍ଲବ୍‌ର ଏହି ନିର୍ବାଚନରେ ସଭାପତି ପଦ ସହିତ ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପାଇଁ ନିର୍ବାଚନ ହେବ। ପ୍ରଦୀପଙ୍କ ଦଳରେ ଉପସଭାପତି ପଦ ଲାଗି ଡାକ୍ତର ପି.ଭି. ମୋହନ, ସମ୍ପାଦକ ପଦରେ ପୂର୍ବତନ ଆଇପିଏସ୍ ଅଧିକାରୀ ଲଳିତ ଦାସ, ଯୁଗ୍ମ ସମ୍ପାଦକ ପାଇଁ ପ୍ରଶାନ୍ତ ନାଥ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଏହି ଦଳରେ ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ଲାଗି ଅଶୋକ ଚିଞ୍ଚୋଲା, ରାଜଦୀପ ମହାନ୍ତି, ପ୍ରକାଶ ମହାନ୍ତି, ଡାକ୍ତର ମନୋଜ ଲାଠ, ଅକ୍ଷୟ ଖଣ୍ଡେଲୱାଲ ଏବଂ ପି. ଦାସ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ସେହିପରି ଅସୀତଙ୍କ ଦଳରେ ଉପସଭାପତି ପ୍ରାର୍ଥୀ ଭାବେ ପ୍ରଗତି କୁମାର ମହାନ୍ତି, ସମ୍ପାଦକ ପ୍ରାର୍ଥୀ ଭାବେ ଟୁଟୁଲ କିଶୋର ଦାସ, ଯୁଗ୍ମ ସମ୍ପାଦକ ଭାବେ ସମ୍ବିତ ମହାନ୍ତି ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ଦଳରେ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପଦ ପାଇଁ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅନିଲ କୁମାର ସାମଲ, ଦେବବ୍ରତ ବିଶ୍ୱାଳ, କଲ୍ୟାଣ ସୁନ୍ଦର ଛୋଟରାୟ, ମାନସ ରଞ୍ଜନ ଦାସ, ଓମ୍‌ପ୍ରକାଶ ରଏ ଏବଂ ସଞ୍ଜୟ ଲାଠ ପ୍ରାର୍ଥୀ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ନିର୍ବାଚନ ଲାଗି ଗତ ସେପ୍ଟେମ୍ବର ୧ରେ କ୍ଲବ୍ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିପାଇଁ ଗତ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ମଧ୍ୟାହ୍ନ ୧୨ଟାରୁ ୩ଟା ଏବଂ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ସମୟ ରହିଥିଲା। ୧୩ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଥିଲା। ସେହିଦିନ ବୈଧ ନାମାଙ୍କନପତ୍ରଗୁଡ଼ିକ ଘୋଷଣା କରାଯାଇଥିଲା। ୧୫ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଥିଲା। ଏହି ନିର୍ବାଚନ ଲାଗି ଇ-ଭୋଟିଂ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ରବିବାର ବାଲଟ ଭୋଟିଂ ହେବ। ରବିବାର ସନ୍ଧ୍ୟା ୬ଟାରୁ ଭୋଟ କାଉଣ୍ଟିଂ ହୋଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ବାଲଟ୍ ଭୋଟିଂ ଆରମ୍ଭ ହେବା ପୂର୍ବରୁ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଆନୁଆଲ ଜେନେରାଲ ବଡି ମିଟିଂ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଭୁବନେଶ୍ୱର-କୋଣାର୍କ ରେଳଲାଇନର ଚୂଡ଼ାନ୍ତ ଲୋକେଶନ ସର୍ଭେକୁ ଅନୁମୋଦନ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ବହୁ ପ୍ରତୀକ୍ଷିତ କୋଣାର୍କ-ଭୁବନେଶ୍ୱର ରେଳପଥକୁ ନିକଟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁର ମିଳିଛି। ଏହି ଉପଲବ୍ଧି ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚିଠି ମାଧ୍ୟମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହିତ ଉକ୍ତ ରେଳପଥକୁ ନିମାପଡ଼ା ଓ ଗୋପ ସହ ସଂଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହାଦ୍ୱାରା ନିମାପଡ଼ା ଓ ଗୋପ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀର ବିକାଶ ହେବା ସହ ଆଞ୍ଚଳିକ ପରିବହନ ଓ ଯୋଗାଯୋଗ ମଧ୍ୟ ସୁଗମ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଥିଲେ। ଏହି ଚିଠିର ଉତ୍ତର ଦେଇ ରେଳ ମନ୍ତ୍ରଣାଳୟ ଉକ୍ତ ପ୍ରସ୍ତାବକୁ ଗ୍ରହଣକରିବା ସହ କୋଣାର୍କ -ଭୁବନେଶ୍ୱର ରେଳପଥର ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍)ପାଇଁ ଗୋପ ଓ ନିମାପଡ଼ାରେ ଫାଇନାଲ ଲୋକେଶନ ସର୍ଭେ ନିମନ୍ତେ ମଞ୍ଜୁରୀ ଦେଇଛନ୍ତି। ଏହି ମଞ୍ଜୁରୀ ପାଇଁ ଉପମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।




*T&C apply. GST reduced price offer applicable from 22nd Sep, 2025. Insurance offer available on selected models purchased in Sep-Oct 2025.
Total savings may vary for different models/variants on the basis of actual insurance cost (without add-ons); and RTO/statutory. For more information contact your nearest dealership.

**Bhubaneswar - Hindustan Wheels:** 8117092609, 9776048108 | **Bhubaneswar - K2K Auto-Motives:** 7008987913, 7008987917 | **Venus Automotives:** 9776012326, 8917395776 | **Bhubaneswar - Durgesh Bikes LLP:** 7440007100, 7440007101 | **Cuttack - PMG Motors:** 7854912003, 7854912006 | **Cuttack - AMP Motors:** 9692200590, 9692200591 | **Jajpur - Birendra Motors:** 8114371861, 8114371865 | **Jagatsinghpur - R.R. Automobiles:** 9439629975, 7978637744 | **Chandikhole - Chand Automobiles:** 8249048100, 9810804285 | **Nayagarh - Shree Motors:** 9748294928, 9123742457 | **Puri - Satyabadi Automobiles:** 8917467272, 8917475550 | **Bapuji Nagar Branch - Hindustan Wheels:** 9348355705, 9437142215. **Yamaha Bike Corner: Balugaon:** 8018731318 **Brahmagiri:** 9337040050 | **Balipatna:** 8260300572 | **Chandpur:** 8018731318 | **Dhalapathar:** 7008951601 | **Jatni:** 8249369308 | **Kakatapur:** 9556584796 **Nimapara:** 7008966612 | **Sunakhala:** 7008552541 | **Pipili:** 9778179495 | **Phulbani:** 8249263257 | **Adaspur:** 9438344646 | **Banki:** 9437276957 | **Bidharpur:** 9777100623 | **Narsinghpur:** 9348917733 | **Niali:** 7077331343 | **Pattamundai:** 7894641766 | **Salepur:** 9337115957 | **Balichandrapur:** 7978609768 | **Bhuban:** 9439590025 | **Chhatia:** 9437397655 | **Jajpur Town:** 9778266966 | **Mangalapur:** 9937726644 | **Singhpur:** 7008382026.

# ଶେଷ ସପ୍ତାହରେ ୩ ଲଘୁଚାପ

## ଅକ୍ଟୋବର ପ୍ରଥମ ସପ୍ତାହ ଯାଏ ପ୍ରବଳ ବର୍ଷା

ଭୁବନେଶ୍ୱର,୨୦।୯(ବନ୍ଦନା ସେଠୀ)

ଚଳିତ ମାସ ଶେଷ ସପ୍ତାହରେ ବଙ୍ଗୋପସାଗରରେ ଦାନା ବାନ୍ଧିବ ୩ ଲଘୁଚାପ। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏବେ ମୌସୁମୀଜନିତ ନିମ୍ନଚାପରେଖା ଓ ଟ୍ରଫ୍‌ଲାଇନ ପାଇଁ ରାଜ୍ୟରେ ବର୍ଷା ହେଉଛି। ଇତିମଧ୍ୟରେ ଉତ୍ତର ଆଣ୍ଡାମାନ ତଥା ସଂଲଗ୍ନ ମ୍ୟାନ୍‌ମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ରପତନରୁ ୩.୧ କି.ମି ଉପର ଯାଏ ଲମ୍ବିଥିବାବେଳେ ୨୨ ତାରିଖ ସୁଦ୍ଧା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ପହଞ୍ଚିବ। ଫଳରେ ରାଜ୍ୟରେ ବର୍ଷାର ପରିମାଣ ୨୩ ତାରିଖରୁ ବୃଦ୍ଧି ପାଇବ। ଉକ୍ତ ଘୂର୍ଣ୍ଣିବଳୟଟି ୨୫ ତାରିଖ ସୁଦ୍ଧା ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେବ। ଏହା ପ୍ରଭାବରେ ୨୬ ତାରିଖ ଯାଏ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

**ମ୍ୟାନ୍‌ମାର ଉପକୂଳରେ ଘୂର୍ଣ୍ଣିବଳୟ**

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ସଂସ୍ଥାନ (ଆଇଏମ୍‌ଡି)ର ଆକଳନ ଅନୁସାରେ, ସେପ୍ଟେମ୍ବର ଶେଷସୁଦ୍ଧା ବଙ୍ଗୋପସାଗରରେ ୩ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଫଳରେ ଅକ୍ଟୋବର ପ୍ରଥମ ସପ୍ତାହ ଯାଏ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଉପକୂଳ ଓ ଜିଲାଗୁଡ଼ିକରେ ବର୍ଷାଦ୍ୱାରା ପ୍ରଭାବିତ ହୋଇପାରେ ବୋଲି ଆଇଏମ୍‌ଡି ସତର୍କ କରାଇଛି। ପ୍ରଥମ ଲଘୁଚାପଟି ୨୫ ତାରିଖ ସୁଦ୍ଧା ସୃଷ୍ଟି ହେବାକୁ ଥିବାବେଳେ ଦ୍ୱିତୀୟଟି ୨୭ ତାରିଖ ଓ ତୃତୀୟଟି ୩୦ତାରିଖ ବେଳକୁ ସୃଷ୍ଟି ହେବ।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୨୪ ଘଣ୍ଟାରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ମୁଖ୍ୟତଃ ପାଗ ମେଘୁଆ ରହିଥିବାବେଳେ ସର୍ବାଧିକ ୨.୭ ସେ.ମି ବର୍ଷା ଗଜପତି ଜିଲା ନୂଆଗଡ଼ରେ ରେକର୍ଡ କରାଯାଇଛି। ରବିବାର ଓ ସୋମବାର ରାଜ୍ୟର ୧୪ ଜିଲା ବଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କି.ମି ରହିବ। ମଙ୍ଗଳବାରଠାରୁ ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷା ପରିମାଣ ବଢ଼ିପାରେ।

ONGC ENERGY: Now AND Next | ओएनजीसी | ONGC

**ଓଏନଜିସି କ୍ରୀଡା ଛାତ୍ରବୃତ୍ତି ଯୋଜନା 2025-26**

ଓଏନଜିସି 21ଟି ଖେଳ ପାଇଁ 15,000/- ରୁ 30,000/- ଟଙ୍କା ପର୍ଯ୍ୟନ୍ତ ପ୍ରତିମାସ ଭତ୍ତା ଆକାରରେ 2025-26 ବର୍ଷ ପାଇଁ 250ଟି ଖେଳ ଛାତ୍ରବୃତ୍ତି ଅନ୍‌ଲାଇନ୍‌ରେ ଆବେଦନ ଆମନ୍ତ୍ରଣ କରୁଛି। ଏହି ଛାତ୍ରବୃତ୍ତି 15 ରୁ 20 ବର୍ଷ ବୟସର ଅର୍ଥାଭାବ ଓ ପ୍ରତିଭାଶାଳୀ କ୍ରୀଡାବିତ୍‌ଙ୍କ ପାଇଁ ଯାହାଙ୍କର ଅଭିଭାବକଙ୍କର ବାର୍ଷିକ ଆୟ 5 ଲକ୍ଷ ଟଙ୍କାରୁ କମ୍।

ଆଗ୍ରହୀ କ୍ରୀଡାବିତ୍‌ମାନେ ଓଏନଜିସିର ଅଧିକୃତ ୱେବ୍‌ସାଇଟ୍ **https://sportsscholarship.ongc.co.in** ରେ 22.09.2025 (ସକାଳ 11:00ଟା) ଠାରୁ 21.10.2025 (ଅପରାହ୍ନ 04:00ଟା) ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ କରିବା ପୂର୍ବରୁ ଦୟାକରି ପୋର୍ଟାଲରେ ଦିଆଯାଇଥିବା ନିୟମ ଓ ସର୍ତ୍ତାବଳୀ ପଢ଼ିନିଅନ୍ତୁ। ଆବେଦନ କେବଳ ଅନ୍‌ଲାଇନ୍ ମାଧ୍ୟମରେ ଗ୍ରହଣ କରାଯିବ।

ଯଦି ପ୍ରାର୍ଥୀମାନେ ନକଲି ଦସ୍ତାବିଜ ଦାଖଲ କରନ୍ତି, ତେବେ ସେମାନଙ୍କର ଆବେଦନ ଖାରଜ କରାଯିବ ଏବଂ ଓଏନଜିସି ସେମାନଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ପାରିବ।

# ଆଜିଠାରୁ ପୃଥିବୀର ନିକଟତର ହେବ ଶନି

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)

ସେପ୍ଟେମ୍ବର ୨୧ରୁ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ଶନି ଗ୍ରହ ପୃଥିବୀର ନିକଟତର ରହିବ। ଏହି ସମୟ ମଧ୍ୟରେ ଶନି ଗ୍ରହ ସବୁଠାରୁ ବଡ ଓ ଉଜ୍ଜ୍ୱଳ ଦେଖାଯିବ। ଏହାକୁ ଖାଲି ଆଖିରେ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରବିବାର ବଳୟଯୁକ୍ତ ଗ୍ରହ ଶନି ପୃଥିବୀର ନିକଟତର ହେବ। ଏଥିସହ




ପୃଥିବୀ, ଶନି ଏବଂ ସୂର୍ଯ୍ୟ ଏକ ସରଳ ରେଖାରେ ରହିବେ। ଏହି ଘଟଣା ପ୍ରତି ୩୭୮ ଦିନରେ ଥରେ ଘଟିଥାଏ। ଅମାବାସ୍ୟା ତିଥି ଥିବାରୁ ଆଲୋକରାତି ଆକାଶରେ ଚନ୍ଦ୍ର ଦୃଶ୍ୟହେବେ ନାହିଁ। ତେଣୁ ଶନି ଗ୍ରହକୁ ଖାଲି ଆଖିରେ ପରିଷ୍କାର ଭାବେ ଦେଖିବା ସମ୍ଭବ ହୋଇପାରିବ। ଶନି ସୂର୍ଯ୍ୟର ସିଧାସଳଖ ବିପରୀତରେ ରହିବେ। ସୂର୍ଯ୍ୟାସ୍ତ ସମୟରେ ଶନି ପୂର୍ବ ଦିଗରେ ଉଦୟ ହେବ ଓ ସାରା ରାତି ଦୃଶ୍ୟମାନ ହୋଇ ସୂର୍ଯ୍ୟୋଦୟ ସମୟରେ ପଶ୍ଚିମ ଦିଗରେ ଅସ୍ତ ହେବ। ଆକାଶ ମେଘମୁକ୍ତ ରହିଲେ ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରୁ ସେପ୍ଟେମ୍ବର ଓ ଅକ୍ଟୋବର ମାସ ସାରା ରାତି ଶନିଗ୍ରହ ଖୁବ୍‌ଉଜ୍ଜ୍ୱଳ ରହିବ ବୋଲି ଡ. ପଟ୍ଟନାୟକ କହିଛନ୍ତି।



ତୁମେ ଯେଉଁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। –ଶ୍ରୀମା



# ଜ୍ଞାନ ଓ ଆତ୍ମବିଜ୍ଞାନ



ଆକାର ପଟେଲ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍‌) ଏହାର ଶତବାର୍ଷିକୀ ପାଳନ କରୁଛି। ସାଂସ୍କୃତିକ ବିଶେଷକରି ରାଜନୈତିକ କ୍ଷେତ୍ରରେ ଏହାର ଲମ୍ବା ସଫଳତାର ଇତିହାସ ବଖାଣୁଛି। ହିନ୍ଦୁ ବିଚାରଧାରାର ସ୍ରୋତ ଉପରେ ଇଣାଣୁଣା ଏହି ସଂସ୍ଥା ବିଷୟରେ ଯେଉଁ ପାଠକେ ଜାଣନ୍ତି ସେମାନେ ଏହି ପ୍ରସ୍ତରୁ ଜାଣିପାରିବେ ଏହାର ବିଶେଷ ଅର୍ଥ କ'ଣ ବା ଏହା କେଉଁ ସିଦ୍ଧାନ୍ତକୁ ପ୍ରତିପାଦିତ କରେ। ଆର୍‌ଏସ୍‌ଏସ୍‌ରେ ସବୁଠୁ ଅଧିକ ଦିନ(୩୩ ବର୍ଷ– ୧୯୪୦–୧୯୭୩) ସେବା ଯୋଗାଇଛନ୍ତି ଏମ୍‌ଏସ୍ ଗୋଲ୍‌ୱାଲକର। ତାଙ୍କ ବହି 'ବଞ୍ଚ ଅଫ୍ ଥଟ୍ସ' ଏଠାରେ ଆଲୋଚନାର ବିଷୟ ଏବଂ ଦେଖିବା ଏହା କ'ଣ କହେ। ଏହା ହେଉଛି ଗୋଲ୍‌ୱାଲକରଙ୍କ ଅଭିଭାଷଣ ଓ ସାକ୍ଷାତ୍‌କାରର ଏକ ସଙ୍କଳନ। ଏଥିରେ ଗୋଲ୍‌ୱାଲକର କହିଛନ୍ତି, ଆର୍‌ଏସ୍‌ଏସ୍ ନିଜକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୋଲି କହେ, କିନ୍ତୁ ହିନ୍ଦୁ ସ୍ୱୟଂସେବକ ସଂଘ ନୁହେଁ; କାରଣ ବାସ୍ତବରେ ରାଷ୍ଟ୍ରୀୟ ଅର୍ଥ ହେଉଛି ହିନ୍ଦୁ। ଏଣୁ ହିନ୍ଦୁ ଶବ୍ଦ ବ୍ୟବହାର କରାଯିବାର ଆବଶ୍ୟକତା ନାହିଁ। ଆର୍‌ଏସ୍‌ଏସ୍‌ର ପ୍ରଥମ ମୁଖ୍ୟ କେଶବ ହେଡଗେୱାର କହିଥିଲେ, ଯଦି ଆମେ ହିନ୍ଦୁ ଶବ୍ଦ ବ୍ୟବହାର କରିବା, ତେବେ ଏଥିରୁ ବୁଝାପଡ଼ିବ ଯେ, ଆମେ ଏହି ଦେଶର ଅସଂଖ୍ୟ ସମୁଦାୟରୁ ଆମକୁ କେବଳ ଗୋଟିଏ ବୋଲି ମାନୁଛୁ ଏବଂ ଦେଶର ନାଗରିକ ଭାବେ ଆମର ବାସ୍ତବ ସ୍ଥିତିକୁ ଅନୁଭବ କରୁନାହୁଁ।

ସଂଘୀୟବାଦ ଏବଂ ସମସ୍ୟା ଏବଂ ସାହସର ସହ ସନ୍ଧିଧାନ ସଂଶୋଧନ କରି ଏକକ ସରକାର ଘୋଷଣା କରିବା ଏକମାତ୍ର ବାଟ ଥିଲା ବୋଲି ପୁସ୍ତକରେ କୁହାଯାଇଛି। ଦେଶ ଏକ ଓ ଲୋକେ ଏକ ଥିବାରୁ ଭାରତରେ କେବଳ ଗୋଟିଏ ସରକାର ଏବଂ ଗୋଟିଏ ବ୍ୟବସ୍ଥାପିକା ସଭା ହେବା ଦରକାର। କାର୍ଯ୍ୟପାଳିକା କ୍ଷମତା ବଣ୍ଟନ ହୋଇପାରିବ, କିନ୍ତୁ ବୈଧାନିକ ବ୍ୟବସ୍ଥାପିକା କ୍ଷମତା ଗୋଟିଏ ହେବା ଉଚିତ ଏବଂ ତାହାକୁ ରାଜ୍ୟଗୁଡ଼ିକୁ ହସ୍ତାନ୍ତର କରାଯାଇପାରିବ ନାହିଁ। ସାରା ଦେଶ ପାଇଁ ଗୋଟିଏ କେନ୍ଦ୍ରୀୟ ବ୍ୟବସ୍ଥାପିକା ସଭା ଗଣତନ୍ତ୍ରର ଚାହିଦାକୁ ପୂରଣ କରିବା ଉଚିତ। ଭାରତ ବିଶ୍ୱରେ ସ୍ୱତନ୍ତ୍ର, କାରଣ ଏହା ଯାହା ଦେଇଛି ଆଉ କେହି ଦେଇପାରିନାହାନ୍ତି ଏବଂ ତାହା ହେଉଛି ହିନ୍ଦୁ ବିଚାରଧାରା। ହିନ୍ଦୁ ବିଚାରର ଉତ୍କୃଷ୍ଟତା ହେଉଛି ଏହା କେବଳ ଆତ୍ମାର ସ୍ୱରୂପ ସମ୍ପର୍କରେ ଜାଣିଛି। ଗୋଲ୍‌ୱାଲକର କହିଛନ୍ତି, ଯିଶୁ ସୈତାନଙ୍କୁ ଦେଖିଥିଲେ, ପ୍ରଫେଟ ଗାବ୍ରିଏଲଙ୍କୁ ସାକ୍ଷାତ କରିଥିଲେ। ହେଲେ କେବଳ ଭାରତରେ ଋଷିମୁନୀମାନେ ଈଶ୍ୱରଙ୍କୁ ଦେଖିଥିଲେ। ପାଶ୍ଚାତ୍ୟବାସୀ ଯେତେ ବିଜ୍ଞାନକୁ ବୁଝିଥାଆନ୍ତୁ ନା କାହିଁକି, ସେମାନେ ଆତ୍ମବିଜ୍ଞାନ ସମ୍ବନ୍ଧରେ ଅଜ୍ଞ। ତେବେ ଭାରତ ପ୍ରଦାନ କରିଥିବା ଏହି ଭିନ୍ନ ସିଦ୍ଧାନ୍ତ ଏବେ ସଙ୍କଟରେ, କାରଣ ହିନ୍ଦୁମାନେ ସେମାନଙ୍କ ପୁରାତନ ଜ୍ଞାନଠାରୁ ଦୂରେଇ ଯାଇଛନ୍ତି। ଭାରତରେ ଆର୍‌ଏସ୍‌ଏସ୍ ତାହାର ପୁନରୁଦ୍ଧାର କରିବା ସହ ହିନ୍ଦୁ ସମାଜକୁ ସଙ୍ଗଠିତ କରିବା ଉଚିତ। ବ୍ୟକ୍ତି ନିଜକୁ ବୃହତ୍ ରାଷ୍ଟ୍ରରେ ସାମିଲ କରିବା ଉଚିତ, ନଚେତ୍ ସାମାଜିକ ସମ୍ବନ୍ଧ ବା ଏକତା ନଷ୍ଟ ହୋଇଯିବ, ଯାହାକୁ ହିନ୍ଦୁ ଦେଶ ପ୍ରୋତ୍ସାହିତ କରିଥିଲା ଏବଂ ହିନ୍ଦୁମାନଙ୍କୁ ସୁଖୀ କରିଥିଲା। ସମସ୍ତ ହିନ୍ଦୁଙ୍କର ଏହି ବିଶେଷ ହିନ୍ଦୁ ଜ୍ଞାନ ନ ଥିଲା, କେବଳ କେତେଜଣଙ୍କର ଏହା ଥିଲା। ସାଧାରଣ ଲୋକଙ୍କୁ ଠିକ୍ ଭାବେ ଶିକ୍ଷିତ ଓ ଜ୍ଞାନୀ କରାଯିବା ଦରକାର। ସେମାନଙ୍କୁ କେବଳ ସାକ୍ଷର କଲେ ଲକ୍ଷ୍ୟ ହାସଲ ହେବ ନାହିଁ, କାରଣ ଏବେ ବି ମଧ୍ୟ ଏହି ସ୍ୱତନ୍ତ୍ର ଜ୍ଞାନର ଅଭାବ ରହିଛି। ସେ କହିଥିଲେ ଲୋକମାନଙ୍କ ଭିତରେ ଯେଉଁ ଅସମାନତା ଏବଂ ବିଶେଷତ୍ୱ ଓ ପୋଷା ରାଜନୈତିକଙ୍କୁ ଅଣଦେଖା କରାଯାଉଥିବାରୁ ଗଣତନ୍ତ୍ର ତ୍ରୁଟିପୂର୍ଣ୍ଣ। ସାମଗ୍ରିକ ଭାବେ ପଞ୍ଚାୟତଗୁଡ଼ିକ ଯେତେବେଳେ ଜାତି ଧାରାରେ ଚାଲୁଥିଲା ସେତେବେଳେ ସବୁଠୁ ଭଲ କାମ କରୁଥିଲା। ଏଣୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାମୂଳକ ନ ହୋଇ ସର୍ବସମ୍ମତ ଆଧାରିତ ହେବା ଉଚିତ।

ଭାରତ ମହାସାଗରରୁ ହିମାଳୟ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେଥିପାଇଁ କେବଳ ପର୍ବତର ପାଦଦେଶ ଯାଏ ନୁହେଁ, ବରଂ ତା' ପରେ ଉତ୍ତର ପାର୍ଶ୍ୱରେ ମଧ୍ୟ ପୂର୍ବଜଙ୍କର ତୀର୍ଥସ୍ଥଳ(କୈଳାସ ମାନସରୋବର) ରହିଥିଲା। ତିବ୍ବତ ଥିଲା ଦେବତାଙ୍କ ନିବାସ। ହିନ୍ଦୁମାନେ ଆଫଗାନିସ୍ତାନ, ବର୍ମା, ଇରାନ ଏବଂ ଲଙ୍କା ଦଖଲ କରିଥିବା ବିଷୟ ହିନ୍ଦୁ ପୁରାଣଗୁଡ଼ିକରେ ବର୍ଣ୍ଣନା ରହିଛି। ଅନେକ ହଜାର ବର୍ଷ ଧରି ଭାରତ ମାତା ତାଙ୍କ ଦୁଇ ହାତ ଇରାନରୁ ସିଙ୍ଗାପୁର ଯାଏ ଦୁଇ ସାଗରରେ ବୁଡ଼ାଇ ରଖିବା ସହ ଶ୍ରୀଲଙ୍କାକୁ ଏକ ପଦ୍ମ ପାଖୁଡ଼ା ଭାବେ ତାଙ୍କ ପବିତ୍ର ପାଦରେ ଅର୍ପଣ କରାଯାଉଥିଲା। ଭୂମି ପୂଜନ କରାଯାଉଥିଲା, କାରଣ ସାରା ପୃଥିବୀ ଥିଲା ପବିତ୍ର, କିନ୍ତୁ ଭାରତମାତା ଥିଲେ ସବୁଠୁ ପବିତ୍ର। ଜ୍ଞାନ ମାଧ୍ୟମରେ ତାଙ୍କ ସହ ଜଡ଼ିତ ହେବାପାଇଁ ସେ ଚାହିଁ ନ ଥିଲେ, ବରଂ ତାଙ୍କର ଦରକାର ଥିଲା ସମ୍ପୂର୍ଣ୍ଣ ସମର୍ପଣ। ବିଭାଜନ ଗ୍ରହଣୀୟ ନ ଥିଲା, କାରଣ ଏହା ଦୁଇ ଭାଇ ମଧ୍ୟରେ ସମ୍ପତ୍ତି ଭାଗ ନ ଥିଲା। ବୁଝାମଣା ଭାବେ ମା'କୁ କେହି ଭାଗ କରେ ନାହିଁ। ହିନ୍ଦୁ ରାଷ୍ଟ୍ରର ଧାରଣା କେବଳ ରାଜନୈତିକ ଓ ଆର୍ଥିକ ଅଧିକାରଗୁଡ଼ିକର ସମଷ୍ଟି ନ ଥିଲା। ରାଜନୈତିକ କିମ୍ବା ନ୍ୟାୟିକ ନୁହେଁ, ବରଂ ଏହା ଥିଲା ମୁଖ୍ୟତଃ ସାଂସ୍କୃତିକ। ଏହା ଈଶ୍ୱରଙ୍କ ଅନୁଭବର ଇଚ୍ଛା ମାଧ୍ୟମରେ ନିଜକୁ ପରିପ୍ରକାଶ କରିଥିଲା। ଏହା ଥିଲା ଜୀବନ୍ତ ଦେବତା, କୌଣସି ମୂର୍ତ୍ତି କିମ୍ବା ଅଭୌତିକ ରୂପ ନୁହେଁ। ଆମ ଲୋକେ ହେଉଛନ୍ତି ଆମ ଦେବତା, ଯାହା ଆମ ପୂର୍ବଜ କହିଥିଲେ। କିନ୍ତୁ ସେମାନେ ଆମ ସମସ୍ତଙ୍କ କଥା ଭାବି ନ ଥିଲେ। ରାମକୃଷ୍ଣ ପରମହଂସ ଓ ବିବେକାନନ୍ଦ କହିଥିଲେ– ଲୋକଙ୍କ ସେବା କର। କିନ୍ତୁ ମାନବତା ଦୃଷ୍ଟିରୁ ମଣିଷ ଖୁବ୍ ବ୍ୟାପକ ଥିଲା। ନିର୍ଦ୍ଦିଷ୍ଟ ସୀମା ଭିତରେ ଏହା ସର୍ବଶକ୍ତିମାନ ହେବା ଉଚିତ। ଏଠି ମଣିଷ କହିଲେ କେବଳ ହିନ୍ଦୁ ଲୋକଙ୍କୁ ବୁଝାଏ। ପୂର୍ବଜମାନେ ହିନ୍ଦୁ ଶବ୍ଦ ବ୍ୟବହାର କରି ନ ଥିଲେ। କିନ୍ତୁ ଋଗ୍‌ବେଦରେ ସେମାନେ କହିଥିଲେ ଯେ, ସୂର୍ଯ୍ୟ ଓ ଚନ୍ଦ୍ର ହେଉଛନ୍ତି ତାଙ୍କ ଆଖି, ଆକାଶ ଓ ନକ୍ଷତ୍ର ତାଙ୍କ ନାଭିରୁ ସୃଷ୍ଟି। ବ୍ରାହ୍ମଣ ହେଉଛି ମୁଣ୍ଡ, ରାଜା ହେଉଛି ହାତ, ବୈଶ୍ୟ ହେଉଛି ଜଙ୍ଘ ଏବଂ ଶୁଦ୍ର ହେଉଛି ପାଦ। ଯେଉଁ ଲୋକଙ୍କର ଏହି ଚାରିସ୍ତର ବ୍ୟବସ୍ଥା ଥିଲା ସେମାନେ ଥିଲେ ଦେବତା। ଏଭଳି ଜାତିର ସେବା ଓ ପୂଜାକୁ ସେତେବେଳେ ସମାଜ ଈଶ୍ୱରଙ୍କ ସେବା ବୋଲି କହିଥିଲା।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | 1 | |
| | 7 | | 4 | | | | | |
| 3 | 1 | | | | 5 | 9 | | 6 |
| 6 | | 4 | | | | 2 | | 5 |
| 5 | | | | | | 6 | | |
| | 3 | | | | | | | |
| 1 | | | | | 3 | | | 2 |
| | | | | 9 | 2 | | | |
| | 5 | | | | 4 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 3 | 5 | 9 | 2 | 6 | 1 | 8 |
| 6 | 8 | 2 | 7 | 4 | 1 | 3 | 5 | 9 |
| 9 | 1 | 5 | 3 | 6 | 8 | 4 | 2 | 7 |
| 5 | 6 | 9 | 1 | 7 | 4 | 8 | 3 | 2 |
| 3 | 7 | 4 | 8 | 2 | 6 | 5 | 9 | 1 |
| 1 | 2 | 8 | 9 | 5 | 3 | 7 | 6 | 4 |
| 4 | 9 | 7 | 6 | 1 | 5 | 2 | 8 | 3 |
| 8 | 5 | 1 | 2 | 3 | 7 | 9 | 4 | 6 |
| 2 | 3 | 6 | 4 | 8 | 9 | 1 | 7 | 5 |

ଗତକାଲିର ଉତ୍ତର

# ଆଗେ ନିଜକୁ, ପରେ ଅନ୍ୟକୁ



ଡ. ମନୋଜ କୁମାର ମହାନ୍ତି

ଚାଇନାର ବିଶିଷ୍ଟ ଦାର୍ଶନିକ ତଥା ନୈତିକ ପ୍ରଚାରକ କନ୍‌ଫୁସିଅସ ସଦାସର୍ବଦା ଗୋଟାଏ କଥା ନିଜ ଦେଶ ତଥା ବିଶ୍ୱର ସମସ୍ତ ଜନମାନସକୁ ମନେ ପକାଉଥିଲେ: ସ୍ୱପରିବର୍ତ୍ତନ ହିଁ ବିଶ୍ୱ ପରିବର୍ତ୍ତନ। ତାଙ୍କର ଏହି ନୈତିକ ବାଣୀ ସେ ବିଶେଷକରି ନିଜ ଦେଶର ଶାସକଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବାକୁ ଚାହିଁଥିଲେ,କାରଣ ଶାସକଗୋଷ୍ଠୀଙ୍କ ଉପରେ ଦେଶର ଦାୟିତ୍ୱ ନିହିତ। ସମସ୍ତ ନୈତିକ ମୂଲ୍ୟବୋଧ ସହ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନାର ଗୁରୁଦାୟିତ୍ୱ ଶାସକ, ସମସ୍ତ ଉଚ୍ଚପଦସ୍ଥ ଓ ଅଧୀନସ୍ଥ କର୍ମଚାରୀଙ୍କ ଉପରେ ନ୍ୟସ୍ତ। କାରଣ ଦେଶର ପ୍ରଗତି ଓ ସୁରକ୍ଷାର ଦାୟିତ୍ୱ ସେମାନଙ୍କ ଉପରେ। ସେମାନେ ଯେଉଁଭଳି ଆଦର୍ଶରେ ନିଜକୁ ପରିଚାଳିତ କରିବେ, ଜନତା ସେଭଳି ପଥକୁ ଅନୁସରଣ କରିବେ। ଦେଶର ସ୍ଥିତି ମଧ୍ୟ ଅନୁରୂପ ହେବ। ଶାସକ ଯଦି ନୀତିଭ୍ରଷ୍ଟ ହୁଏ, ଦୁଶ୍ଚରିତ୍ରବାନ ସହ ଦୁର୍ନୀତିଖୋର ହୁଏ ତେବେ ତାହା ରାଜ୍ୟ ତଥା ପ୍ରଜାଙ୍କ ପାଇଁ ଅହିତକର ହୋଇଥାଏ। ବାସ୍ତବରେ କନ୍‌ଫୁସିଅସଙ୍କର ଏହି ବାଣୀ ସମଗ୍ର ମାନବଜାତି ପାଇଁ ଅତ୍ୟନ୍ତ ଆବଶ୍ୟକ। ଏହା ସାଧାରଣ ଭାବରେ ବୁଝାଯାଏ ଯଦି ଜଗତର ପରିବର୍ତ୍ତନ ଚାହୁଁଛନ୍ତି ତେବେ ନିଜର ପରିବର୍ତ୍ତନ ଜରୁରୀ। ଅର୍ଥାତ୍ ଅନ୍ୟକୁ ଖାଲି ଦୋଷ ଦେଲେ ଚଳିବ ନାହିଁ। ଅନ୍ୟକୁ ଦୋଷ ଦେବା ପୂର୍ବରୁ ନିଜର ଦୋଷାଦୋଷକୁ ସଂଶୋଧନ କରିବା ପ୍ରତ୍ୟେକ ମଣିଷର ପ୍ରାଥମିକ ଦାୟିତ୍ୱ। ଖାଲି କନ୍‌ଫୁସିଅସ ନୁହନ୍ତି ଭାରତର ଅନେକ ବିଶିଷ୍ଟ ଜନନାୟକ, ପ୍ରବାଦ ପୁରୁଷ ଓ ଆଧ୍ୟାତ୍ମିକ ଗୁରୁ ମଧ୍ୟ କହିବା ସହ ନିଜେ ପାଳନ କରିଛନ୍ତି। ରାମକୃଷ୍ଣ ପରମହଂସଙ୍କଠାରୁ ଜାତିର ପିତା ମହାତ୍ମା ଗାନ୍ଧୀ ପର୍ଯ୍ୟନ୍ତ ସେଇ ଏକା ପ୍ରକାରର ନୈତିକ ଚିନ୍ତାଧାରା ଉଭୟ ବାକ୍ୟ ଓ କର୍ମରେ ଦେଖିବାକୁ ମିଳିଛି।

ରାମକୃଷ୍ଣ ପରମହଂସ ଜଣେ ଶ୍ରେଷ୍ଠସାଧକ ଓ କାଳୀମା'ଙ୍କ ଉପାସକ ଭାବେ ପଶ୍ଚିମବଙ୍ଗରେ ବେଶ୍ ପରିଚିତ ଥିଲେ। ସେଥିପାଇଁ ଅନେକ ଲୋକ ତାଙ୍କ ପାଖକୁ ଆସି ଉପଦେଶ ନେଇ ନିଜ ଜୀବନ ତଥା କର୍ମରେ ପ୍ରୟୋଗ କରୁଥିଲେ। ଥରେ ଜଣେ ମା' ରାମକୃଷ୍ଣଙ୍କ ପାଖକୁ ଆସି କହିଲେ ବାବା; ଆପଣ ତ ଅନେକ ଲୋକଙ୍କୁ ଉପଦେଶ ମାଧ୍ୟମରେ ଉଚିତ ମାର୍ଗକୁ ଆଣୁଛନ୍ତି, ମୋ ପୁଅକୁ ଟିକେ ମାର୍ଗ ଦେଖାନ୍ତେନି! ସେ ବହୁ ମିଠାପ୍ରିୟ। ମିଠା ଖାଇବା କିଛି ଖରାପ କଥା ନୁହେଁ, କିନ୍ତୁ ଅତ୍ୟଧିକ ଖାଇବା ଦ୍ୱାରା କୁଣ୍ଡିଆ ଓ ଦଶିପୋକ ଭଳି ରୋଗଜୀବାଣୁ ଆକ୍ରମଣରେ ସେ ବାରମ୍ବାର ପୀଡିତ ହେଉଛି। ରାମକୃଷ୍ଣ ହସିଲେ ଏବଂ କହିଲେ, ଠିକ୍ ଅଛି ତୁମେ ଘରକୁ ଯାଇ ପୁଅକୁ ମୋ ପାଖକୁ ପଠେଇଦେବ। ପ୍ରତିଦିନ ପୁଅ ଆସେ ରାମକୃଷ୍ଣଙ୍କୁ ଦେଖାକରେ, ନମସ୍କାର କରି କିଛି କଥାଶୁଣି ପୁଣି ଘରକୁ ଫେରିଯାଏ। ଏମିତି ଗୋଟେ ସପ୍ତାହ ପର୍ଯ୍ୟନ୍ତ ପିଲାଟିର ଯିବାଆସିବା ଲାଗିରହିଲା। ରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସି ପିଲାଟିର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲା। କିନ୍ତୁ ଯେଉଁ ସମସ୍ୟାର ସମାଧାନ ପାଇଁ ପୁଅକୁ ରାମକୃଷ୍ଣଙ୍କ ପାଖକୁ ପଠାଯାଇଥିଲା ସେଥିରେ କୌଣସି ଉନ୍ନତି ପରିଲକ୍ଷିତ ହେଲାନାହିଁ କି ସେ ସମସ୍ୟାର ସମାଧାନ ହେଲାନାହିଁ। ସାତଦିନ ମଧ୍ୟରେ ମିଠା ପ୍ରତି ପିଲାଟିର କୌଣସି ପ୍ରକାରର ଅନାଗ୍ରହ ଦେଖିବାକୁ ମିଳିଲା ନାହିଁ। ମା' ପୁନଶ୍ଚ ରାମକୃଷ୍ଣଙ୍କ ନିକଟକୁ ଗଲେ। ହାତଯୋଡି ପଚାରିଲେ, ବିଗତ ଏକ ସପ୍ତାହ ହୋଇଗଲାଣି କିନ୍ତୁ ପୁଅର ମିଠା ପ୍ରତି ଅନାଗ୍ରହ ମୁଁ କାହିଁ ଦେଖିପାରୁନାହିଁ, ଆପଣ କାହିଁକି ତାକୁ ମିଠା ଖାଇବା ପାଇଁ ବାରଣ କରୁନାହାନ୍ତି। ରାମକୃଷ୍ଣ ହସିଲେ ଏବଂ ପ୍ରତ୍ୟୁତ୍ତର ଦେଲେ; ମୁଁ ନିଜେ ଏ ପର୍ଯ୍ୟନ୍ତ ମିଠା ପ୍ରତି କୌଣସି ଅନାସକ୍ତ ଭାବ ମନରେ ଆଣି ପାରିନାହିଁ। ଯେ ପର୍ଯ୍ୟନ୍ତ ମୁଁ ଏହାକୁ ସମ୍ପୂର୍ଣ୍ଣ ତ୍ୟାଗ ନ କରିଛି ସେ ପର୍ଯ୍ୟନ୍ତ ଅନ୍ୟକୁ ଉପଦେଶ ଦେବା ହାସ୍ୟାସ୍ପଦ। ଅନ୍ୟକୁ ନୀତିବାଣୀ ଓ ଉପଦେଶ ଦେବା ପୂର୍ବରୁ ମୁଁ ତାହା କେତେମାତ୍ରାରେ ମୋ ନିଜ ଜୀବନରେ ଓ କର୍ମକ୍ଷେତ୍ରରେ ପ୍ରୟୋଗ କରିଛି ତାହା ହିଁ ପ୍ରମୁଖ ସମସ୍ୟା।

ଏ ସମାଜରେ ଉପଦେଶ ଦେବା ଲୋକ ଅନେକ, କିନ୍ତୁ ସେମାନେ ସେମାନଙ୍କ ଜୀବନରେ କେତେମାତ୍ରାରେ ସେଇ ଉପଦେଶକୁ ବ୍ରତଭାବେ ପାଳନ କରନ୍ତି ତାହା ହିଁ ବାସ୍ତବିକତା। ଶିକ୍ଷାରୁ ସ୍ୱାସ୍ଥ୍ୟ, ପୁଣି କୃଷିରୁ ଶିଳ୍ପଯାଏ ଆମେ କର୍ତ୍ତବ୍ୟକୁ କେତେ ସଚେତନର ସହ ପାଳନ କରୁଛେ ତାହା ହିଁ ନୈତିକତାର ଆଧାରବିନ୍ଦୁ। ଉପଦେଶ ଏଠି ଶସ୍ତାରେ ମିଳେ ବୋଲି ସମସ୍ତେ ଜାଣନ୍ତି କିନ୍ତୁ ସେହି ଆଦର୍ଶକୁ ଅନୁସରଣ କରିବା କେତେଜଣଙ୍କର ନୈତିକ ଦାୟିତ୍ୱ ତାହା ଆଜିର ଦିନରେ ଆଲୋଚନାର ବିଷୟ। ଅନ୍ୟର ଦୋଷ ବାଛିବା, ତାକୁ ସମାଲୋଚନା, ଆକ୍ଷେପ ଓ ଅଭିଯୋଗ କରି ପୁନଶ୍ଚ ନିଜକୁ ଉକ୍ତ ମାର୍ଗରେ ପରିଚାଳନା କରିବା ସମାଜ ପାଇଁ କେତେ ଗ୍ରହଣୀୟ? ଚାଲୁଣିର ବିନ୍ଧ ଗଣିବା ପୂର୍ବରୁ ଛୁଞ୍ଚି ନିଶ୍ଚିତଭାବେ ନିଜର ଅକ୍ଷମତାକୁ ଅନୁଭବ କରିବା ଦରକାର। ଗାନ୍ଧିଜୀ ନିଜକୁ ସମୟାନୁବର୍ତ୍ତିତା କରିବା ପାଇଁ ଅଣ୍ଟାରେ ଘଡି ଝୁଲେଇ ଯାତାୟାତ କରୁଥିଲେ। ସାବରମତୀ ଆଶ୍ରମରେ ନିୟମ ଅନୁସାରେ ସନ୍ଧ୍ୟା ୬ଘଟିକା ସୁଦ୍ଧା ଯିଏ ଯେଉଁଠି ଥିବ ଆସି ନିର୍ଦ୍ଧାରିତ ସମୟରେ ପହଞ୍ଚିବାକୁ ପ୍ରଚେଷ୍ଟା କରିବ। ଯଦି ପହଞ୍ଚିବାରେ କିଞ୍ଚିତ ବିଳମ୍ବ ହୁଏ ତେବେ ଫାଟକ ବାହାରେ ତାଙ୍କୁ ରହିବାକୁ ପଡ଼ିବ। ଏହାକୁ ସମ୍ପୂର୍ଣ୍ଣଭାବେ ପାଳନ କରିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ସଚେତନ କରାଗଲା। ଏହା ମଧ୍ୟ ପାଳନ ହେଲା। ଦିନେ ଗାନ୍ଧୀ ତାଙ୍କର କୌଣସି କାମରେ ବାହାରକୁ ଯାଇ ଫେରିବାରେ କିଛି ସମୟ ବିଳମ୍ବରେ ଫାଟକ ପାଖରେ ପହଞ୍ଚି ଦେଖିଲେ ଯେ ନିର୍ଦ୍ଧାରିତ ସମୟ ଅନୁସାରେ ଫାଟକରେ ଚାବି ପଡ଼ିଛି। ଏହା ଦେଖି ସେ ଅତ୍ୟନ୍ତ ଖୁସି ଅନୁଭବ କଲେ ଏବଂ କାହାକୁ କିଛି ନ କହି ଫାଟକ ବାହାରେ ସେ ସାରାରାତି ବିନା ଦ୍ୱିଧାରେ କଟାଇଥିଲେ।



କିନ୍ତୁ କାହିଁକି କେଜାଣି ଭାରତର ସାଧାରଣ ଜନତାଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପ ଏହାର ସମ୍ପୂର୍ଣ୍ଣ ବିପରୀତ। ଏଠି ସତ୍ୟ ପଥେ, ଧର୍ମ ପଥେ, ନ୍ୟାୟ ପଥରେ ପଥିକ ହେବା ପାଇଁ ପ୍ରତିଦିନ ପ୍ରାର୍ଥନା ଆବୃତ୍ତି କରୁଥିବା ଲୋକମାନେ ମିଛ, ଅଧର୍ମ ଓ ଅନ୍ୟାୟକୁ ନିଜର ହାତବାରିଶ କରି ସାରିଛନ୍ତି। ଶେଷରେ ଆସି ଲମ୍ଭାଧାଡ଼ି ମଝିରେ ଧସେଇ ପଶି କାମ ହାସଲ କରିବା ଆମର ଜନ୍ମଗତ ଅଧିକାର ଭାବନ୍ତି। ସବୁବେଳେ ଅଳ୍ପ ବିନିଯୋଗରେ ଅଧିକ ଲାଭରେ ଲାଗିଥାନ୍ତି। ପଡ଼ୋଶୀକୁ ବଳକା ରନ୍ଧାଖାଦ୍ୟ ଦେଇ ଯେମିତି ନିଜର ବଡ଼ପଣିଆକୁ ଦେଖାନ୍ତି। ମନ୍ଦିର ପ୍ରବେଶ ଦ୍ୱାରରେ ବସିଥିବା ଭିକାରୀଙ୍କୁ ଟଙ୍କେ ଦି' ଟଙ୍କା ଦେଇ ନିଜକୁ ଦାନୀ ବୋଲି ମନେକରିବା, ନିଜ ପିନ୍ଧାଲୁଗା ଫାଟି ଚିରି ପୁରୁଣା ହେଲା ପରେ ନିଜ ଘରଅଳିଆ ମୁକ୍ତ କରିବା ପାଇଁ କାହାକୁ ଦେବା କେଉଁ ମାନବିକତାର ପରିଚୟ। ଯଦି ଦେବାର ଅଛି ଖଣ୍ଡେ ନୂଆବସ୍ତ୍ର ଦାନ କରାଯାଉ। ଏଠି ଶହେରୁ ଅନେଶତ ଲୋକ ଅନ୍ୟ ଉପରେ ପ୍ରତିକ୍ଷେତ୍ରରେ ଦୋଷ ଲଦିବାରେ ବ୍ୟସ୍ତ।

ସ୍ୱଚ୍ଛ ଭାରତ ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା ଦେଶର କୋଣଅନୁକୋଣରୁ ଅଳିଆ ଆବର୍ଜନାମୁକ୍ତ ରଖିବା। ରାସ୍ତାଘାଟ, ନଦୀନାଳ, ଚିକିତ୍ସାଳୟ, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦିକୁ ସଫାସୁତୁରା ରଖିବାର ଦାୟିତ୍ୱ ଆମ ସମସ୍ତଙ୍କର। ରାସ୍ତାର ଦୁଇପାର୍ଶ୍ୱରେ ମଳମୂତ୍ର ତ୍ୟାଗ, ସରକାରୀ କାର୍ଯ୍ୟାଳୟର କାନ୍ଥବାଡ଼ରେ ପାନ ଗୁଟ୍‌ଖା ଛେପ, ଶୌଚାଳୟରେ ମଳମୂତ୍ର ତ୍ୟାଗକରି ତାକୁ ଅପରିଷ୍କାର ଅସ୍ୱଚ୍ଛ ଛାଡ଼ିଦେଇଯିବା ଏହା ମଣିଷର ନା ପଶୁର କାମ? ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଚପରାସିଠାରୁ କିରାଣି ଓ ଅନ୍ୟାନ୍ୟ ଅଧିକାରୀବୃନ୍ଦ ବିନା ହାତଗୁଞ୍ଜାରେ ଫାଇଲ ଏ ଟେବୁଲରୁ ଆର ଟେବୁଲକୁ ଆଗଉ ନାହାନ୍ତି। ସେମାନଙ୍କୁ ସହଯୋଗ କରୁଛେ ଆମେ। ଦୁର୍ନୀତିକୁ ରୋକିବ କିଏ ବରଂ ତାହା ବଢ଼ିବଢ଼ି ଚାଲିଛି। ଆମେ ସମସ୍ତେ ସୁବିଧା ଗଳିରାସ୍ତା ଖୋଜୁଛେ। କଳେବଳେ କୌଶଳେ ଖସିଗଲେ ହେଲା। ଆମ କାମ ହେଇଗଲେ ହେଲା। ପୁଣି ସେଇ ଗଳାବାଟରେ ପଥିକ ହେବା ପାଇଁ ଅନ୍ୟକୁ ଉପଦେଶ ଦିଅନ୍ତି। କେବେ କାହାକୁ ସୁବୁଦ୍ଧି ଦେବା ପୂର୍ବରୁ ନିଜ ଭିତରେ ଥିବା କୁବୁଦ୍ଧିକୁ ତ୍ୟାଗ କରାଯାଉ। ନିଜ କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଇବାକୁ କେହି ଇଚ୍ଛାକରୁନି, କାରଣ ବନ୍ଧୁକର ବୋଝ କିଏ ସହିବ? ନିଜକୁ ଦୋଷମୁକ୍ତ କରିବା ଆଳରେ ଆଳସ୍ୟ, ଅନ୍ୟାୟ ଓ ଅନୀତିକୁ ପ୍ରଶ୍ରୟ ଦେଉନାହାନ୍ତି ତ?

ଅଧ୍ୟାପକ, ବିଏନ୍‌ଏମ୍‌ଏ ମହାବିଦ୍ୟାଳୟ, ଭଦ୍ରକ
ମୋ: ୮୮୯୫୩୪୧୦୩୩

# ଶୃଙ୍ଖଳାର ଅଭାବ



ଗାୟତ୍ରୀ ସିଂହ

କୁହାଯାଏ ମହାପ୍ରଭୁଙ୍କ ଡୋରି ନ ଲାଗିଲେ ତାଙ୍କୁ ଦର୍ଶନ କରି ହୁଏ ନାହିଁ। ସେ ଭାବରେ ସେ ଭକ୍ତିରେ ସେ ସମର୍ପଣରେ ମିଳନ୍ତି। ଯିଏ ଯେପରି ଭାବରେ ତାଙ୍କୁ ପୂଜେ ସେ ସେପରି ଭାବେ ପାଇଥାଏ। ଯାହାର ମନ ଯେଉଁ ତାହାର ପ୍ରଭୁ ସେଉଁ। ଚାରିଧାମ ମଧ୍ୟରେ ଶ୍ରେଷ୍ଠ ହେଉଛି ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଧାମ। ସବୁବେଳେ ସବୁ ସମୟରେ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ ପୁରୀରେ। କାଳିଆର ଟିକେ ଦର୍ଶନ ପାଇବା ପାଇଁ ଭକ୍ତ ଟିଏ ବ୍ୟାକୁଳ ହୋଇଥାଏ। ବିଶ୍ୱର କୋଣ ଅନୁକୋଣରୁ ଭକ୍ତଙ୍କ ସୁଅ ଛୁଟିଥାଏ। ଲକ୍ଷ୍ୟ କେବଳ ଜଗା ଦର୍ଶନ। କୋଶ କୋଶ ଦୂରରୁ ବ୍ୟୟ ବହୁଳ ଯାତ୍ରା କରି, ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ଯଦି ଭଲରେ ଜଗାର ଦର୍ଶନ ଟିକେ ନ ମିଳେ ତାହେଲେ ଭକ୍ତଟିଏ ନିଜେ ନିଜକୁ ଧିକ୍କାରି ଥାଏ। ତା' ଭକ୍ତିରେ ବୋଧେ କେଉଁଠି ତ୍ରୁଟି ରହିଗଲା। କେଉଁଠି ନା କେଉଁଠି କିଛି ଊଣା ହୋଇଗଲା ବୋଲି ମନେକରେ।

ସୁବ୍ୟବସ୍ଥିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ତରଫରୁ ବାରମ୍ବାର ପଦକ୍ଷେପ ନିଆଯାଉଛି। କିନ୍ତୁ ଦୃଶ୍ୟମାନ ହୁଏ ଯଥା ପୂର୍ବ ତଥା ପରମ୍। ସେହି ସମାନ ଦୃଶ୍ୟ, ଠେଲା ପେଲା। ଭିଡ଼ ଅନିୟନ୍ତ୍ରଣ। ବଡ଼ଦାଣ୍ଡରୁ ବ୍ୟାରିକେଡ଼ ଲମ୍ବିଛି ମନ୍ଦିର ପର୍ଯ୍ୟନ୍ତ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ବି ମୁତୟନ। ତା' ସତ୍ତ୍ୱେ ଲୋକଙ୍କ ମଧ୍ୟରେ ଶୃଙ୍ଖଳାର ଅଭାବ ହେଉ କି ସଚେତନତାର ଅଭାବ ହେଉ ଜଗାକୁ ଦର୍ଶନ କରିବା ଲକ୍ଷ୍ୟ ନେଇ ଠେଲା ଠେଲି କରି ପ୍ରଥମେ ଦର୍ଶନ କରିବାର ମାନସିକତା ନେଇ ମାଡ଼ି ଯାଉଛନ୍ତି। ମନ୍ଦିର ଭିତରେ ଯେତିକି ଭକ୍ତ ସୁରୁଖୁରୁରେ ଦର୍ଶନ କରିବାର କ୍ଷମତା ରହିଛି ସେତିକି ଭକ୍ତଙ୍କୁ ଯଦି ଭିତରକୁ ଛଡ଼ା ଯାଆନ୍ତା ତା'ହେଲେ ଏତେ ବିଶୃଙ୍ଖଳା ହୁଅନ୍ତା ନାହିଁ। ସମସ୍ତେ ଶାନ୍ତିରେ ଭକ୍ତିଭାବରେ ଶୃଙ୍ଖଳିତ ଦର୍ଶନ କରିପାରନ୍ତେ। ଏକା ଥରରେ ଅନେକ ଭକ୍ତଙ୍କୁ ଭିତରକୁ ଛାଡ଼ିଦେବା ଫଳରେ ପ୍ରତ୍ୟେକ ଦିନ କିଛି ନା କିଛି ଅଘଟଣ ଘଟି ଚାଲିଛି। ପୋଲିସ କେବଳ ନୀରବଦ୍ରଷ୍ଟା। ପୋଲିସ ଭିଡ଼ ନିୟନ୍ତ୍ରଣ କରି କରି ଯେମିତି ଥକି ଗଲେଣି। ଏସବୁ ଦୃଶ୍ୟ ତାଙ୍କ ପାଇଁ ନିତିଦିନିଆ ଘଟଣା ହୋଇଗଲାଣି।

ବୟସ ହେଲା ପରେ ସବୁ ମଣିଷର ଅଭିଳାଷ ଥାଏ ଶ୍ରୀକ୍ଷେତ୍ର ଯିବି ବଡ଼ଦାଣ୍ଡ ଧୂଳିଟିକେ ନେଇ ମୁଣ୍ଡରେ ମାରି ହେବି, ବାଇଶି ପାହାଚରେ ଗଡ଼ିବି, ଜଗତର ନାଥ ଜଗନ୍ନାଥଙ୍କୁ ଦର୍ଶନ କରିବି। ହେଲେ ଏସବୁ ଏବେ ସ୍ୱପ୍ନ। ଆଉ ବୟସ୍କଙ୍କୁ ମନ୍ଦିରରେ ବିଶେଷ ଦେଖିବାକୁ ମିଳୁନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରଥମତଃ ପ୍ରଶାସନ ତରଫରୁ ଯେଉଁ ନୀତି ନିୟମ ହୋଇଛି ସେଥିରେ ବୟସ୍କଙ୍କ ଦର୍ଶନ ପାଇଁ କୌଣସି ସୁବ୍ୟବସ୍ଥା ନାହିଁ।



ବ୍ୟାରିକେଡ୍‌ରେ ଘଣ୍ଟା ଘଣ୍ଟା ଠିଆ ହୋଇ ଅପେକ୍ଷା କରିବା ପାଇଁ ତାଙ୍କ ପାଖରେ ଆଉ ବଳ ବୟସ ନାହିଁ। ତା'ପରେ ମନ୍ଦିର ଭିତରେ ଯେଉଁ ଠେଲା ପେଲା ପରିବାର ଲୋକେ ବୟସ୍କ ଗୁରୁଜନମାନଙ୍କୁ ଆଉ ଆଣିବାକୁ ଉଚିତ ମନେକରୁ ନାହାନ୍ତି। ଭିଡ଼ ଭିତରେ ନିଜେ ନିଜକୁ ସମ୍ଭାଳିବା କଷ୍ଟକର ହୋଇପଡ଼େ। ବୟସ୍କ ଲୋକ ତ ଅଣନିଃଶ୍ୱାସି ହୋଇ ଖସି ପଡ଼ିବେ। ଠାକୁରଙ୍କୁ ମୁଣ୍ଡିଆ ମାରିବା ଦୂରେ ଥାଉ ହାତଯୋଡ଼ି ନମସ୍କାରଟିଏ ମଧ୍ୟ ମନ୍ଦିର ଭିତରେ କରି ହୁଏନି। ବାହାରେ ଆସି ଭକ୍ତଟିଏ ଶ୍ରୀମନ୍ଦିରକୁ ଚାହିଁ ହାତ ଟେକି ଦିଏ। ଅନେକ ଭକ୍ତ ଭିଡ଼ ଦେଖି ବଡ଼ଦାଣ୍ଡରେ ଠିଆ ହୋଇ ଜୟ ଜଗନ୍ନାଥ କହି ହାତ ଟେକି ଦିଅନ୍ତି। ଏମିତି କେତେଦିନ ଚାଲିଥିବ? ଏହାର କ'ଣ କିଛି ପ୍ରତିକାର ନାହିଁ? ମହାବାହୁକୁ ଆଖି ପୂରେଇ ମନଭରି ଦର୍ଶନ କରିବାର ଆଶା ବିଶ୍ୱାସ ଭରସା ଓ ଭକ୍ତିଭାବର ସ୍ୱଚ୍ଛ ମନଟିଏ ନେଇ ଭକ୍ତର ଯେଉଁ ଆଗମନ ହୋଇଥାଏ ଶ୍ରୀକ୍ଷେତ୍ରରୁ ଫେରିଲା ବେଳେ କ'ଣ ସେପରି ମଧୁର ଅନୁଭୂତିଟିଏ ନେଇ ଭକ୍ତଟିଏ ଫେରିପାରିବ ନାହିଁ।

ପ୍ରାୟ ପ୍ରତ୍ୟେକ ଦିନ ଗଣମାଧ୍ୟମରେ ଶ୍ରୀମନ୍ଦିରର ଦର୍ଶନ ବ୍ୟବସ୍ଥା ଉପରେ ଆଲୋଚନା ହେଉଛି। ବାରମ୍ବାର ଭକ୍ତର ଅଭିଯୋଗ ଆସୁଛି, ହେଲେ କୌଣସି ପ୍ରତିକାର ନାହିଁ କି ପରିବର୍ତ୍ତନ ନାହିଁ। କୋଟି କୋଟି ଭକ୍ତଙ୍କ ଭକ୍ତି ଭାବନା ସହିତ କାହିଁକି ଏ ଅବହେଳା ଏ ଅଣଦେଖା। ଦିନକୁ ଦିନ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଅଣାଯାଇଛି ବୋଲି କୁହାଯାଉଛି। ହେଲେ ସେଇ ସମାନ ଘଟଣା। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଏବଂ ମନ୍ଦିର ଭିତରେ ବ୍ୟାରିକେଡ୍‌ରେ ଭକ୍ତମାନେ ଶୃଙ୍ଖଳିତ ଭାବରେ ଧାଡ଼ିରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷା କରୁଛନ୍ତି। ଯେତେବେଳେ ଭକ୍ତମାନେ ପାହାଚ ଦେଇ ଭିତରେ ପ୍ରବେଶ କରୁଛନ୍ତି ନାଟମଣ୍ଡପ ଓ ଜଗମୋହନରେ କୌଣସି ବ୍ୟାରିକେଡ୍ ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସମ୍ଭବ ଠେଲା ପେଲା ଧସ୍ତା ଧସ୍ତି ଆରମ୍ଭ ହୋଇଯାଉଛି। ଦର୍ଶନରେ ବିଳମ୍ବ ହେଲେ ବି ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ ଯଦି ସମ୍ଭବ ହୁଅନ୍ତା ତେବେ ଭକ୍ତଟିଏ ତିକ୍ତ ଅନୁଭୂତି ନେଇ ଫେରନ୍ତା ନାହିଁ। ଶ୍ରୀମନ୍ଦିର ନୂତନ ପରିଚାଳନା କମିଟି ଗଠନ ପରେ ନାଟ ମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ବିଚାରକୁ ନିଆଯାଇଛି। ମହାପ୍ରଭୁଙ୍କର ଏତିକି ସୁଦୟା ହେଉ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ସଫଳ ହେଉ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏଇ ଭାବ ସବୁବେଳେ ରହିଥାଉ। ପ୍ରଶାସନ, ପୋଲିସ ଓ ଲକ୍ଷ ଲକ୍ଷ ଭକ୍ତ ସମସ୍ତେ ସଚେତନ ହୁଅନ୍ତୁ। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତଙ୍କର ସମାନ ଭୂମିକା ରହିଛି। ସମସ୍ତେ ସମସ୍ତଙ୍କୁ ସହଯୋଗ କରନ୍ତୁ। ପ୍ରଭୁ ଶ୍ରୀ ଜଗନ୍ନାଥ ଆମର, ଜଗନ୍ନାଥ ସଂସ୍କୃତି ଆମର। ଆମର ଗର୍ବ ଆଉ ଗୌରବ ଯେ ଆମେ ଶ୍ରୀଜଗନ୍ନାଥ ମାଟିର। ଏ ମାଟିର ମହକ ମଧୁର ଅନୁଭୂତି ଦେଶ ବିଦେଶକୁ ଛୁଟି ପୁରୁଷୋତ୍ତମ କ୍ଷେତ୍ରର ଐତିହ ବୃଦ୍ଧି ହେଉଥାଉ।

ଆଠମଲ୍ଲିକ, ଅନୁଗୋଳ
ମୋ: ୭୬୦୬୯୫୭୪୪୫

## ଏଇ ଭାରତରେ

ସମ୍ମିଳିତ ଭାବେ କାମ କଲେ ସଫଳତା ଶୀଘ୍ର ଆସେ, ଯାହାର ପ୍ରମାଣ ମିଳିଛି ତାମିଲନାଡୁରୁ। ଏହି ରାଜ୍ୟର ଏଲାଥୁର ହ୍ରଦ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନୂଆ ଜୀବନ ପାଇଛି। ଏରୋଡର ନାମ୍ବିୟୁର ତହସିଲର ଏଲାଥୁର ଟାଉନ ପଞ୍ଚାୟତରେ ଥିବା ଏହି ହ୍ରଦର ପୁନରୁଦ୍ଧାର ହେବା ପରେ ଏବେ ତାହା ୧୮୭ ପ୍ରଜାତିର ଚଢ଼େଇଙ୍କର ସୁରକ୍ଷିତ ସ୍ଥାନ ପାଲଟି ଯାଇଛି। ଏଥିରେ ଅନେକ ବିଦେଶୀ ପକ୍ଷୀ ବି ଅଛନ୍ତି। ତାମିଲନାଡୁ ସରକାର ଏହି ହ୍ରଦକୁ ରାଜ୍ୟର ତୃତୀୟ ଜୈବବିବିଧତା ଅଞ୍ଚଳର ମାନ୍ୟତା ଦେଇଛନ୍ତି। ଏକଦା ୩୭.୪୨ ହେକ୍ଟର ପରିମିତ ଏହି ହ୍ରଦର ଜଳସ୍ତର କମିଯିବା ସହ ପରିବେଶ ପକ୍ଷୀଙ୍କ ପାଇଁ ଅନୁପଯୋଗୀ ଥିଲା। ଏହାକୁ ଜବରଦଖଲ କରାଯିବା ସହ ଶିଳ୍ପର ବର୍ଜ୍ୟ ଯୋଗୁ ଏହାର ପାଣି ପ୍ରଦୂଷିତ ହୋଇଯାଇଥିଲା। ଏବେ ହ୍ରଦକୁ ପକ୍ଷୀଙ୍କ ଆଗମନ ପରେ ସ୍ଥାନୀୟ ଲୋକେ ଓ ପଞ୍ଚାୟତ ସଦସ୍ୟଙ୍କୁ ନେଇ ଜୈବବିବିଧତା ପରିଚାଳନା କମିଟି ଗଠନ କରାଯାଇଛି। ପକ୍ଷୀଙ୍କ ସୁରକ୍ଷା, ହ୍ରଦର ରକ୍ଷଣାବେକ୍ଷଣ ବିଷୟରେ ଏହା ଧ୍ୟାନ ଦେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୭୬

- ଚିଲିର ସ୍ୱାଧୀନତା ଦିବସ ପାଳନ କରୁଥିବା ଦଳେ ଲୋକଙ୍କ ଉପରେ ଏକ ଲରୀ ମାଡ଼ିଯିବା ଫଳରେ ୨୩ ଜଣ ଲୋକ ନିହତ।
- ସ୍ୱୀଡେନର ସାମ୍ପ୍ରତିକ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଓଲଫ ପାମେ ତାଙ୍କ ଦଳ ସୋସିଆଲ ଡେମୋକ୍ରାଟ୍ ପାର୍ଟିର ପରାଜୟ ସ୍ୱୀକାର କରିଛନ୍ତି।
- ତୁର୍କୀ ଏୟାରଲାଇନ୍‌ସର ବୋଇଙ୍ଗ୍ ୭୨୭ ବିମାନଟି ଗୋଟିଏ ପର୍ବତ ଚୂଡ଼ାରେ ଧକ୍କା ଖାଇବା ଫଳରେ ବିମାନଯାତ୍ରୀଙ୍କ ମଧ୍ୟରୁ ୧୫ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟା ରୋକିବା ସମସ୍ତଙ୍କ ଦାୟିତ୍ୱ

ମହାଶୟ,

୨୦୨୫ରେ ଓଡ଼ିଶାରେ ଆତ୍ମହତ୍ୟା ପରିସ୍ଥିତି ବଢ଼ୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟାକୁ ସ୍ପଷ୍ଟ କରୁଛି, ଯାହା ବହୁମୁଖୀ ହସ୍ତକ୍ଷେପ ଏବଂ ଜନସଚେତନତାର ବୃଦ୍ଧିପାଇଁ ଦାବି କରୁଛି। ସମାଜରୁ ଆତ୍ମହତ୍ୟାକୁ ଆମେ କିପରି ରୋକିପାରିବା ତାହା ଗୁରୁତ୍ୱପୂର୍ଣ୍ଣ ବିଷୟ। ପ୍ରଥମେ ଆମକୁ ଲୋକଙ୍କ ମନରେ ଆତ୍ମହତ୍ୟା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରତି ଥିବା ଭାବନାକୁ ଦୂର କରିବାକୁ ପଡ଼ିବ। କିପରି ଆମେ ସଚେତନତା ସୃଷ୍ଟି କରିବା, ଦୃଢ଼ ସାମାଜିକ ସମର୍ଥନ– ବନ୍ଧୁ, ପରିବାର ଏବଂ ପରାମର୍ଶଦାତାଙ୍କ ସହିତ ସହାୟକ ଦୃଢ଼ ସମ୍ପର୍କ ଆତ୍ମହତ୍ୟା ଚିନ୍ତାଧାରା ଅନୁଭବ କରିବାର ସମ୍ଭାବନା କମ୍ କରିଥାଏ। ସେହିଭଳି ସ୍ଥିରତା ଏବଂ ମୁକାବିଲା କରିବାର ଦକ୍ଷତା, ସମସ୍ୟା ସମାଧାନ କରିବାର ଦକ୍ଷତା, ଚାପ ପରିଚାଳନା କୌଶଳ ଇତ୍ୟାଦି ଆମକୁ ଆତ୍ମହତ୍ୟା ରୋକିବାରେ ସହାୟକ ହୁଏ। ପ୍ରାରମ୍ଭିକ ଚିହ୍ନଟ ଏବଂ ହସ୍ତକ୍ଷେପ ଦ୍ୱାରା ଆମେ ଆତ୍ମହତ୍ୟାକୁ ରୋକିବାରେ ସମର୍ଥ ହେବା। ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଉଚିତ। ଆତ୍ମହତ୍ୟା ଚିନ୍ତା କରୁଥିବା ବ୍ୟକ୍ତିମାନେ ପ୍ରକୃତରେ ମୃତ୍ୟୁକୁ ଇଚ୍ଛା କରୁ ନ ଥାନ୍ତି। ସେମାନେ ନିଜ ମନର ଯନ୍ତ୍ରଣାରୁ ମୁକ୍ତି ଚାହାନ୍ତି, ବରଂ ମନର ଶାନ୍ତି ଓ ସମର୍ଥନ ଚାହାନ୍ତି। ଉପଯୁକ୍ତ ସହାୟତା ମିଳିଲେ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିପାରେ। ଆତ୍ମହତ୍ୟା ରୋକିବା ହେଉଛି ସମସ୍ତଙ୍କର ଦାୟିତ୍ୱ। ଆତ୍ମହତ୍ୟା ସହିତ ଜଡ଼ିତ ବିପଦ କାରଣ, ଚେତାବନୀ ସଙ୍କେତ ଓ ସୁରକ୍ଷା କାରଣକୁ ବୁଝି, ଆମେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସହାୟତା କରି ସଶକ୍ତ କରିପାରିବା। ଯଦି ଆପଣ ଆତ୍ମହତ୍ୟାର ଚେତାବନୀ ସଙ୍କେତ ଲକ୍ଷ୍ୟ କରନ୍ତି, ତେବେ ସାହାଯ୍ୟ ପାଇଁ ହାତ ବଢ଼ାଇବାକୁ ସଂକୋଚ କରନ୍ତୁ ନାହିଁ। ଏହା କରିବା କଷ୍ଟକର ହୋଇପାରେ, କିନ୍ତୁ ଏହା ଏକ ଜୀବନ ରକ୍ଷା କରିପାରିବ।

– ସୁଶ୍ରୀ ସମ୍ୟକ୍‌ଦର୍ଶିନୀ ନନ୍ଦ, ମନସ୍ତତ୍ତ୍ୱବିତ୍, ଜିଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁର

## ଚିରନ୍ତନୀ

ସେ ଚାହାଣି ଲାଗି
ଧରାର ଯୌବନ ରହେ ଯୁଗେ ଯୁଗେ
କେତେ ନିଶି ଜାଗି
ସେ ଚାହାଣି ଲାଗି
ବ୍ରହ୍ମଚାରୀ ଯୋଗେଶ୍ୱର ଯୋଗନିଦ୍ରା ଯାଏ କେତେ ଭାଙ୍ଗି
ସେ ଚାହାଣି ଯଉବନେ ଜଗାଏ ପ୍ରଳୟ
ମରୁପଥେ ବୁହାଏ ମଳୟ ।

–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପୃଥକ୍ ସ୍ଥାନରେ ବଜ୍ରପାତରେ ୨ ମୃତ

**ପଡ଼ିଆ/କୋଟପାଡ଼,୨୦।୯(ଭାସ୍କର ରାଓ/କେ.ରାଜଶେଖର ରାଓ):** ମାଲକାନଗିରି ଓ କୋରାପୁଟ ଜିଲାର ୨ ପୃଥକ୍ ସ୍ଥାନରେ ବଜ୍ରପାତରେ ୨ ଚାଷୀଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ମାଲକାନଗିରି ଜିଲା ପଡ଼ିଆ ଥାନା ଅଧୀନ ବାପନପଲ୍ଲୀ ପଞ୍ଚାୟତ ରୋଡ଼ନପଲ୍ଲୀ ଗ୍ରାମର ନଳିନୀ ପୁନେମ(୨୫) ଓ କୋରାପୁଟ ଜିଲା କୋଟପାଡ଼ ଗିର୍ଲା ପଞ୍ଚାୟତ ଗୁନିଆ ଗୁଡାର ଧନର ନାୟକ।




## ସରୋଜ ବେହେରାଙ୍କୁ ମାଧ୍ୟମିକ ଶିକ୍ଷା ସମ୍ପାଦକ ଦାୟିତ୍ୱ

### ସୋନା ମିଶ୍ର ହେଲେ ଅବକାରୀ ଅତିରିକ୍ତ କମିଶନର

**ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର):** ରାଜ୍ୟ ସରକାର ଓଏଏସ୍‌ସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦର ଓଏଏସ୍ ଅଧିକାରୀ ସୋନା ମିଶ୍ରଙ୍କୁ ଶନିବାର ବଦଳି କରାଯାଇଛି। ତାଙ୍କୁ ନୂତନ ଭାବେ ଅବକାରୀ ଅତିରିକ୍ତ କମିଶନର ଭାବେ ନୂଆ ନିଯୁକ୍ତି ମିଳିଛି। ଓଏଏସ୍ ଅଧିକାରୀ ସରୋଜ କୁମାର ବେହେରାଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ସରୋଜ ବେହେରା ଏସ୍‌ସି/ଏସ୍‌ଟି ବିଭାଗର ଯୁଗ୍ମ ସଚିବ ଭାବେ ଦାୟିତ୍ୱରେ ଥିବାବେଳେ ତାଙ୍କୁ ଏହି ସ୍ଥାନରୁ ବଦଳି କରାଯାଇଛି।

# ଉଚ୍ଚଶିକ୍ଷା ପାଇଁ ଛାତ୍ରୀଙ୍କୁ ସହାୟତା

### ୧୫ ହଜାର ଦେବା ପାଇଁ ଜିଲାପାଳଙ୍କୁ କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ


ମାନିନୀ ସାହୁ

**ବରଗଡ଼/ପଦ୍ମପୁର,୨୦।୯ (ପ୍ରେମାନନ୍ଦ ଖମାରୀ/ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ତୁର୍ଲା ଗ୍ରାମର ଜଣେ ଛାତ୍ରୀ ମାନିନୀ ସାହୁ ଅର୍ଥାଭାବରୁ ଉଚ୍ଚଶିକ୍ଷା ପାଇଁ ସଂଘର୍ଷ କରୁଥିଲେ। ଏହି ସମୟରେ ସାମାଜିକ କର୍ମୀ ଦୀପା ବାରିକ ସୋସିଆଲ ମିଡିଆ 'X'ରେ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗ ତାହା ପଢ଼ି ସହାୟତାର ହାତ ବଢାଇଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡ୍ ନାମଲେଖା ପାଇଁ ଛାତ୍ରୀଙ୍କୁ ସମୁଦାୟ ୪୬ ହଜାର ଟଙ୍କା ଜରୁରୀ ଥିଲା। ସେ ୩୧ହଜାର ଟଙ୍କା ଯୋଗାଡ଼ କରିପାରିବେ ବୋଲି ଉଲ୍ଲେଖ କରିଥିଲେ। ତେବେ ଅତିରିକ୍ତ ୧୫ ହଜାର ଟଙ୍କା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ। ଛାତ୍ରୀଙ୍କ ସମସ୍ୟା ଜାଣିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ତ୍ୱରିତ ପଦକ୍ଷେପ ନେବା ପାଇଁ ବରଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡକ୍ୟୁମେଣ୍ଟ ତନଖି ପରେ ଶନିବାର ରେଡକ୍ରସ ପକ୍ଷରୁ ମାନିନୀଙ୍କ ବ୍ୟାଙ୍କ ଖାତାରେ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସହାୟତା ପରେ ମାନିନୀ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସାମାଜିକକର୍ମୀ ଦୀପାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ପ୍ରାଣ ହରାଇଲେ ୨ ସମ୍ପର୍କୀୟ ଭାଇ

**ଜଳେଶ୍ୱର(ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ),୨୦।୯**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ନେତୁଆ ପଞ୍ଚାୟତ କପାସୁଦା ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ସମ୍ପର୍କୀୟ ଭାଇଙ୍କ ପ୍ରାଣଯାଇଛି। ୨ଜଣଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି।

ଶନିବାର ସକାଳ ୭ଟା ବେଳେ କପାସୁଦା ଗ୍ରାମର ରବୀନ୍ଦ୍ର ଜେନା (୫୦)ବିଲକୁ ଘାସ କାଟିବା ପାଇଁ ଆସିଥିଲେ। ବିଲ ଉପର ଦେଇ ଏକ ସେଲୋ ପଏଣ୍ଟକୁ ୧୧କେଭି ବିଦ୍ୟୁତ୍ ତାର ସଂଯୋଗ ହୋଇଛି। ରବୀନ୍ଦ୍ର ସେହି ବାଟଦେଇ ଯାଉଥିବା ବେଳେ ବିଲରେ ଛିଣ୍ଡି ପଡ଼ିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ସେହିଠାରେ ହିଁ ଟଳି ପଡ଼ିଥିଲେ। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ କକା ପୁଅ ଜଗନ୍ନାଥ ଜେନା ବିଲକୁ ଆସି ଭାଇ ପଡ଼ିଥିବା ଦେଖିଥିଲେ। ସେ ଉଦ୍ଧାର କରିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଅପରାହ୍ନ ୩ଟା ବେଳେ ଜାଣିବା ପରେ ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଧିକାରୀ ଜୟନ୍ତ ବେହେରା ଏବଂ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ପାଇଁ ଏସବୁ ହୋଇଥିବା ପରିବାର ଲୋକେ ଓ ଗ୍ରାମବାସୀ ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ଜଳେଶ୍ୱର ଜିକେଭଞ୍ଜର ହସ୍ପିଟାଲ୍ ପଠାଇଛି।


ଘଟଣାସ୍ଥଳରେ ପୋଲିସ ଓ ଗ୍ରାମବାସୀ।

# ଧସିଲା ବୈତରଣୀ ନଦୀବନ୍ଧ

### ପାଣିରେ ପଡ଼ିଲା ୮୩ ଲକ୍ଷ ଟଙ୍କା


ଚାନ୍ଦବାଲି ଏନ୍‌ଏସି ଅଧୀନ କୁହ୍ଳି ଗ୍ରାମ ନିକଟରେ ନଦୀବନ୍ଧ ଧସିଯାଇଛି।

**ଚାନ୍ଦବାଲି,୨୦।୯(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ କୁହ୍ଳି ଗ୍ରାମ ନିକଟରେ ବୈତରଣୀ ନଦୀବନ୍ଧ ଧସିଯାଇଛି। ୧୦ ଦିନ ହେଲା ନିର୍ମାଣ କରାଯାଇଥିବା ବେଳେ ପ୍ରାୟ ୫୦ ଫୁଟ୍ ଲମ୍ବର ପଥରପ୍ୟାକିଂ ଶନିବାର ଅପରାହ୍ନରେ ହଠାତ୍ ନଦୀକୁ ଧସିଯାଇଛି। ଫଳରେ କୁହ୍ଳୀ ଗ୍ରାମର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ନିମ୍ନମାନର କାମ ତଥା ଛୋଟ ଛୋଟ ପଥରରେ କାମ ହୋଇଥିବା ବେଳେ ନଦୀର ଗଭୀରତା ପର୍ଯ୍ୟନ୍ତ ପଥର ଯାଇ ନ ଥିବାରୁ ଏମିତି ଧସିଯାଇଥିବା ଗ୍ରାମବାସୀ କହିଛନ୍ତି। ପଥର ବନ୍ଧ ଧସିଯିବା ପରେ ଜଣେ ବ୍ୟକ୍ତିଙ୍କ ଘରଟି ବିପଦପୂର୍ଣ୍ଣ ହୋଇ ନଦୀ ଆଡ଼କୁ ଢଳି ରହିଛି।

ଏହି ଗ୍ରାମର ସୁରକ୍ଷା ନିମନ୍ତେ ନଦୀବନ୍ଧ ନିର୍ମାଣ ପାଇଁ ୮୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଚାନ୍ଦବାଲି ଜଳସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଥିଲା। ନିମ୍ନମାନର କାମ ଯୋଗୁ ୮୩ଲକ୍ଷ ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ବିଭାଗୀୟ ଏଇଙ୍କ ବଦଳରେ ଏସ୍‌ଡିଓ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲେ। ଘଟଣା ସମ୍ପର୍କରେ ଏସ୍‌ଡିଓ ସୁରଜ ମଲ୍ଲିକ କହିଛନ୍ତି, ସେଠାରେ ଆଗକୁ କାମ ହେବ। କାମ ଆରମ୍ଭ ପର୍ଯ୍ୟାୟରେ ବଡ଼ ପଥର ଦେବାକୁ ଠିକାଦାରଙ୍କୁ ତାଗିଦ୍ କରାଯାଇଛି। ସୋମବାର ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ।

# ଆଜି ବର୍ଷର ଶେଷ ସୂର୍ଯ୍ୟୋପରାଗ

### ଓଡ଼ିଶା ଏପରିକି ଭାରତରେ ଦୃଶ୍ୟମାନ ହେବନାହିଁ

**ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)**

ଚଳିତବର୍ଷର ଦ୍ୱିତୀୟ ତଥା ଶେଷ ସୂର୍ଯ୍ୟୋପରାଗ ରବିବାର ସଂଘଟିତ ହେବ। ପ୍ରଶାନ୍ତ ମହାସାଗର, ଆଣ୍ଟାର୍କଟିକା ଓ ନ୍ୟୁଜିଲାଣ୍ଡର ଅନେକ ଅଞ୍ଚଳରେ ଏହା ଆଂଶିକ ରୂପେ ଦେଖାଯିବ। ତେବେ ଓଡ଼ିଶା ଏପରିକି ଭାରତରେ ଏହି ପରାଗ ଦେଖାଯିବ ନାହିଁ। ଭାରତୀୟ ସମୟ ପ୍ରାୟ ରାତି ୧୧ଟାରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ୩ଟା ୨୩ ବେଳକୁ ଶେଷହେବ। ରାତି ୧ଟା ୧୨ ସମୟରେ ଏହା ସର୍ବାଧିକ ପରାଗ ସଂଘଟିତ ହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ତାଙ୍କ ସୂଚନା ଅନୁସାରେ, ବିଭିନ୍ନ ସ୍ଥାନରେ ପରାଗର ଆରମ୍ଭ, ଶେଷ ଓ ସର୍ବାଧିକ ଘଟିବାର ସମୟ ସାମାନ୍ୟ ଅଲଗା ହେବ। ପରାଗ ସମୟରେ ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟର ଅବସ୍ଥିତି ଅନୁସାରେ ଆଂଶିକ, ପୂର୍ଣ୍ଣ ଓ ବଳୟ ଭଳି ୩ ପ୍ରକାର ସୂର୍ଯ୍ୟୋପରାଗ ଘଟିଥାଏ। ପ୍ରତ୍ୟେକ ପୂର୍ଣ୍ଣ ସୂର୍ଯ୍ୟୋପରାଗ ପୂର୍ବରୁ ଓ ପରେ ଆଂଶିକ ପରାଗ ଦେଖାଯାଏ। ବେଳେବେଳେ ପୂର୍ଣ୍ଣ ଓ ବଳୟ ପରାଗ ମିଶିକରି ଦେଖାଯାଏ। ତେବେ ଆସନ୍ତାବର୍ଷ ଅର୍ଥାତ୍ ୨୦୨୬ ଫେବୃଆରୀ ୧୭ ଓ ଅଗଷ୍ଟ ୧୨ରେ ୨ଟି ସୂର୍ଯ୍ୟୋପରାଗ ଏବଂ ମାର୍ଚ୍ଚ ୨ ଓ ଅଗଷ୍ଟ ୨୭ରେ ୨ଟି ଚନ୍ଦ୍ର ଗ୍ରହଣ ସଂଘଟିତ ହେବ। ଏଥିରୁ ଭାରତରେ କେବଳ ଅଗଷ୍ଟ ୨୭ରେ ସଂଘଟିତ ହେବାକୁ ଥିବା ଚନ୍ଦ୍ରଗ୍ରହଣ ଖୁବ୍ କମ୍ ସମୟ ପାଇଁ ଦେଖାଯିବ ବୋଲି ଡ. ପଟ୍ଟନାୟକ କହିଛନ୍ତି।










# ତୃତୀୟ ଦିନ ବି ବିଧାନସଭା ଅଚଳ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ଲଗାତର ୩ୟ ଦିନ ଶନିବାର ମଧ୍ୟ ବିଧାନସଭା ଗୃହ କାର୍ଯ୍ୟ ଅଚଳ ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇ ମାତ୍ର ୧୦ଟା ୪୩ ଅର୍ଥାତ୍ ୧୩ ମିନିଟ୍ ଚାଲିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ମାତ୍ର ୩ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଦିନରେ ମାତ୍ର ୧୬ମିନିଟ୍ ପାଇଁ ଗୃହ ଚାଲିପାରିଛି। ପୂର୍ବାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ଦେହାନ୍ତ ହୋଇଥିବା କାରଣରୁ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହାପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସିପିଆଇ(ଏମ୍) ବିଧାୟକ ଲକ୍ଷଣ ମୁଣ୍ଡା ଶୋକ ପ୍ରସ୍ତାବକୁ ସମର୍ଥନ ଦେଇଥିଲେ। ପରେ ବାଚସ୍ପତି ସୁରମା ପାଢ଼ୀ ୧ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିବାକୁ ଅନୁରୋଧ କରିଥିଲେ। ନୀରବ ପ୍ରାର୍ଥନା ସରିବା କ୍ଷଣି ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ତ୍ତ ବିଭାଗ ସମ୍ବନ୍ଧିତ ଏକ ପ୍ରଶ୍ନର ଉତ୍ତର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖିବା ବେଳକୁ ବିରୋଧୀ ବିଜେଡି ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ସାର ପ୍ରସଙ୍ଗରେ ହୋହଲ୍ଲା ଏବଂ ନାରାବାଜି ଆରମ୍ଭ କରିଦେଇଥିଲେ। ବିଜେଡି ସଦସ୍ୟମାନେ ହାତରେ ପୋଷ୍ଟର ଏବଂ ବ୍ୟାନର ଧରି ଗୃହ ଭିତରେ ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ। ଗୃହ କାର୍ଯ୍ୟରେ ସହଯୋଗକରି ବିଜେଡି ସଦସ୍ୟମାନଙ୍କୁ ନିଜ ଆସନକୁ ଯିବା ପାଇଁ ବାଚସ୍ପତି ନିବେଦନ କରିଥିଲେ। ହେଲେ ବିରୋଧୀ ସଦସ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ସେଥିଲାଗି ଗୃହ କାର୍ଯ୍ୟକୁ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ପରେ ଜର୍ଜ ତିର୍କୀଙ୍କ ପ୍ରାର୍ଥିବ ଶରୀର ବିଧାନସଭା ପରିସରକୁ ଅଣାଯାଇଥିଲା। ସେଠାରେ ତାଙ୍କ ମରଶରୀରକୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ଅବସରରେ ବାଚସ୍ପତି, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ଉପସ୍ଥିତ ରହି ତାଙ୍କ ମରଶରୀର ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ୪ଟା ବେଳକୁ ଗୃହକାର୍ଯ୍ୟ ଆରମ୍ଭ ନ ହେଉଣୁ ବିଜେଡି ସଦସ୍ୟମାନେ ସାର ପ୍ରସଙ୍ଗରେ ପୁଣିଥରେ ନାରାବାଜି ଏବଂ ହଟ୍ଟଗୋଳ ଆରମ୍ଭ କରିଥିଲେ। ବାଚସ୍ପତି ପ୍ରାୟ ୩ଥର ବିଜେଡି ସଦସ୍ୟମାନଙ୍କୁ ନିଜ ଆସନକୁ ଯାଇ ବସିବା ପାଇଁ ଅନୁରୋଧ କରିଥିଲେ। ୪ଟା ୩ ମିନିଟ୍ ସମୟରେ ଆସନ୍ତା ସୋମବାର ସକାଳ ୧୦ଟା୩୦ ପର୍ଯ୍ୟନ୍ତ ଗୃହକାର୍ଯ୍ୟକୁ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ। ଏହିପରି ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ମାତ୍ର ୩ ମିନିଟ୍ ଚାଲିପାରିଥିଲା। ପରେ ବିଜେଡି ସଦସ୍ୟମାନେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିବା ସହ ସାର ସମସ୍ୟାରେ ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି।



- ଦିନକ ଭିତରେ ମୋଟ୍ ୧୬ ମିନିଟ୍ ଚାଲିଲା ଗୃହ କାର୍ଯ୍ୟ
- ଜର୍ଜ ତିର୍କୀଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ
- ସାର ପ୍ରସଙ୍ଗରେ ବାରମ୍ବାର ହଟ୍ଟଗୋଳ ପରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି

## ସୁଭଦ୍ରାର ୩ୟ କିସ୍ତିରେ କଟିଛି ୭ ଲକ୍ଷ ୬୬ ହଜାରଙ୍କ ନାମ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

**ବର୍ତ୍ତମାନ ସୁଦ୍ଧା ଆବେଦନ କରିଛନ୍ତି ୧,୦୯,୮୭,୮୯୪ ମହିଳା**

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ୩ ଲକ୍ଷ ୯୯ ହଜାର ୦୧୯ ଜଣ, ଦ୍ୱିତୀୟ କିସ୍ତିରେ ୫ ଲକ୍ଷ ୮୨ ହଜାର ୮୦୪ ଜଣ ଏବଂ ୩ୟ କିସ୍ତିରେ ୭ ଲକ୍ଷ ୬୬ ହଜାର ୫୮୯ ଜଣ ହିତାଧିକାରୀଙ୍କ ନାମ କଟିଥିବା ବେଳେ ୧ ଲକ୍ଷ ୦୭ ହଜାର ୯୩୦ ଜଣ ମହିଳାଙ୍କ ନାମ ନୂତନ ଭାବେ ଯୋଡ଼ିହୋଇଛି। ସୁଭଦ୍ରା ପୋର୍ଟାଲରେ ଜୀବିତ ମହିଳାଙ୍କୁ ମୃତ ବୋଲି ଦର୍ଶାଯାଇଥିବା ଘଟଣାର ତର୍ଜମା କରାଯାଉଛି। ସେହିପରି ୧ ଲକ୍ଷ ୮୩ ହଜାର ୭୫୮ ଜଣ ମହିଳା ପ୍ରଥମ କିସ୍ତି ପରେ ଦ୍ୱିତୀୟ କିସ୍ତି ବେଳକୁ ଆଉ ଟଙ୍କା ପାଇନାହାନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ବିଧାୟକ ଚକ୍ରମଣି କହଁର ଶନିବାର ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୯୫ ହଜାର ୮୫୩ ଜଣ ମହିଳାଙ୍କୁ ଏକାବେଳେ ୩ଟି କିସ୍ତିର ଟଙ୍କା ଦିଆଯାଇଛି। ସୁଭଦ୍ରା ନିର୍ଦ୍ଦେଶାବଳୀ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଧାର୍ଯ୍ୟ ଜୁଲାଇ ୨୦୨୪ ସୁଦ୍ଧା ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଆବଶ୍ୟକ। ଆବେଦନକାରୀଙ୍କ ଜନ୍ମ ତାରିଖ ୨ ଜୁଲାଇ ୧୯୬୪ଠାରୁ ୧ଜୁଲାଇ ୨୦୦୪ ପର୍ଯ୍ୟନ୍ତ ହେବା ଉଚିତ। ୨୦୨୪-୨୫ ପାଇଁ ଯଦି ଜଣେ ମହିଳା ୧ ଜୁଲାଇ ୨୦୨୪ ପରେ ୨୧ ବର୍ଷ ବୟସ ଅତିକ୍ରମ କରିବେ ତେବେ ଯୋଜନା ଅବଧିର ଅବଶିଷ୍ଟ ବର୍ଷଗୁଡ଼ିକ ପାଇଁ ତାଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ମିଳିବ। ସେହିପରି ଯେଉଁ ମହିଳା ୧ ଜୁଲାଇ ୨୦୨୪ ପରେ ୬୦ ବର୍ଷ ପୂରଣ କରିବେ ତାଙ୍କୁ ଯୋଜନା ଅବଧିର ଅବଶିଷ୍ଟ ବର୍ଷଗୁଡ଼ିକ ପାଇଁ ଏହି ସହାୟତା ଦିଆଯିବ ନାହିଁ। ବର୍ତ୍ତମାନ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ୧,୦୨,୮୦,୦୯୨ ଜଣ , ୨ୟ କିସ୍ତିରେ ୧,୦୦,୯୬,୩୦୭ ଜଣ ଏବଂ ୩ୟ କିସ୍ତିରେ ୯୬,୯୬,୯୫୫ ଜଣ ମହିଳାଙ୍କୁ ସାମିଲ କରାଯାଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ନିକଟରେ ୧,୦୯,୮୭,୮୯୪ ଜଣ ମହିଳା ଆବେଦନ କରିଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ବନ୍ଦ ଥିବା ୭୦ ମଦ ଦୋକାନ ଖୋଲିବ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

**୪ ନୂଆ ମଦ ଦୋକାନ, ୩ ମଦ କାରଖାନା ଖୋଲିବାକୁ ପ୍ରସ୍ତାବ ରହିଛି**

**କଟକରେ ୧, ଢେଙ୍କାନାଳରେ ଖୋଲିବ ୨ ମଦ କାରଖାନା**

ରାଜ୍ୟରେ ୭୦ଟି ମଦ ଦୋକାନ ବନ୍ଦ ରହିଥିଲା। ଏହାକୁ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ବାଲେଶ୍ୱରରେ ସର୍ବାଧିକ ୧୭ ମଦ ଦୋକାନ ବନ୍ଦ ରହିଥିବା ଜଣାପଡ଼ିଛି। ସେହିପରି ଗଞ୍ଜାମରେ ୧୦, ବଲାଙ୍ଗୀର ୨, ବ୍ରହ୍ମପୁର ୪, କଟକ ୭, କନ୍ଧମାଳ ୩, କେନ୍ଦୁଝର ୩, ମାଲକାନାଗିରି ୧, ମୟୂରଭଞ୍ଜ ୮, ନୟାଗଡ଼ ୯, ରାଉରକେଲା ୫ ଏବଂ ସମ୍ବଲପୁରର ଗୋଟିଏ ମଦ ଦୋକାନ ବନ୍ଦ ରହିଛି। ଏସବୁକୁ ଖୋଲିବା ପାଇଁ ଅବକାରୀ ବିଭାଗ ଅନୁମତି ପ୍ରଦାନ କରିଥିବା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗୃହରେ ସୂଚନା ଦେଇଛନ୍ତି।

ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାଏକ ଶନିବାର ବିଧାନସଭାରେ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ ଏହି ଉତ୍ତର ରଖିବା ସହ ଆହୁରି କହିଛନ୍ତି, ଏହାବାଦ୍ ରାଜ୍ୟରେ ଆଉ ୪ଟି ନୂଆ ଠିପିଖୋଲା ମଦ ଦୋକାନ ଓ ୩ଟି ମଦ କାରଖାନା ଖୋଲିବା ପାଇଁ ବିଭାଗ ପାଖରେ ପ୍ରସ୍ତାବ ଅଛି। ଖୋଲିବାକୁ ଥିବା ୩ଟି ମଦ କାରଖାନା ମଧ୍ୟରୁ ୨ଟି ଢେଙ୍କାନାଳ ଏବଂ ଗୋଟିଏ କଟକରେ ଖୋଲିବ। କଟକଠାରେ ଅଭିରା ଡିଷ୍ଟିଲେରି ପ୍ରାଇଭେଟ୍ ଲିମିଟେଡ୍ ଏବଂ ଢେଙ୍କାନାଳରେ ଇନ୍‌ଡାଲକ ସ୍ପିରିଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପିଆଣ୍ଡଏ ବଟଲର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ମଦ କାରଖାନା ଖୋଲାଯିବ।

## ତ୍ରିଶୂଳିଆରେ ହେବ ୨ୟ ବ୍ରିଜ୍: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

କଟକ-ଭୁବନେଶ୍ୱର ଦ୍ୱୈତନଗରୀରେ ଭିଡ଼ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ବିଧାନସଭାରେ ସୂଚନା ଦେଇ କହିଛନ୍ତି, ତ୍ରିଶୂଳିଆରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ହେବ। ଏହି ବ୍ରିଜ୍ କାର୍ଯ୍ୟ ବର୍ତ୍ତମାନ ଟେଣ୍ଡର ପର୍ଯ୍ୟାୟରେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପାଖରେ ରହିଛି। ଉକ୍ତ ପ୍ରକଳ୍ପ ପାଇଁ ୨୯୭ କୋଟି ୫୯ ଲକ୍ଷ ୯୧ ହଜାର ୧୯୩ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ଟେଣ୍ଡର ସରିବାର ୩୬ ମାସ ମଧ୍ୟରେ ଏହି ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଶେଷକରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସେ କହିଛନ୍ତି। କଂଗ୍ରେସ ସଦସ୍ୟା ସୋଫିଆ ଫିର୍ଦ୍ଦୋସଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଏହି ବ୍ରିଜ୍‌ର ଡିପିଆର୍ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଏଥିଲାଗି ପ୍ରଶାସନିକ ମଞ୍ଜୁରୀ ମଧ୍ୟ ମିଳିଛି।



ବିଧାନସଭା ପରିସରରେ ଶନିବାର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ମରଶରୀରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

## ରାଜ୍ୟରେ ଭଡ଼ାରେ ଚାଲିଛି ୨୧,୦୩୦ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ରାଜ୍ୟରେ ମୋଟ୍ ୭୪ ହଜାର ୨୨୪ଟି ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟରତ। ସେଥିମଧ୍ୟରୁ ୫୩ ହଜାର ୧୯୪ଟି କେନ୍ଦ୍ରର ନିଜସ୍ୱ ଗୃହ ଅଛି। ୨୧ ହଜାର ୦୩୦ଟି ଅଙ୍ଗନୱାଡି କେନ୍ଦ୍ର ବର୍ତ୍ତମାନ ଭଡ଼ାଘରେ ଚାଲିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭଡ଼ାଗୃହରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଭଡ଼ା ବାବଦକୁ ୮୧୮.୧୬ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଅଙ୍ଗନୱାଡିଗୁଡ଼ିକ ଭଡ଼ା ବାବଦକୁ ୧୫୮୪.୨୩ ଲକ୍ଷ ଟଙ୍କା ଅନୁମୋଦନ ଦିଆଯାଇଛି। ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତର ଖର୍ଚ୍ଚ ପାଇଁ ୭୬.୧୨ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। କଂଗ୍ରେସ ସଦସ୍ୟ ପବିତ୍ର ସାଉଁତାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ୨୩,୪୬୦ଟି ଅଙ୍ଗନୱାଡି କେନ୍ଦ୍ରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ସୁବିଧା ଦିଆଯାଇଛି। ୩୭,୨୩୨ଟି କେନ୍ଦ୍ରରେ ଟଏଲେଟ ସୁବିଧା ଅଛି। ୫୨,୫୯୦ଟି କେନ୍ଦ୍ରରେ ରୋଷେଇଘର ସୁବିଧା ଅଛି। ୧୨,୧୪୦ ଅଙ୍ଗନୱାଡି କେନ୍ଦ୍ରକୁ ସକ୍ଷମ କେନ୍ଦ୍ର ଭାବେ ଉନ୍ନୀତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ କେନ୍ଦ୍ର ସରକାର ୭,୨୮୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

# ୨୩ରେ ବିଧାନସଭା ଘେରିବ ବିଜେଡି

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ଆସନ୍ତା ୨୩ରେ ବିଧାନସଭା ଘେରାଉ କରାଯିବ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣକରି ଗ୍ରାମାଞ୍ଚଳର ବିକାଶ ଜନସାଧାରଣଙ୍କ ହାତରେ ଦେବା ପାଇଁ ସମ୍ବିଧାନରେ ଉଲ୍ଲେଖ ଥିଲାବେଳେ ଭାଜପା ସରକାର କ୍ଷମତାଲୋଭରେ ପ୍ରତ୍ୟେକ ଦିନ ଏହାକୁ ଉଲ୍ଲଂଘନ କରୁଥିବା ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ନିର୍ବାଚନ ପୂର୍ବରୁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିବା ଭାଜପା ସରକାରକୁ ଆସିବା ପରେ ପ୍ରତ୍ୟେକ ବିଭାଗରେ ବଜେଟ କାଟ୍ କରୁଛନ୍ତି। ପିଏମ୍ ଆବାସ, ଅନ୍ତ୍ୟୋଦୟ ଯୋଜନା, ଜଳ ଜୀବନ ମିଶନ, ସର୍ବୋପରି ଗ୍ରାମସଭା ଦ୍ୱାରା ଅନୁମୋଦିତ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଯୋଜନାବଦ୍ଧ ଭାବେ ହ୍ରାସ କରାଯାଉଛି। ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦ ସ୍ତରରେ ବିଧି ବ୍ୟବସ୍ଥାକୁ ଦଳିଚକଟି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁକରିଦେବା ପାଇଁ ଭାଜପା ବାରମ୍ବାର ଅପଚେଷ୍ଟା କରୁଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନିୟୋଜିତ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁନାହିଁ। ଗ୍ରାମାଞ୍ଚଳରେ ଲୋକଙ୍କ ମନରେ ଥିବା ଆକ୍ରୋଶ ଓ କ୍ଷୋଭକୁ ନେଇ ଆସନ୍ତା ୨୩ରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସକାଳ ୧୦ଟା ସମୟରେ ବିଧାନସଭା ଘେରାଉ କରିବା ପାଇଁ ବିଜେଡି ନିଷ୍ପତ୍ତି ନେଇଛି। ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ଅଧିକାରକୁ ଭାଜପା ସରକାର ସଙ୍କୁଚିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ଆସନ୍ତା ୨୩ରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତର ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ଓ ଜିଲା ପରିଷଦ ଅଧ୍ୟକ୍ଷ ପ୍ରମୁଖ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ସାମିଲହୋଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ପାଇଁ ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ନିର୍ଦ୍ଦେଶନାମାକୁ ବାତିଲକରିବା ନିମନ୍ତେ ଦୃଢ଼ ଦାବି ଉପସ୍ଥାପନ କରାଯିବ ବୋଲି ଅରୁଣ କହିଛନ୍ତି।

## ଭାଜପାରେ ମିଶିଲେ ୩ ଜିଲାର ବହୁ କଂଗ୍ରେସ ଓ ବିଜେଡି କର୍ମୀ

ଭୁବନେଶ୍ୱର, ୨୦।୯ (ସୁନିତ୍ ମିଶ୍ର)

ବୌଦ୍ଧ, କନ୍ଧମାଳ ଓ କେନ୍ଦ୍ରାପଡ଼ା ଜିଲାର ଶତାଧିକ ସରପଞ୍ଚ, ସମିତିସଭ୍ୟ ଓ କାର୍ଯ୍ୟକର୍ତ୍ତା ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ଏହି ଯୋଗଦାନ ତୃଣମୂଳସ୍ତରରୁ ଦଳକୁ ଅଧିକ ଶକ୍ତିଶାଳୀ କରିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନମୋହନ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି। କନ୍ଧମାଳ ଲୋକ ସଭା ସଦସ୍ୟ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ବଡ଼ଠାକୁର ପଡ଼ିଯିବାର ତଦନ୍ତ ରିପୋର୍ଟ ସର୍ବସାଧାରଣଙ୍କୁ ଦିଆଯାଇନି: ମନ୍ତ୍ରୀ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

- ଶ୍ରୀମନ୍ଦିର ପରିଚାଳନା କମିଟି ପାଖରେ ରହିଛି ରିପୋର୍ଟ
- ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ରିପୋର୍ଟର ତର୍ଜମା ଚାଲିଛି
- ଦଶମୂଳ ମୋଦକ ଚୋରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅମୂଳକ

୨୦୨୪ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି ବିଜେ ସମୟରେ ପ୍ରଭୁ ବଳଭଦ୍ର(ବଡ଼ଠାକୁର) ମୁହଁ ମାଡ଼ି ପଡ଼ିଯିବା ଘଟଣାର ତଦନ୍ତ ସମ୍ପର୍କିତ ତଥ୍ୟ ସର୍ବସାଧାରଣରେ ପ୍ରକାଶ କରାଯାଇ ନାହିଁ। ଏ ସମ୍ପର୍କିତ ତଦନ୍ତ ରିପୋର୍ଟ ୨୦୨୪ ଅଗଷ୍ଟ ୩୦ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉପସ୍ଥାପନ ହୋଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗୃହରେ ସୂଚନା ଦେଇଛନ୍ତି। ବିଧାନସଭାରେ ବିଜେଡି ସଦସ୍ୟ ଅନନ୍ତ ନାରାୟଣ ଜେନା ଏବଂ ତୁଷାରକାନ୍ତି ବେହେରା ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ୨୦୨୫ ରଥଯାତ୍ରା ଶୃଙ୍ଖଳାର ସହ ସମାପନ ହୋଇଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପହଣ୍ଡିରେ ତଳକୁ ଆଣିବାବେଳେ ଆବଶ୍ୟକ ସଂଖ୍ୟକ ସେବକ ମୁତୟନ ରହି ଆଡ଼ପ ମଣ୍ଡପ ପହଣ୍ଡି ବିଜେ କରାଇଥିଲେ। ୨୦୨୫ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ରଥ ସମ୍ମୁଖରେ ହୋଇଥିବା ଦଳାଚକଟା ଅଘଟଣର ତଦନ୍ତ କରିବାକୁ ରାଜ୍ୟ ସରକାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିଯୁକ୍ତ କରିଥିଲେ। ଗୃହ ବିଭାଗ ଜରିଆରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ମଧ୍ୟରେ ଉନ୍ନୟନ କମିଶନର ତାଙ୍କ ତଦନ୍ତ ରିପୋର୍ଟ ଗତ ଅଗଷ୍ଟ ୧ତାରିଖରେ ସରକାରଙ୍କୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସେହି ରିପୋର୍ଟର ତର୍ଜମା ଚାଲିଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ମୋଦକ ଚୋରି ନେଇ ଆସିଥିବା ଅଭିଯୋଗର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଚଳିତ ବର୍ଷ ଶ୍ରୀମନ୍ଦିରରୁ ମୋଦକ ଚୋରି ଘଟଣା ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ଏକ ୪ ଜଣିଆ କମିଟି ଗଠନ କରାଯାଇଥିଲା। ସେହି କମିଟି ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ କମିଟି ପକ୍ଷରୁ ଦଶମୂଳ ମୋଦକ ଚୋରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅମୂଳକ ବୋଲି ସାବ୍ୟସ୍ତ କରିଛନ୍ତି। ଆବଶ୍ୟକ ସଂଖ୍ୟକ ମୋଦକରେ ଗୁପ୍ତନୀତି ସମ୍ପାଦନ ହୋଇଛି ବୋଲି ସେ କହିଛନ୍ତି।

## ଟ୍ରମ୍ପଙ୍କ ସଂଶୋଧନ ମନ୍ତବ୍ୟ ପାଇଁ କେନ୍ଦ୍ରକୁ ଅନୁରୋଧ କରିଛି ରାଜ୍ୟ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

**ମହିଳା ପର୍ଯ୍ୟଟକଙ୍କ ଲାଗି ଓଡ଼ିଶା ଅସୁରକ୍ଷିତ ପ୍ରସଙ୍ଗ**

କିଛିଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦେଶରେ ଏକ ନିର୍ଦ୍ଦେଶାବଳୀ ଜାରିକରି ମହିଳା ପର୍ଯ୍ୟଟକମାନଙ୍କ ପାଇଁ ଓଡ଼ିଶା ସୁରକ୍ଷିତ ନୁହେଁ ବୋଲି କହିଥିଲେ। ଏନେଇ ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ଦେଶ ଭିତରେ ଲୋକମାନଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହାପରେ ଓଡ଼ିଶା ପ୍ରତି ବିଦେଶୀ ପର୍ଯ୍ୟଟକମାନଙ୍କ ଭିତରେ ଅନାଦାର ଭାବ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଗଲା। ଏହି ଘଟଣା ପରେ ଟ୍ରମ୍ପଙ୍କ ସଂଶୋଧିତ ମନ୍ତବ୍ୟ ପ୍ରକାଶ କରାଇବା ନେଇ ପଦକ୍ଷେପ ନିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ସରକାରଙ୍କ ପକ୍ଷରୁ ସିଧାସଳଖ ଟ୍ରମ୍ପଙ୍କ ନାମ ଉଲ୍ଲେଖ କରା ନ ଯାଇ ବିଦେଶ ଶାସକ ବୋଲି ଉଲ୍ଲେଖ କରାଯାଇଛି।

ବିଧାନସଭା ସଦସ୍ୟ ଅଶ୍ୱିନୀ କୁମାର ପାତ୍ର ଶନିବାର ଏକ ଅଣତାରକା ପ୍ରଶ୍ନରେ ପଚାରିଛନ୍ତି, ନିକଟରେ ଗଣମାଧ୍ୟମରେ ସମଗ୍ର ଦେଶରେ ପ୍ରକାଶ ପାଇଥିବା ବିଦେଶ ଶାସକଙ୍କ ମନ୍ତବ୍ୟ ଅନୁସାରେ ରାଜ୍ୟ ପର୍ଯ୍ୟଟନ ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ, ଏଥିଲାଗି ପର୍ଯ୍ୟଟନ ନୀତି ପ୍ରତି ଆଘାତ ଲାଗିଥିବା ସରକାର ଅବଗତ ଅଛନ୍ତି କି? ଯଦି ଅବଗତ ଅଛନ୍ତି ତା'ହେଲେ ଦେଶ, ବିଦେଶରେ ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆକୃଷ୍ଟ କରିବାକୁ ସରକାରଙ୍କ କ'ଣ ବିଶେଷ କାର୍ଯ୍ୟକ୍ରମ ରହିଛି।

ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନିକଟରେ ଗଣମାଧ୍ୟମରେ ସମଗ୍ର ଦେଶରେ ପ୍ରକାଶ ପାଇଥିବା ବିଦେଶ ଶାସକଙ୍କ ମନ୍ତବ୍ୟ ବିଷୟରେ ସରକାର ଅବଗତ ଅଛନ୍ତି। ବିଦେଶ ଶାସକଙ୍କ ଏହି ମନ୍ତବ୍ୟ ଭିତ୍ତିହୀନ ଓ ତାହାର ସତ୍ୟତା ନାହିଁ। ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୃହ ବିଭାଗ, ଓଡ଼ିଶା ସରକାରଙ୍କୁ ନଥି ସଂଖ୍ୟା ଟିସିଟି-ସିଓଡି-ଏମ୍‌ଆଇଏସ୍‌ସି-୦୦୪୬-୨୦୨୫ ମାଧ୍ୟମରେ ଅବଗତ କରାଯାଇଛି। ପୁନଶ୍ଚ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ତାଙ୍କ ପତ୍ର ସଂଖ୍ୟା ୨୨୪୬/ସି ଗତ ସେପ୍ଟେମ୍ବର ୧ ଦ୍ୱାରା ବୈଦେଶିକ ମନ୍ତ୍ରଣାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅବଗତ କରାଯିବା ସହିତ ବିଦେଶ ଶାସକଙ୍କ ମନ୍ତବ୍ୟକୁ ସମୀକ୍ଷାକରି ସଂଶୋଧିତ ମନ୍ତବ୍ୟ ପ୍ରକାଶ କରିବା ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି।



ରାଜ୍ୟରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇବା ସହ ଏହାର କଳାବଜାର ରୋକିବା କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ବିଜେଡିର ବିଧାୟକଗଣ ଶନିବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟି ଅନୁରୋଧ କରୁଛନ୍ତି।

# ପ୍ରଧାନମନ୍ତ୍ରୀ ମୋଦୀ, ପ୍ରଯୁକ୍ତିର ଚାମ୍ପିୟନ

ମନେପକାନ୍ତୁ ପୂର୍ବରୁ ସରକାରୀ ଦସ୍ତାବିଜ ପାଇବା କିପରି ଏକ ବଡ଼ କଥା ଥିଲା? ବହୁବାର ଯାତ୍ରା, ଲମ୍ବା ଧାଡ଼ି, ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲା? କିନ୍ତୁ ବର୍ତ୍ତମାନ ଏସବୁ ଆପଣଙ୍କ ଫୋନ୍‌ରେ ହୋଇପାରୁଛି। ଏହି ରୂପାନ୍ତରଣ ଅଚାନକ ହୋଇନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଯୁକ୍ତିକୁ ଭାରତର ସର୍ବୋତ୍ତମ ସମାନତା ସ୍ତରରେ ନେଇ ପହଞ୍ଚାଇଛନ୍ତି। ମୁମ୍ବାଇର ରାସ୍ତାକଡ଼ର ବିକାଳି ସମାନ ୟୁପିଆଇ ଦେୟ ବ୍ୟବସ୍ଥା ବ୍ୟବହାର କରେ, ଯେପରି ଜଣେ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ କରିଥାଆନ୍ତି। ତାଙ୍କ ଦୃଷ୍ଟିରେ ପ୍ରଯୁକ୍ତି ସାନବଡ଼ ଦେଖେନି।

ଏହି ରୂପାନ୍ତରଣ ତାଙ୍କ ଅନ୍ତ୍ୟୋଦୟର ମୂଳ ଦର୍ଶନକୁ ଦର୍ଶାଉଛି, ଯେଉଁଠି ଧାଡ଼ିର ଶେଷରେ ଥିବା ବ୍ୟକ୍ତି ନିକଟରେ କିଭଳି ପହଞ୍ଚିବ। ପ୍ରତିଟି ଡିଜିଟାଲ ପଦକ୍ଷେପର ଲକ୍ଷ୍ୟ ସମସ୍ତଙ୍କ ପାଇଁ ପ୍ରଯୁକ୍ତିକୁ ଗଣତାନ୍ତ୍ରିକ କରିବା। ଗୁଜରାଟରେ ଯାହା ପରୀକ୍ଷଣ ଭାବେ ଆରମ୍ଭ ହୋଇଥିଲା, ତାହା ଭାରତର ଡିଜିଟାଲ ବିପ୍ଲବର ଆଧାର ପାଲଟିଗଲା।

## ଗୁଜରାଟ: ଯେଉଁଠାରୁ ଏହା ଆରମ୍ଭ ହୋଇଥିଲା

ମୁଖ୍ୟମନ୍ତ୍ରୀ ଭାବେ ମୋଦିଜୀ ପ୍ରଯୁକ୍ତି ଓ ଅଭିନବତ୍ୱ ମାଧ୍ୟମରେ ଗୁଜରାଟରେ ବଡ଼ ପରିବର୍ତ୍ତନ ଆଣିଥିଲେ। ୨୦୦୩ରେ ଶୁଭାରମ୍ଭ ହୋଇଥିବା ଜ୍ୟୋତିଗ୍ରାମ ଯୋଜନା ଫିଡର ସେପାରେଶନ ପ୍ରଯୁକ୍ତି ବ୍ୟବହାର କରିଥିଲା। କୃଷି ବିଦ୍ୟୁତ୍ ମାଧ୍ୟମରେ ଭୂଗର୍ଭ ଜଳସ୍ତର କମିଯାଇଥିଲା ବେଳେ ଗ୍ରାମୀଣ ଉଦ୍ୟୋଗଗୁଡ଼ିକ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ସହ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆଣିଲା।

ମହିଳାମାନେ ରାତିରେ ପଢ଼ିପାରିଲେ ଓ କ୍ଷୁଦ୍ର ବ୍ୟବସାୟରେ ଉନ୍ନତି ଘଟିଲା ଏବଂ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ପଳାୟନ ହ୍ରାସ ପାଇଲା। ଏକ ଅଧ୍ୟୟନ ଅନୁଯାୟୀ, ୧,୧୧୫ କୋଟି ଟଙ୍କାର ନିବେଶ ମାତ୍ର ଅଢ଼େଇ ବର୍ଷରେ ଅସୁଲ ହୋଇଥିଲା। ପ୍ରଧାନମନ୍ତ୍ରୀ ୨୦୧୨ରେ ନର୍ମଦା କେନାଲରେ ସୋଲାର ପ୍ୟାନେଲ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ପ୍ରକଳ୍ପ ବାର୍ଷିକ ୧୬ ମିଲିୟନ ୟୁନିଟ୍ ଉତ୍ପାଦନ କରେ, ଯାହା ୧୬ ହଜାର ପରିବାର ପାଇଁ ଯଥେଷ୍ଟ। ଏହା ବାଷ୍ପୀକରଣ ହାରକୁ ଧୀର କରି ଜଳର ଉପଲବ୍ଧତାକୁ ବଢ଼ାଇଥିଲା।

ଏହି ଦୁଇ ପ୍ରକାର ଉପକାର ଆଣିବାର ଚିନ୍ତାଧାରା ପ୍ରଯୁକ୍ତିକୁ ନେଇ ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରଦର୍ଶନ କରେ। ମାତ୍ର ଗୋଟିଏ ପଦକ୍ଷେପ ମାଧ୍ୟମରେ ଏହା ବହୁବିଧ ସମସ୍ୟାର ସମାଧାନ କରିଥିଲା। ଜଳ ସଂରକ୍ଷଣ କରି ସ୍ୱଚ୍ଛ ଶକ୍ତି ସୃଷ୍ଟି କରିବା ହେଉଛି ତାଙ୍କ ଭିଜନ୍। ଏହା ଏକକ ସମାଧାନଗୁଡ଼ିକରୁ ଅଧିକ ଦକ୍ଷତା ଓ ପ୍ରଭାବ ପ୍ରଦର୍ଶନ କରିଥିଲା। ଏହି ପ୍ରଯୁକ୍ତିକୁ ବୈଶ୍ୱିକ ସ୍ତରରେ ଆମେରିକା ଓ ସ୍ପେନ୍ ଗ୍ରହଣ କରିଥିବାରୁ ଉଦ୍ଭାବନର ପ୍ରଭାବଶାଳିତା ବିଶ୍ୱସନୀୟ ହୋଇପାରିଛି।

ଇ-ଧାରା ବ୍ୟବସ୍ଥା ଜମିଜମା ରେକର୍ଡକୁ ଡିଜିଟାଲ କରିଦେଇଛି। ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଭେଟିବା SWAGAT ଯୋଗୁ ସମ୍ଭବ ହୋଇଛି। ଅନ୍‌ଲାଇନ ଯୋଗୁ ଦୁର୍ନୀତି ହ୍ରାସ ପାଇଛି। ଏଭଳି ପଦକ୍ଷେପ ଦୁର୍ନୀତିକୁ କମାଇଥିବା ସହ ସହଜରେ ସରକାରୀ ସେବା ଉପଲବ୍ଧତାରେ ଉନ୍ନତି ଘଟାଇଥିଲା। ସେ ଶାସନ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ପୁନଃସ୍ଥାପନ କରିଥିଲେ, ଯାହା ଗୁଜରାଟରେ ପର୍ଯ୍ୟାୟକ୍ରମେ ନିର୍ବାଚନ ସଫଳତାରେ ପ୍ରତିଫଳିତ ହୋଇଥିଲା।

## ନ୍ୟାଶନାଲ କାନ୍‌ଭାସ

୨୦୧୪ରେ ମୋଦୀ ଗୁଜରାଟର ଅଭିଜ୍ଞତା ଓ ହାସଲ କରିଥିବା ଶିକ୍ଷାକୁ ଦିଲ୍ଲୀକୁ ନେଇଥିଲେ, କିନ୍ତୁ ସ୍ଥିତି ଭିନ୍ନ ଥିଲା। ତାଙ୍କ ନେତୃତ୍ୱରେ ବିଶ୍ୱର ସବୁଠାରୁ ସମାବେଶୀ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର 'ଇଣ୍ଡିଆ ଷ୍ଟାକ୍' ବଡ଼ ଆକାର ନେଇଥିଲା। ଜେଏଏମ୍ ଟ୍ରିନିଟି ଏହାର ମୂଳଦୁଆ ପକାଇଥିଲା। ଜନ ଧନ ଆକାଉଣ୍ଟଗୁଡ଼ିକ ୫୩ କୋଟିରୁ ଅଧିକ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆଣିଥିଲା। ପୂର୍ବରୁ ଆର୍ଥିକ ଦିଗରୁ ବାଦ୍ ପଡ଼ିଥିବା ଲୋକଙ୍କୁ ଏହା ପ୍ରଥମ ଥର ପାଇଁ ଔପଚାରିକ ଅର୍ଥନୀତିକୁ ଆଣିଥିଲା।

ନଗଦ ଉପରେ ନିର୍ଭରଶୀଳ ରାସ୍ତାକଡ଼ ବିକାଳି, ଦିନ ମଜୁରିଆ ଓ ଗ୍ରାମୀଣ ପରିବାରଗୁଡ଼ିକର ଏବେ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହା ସେମାନଙ୍କୁ ସୁରକ୍ଷିତ ଭାବେ ସଞ୍ଚୟ କରିବା, ସରକାରୀ ଲାଭ ସିଧାସଳଖ ପାଇବା ଏବଂ ସହଜରେ ଋଣ ପାଇବାରେ ସହାୟକ ହୋଇପାରିଛି।

ଆଧାର ନାଗରିକଙ୍କୁ ଡିଜିଟାଲ ପରିଚୟ ପ୍ରଦାନ କରିଛି। ଅଦ୍ୟାବଧି ୧୪୨ କୋଟି ଲୋକ ଏଥିରେ ନିଜ ନାମ ପଞ୍ଜୀକୃତ କରିସାରିଲେଣି। ଏହା ଦ୍ୱାରା ବହୁବିଧ ଦସ୍ତାବିଜ ଯାଞ୍ଚ କରିବା ଅପେକ୍ଷା ସରକାରୀ ସେବା ପାଇବା ସହଜ ହୋଇଯାଇଛି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ମଧ୍ୟସ୍ଥଙ୍କୁ ହଟେଇ ଦେଇଥିବା ବେଳେ ଦୁର୍ନୀତିକୁ ରୋକିବାରେ ଅନେକାଂଶରେ ସଫଳ ହୋଇଛି। ଡିବିଟି ଯୋଗୁ ଏପର୍ଯ୍ୟନ୍ତ ୪ ଲକ୍ଷ ୩୦ ହଜାର କୋଟି ଟଙ୍କାରୁ ଅଧିକ ସଞ୍ଚୟ ହୋଇପାରିଛି। ଏହି ସଞ୍ଚୟ ଅର୍ଥରେ ଅଧିକ ବିଦ୍ୟାଳୟ, ହସ୍ପିଟାଲ ଏବଂ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ହୋଇପାରିଛି।

ପୂର୍ବରୁ ଗ୍ରାହକଙ୍କ ଯାଞ୍ଚ ଏକ ଜଟିଳ ପ୍ରକ୍ରିୟା ଥିଲା। ଏହା ବ୍ୟକ୍ତିଗତ ଦସ୍ତାବିଜ ଯାଞ୍ଚ, ନିୟମ ପୁସ୍ତିକା ଏବଂ ଏକାଧିକ ଟଚ୍‌ପଏଣ୍ଟ ଆବଶ୍ୟକ କରୁଥିଲା। ଏହା ସେବାପ୍ରଦାନକାରୀଙ୍କୁ ପ୍ରତି ଯାଞ୍ଚ ପାଇଁ ଅନେକ ଶହ ଟଙ୍କା ଖର୍ଚ୍ଚ କରାଉଥିଲା।

ଆଧାରଭିତ୍ତିକ ଇ-କେୱାଇସି ଦ୍ୱାରା ପ୍ରମାଣନ ଯାଞ୍ଚ କାର୍ଯ୍ୟ ମାତ୍ର ୫ ଟଙ୍କାରେ ହୋଇପାରୁଛି। ଏପରିକି ଏବେ ସବୁଠାରୁ ଛୋଟ କାରବାର ମଧ୍ୟ ଆର୍ଥିକ ଦୃଷ୍ଟିରୁ ସୁବିଧାଜନକ ହୋଇପାରିଛି। ୟୁପିଆଇ ଭାରତର ପେମେଣ୍ଟ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିଛି। ଶୁଭାରମ୍ଭ ହେବାଠାରୁ ୫୫ କୋଟିରୁ ଅଧିକ ବ୍ୟବହାରକାରୀ ଏହାର କାରବାର କରିସାରିଲେଣି। ଅଗଷ୍ଟ ୨୦୨୫ରେ ୨୦ ବିଲିୟନରୁ ଅଧିକ କାରବାର ହୋଇଛି, ଯାହାର ମୂଲ୍ୟ ୨୪ ଲକ୍ଷ ୮୫ ହଜାର କୋଟି ହୋଇଥିଲା। ଘଣ୍ଟା ଘଣ୍ଟା ଧରି ବ୍ୟାଙ୍କରେ ଧାଡ଼ିରେ ଛିଡ଼ା ହୋଇ ଯେଉଁ କାରବାର କରିବାକୁ ପଡୁଥିଲା, ତାହା ମାତ୍ର ଦୁଇ ସେକେଣ୍ଡ ଫୋନ ସ୍କାନ୍ ଯୋଗୁ ହୋଇପାରୁଛି। ବ୍ୟାଙ୍କ ଯିବା, ଧାଡ଼ିରେ ରହିବା ଏବଂ ଅନେକ କାଗଜପତ୍ର କାମ ଅପ୍ରଚଳିତ ହୋଇଗଲାଣି। ଏବେ ତୁରନ୍ତ କ୍ୟୁଆର୍ କୋଡ୍ ପେମେଣ୍ଟ ଦ୍ୱାରା ସବୁକିଛି ବଦଳିଯାଇଛି।

ଭାରତ ଆଜି ବିଶ୍ୱର ଅର୍ଦ୍ଧେକ ରିଅଲ-ଟାଇମ୍ ଡିଜିଟାଲ ପେମେଣ୍ଟକୁ ପରିଚାଳନା କରୁଛି। ଏକ ଦଶନ୍ଧି ପୂର୍ବେ ଭାରତ ମୁଖ୍ୟତଃ ନଗଦ କାରବାର ଉପରେ ନିର୍ଭର କରୁଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଜେଏଏମ୍ ଟ୍ରିନିଟି ଏବଂ ୟୁପିଆଇ ଭିତ୍ତିଭୂମିକୁ ବୃହତ୍ ଆକାର ଦେଇଛି। ଯେତେବେଳେ କୋଭିଡ୍ ମହାମାରୀ ଆସିଥିଲା, ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ଡିଜିଟାଲ କାରବାରକୁ ଉତ୍ସାହିତ କରିଥିଲେ। ଫଳସ୍ୱରୂପ, ୟୁପିଆଇ ଏବେ ବିଶ୍ୱବ୍ୟାପୀ ଭିଜାଠାରୁ ଅଧିକ କାରବାର ପ୍ରକ୍ରିୟାରେ ରହିଛି। ବର୍ତ୍ତମାନ ଗୋଟେ ମୋବାଇଲ ଫୋନ୍ ଏକ ବ୍ୟାଙ୍କ, ଏକ ପେମେଣ୍ଟ ଗେଟ୍‌ୱେ ଏବଂ ଏକ ସର୍ଭିସ ସେଣ୍ଟର ପାଲଟିଯାଇଛି।

PRAGATI (ପ୍ରଗତି) ଶାସନ କ୍ଷେତ୍ରରେ ଉତ୍ତରଦାୟିତ୍ୱ ଆଣିଦେଇଛି। ଏହି ମଞ୍ଚ ମାଧ୍ୟମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ମାସିକିଆ ପ୍ରକଳ୍ପ ତଦାରଖ କରୁଛନ୍ତି। ଯେତେବେଳେ ଅଧିକାରୀମାନେ ଜାଣୁଛନ୍ତି ଯେ ଲାଇଭ୍ ଭିଡିଓ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସେମାନଙ୍କ କାର୍ଯ୍ୟର ସମୀକ୍ଷା କରୁଛନ୍ତି, ସେତେବେଳେ ଉତ୍ତରଦାୟିତ୍ୱ ବଢ଼ିଯାଉଛି। ଉଦାହରଣ ସ୍ୱରୂପ, ଏକ



ଅଶ୍ୱିନୀ ବୈଷ୍ଣବ

ବିଳମ୍ବିତ ରାଜପଥ ପ୍ରକଳ୍ପ ପ୍ରଗତି ବୈଠକ ଯୋଗୁ ତୁରନ୍ତ ଧ୍ୟାନ ଆକର୍ଷଣ କରୁଛି। ଅଧିକାରୀମାନେ କାହିଁକି ବିଳମ୍ବ ହେଲା ତାହାର ବ୍ୟାଖ୍ୟା କରୁଛନ୍ତି। ଏହା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି ଓ ତାହାର ଲାଭ ନାଗରିକଙ୍କ ପାଖରେ ପହଞ୍ଚୁଛି।

## ସମସ୍ତଙ୍କ ପାଇଁ ପ୍ରଯୁକ୍ତି

ପ୍ରଯୁକ୍ତି କୃଷି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ହରିୟାଣାର କୃଷକ ଜଗଦେବ ସିଂହଙ୍କ ଦୃଷ୍ଟାନ୍ତ ଦେଖାଯାଉ। ଏବେ ଫସଲ ସଂକ୍ରାନ୍ତ ନିଷ୍ପତ୍ତି ନେବା ପାଇଁ ସେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆପ୍ ବ୍ୟବହାର କରୁଛନ୍ତି। ସେ ତାଙ୍କ ଫୋନ୍ ମାଧ୍ୟମରେ ଠିକ୍ ପାଣିପାଗ ସୂଚନା ପାଇବା ସହ ମୃତ୍ତିକା ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟ ପାଇପାରୁଛନ୍ତି। ପିଏମ୍-କିଷାନ ଯୋଜନା ୧୧ କୋଟି କୃଷକଙ୍କୁ ଡିଜିଟାଲ ଭାବରେ ସିଧାସଳଖ ଆୟ ସହାୟତା ପ୍ରଦାନ କରୁଛି।

ଡିଜିଲକର୍ ଏବେ ୫୭ କୋଟିରୁ ଅଧିକ ବ୍ୟବହାରକାରୀଙ୍କ ୯୬୭ କୋଟି ଦସ୍ତାବିଜକୁ ଡିଜିଟାଲ ଭାବରେ ସାଇତି ରଖିଛି। ଆପଣଙ୍କ ଡ୍ରାଇଭିଂ ଲାଇସେନ୍ସ, ଡିଗ୍ରୀ ସାର୍ଟିଫିକେଟ, ଆଧାର ଏବଂ ଅନ୍ୟାନ୍ୟ ସରକାରୀ କାଗଜପତ୍ରକୁ ଆପଣ ଫୋନ୍‌ରେ ସୁରକ୍ଷିତ ରଖିପାରୁଛନ୍ତି। ରାସ୍ତାରେ ଥିବା ବେଳେ ପୋଲିସ ଯାଞ୍ଚ ବେଳେ ବ୍ୟକ୍ତିଗତ କାଗଜପତ୍ର ଖୋଜିବା ଆଉ ଦରକାର ପଡୁନାହିଁ। କେବଳ ଡିଜିଲକରରୁ ଆପଣ ଡିଜିଟାଲ ଲାଇସେନ୍ସ ଦେଖାଇପାରୁଛନ୍ତି। ଆଧାର ପ୍ରମାଣପତ୍ର ବ୍ୟବହାର କରାଯାଇ ଆୟକର ରିଟର୍ନ ଭରିବା ସହଜ ହୋଇଗଲାଣି। ପୂର୍ବରୁ ଯେଉଁ ଡକ୍ୟୁମେଣ୍ଟ ଫୋଲ୍ଡର୍ ବୋହିବାକୁ ପଡୁଥିଲା, ତା' ପରିବର୍ତ୍ତେ ଆପଣଙ୍କ ପକେଟରେ ଥିବା ଡିଜିଟାଲ ପ୍ରମାଣ ଯଥେଷ୍ଟ ରହୁଛି।

## ମହାକାଶ ଏବଂ ଅଭିନବତ୍ୱ:

ଦିନେ ଯାହା ଅସମ୍ଭବ ପରି ଦିଶୁଥିଲା, ତାହା ଭାରତ ସଫଳତାର ସହ କରିପାରୁଛି। ପ୍ରଥମ ପ୍ରଚେଷ୍ଟାରେ ମଙ୍ଗଳରେ ପହଞ୍ଚିବା ଏବଂ ତାହା ମଧ୍ୟ ଏକ ହଲିଉଡ୍ ମୁଭିରୁ କମ୍ ବଜେଟରେ ସମ୍ଭବ ହୋଇପାରିଛି। ମାର୍ସ ଅର୍ବିଟର୍ ମିଶନ ଖର୍ଚ୍ଚ ମାତ୍ର ୪୫୦ କୋଟି ଟଙ୍କା ହୋଇପାରିବା ଭାରତୀୟ ଇଞ୍ଜିନିୟରିଂର ବିଶ୍ୱସ୍ତରୀୟ ଚମତ୍କାରିତାକୁ ଦର୍ଶାଉଛି। ଚନ୍ଦ୍ରଯାନ-୩ ଭାରତକୁ ଚନ୍ଦ୍ରରେ ସୂକ୍ଷ୍ମ ଅବତରଣ କରି ସଫଳତା ଦେବାରେ ଚତୁର୍ଥ ଦେଶ ହୋଇଥିବା ବେଳେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିଥିବା ପ୍ରଥମ ଦେଶ ହୋଇପାରିଥିଲା। ଇସ୍ରୋ ଏକ ମିଶନ୍‌ରେ ୧୦୪ ଉପଗ୍ରହ ଉତ୍‌କ୍ଷେପଣ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଭାରତୀୟ ରକେଟ୍‌ଗୁଡ଼ିକ ଏବେ ୩୪ ଦେଶର ଉପଗ୍ରହ ବହନ କରୁଛି। ଗଗନଯାନ ମିଶନ ଭାରତକୁ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ମାନବକୁ ମହାକାଶକୁ ପଠାଇଥିବାରେ ଚତୁର୍ଥ ଦେଶ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଆମର ବୈଜ୍ଞାନିକମାନଙ୍କ ସହିତ କାନ୍ଧରେ କାନ୍ଧ ମିଶାଇ ଠିଆ ହୋଇଥିଲେ ଏବଂ ସେମାନଙ୍କ ଦକ୍ଷତାରେ ଶତପ୍ରତିଶତ ବିଶ୍ୱାସ ରଖିଥିଲେ।

## ବିଶ୍ୱ ନେତୃତ୍ୱ:

ଯେତେବେଳେ କୋଭିଡ୍-୧୯ ଦେଖାଦେଇଥିଲା, ବିଶ୍ୱ ଟିକା ବଣ୍ଟନ ଅବ୍ୟବସ୍ଥା ସହିତ ସଂଘର୍ଷ କରୁଥିଲା। ଭାରତ ତା'ର ଶକ୍ତି ମାଧ୍ୟମରେ ସ୍ଥିତିର ମୁକାବିଲା କରିଥିଲା। କୋୱିନ ପ୍ଲାଟ୍‌ଫର୍ମ ଏଭଳି ସମୟରେ ଆସିଥିଲା ଯେ, ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନ ପାଇଁ ଏକ ବ୍ୟାପକ ଡିଜିଟାଲ ସମାଧାନ ଆଣିଦେଇଥିଲା। ଏହା ୨୦୦ କୋଟି ଟିକା ଡୋଜ୍ ଡିଜିଟାଲ ଯଥାର୍ଥତାର ସହିତ ପରିଚାଳନା କରିଥିଲା। ବିନା କୌଣସି କଳାବଜାର ଓ କୌଣସି ପକ୍ଷପାତରେ ଏହା ବଣ୍ଟନରେ ସ୍ୱଚ୍ଛତା ବଜାୟ ରଖିଥିଲା। ଅବ୍ୟବହୃତ ଟିକାଗୁଡ଼ିକ ଉଚ୍ଚ ଚାହିଦା ଥିବା ଅଞ୍ଚଳକୁ ଯୋଗାଇ ଦିଆଯାଇଥିଲା। ପ୍ରଯୁକ୍ତି ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ପରିଚାଳିତ ହେଲେ ବିପୁଳ ମାତ୍ରାରେ ଓ ନ୍ୟାୟସଙ୍ଗତ ଭାବେ ତାହା ପ୍ରଦାନ କରିପାରିବ ବୋଲି ଏହି ସଫଳତା ଦର୍ଶାଇଥିଲା।

## ଉତ୍ପାଦନ ବିପ୍ଳବ:

ଉତ୍ପାଦ ନିର୍ମାଣ ବିଷୟରେ ଆପଣ ମୌଳିକ ଜ୍ଞାନ ଆହରଣ ନ କରି ଚିପ୍ ନିର୍ମାଣକୁ ଯାଇପାରିବେ ନାହିଁ। ଏହା କୋଡିଂ ଶିଖିବା ପରି; ଆପ୍ ନିର୍ମାଣ ପୂର୍ବରୁ ଆପଣ 'ହେଲୋ ୱାର୍ଲ୍ଡ' ସହିତ ଆରମ୍ଭ କରନ୍ତି।

ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ ସମାନ ଦିଗକୁ ଅନୁସରଣ କରେ। ଦେଶଗୁଡ଼ିକ ପ୍ରଥମେ ଏସେମ୍ବ୍ଲି (ଏକାଠି) କରନ୍ତି, ତା'ପରେ ସବ୍-ମଡ୍ୟୁଲ, କମ୍ପୋନେଣ୍ଟ ଏବଂ ଉପକରଣକୁ ଯାଆନ୍ତି। ଭାରତର ଯାତ୍ରା ସେହିଭଳି ପଥ ଦେଇ ଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଯୋଗୁ ଆମର ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନରେ ଦୃଢ଼ ଭିତ୍ତିଭୂମି ଏବେ ଉନ୍ନତ ସେମିକଣ୍ଡକ୍ଟର୍ ଉତ୍ପାଦନ ଆଡ଼କୁ ପାଦ ବଢ଼ାଇଛି।

ବିଶ୍ୱର ୨୦ ପ୍ରତିଶତରୁ ଅଧିକ ଚିପ୍ ଡିଜାଇନରଙ୍କୁ ନେଇ ଭାରତ ଦୀର୍ଘ ସମୟ ଧରି ଡିଜାଇନ ପ୍ରତିଭାଙ୍କ ହବ୍ ପାଲଟିଛି। ଦେଶରେ ଏବେ ଉନ୍ନତ 2nm, 3nm ଏବଂ 7nm ଚିପ୍ସଗୁଡ଼ିକର ଡିଜାଇନ କ୍ଷମତା ଅଛି। ଏଗୁଡ଼ିକ ବିଶ୍ୱ ପାଇଁ ଭାରତରେ ଡିଜାଇନ ହେଉଛି। ବର୍ତ୍ତମାନର ଫୋକସ ଫାବ୍ ଏବଂ ପ୍ୟାକେଜିଂ ସୁବିଧା ସୃଷ୍ଟିରେ ରହିଛି, ଯାହା ପ୍ରାକୃତିକ ଅଭ୍ୟୁଦୟକୁ ପ୍ରତିନିଧିତ୍ୱ କରେ। ବିନିର୍ମାଣ କ୍ଷେତ୍ର ଊର୍ଦ୍ଧ୍ୱକୁ ଯାଇ ସେମିକଣ୍ଡକ୍ଟର୍ ଉତ୍ପାଦନକୁ ଫିଡ୍ କରୁଥିବା ରାସାୟନିକ, ଗ୍ୟାସ୍ ଏବଂ ବିଶେଷ ସାମଗ୍ରୀଗୁଡ଼ିକ ମଧ୍ୟ ସହାୟକ ହେଉଛି। ଏହା ଏକ ପୂର୍ଣ୍ଣ ଇକୋସିଷ୍ଟମ ସୃଷ୍ଟି କରେ, ତାହାକୁ କେବଳ କାରଖାନା ଭାବେ ଦେଖାଯାଇ ନ ପାରେ। ଏହି କ୍ଷେତ୍ରଗୁଡ଼ିକର ଅଭ୍ୟୁଦୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମୂଲ୍ୟଯୁକ୍ତ ଶୃଙ୍ଖଳର ସ୍ପଷ୍ଟ ବୁଝାମଣା ଦ୍ୱାରା ସମ୍ଭବ ହୋଇଛି।

## ବୁଦ୍ଧିମତ୍ତା ସହିତ ଭିତ୍ତିଭୂମି:

ପିଏମ୍ ଗତି ଶକ୍ତି ପୋର୍ଟାଲ ଜିଆଇଏସ୍ ପ୍ରଯୁକ୍ତି ବ୍ୟବହାର କରେ। ପ୍ରତ୍ୟେକ ଭିତ୍ତିଭୂମି ପ୍ରକଳ୍ପକୁ ଡିଜିଟାଲି ମ୍ୟାପ୍ କରାଯାଇଥାଏ। ସଡ଼କ, ରେଳପଥ, ବିମାନବନ୍ଦର ଏବଂ ବନ୍ଦରଗୁଡ଼ିକର ଏକକାଳୀନ ଯୋଜନା ସ୍ଥିର କରାଯାଏ। ସିଲୋରେ କାମ କରିବା ଆଉ ନାହିଁ। ଦୁର୍ବଳ ସମନ୍ୱୟ ଯୋଗୁ ବିଳମ୍ବ ଆଉ ନାହିଁ। ଇଣ୍ଡିଆ ଏଆଇ ମିଶନ ମାଧ୍ୟମରେ ୩୮,୦୦୦ରୁ ଅଧିକ ଜିପିୟୁ ବିଶ୍ୱମୂଲ୍ୟର ଏକ ତୃତୀୟାଂଶରେ ଉପଲବ୍ଧ ହେଲାଣି। ଏହା ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ସିଲିକନ୍ ଭ୍ୟାଲି ସ୍ତରର କମ୍ପ୍ୟୁଟି ପ୍ରତି ଘଣ୍ଟା ହାରରେ ୬୭ ଟଙ୍କାରେ ଦେଉଛି। ଏଆଇକୋଶ ପ୍ଲାଟଫର୍ମ ୨,୦୦୦ରୁ ଅଧିକ ଡେଟାସେଟ ହୋଷ୍ଟ କରେ, ଯାହା ପାଣିପାଗରୁ ମୃତ୍ତିକା ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ରହିଛି। ଏଗୁଡ଼ିକ ଭାରତର ଭାଷା, ଆଇନ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଫାଇନାନ୍ସ ପାଇଁ ବିକଶିତ ସ୍ୱଦେଶୀ LLMଗୁଡ଼ିକୁ ଦକ୍ଷ କରିପାରିବ।

ପ୍ରଧାନମନ୍ତ୍ରୀ ମୋଦୀଙ୍କର ପ୍ରଯୁକ୍ତି ଅଭିଜ୍ଞତା ଭାରତର ଅନନ୍ୟ ଏଆଇ ରେଗୁଲେଶନ ଦୃଷ୍ଟିକୋଣରେ ମଧ୍ୟ ପ୍ରତିଫଳିତ ହୁଏ। ସେ ବଜାର ଅଭିମୁଖୀ ନମୁନା କିମ୍ବା ରାଷ୍ଟ୍ର-ନିୟନ୍ତ୍ରିତ ଦୃଷ୍ଟିକୋଣରୁ ଭିନ୍ନ ଏକ ଅନନ୍ୟ ଟେକ୍ନୋ-ଲିଗାଲ ଫ୍ରେମ୍‌ୱର୍କ କଳ୍ପନା କରନ୍ତି। ଅଭିନବତ୍ୱକୁ ରୋକିପାରୁଥିବା କଠୋର ନିୟମାବଳୀ ବଦଳରେ ସରକାର ପ୍ରଯୁକ୍ତିଗତ ସୁରକ୍ଷାରେ ନିବେଶ କରନ୍ତି। ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟିଗୁଡ଼ିକ ଡିପ୍‌ଫେକ୍ସ, ବ୍ୟକ୍ତିଗତ ଅନ୍ତରଙ୍ଗଜନିତ ଉଦ୍‌ବେଗ ଏବଂ ସାଇବର ନିରାପତ୍ତା ବିପଦକୁ ସମ୍ଭାଳିବା ପାଇଁ ଏଆଇ ପରିଚାଳିତ ଟୁଲ୍ ବିକଶିତ କରନ୍ତି। ଏହି ଦୃଷ୍ଟିକୋଣ ଉଦ୍ଭାବନକୁ ପ୍ରୋତ୍ସାହିତ କରେ ଏବଂ ଦାୟିତ୍ୱପୂର୍ଣ୍ଣ ନିୟୋଜନକୁ ନିଶ୍ଚିତ କରେ।

## ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପାଇଁ ପ୍ରଯୁକ୍ତି:

କେଭଡିଆର ଷ୍ଟାଚ୍ୟୁ ଅଫ୍ ୟୁନିଟି ୧୮୨ ମିଟର୍ ଉଚ୍ଚ ଓ ତାହା ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି ଭାବେ ଉଭା ହୋଇଛି। ୩ଡି ମଡେଲିଂ ଓ ବ୍ରୋଞ୍ଜ୍ କ୍ଲାଡିଂ ପ୍ରଯୁକ୍ତି ବ୍ୟବହାର କରାଯାଇ ନିର୍ମିତ ହୋଇଥିବା ଏହି ଷ୍ଟାଚ୍ୟୁ ବାର୍ଷିକ ୫୮ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷଣ କରେ। ଏହି ପ୍ରକଳ୍ପ ଅନେକ ହଜାର ନିଯୁକ୍ତି ସୃଷ୍ଟି କରିଛି ଏବଂ କେଭଡିଆକୁ ଏକ ପର୍ଯ୍ୟଟନ ହବ୍‌ରେ ପରିଣତ କରିଛି।

୩୫୯ ମିଟର୍ ଉଚ୍ଚ ଚେନାବ ରେଳ ବ୍ରିଜ୍ କଶ୍ମୀରକୁ ଭାରତର ଅବଶିଷ୍ଟ ଅଂଶ ସହିତ ଯୋଡ଼ିବାରେ ସକ୍ଷମ ହୋଇଛି। ଆଇଜଲ ରେଳପଥରେ ଅଭିନବ ହିମାଳୟ ଟନେଲିଂ ପଦ୍ଧତି ବ୍ୟବହାର କରାଯାଇଛି। ଏହା ପାହାଡ଼ିଆ ଟନେଲ ଏବଂ ବ୍ରିଜ୍ ମଧ୍ୟରେ ଯାଇଛି। ଆଧୁନିକ ଇଞ୍ଜିନିୟରିଂ କୌଶଳରେ ନିର୍ମିତ ନୂଆ ପମ୍ବନ ବ୍ରିଜ୍ ଶତାବ୍ଦୀ ପୁରୁଣା ଢାଞ୍ଚାକୁ ବଦଳାଇଦେଇଛି। ଏଗୁଡ଼ିକ କେବଳ ଇଞ୍ଜିନିୟରିଂ ଚମତ୍କାରିତା ନୁହେଁ, ଏସବୁ ପ୍ରଯୁକ୍ତି ଓ ଦୃଢ଼ତା ମାଧ୍ୟମରେ ଭାରତକୁ ଯୋଡ଼ିବାରେ ମୋଦୀ ଜୀଙ୍କ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରନ୍ତି।

## ମାନବ ସଂଯୋଗ:

ପ୍ରଧାନମନ୍ତ୍ରୀ ମୋଦୀ ପ୍ରଯୁକ୍ତିକୁ ବୁଝନ୍ତି, କିନ୍ତୁ ତା'ଠାରୁ ଅଧିକ ସେ ଲୋକଙ୍କୁ ବୁଝିଛନ୍ତି। ତାଙ୍କର ଅନ୍ତ୍ୟୋଦୟ ଦୃଷ୍ଟିକୋଣ ପ୍ରତ୍ୟେକ ଡିଜିଟାଲ ଉଦ୍ୟମକୁ ପରିଚାଳିତ କରେ। ୟୁପିଆଇ ଏକାଧିକ ଭାଷାରେ କାର୍ଯ୍ୟ କରେ। ଅତ୍ୟନ୍ତ ଗରିବ କୃଷକଙ୍କର ସମାନ ଡିଜିଟାଲ ପରିଚୟ ଥାଏ, ଯେପରି ସବୁଠୁ ଧନୀ ଉଦ୍ୟୋଗପତିଙ୍କର ଅଛି। ସିଙ୍ଗାପୁରରୁ ଫ୍ରାନ୍ସ ପର୍ଯ୍ୟନ୍ତ ଦେଶଗୁଡ଼ିକ ୟୁପିଆଇ ସହିତ ଏକୀଭୂତ ହୋଇଛନ୍ତି। ସମାବେଶୀ ବିକାଶ ପାଇଁ ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର ଜରୁରୀ ବୋଲି ଜି୨୦ ମତ ଦେଇଥାଏ। ଜାପାନ ଏହା ପାଇଁ ଏକ ପେଟେଣ୍ଟ ଦେଇଛି। ଯାହା ଭାରତ ପାଇଁ ସମାଧାନ ଆଣିବା ନେଇ ଆରମ୍ଭ ହୋଇଥିଲା, ତାହା ବିଶ୍ୱର ଡିଜିଟାଲ ଗଣତନ୍ତ୍ରର ଟେମ୍ପଲେଟ୍ ହୋଇଗଲା।

ଗୁଜରାଟରେ ମୋଦୀଙ୍କ ଆଦ୍ୟ ପ୍ରୟୋଗରୁ ଡିଜିଟାଲ ଇଣ୍ଡିଆର ଶୁଭାରମ୍ଭ ଯାଏ ହୋଇଥିବା ଯାତ୍ରାରେ ପ୍ରଯୁକ୍ତିର ଶକ୍ତି ପ୍ରତିଟି ଜୀବନକୁ ପରିବର୍ତ୍ତନ କରିଥିବା ଦର୍ଶାଉଛି। ସେ ପ୍ରଯୁକ୍ତିକୁ ଶାସନର ବ୍ୟାକରଣ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଖାଇଛନ୍ତି ଯେ, ଯେତେବେଳେ ନେତାମାନେ ପ୍ରଯୁକ୍ତିକୁ ମାନବଜାତି ସହ ଆଲିଙ୍ଗନ କରନ୍ତି, ସମଗ୍ର ଦେଶ ଭବିଷ୍ୟତ ଆଡ଼କୁ ଲମ୍ଫ ପ୍ରଦାନ କରିପାରେ।

**– ଲେଖକ ରେଳ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ**

# ବିଜେଡି-ଭାଜପା ସମ୍ପର୍କ ବିଧାନସଭା ଅଧିବେଶନରୁ ସ୍ପଷ୍ଟ ହୋଇଛି: କଂଗ୍ରେସ

**ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)**

ଦୁର୍ନୀତି କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି କଡାକଡି ଗ୍ରହଣ କରାଯିବ ବୋଲି ସରକାର ଘୋଷଣା କରିଥିଲେ। କିନ୍ତୁ ସରକାର ବର୍ତ୍ତମାନ ଦୁର୍ନୀତିର କାଦୁଅରେ ବୁଡି ଯାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନ ଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମିଡିଆ ସେଲ୍ ଅଧକ୍ଷ ଅରବିନ୍ଦ ଦାସ କହିଛନ୍ତି, ବର୍ତ୍ତମାନ ସରକାରରେ ବସିଥିବା ଦଳ ବିଜେଡି ଶାସନ ସମୟରେ ଦୁର୍ନୀତିକୁ ବିରୋଧ କରୁଥିଲା ଓ କିଛି ଲୋକଙ୍କୁ ଜେଲ ପଠାଇବା ଉଚିତ ବୋଲି କହୁଥିଲା। କିନ୍ତୁ ସରକାରକୁ ଆସିଲା ପରେ ଦୁହିଦଳ ମଧ୍ୟରେ କଣ ସଲାସୁତୁରା ହେଲା ୫-ଟିଂକୁ ନେଇ ସରକାରଙ୍କ ମୁହଁରୁ ଆଉ ଗୋଟିଏ ଶବ୍ଦ ସୁଦ୍ଧା ବାହାରିଲା ନାହିଁ। ସରକାର ଆସିବା ପରେ ଦୁର୍ନୀତି ଉପରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ' ବୋଲି ମୁଖ୍ୟମନ୍ତ୍ରୀ ଏକାଧିକ ଥର ଘୋଷଣା କରିଆସିଛନ୍ତି। କିନ୍ତୁ ମନ୍ତ୍ରୀ ବିଧାୟକ ଖୋଲାଖୋଲି ଦୁର୍ନୀତି କରୁଛନ୍ତି ସେ ଅଭିଯୋଗ କରିଛନ୍ତି। ବିଜେଡି ଓ ଭାଜପା ମଧ୍ୟରେ ସମ୍ପର୍କ ଚଳିତ ବିଧାନସଭାରୁ ସ୍ପଷ୍ଟ ହୋଇଯାଇଛି। ସାର ଅଭାବକୁ ନେଇ କଂଗ୍ରେସ ମୁଲତବୀ ପ୍ରସ୍ତାବ ଆଗତ କଲା ବେଳକୁ ବିଜେଡି ଆଲୋଚନା ନ କରି ବିଧାନସଭା ଚଳାଇ ଦେଉନି ବୋଲି ସେ କହିଛନ୍ତି।

# ଟ୍ରେନ୍ ଦୁର୍ଘଟଣାରେ ଶିଶୁ ପୁତ୍ର ମୃତ, ମା' ଗୁରୁତର

**କାଳିଆପାଣି, ୨୦।୯ (ଅସିତ୍ ମହାନ୍ତ)**

ଯାଜପୁର ଜିଲାର ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ପାଖ ରେଳଧାରଣାରେ ଟ୍ରେନ ଦୁର୍ଘଟଣାରେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ହୋଇପଡ଼ିଛନ୍ତି। ଶନିବାର ଅପରାହ୍ନ ୪.୩୦ରେ ପୁବଳ ଗ୍ରାମର ବାସିନ୍ଦା କୁନି ବେହେରା (୪୨) ତାଙ୍କ ଦୁଇ ପିଲାଙ୍କୁ ନେଇ ରେଳଧାରଣାରେ ଚାଲି ଚାଲି ଆସୁଥିବା ବେଳେ ଏହି ଘଟଣା ଘଟିଥିଲା। କୁନିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଗୁରୁତର ହୋଇଯାଇଥିବାବେଳେ ଶିଶୁପୁତ୍ର ରେଳଧାରଣାରେ ପଡ଼ିଯାଇଥିଲେ। ଫଳରେ ଶିଶୁ ପୁତ୍ର ଟ୍ରେନରେ କଟି ପ୍ରାଣ



ହରାଇଛନ୍ତି। ମା' କୁନି ଓ ତାଙ୍କ ଝିଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। କୁନିଙ୍କୁ ରେଲୱେ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କରାଯାଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

# ଆଜି ପୈତୃକ ଗ୍ରାମରେ ଜର୍ଜ ତିର୍କୀଙ୍କ ଶେଷକୃତ୍ୟ

**ସୁନ୍ଦରଗଡ଼/ବଣାଇଁ/କୁଆଁରମୁଣ୍ଡା,୨୦।୯ (ଜୟ ନାରାୟଣ ମେଣ୍ଡୁଲି/ପ୍ରଦୀପ ତ୍ରିପାଠୀ/ମହେନ୍ଦ୍ର କୁମାର ସାହୁ)**

ଜଣାଶୁଣା ଆଦିବାସୀ ଓ ଶ୍ରମିକ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ସ୍ୱର୍ଗତ ତିର୍କୀଙ୍କ ମରଶରୀର ରବିବାର ସକାଳ ୮ ଟାରେ କୁଆଁରମୁଣ୍ଡା ବଜାରରେ ପହଞ୍ଚିବ।



ଜର୍ଜ ତିର୍କୀ

ଶୋଭାଯାତ୍ରାରେ ମରଶରୀରକୁ କୁଆଁରମୁଣ୍ଡା ବଜାର ସମେତ ତାଙ୍କ ବାସଭବନକୁ ନିଆଯିବ ଓ ସେଠାରୁ ଖୁନମୁରସ୍ଥିତ ତାଙ୍କର ଜନ୍ମମାଟିକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସ୍ୱର୍ଗତ ତିର୍କୀଙ୍କ ପୁଅ ତଥା ବର୍ତ୍ତମାନର ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀଙ୍କ ସମର୍ଥକମାନଙ୍କଠାରୁ ସୂଚନା ମିଳିଛି।

ସ୍ୱର୍ଗତ ତିର୍କୀ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୧୯୯୫, ୨୦୦୦, ୨୦୦୯ ଓ ୨୦୧୪ରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଭାରତୀୟ ଷ୍ଟେଟବ୍ୟାଙ୍କରୁ ଚାକିରି ଛାଡ଼ି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାରୁ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ।

# ହାତୀ ଚଲାପଥ କ୍ଷତିଗ୍ରସ୍ତ

**ଏନ୍‌ଜିଟିରେ ମାମଲା: ୨୦ ନଭେମ୍ବରରେ ଚୂଡାନ୍ତ ଶୁଣାଣି**

**ଯାଜପୁର,୨୦।୯(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ବଇରୀ ପଞ୍ଚାୟତ ଅନ୍ତର୍ଗତ ଝଟିଆପଡ଼ା ନିକଟରେ ମାଇଁ ହୋମ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ୍ ବା ମହା ସିମେଣ୍ଟ କାରଖାନା ନିର୍ମାଣ ଯୋଗୁ ହାତୀ ଚଲାପଥ କ୍ଷତିଗ୍ରସ୍ତ ହୋଇଥିବା ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଅଭିଯୋଗ ହୋଇଥିଲା। ଏହାସହିତ କିସମ ପରିବର୍ତ୍ତନ ନ କରି ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟ କରାଯାଇଛି ବୋଲି ଝଟିଆପଡା ଗ୍ରାମର ବିମଳ ହେମ୍ବ୍ରମ, ବିଶ୍ୱଜିତ ମହାନ୍ତି ଓ ଅନ୍ୟ ଗ୍ରାମବାସୀ କରିଥିବା ଅଭିଯୋଗ କ୍ରମେ ଏନ୍‌ଜିଟିରେ ୪୨/୨୦୨୪/ଇଜେଡ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏନ୍‌ଜିଟି ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମେତ ୯ ପ୍ରଶାସନିକ ଅଧିକାରୀ ଓ ମହା ସିମେଣ୍ଟର ଡିଜିଏମ୍‌ଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ୨୪।୮।୨୦୨୪ରେ ଏହାକୁ ସ୍ୱୀକାର କରିବା ସହ ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିଥିଲେ। ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଓ ଜୁଡିସିଆଲ ମେମ୍ବର ଆଫ୍ରୋଜ ଅହମ୍ମଦଙ୍କୁ ନେଇ ଗଠିତ ଖଣ୍ଡପୀଠ ୧।୯।୨୦୨୫ ଶୁଣାଣିରେ ଉକ୍ତ ଅଭିଯୋଗ ଉପରେ ଆହୁରି ବିଚାର ବିମର୍ଶ କରି ୨୦।୧୧।୨୦୨୫ରେ ଚୂଡାନ୍ତ ଶୁଣାଣି କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଗ୍ରାମବାସୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପାଇଁ ୧୦୨ ଏକର ଜମି ଅଧିଗ୍ରହଣ କରାଯାଇଥିବାବେଳେ କେବଳ ୬୦ ଏକର ଜମିର ପରିବେଶ ଅନୁମତି ନିଆଯାଇଛି। କାରଖାନାର ଦକ୍ଷିଣ ପାର୍ଶ୍ୱରେ ଥିବା ସୀମା କାନ୍ଥ ଜଙ୍ଗଲ ଜମିରେ ଅବସ୍ଥିତ। ଏହା ହାତୀମାନଙ୍କ ଏକ ନିୟମିତ ଚଲାପଥ। ତେଣୁ ଭବିଷ୍ୟତରେ ଏହି କାରଖାନା ହାତୀମାନଙ୍କ ଚଳପ୍ରଚଳ ପାଇଁ ଏକ ପ୍ରତିବନ୍ଧକ ସୃଷ୍ଟି କରିବ। ଫଳରେ ମଣିଷ-ହାତୀ ସଂଘର୍ଷ ଅଧିକ ହେବ। ଅଭିଯୋଗରେ ଆହୁରି ଉଲ୍ଲେଖ କରାଯାଇଛି ଯେ ଇଣ୍ଡିପେଣ୍ଡେଣ୍ଟ ରିଭ୍ୟୁ ଅର୍ଗାନାଇଜେଶନ (ଆଇଆର୍‌ଓ) ମଧ୍ୟ ଏନେଇ ପ୍ରଶ୍ନ ଉଠାଇଥିଲା। ଏହି ସିମେଣ୍ଟ କାରଖାନା ଯୋଗୁ ବିଶେଷକରି ହାତୀମାନେ ପିଇବା ଏବଂ ଗାଧୋଇବା ପାଇଁ ବ୍ୟବହାର କରୁଥିବା ଜଳାଶୟ ଅତି ପ୍ରଦୂଷଣ ହେବ, ଯାହାକି କମ୍ପାନୀର ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇନାହିଁ। ଏହାବାଦ ଏହି ସ୍ଥାନଟି କପିଳାଶ ବନ୍ୟପ୍ରାଣୀ ଅଭୟାରଣ୍ୟଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ। ଏଠାରୁ ୩ରୁ ୪କିମି ଦୂରରେ ଅବସ୍ଥିତ ପ୍ରମୋଦ ଉଦ୍ୟାନ ଜଙ୍ଗଲରେ ପ୍ରାୟ ବର୍ଷସାରା ହାତୀମାନେ ଆଶ୍ରୟ ନିଅନ୍ତି। ଏ ସଂକ୍ରାନ୍ତରେ ମହା ସିମେଣ୍ଟର ଉପଦେଷ୍ଟା ଦିଗାମ୍ବର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଜମି କିସମ ବାବଦ ଏବେ ସୁଦ୍ଧା ଦ୍ୱନ୍ଦ୍ୱରେ ରହିଛି। ହାତୀ ପଲ ଏପଟକୁ ଆଉ ଆଗ ଭଳି ଆସୁ ନାହାନ୍ତି।

# ଥାନାରେ ରାଜନଗର ବିଧାୟକଙ୍କ ଧାରଣା



ଧାରଣାରେ ବସିଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ।

**ରାଜନଗର,୨୦।୯(ଭାସ୍କର ରାଉତରାୟ)**

**ଦଳିତ ମହିଳା ସରପଞ୍ଚଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା**

ଦଳିତ ମହିଳା ସରପଞ୍ଚଙ୍କୁ ଘରେ ପଶି ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ନୀରବତାର ପ୍ରତିବାଦକରି ଶନିବାର ରାତି ପ୍ରାୟ ୯ଟାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଥାନା ବାରଣ୍ଡାରେ ଧାରଣାରେ ବସିଛନ୍ତି। ରାଜନଗର ଥାନା ଆଗରେ ୩ଦିନ ହେଲା ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ ନ୍ୟାୟ ପାଇଁ ଧାରଣାରେ ବସିଥିବା ବେଳେ ସରପଞ୍ଚଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆମ୍ବେଡକର ବିଚାର ଲୋହିଆ ମଞ୍ଚ ଥାନା ସମ୍ମୁଖ ଫାଟକ ଆଗରେ ଧାରଣାରେ ବସିଥିଲେ। ୩ ଦିନ ହେଲା ଧାରଣା ଜାରି ରହିଥିଲେ ମଧ୍ୟ ପୋଲିସ କାହିଁକି ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ରାଜନଗର ବ୍ଲକ୍ ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀଙ୍କୁ ଘରେ ପଶି ଆକ୍ରମଣ ନେଇ ଚଳିତ ମାସ ୬ ତାରିଖରେ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସଙ୍ଗିନ ଦଫାରେ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଆଜି ଯାଏ ଗିରଫ କରିନାହିଁ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୀକ୍ଷାକଲେ ଡିଜି

**ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ)**

ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଗସ୍ତରେ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶନିବାର ଡିଜିପି ୱାଇ.ବି. ଖୁରାନିଆ ବ୍ରହ୍ମପୁର ଗସ୍ତକରି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷାରେ ଯେପରି ତ୍ରୁଟି ନ ହୁଏ ସେନେଇ ଗୁରୁତ୍ୱାରୋପ କରାଯାଇଛି। ପ୍ରଧାନମନ୍ତ୍ରୀ ଗଞ୍ଜାମ ଗସ୍ତରେ ଆସି ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ ଏକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଥିବାରୁ ଡିଜି ରଙ୍ଗେଇଲୁଣ୍ଡା ଗସ୍ତ କରି ସଭାସ୍ଥଳ ସୁରକ୍ଷା, ଟ୍ରାଫିକ ସ୍ଥିତି ସମୀକ୍ଷା କରିଛନ୍ତି।




୨୦।୯।୨୦୨୫

| ୫,୩୦,୬୪୨ ଟଙ୍କା | |
|---|---|
| ସୁନା | ୫.୯୯୦ ଗ୍ରାମ୍ |
| ରୁପା | ୩୫୬.୭୦୦ ଗ୍ରାମ୍ |

# 'ସ୍ୱଚ୍ଛ ବେଳାଭୂମି, ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ'



କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବଲିଉଡ୍ ଅଭିନେତ୍ରୀ ଜୟାପ୍ରଦା ଏବଂ ଅନ୍ୟ ଅତିଥି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

## ଅନ୍ତର୍ଜାତୀୟ ସମୁଦ୍ରକୂଳ ସଫେଇ ଦିବସ ପାଳିତ

ପରିବେଶ ସୁସ୍ଥ ରହିଲେ ଜୀବଜଗତ ତିଷ୍ଠି ରହିବ। ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ପରିବେଶ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ଏଥିଲାଗି ଆମ ସମସ୍ତଙ୍କ ସହଯୋଗ, ଉଦ୍ୟମ ଏବଂ ସଂକଳ୍ପ ଜରୁରୀ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ଶନିବାର ପୂର୍ବାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଅନ୍ତର୍ଜାତୀୟ ସମୁଦ୍ରକୂଳ ସଫେଇ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଖୁଣ୍ଟିଆ ଯୋଗଦେଇ କହିଥିଲେ, ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ପାଇଁ ପୁରୀ ପ୍ରସିଦ୍ଧି ଲାଭ କରିଛି। ଏହାକୁ ନିରନ୍ତର ସ୍ୱଚ୍ଛ ରଖିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ। ଶିମିଳିପାଳ ଜୈବ ବିବିଧତା ଓ ସ୍ୱଚ୍ଛ ଅମ୍ଳଜାନ ପାଇଁ ପ୍ରସିଦ୍ଧି ଲାଭ କରିଛି। ଆମର ବିସ୍ତୃତ ୪୮୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ବେଳାଭୂମି ସମସ୍ତଙ୍କୁ ଆକର୍ଷିତ କରୁଛି। ଏହାକୁ ସୁସ୍ଥ, ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଆମ ଦାୟିତ୍ୱ। ବର୍ଜ୍ୟବସ୍ତୁ ପରିଚାଳନା ଆଜିର ସମୟରେ ସବୁଠାରୁ ବଡ଼ ଆହ୍ୱାନ ବୋଲି ମନ୍ତ୍ରୀ କହିବା ସହ ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଥିଲେ, ସ୍ୱଚ୍ଛତା ସମସ୍ତଙ୍କ ଆବଶ୍ୟକତା ଓ ଦାୟିତ୍ୱ। ଜଳ, ଜଙ୍ଗଲ, ଜମି ଓ ଜନ୍ତୁର ସୁରକ୍ଷା ପାଇଁ ସମସ୍ତେ ବିଶେଷକରି ଛାତ୍ରୀଛାତ୍ରମାନେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ପୂର୍ବତନ ଏମ୍‌ପି ତଥା ବଲିଉଡ୍ ଅଭିନେତ୍ରୀ ଜୟପ୍ରଦା କାର୍ଯ୍ୟକ୍ରମରେ ଯୋଗଦେଇ ପୁରୀର ସ୍ୱଚ୍ଛତା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା, ସ୍ୱଦେଶୀ ଓ ଶସ୍ତା କଥା ସୂଚନା ଦେଇ କହିଥିଲେ, ସ୍ୱଚ୍ଛ ରହିଲେ ସୁସ୍ଥ ରହିବା, ସ୍ୱଦେଶୀ ବ୍ୟବହାର ଦ୍ୱାରା ଆମ ଅର୍ଥନୀତି ସୁଦୃଢ଼ ହେବ ଏବଂ ବର୍ତ୍ତମାନ ଜିଏସ୍‌ଟି ହ୍ରାସ ହୋଇଥିବାରୁ ଲୋକେ ପ୍ରାୟ ସବୁ ଜିନିଷପତ୍ର ଶସ୍ତାରେ ପାଇବେ। ତେବେ ସୁସ୍ଥ ପରିବେଶ ପାଇଁ ଆମକୁ ସମର୍ପିତ ହେବାକୁ ପଡ଼ିବ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରଜତ ଅଗ୍ରୱାଲ, ରାଜ୍ୟ ପିସିସିଏଫ୍ ସୁରେଶ ପନ୍ତ, ପିସିସିଏଫ୍ (ୱାଇଲ୍ଡ ଲାଇଫ) ପ୍ରେମ୍ କୁମାର ଝା, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ ଉମା ନନ୍ଦୁରୀ ଅତିଥି ପରିଚୟ ଦେଇଥିବାବେଳେ ପୁରୀ ଡିଏଫ୍‌ଓ ମଗର ଧନଜରାଓସୋଧନ୍ୟବାଦଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରସ୍ତୁତ ଏକ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପୁରୀ ବେଳାଭୂମିକୁ ଅତିଥିମାନେ ସଫେଇ କରିଥିଲେ। ପୂର୍ବରୁ ଅତିଥିମାନେ ପେଣ୍ଟକଟା ବେଳାଭୂମି ସଫେଇରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।



ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ଅବସରରେ ଶନିବାର ପୁରୀ ପେଣ୍ଟକଟା ବେଳାଭୂମିରେ ସ୍ପନ୍ଦନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ଜୟାପ୍ରଦା, ଏମ୍‌ପି ସମ୍ବିତ ପାତ୍ର, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଏବଂ କୋଷ୍ଟଗାର୍ଡ ଅଧିକାରୀମାନେ ।

## ସଂକ୍ଷେପରେ

### ଆଜି ମହାଳୟା ଶ୍ରାଦ୍ଧ

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ମାସ ଅମାବାସ୍ୟାକୁ ପବିତ୍ର ମହାଳୟା ଭାବେ ବିଚେତନା କରାଯାଏ। ଆଶ୍ୱିନ ମାସ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ଧରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ପିଣ୍ଡ ଦିଆଯାଇଥାଏ। ତେବେ ଯେଉଁମାନେ ଏହି ଦିନଗୁଡ଼ିକରେ ପିଣ୍ଡ ଦେଇପାରି ନ ଥାନ୍ତି, ସେମାନେ ଏହି ମହାଳୟା ତିଥିରେ ଶ୍ରାଦ୍ଧ ଦେଇଥାନ୍ତି। ଶ୍ରାଦ୍ଧ ପ୍ରଦାନ ପାଇଁ ଉକ୍ତ ଦିନଟି ସର୍ବଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ପିତୃଗଣଙ୍କୁ ସନ୍ତୁଷ୍ଟିର ପର୍ବ ଭାବେ ମହାଳୟାକୁ ବିବେଚନା କରାଯାଏ। ପିତୃପକ୍ଷରେ ପ୍ରଦାନ କରାଯାଉଥିବା ଶ୍ରାଦ୍ଧକୁ ମଉଳା ଶ୍ରାଦ୍ଧ ବୋଲି କୁହାଯାଏ। ରବିବାର ମହାଳୟା ପଡୁଥିବାରୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ନିକଟରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ସହ ସେମାନଙ୍କ ଆତ୍ମାର ସଦ୍‌ଗତି କାମନା କରିବେ। ଆଜିର ଦିନରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହେବାର ବିଶ୍ୱାସ ରହିଛି। ପିଣ୍ଡଦାନ ଓ ତର୍ପଣ ଦ୍ୱାରା ପିତୃପୁରୁଷ ଶାନ୍ତି ଲାଭ କରିବା ସହ ଆଶୀର୍ବାଦ ପ୍ରଦାନ କରିଥାନ୍ତି ବୋଲି କୁହାଯାଏ। ମହାଳୟା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

### ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ

ଅସ୍ତରଙ୍ଗ,୨୦।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ଶନିବାର ପୂର୍ବାହ୍ନରେ ଅସ୍ତରଙ୍ଗ ନୋଡାଲ୍ ବିଦ୍ୟାପୀଠ ଓ ଅପରାହ୍ନରେ ଅସ୍ତରଙ୍ଗ ବ୍ଲକ ପରିସରରେ ମକ୍‌ଡ୍ରିଲ କରାଯାଇଛି। ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ଷ୍ଟେଶନ ଅଧିକାରୀ ପ୍ରହଲ୍ଲାଦ ରାଓଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ଆଗ୍ନିକମାନେ ନିଆଁ ଲାଗିଲେ ଲିଭାଇବାର କୌଶଳ, ଅଗ୍ନି ଦୁର୍ଘଟଣାରୁ ରକ୍ଷା କୌଶଳ, ଉଚ୍ଚ ଅଟାଳିକାରୁ ପୀଡ଼ିତଙ୍କୁ ଉଦ୍ଧାର କାର୍ଯ୍ୟ, ନିଆଁ ନ ଲାଗିବା ସତର୍କତା ଆଦି ସମ୍ପର୍କରେ ମକ୍‌ଡ୍ରିଲ ପ୍ରଦର୍ଶନ କରିଥିଲେ। ଏହାସହ ରୋଷେଇ କରୁଥିବା ସମୟରେ ହଠାତ୍ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲେ କିଭଳି ନିଆଁକୁ ଲିଭାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ତାଲିମ୍ ପ୍ରଦାନ କରିଥିଲେ। ଅଗ୍ନିକାଣ୍ଡ ସମୟରେ ଅଗ୍ନିନିର୍ବାପକ ଯନ୍ତ୍ର କିଭଳି ବ୍ୟବହାର କରିବେ ସେ ସମ୍ପର୍କରେ ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀମାନଙ୍କୁ ପ୍ରଦର୍ଶନଗତ ଶିକ୍ଷା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଗ୍ନିକ ସାରଦା ପ୍ରସନ୍ନ ସ୍ୱାଇଁ, ସଂଗ୍ରାମ କେଶରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଲବଣ ସତ୍ୟାଗ୍ରହ ପୀଠ ପରିଦର୍ଶନ କରିବେ ରାଜ୍ୟପାଳ

ଅସ୍ତରଙ୍ଗ,୨୦।୯(ମମତା ଜେନା)

ଅସ୍ତରଙ୍ଗ ନିକଟସ୍ଥ ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡ଼ି ସଂଗ୍ରାମୀ ପୀଠକୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଆସନ୍ତା ଅକ୍ଟୋବର ମାସ ମଧ୍ୟରେ ଗସ୍ତ କରିବା ପାଇଁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମୀୟ କୁମାର ପଟ୍ଟନାୟକ ଏକ କାର୍ଯ୍ୟକ୍ରମରେ ରାଜଭବନଠାରେ ରାଜ୍ୟପାଳଙ୍କ ସହିତ ଆଲୋଚନା କରି ଅନୁରୋଧ କରିଛନ୍ତି। ଉକ୍ତ ପ୍ରସ୍ତାବକୁ ରାଜ୍ୟପାଳ ସାଦରରେ ଗ୍ରହଣ କରିଥିବା ପଟ୍ଟନାୟକଙ୍କଠାରୁ ପ୍ରକାଶ। ଏଥିପାଇଁ ନିକଟ ଭବିଷ୍ୟତରେ ସ୍ମୃତି କମିଟି ପକ୍ଷରୁ ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ କୁହୁଡ଼ି ଗ୍ରାମବାସୀଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସଭାପତି ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ, ମଣିପୁରର ପୂର୍ବତନ ରାଜ୍ୟପାଳ ଚିନ୍ତାମଣି ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ସାଧୀନତା ସଂଗ୍ରାମୀ, ଜନନେତା, ଏମ୍‌ପି, ମନ୍ତ୍ରୀ ଓ ବିଧାୟକ ଏହି ପୀଠକୁ ଗସ୍ତକରି କୁହୁଡ଼ିର ବୀରତ୍ୱ ମାଟିକୁ ସମ୍ମାନ ପ୍ରଦାନ କରିଥିବାରୁ ଏହି ଅଞ୍ଚଳବାସୀ ସେମାନଙ୍କ ନିକଟରେ ଚିରକୃତଜ୍ଞ। ଏ ଦିଗରେ ସ୍ଥାନୀୟ ସମସ୍ତ ଲୋକ ପ୍ରତିନିଧି, ଜିଲା ଓ ବ୍ଲକ ପ୍ରଶାସନର ସମସ୍ତ ବିଭାଗର ସମୟୋଚିତ ଓ ସମନ୍ୱୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପଟ୍ଟନାୟକ ପ୍ରଶାସନକୁ ଅନୁରୋଧ କରିଛନ୍ତି।


ରାଜଭବନରେ ରାଜ୍ୟପାଳଙ୍କୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କର୍ମକର୍ତ୍ତା ସାକ୍ଷାତ କରୁଛନ୍ତି ।

## ବିସ୍ଥାପିତ ଉଠାଦୋକାନୀଙ୍କୁ ଥଇଥାନ ଦାବି

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ତରଫରୁ ଶନିବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୨୦୮ ବିସ୍ଥାପିତ ଦୋକାନୀଙ୍କ ଥଇଥାନ ନିମନ୍ତେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୨୦୮ଦୋକାନୀଙ୍କୁ ପ୍ରଥମେ ବିସ୍ଥାପିତ କରାଯାଇଥିଲା। ଅବଢ଼ା ଯୋଜନା ମାଧ୍ୟମରେ ଥଇଥାନ ଲାଗି ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ସେହି ପରିପ୍ରେକ୍ଷୀରେ ଦ୍ୱିତୀୟ ପର୍ଯ୍ୟାୟ ଓ ତୃତୀୟ ପର୍ଯ୍ୟାୟ ମେଡିକାଲ ଛକ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ବିସ୍ଥାପିତ କରାଗଲା। କିନ୍ତୁ ଏପର୍ଯ୍ୟନ୍ତ ୨୦୮ଦୋକାନୀଙ୍କୁ ଥଇଥାନ କରାଗଲା ନାହିଁ। ସେମାନେ ସରକାରୀ ସହାୟତା ଓ ଥଇଥାନ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଯଥାଶୀଘ୍ର ସେମାନଙ୍କ ଚିହ୍ନଟ ପ୍ରକ୍ରିୟା ଶେଷ କରି ପୁନଃ ଥଇଥାନ ଓ ସହାୟତା ରାଶି ପ୍ରଦାନ କରାଗଲେ ସମସ୍ତ ଦୋକାନୀ ଉପକୃତ ହେବେ।

# ଯୌତୁକ ପାଇଁ ନିର୍ଯାତନା, ସ୍ତ୍ରୀ ଥାନାର ଦ୍ୱାରସ୍ଥ

ବଲଙ୍ଗା,୨୦।୯(କେଦାରେଶ୍ୱର ନନ୍ଦ)

ଯୌତୁକ ଦାବିରେ ସ୍ତ୍ରୀକୁ ନିର୍ଯାତନା ଦେଇ ଜୀବନରେ ମାରିଦେବାକୁ ଉଦ୍ୟମ କରିବା ଓ ଆଉଥରେ ବିବାହ କରିବା ପାଇଁ ଶ୍ୱଶୁର ଘର ଗାଁ ମୁଣ୍ଡକୁ ଡାକି ସ୍ତ୍ରୀକୁ ଆକ୍ରମଣ କରି ଆସିବା ନେଇ ସ୍ତ୍ରୀ ବଲଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ବଲଙ୍ଗା ଥାନା ବାଙ୍ଗୁଶ ଶାସନ ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କ ଝିଅ ଝରଣା ମଲ୍ଲିକ କୋଣାର୍କ ଥାନା ଉପୁଳା ଗ୍ରାମର କ୍ଷୀରେନ୍ଦ୍ର ମଲ୍ଲିକଙ୍କ ସାନ ପୁଅ ପିଣ୍ଟୁ ମଲ୍ଲିକଙ୍କ ସହିତ ୨୦୨୧ ମସିହାରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ୨ବର୍ଷ ପରେ ପିଣ୍ଟୁ ଝରଣାଙ୍କୁ କହିଥିଲେ ଯେ, ଆଉ ବାହାରକୁ ଯିବି ନାହିଁ। ତୁମ ଘରୁ ୩ ଲକ୍ଷ ଟଙ୍କା ଆଣ ମୁଁ ବ୍ୟବସାୟ କରିବି। ଝରଣା କହିଥିଲେ ଯେ, ମୋ ବାପା ମରିଯାଇଛନ୍ତି, ଭାଇମାନେ ଚାଷ କରି ଗୁଜୁରାଣ ମେଣ୍ଟାଉଛନ୍ତି, ସେମାନେ କୋଉଠୁ ଟଙ୍କା ଦେବେ। ଏତିକି କହିବା ପରେ ପିଣ୍ଟୁ ଝରଣାଙ୍କୁ ତଳେ ପକାଇ ମାଡ଼ ମାରିଥିଲେ। କିଛିଦିନ ପରେ ପିଣ୍ଟୁ ଝରଣାଙ୍କ ଦେହରେ ଗରମ ପାଣି ଢାଳିଦେବାରୁ ଏ କଥା ଝରଣା ତାଙ୍କ ବାପଘରେ ଜଣାଇବାରୁ ଭାଇମାନେ ଯାଇ ଭଉଣୀକୁ ଘରକୁ ନେଇ ଆସିଥିଲେ। ଝରଣା ବାପଘରେ ଥିବାବେଳେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଝରଣାଙ୍କ ଗାଁ ମୁଣ୍ଡକୁ ଯାଇ ପିଣ୍ଟୁ ଟେଲିଫୋନ୍ କରି ଡାକିଥିଲେ। ଝରଣା ପିଣ୍ଟୁଙ୍କ ନିକଟରେ ପହଞ୍ଚିବା ପରେ କହିଥିଲେ ଯେ, ମୁଁ ଗୋଟେ ଝିଅକୁ ଭଲ ପାଉଛି, ବାହା ହେବି। ଝରଣା ଏଥିରେ ପ୍ରତିବାଦ କରିବାରୁ ପିଣ୍ଟୁ ତାଙ୍କୁ ମାଡ଼ ମାରିଥିଲେ। ପରେ ଝରଣା ଏହି ଘଟଣାରେ ନ୍ୟାୟ ପାଇବା ପାଇଁ ବଲଙ୍ଗା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପାଇବା ପରେ ବଲଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ୨୦୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ନାରୀ ସୁସ୍ଥ ହେଲେ ପରିବାର ସୁସ୍ଥ ରହିବ

କାକଟପୁର/ଅସ୍ତରଙ୍ଗ,୨୦।୯ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁର ବ୍ଲକ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଏକ ସ୍ୱତନ୍ତ୍ର ଚିକିତ୍ସା ଶିବିର ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଯୋଗଦେଇ କହିଥିଲେ, ନାରୀ ସୁସ୍ଥ ହେଲେ ପରିବାର ସୁସ୍ଥ ରହିବ। ସେଥିପାଇଁ ଏହି ଅଭିଯାନକୁ ସମସ୍ତଙ୍କ ସହଯୋଗରେ ଶତପ୍ରତିଶତ ସଫଳ କରିବାକୁ ହେବ। ସମାଜର ସବୁବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା କରାଯିବ ବୋଲି ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ. ନାରାୟଣ ପ୍ରସାଦ ନନ୍ଦ କହିଥିଲେ। ଶିବିରରେ ୧୯ ୟୁନିଟ୍ ରକ୍ତସଂଗ୍ରହ କରାଯାଇଥିଲା। ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇବା ସହ ସମାଜକୁ ସକାରାତ୍ମକ ଭାବେ ପ୍ରଭାବିତ କରୁଥିବା ପଦକ୍ଷେପକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶାନ୍ତିଭୂଷଣ ଜେନା ଆଲୋକପାତ କରିଥିଲେ।

## ବିଦ୍ୟାଳୟ ପରିସରରେ ଚାରାରୋପଣ

ଅସ୍ତରଙ୍ଗ,୨୦।୯(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ସୁହାଗପୁର ପଞ୍ଚାୟତର (ଦରଜୀସାହି) ଧୋବେଇ ସାହୁ ଉଚ୍ଚ ବିଦ୍ୟାଳୟ ପରିସରରେ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରକାଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଶିକ୍ଷକ ପାର୍ଥ ସାରଥି ପାଢ଼ୀ, ବିଷ୍ଣୁ ସାହୁ, ପ୍ରମୋଦ କୁମାର ଦାସ, ଶେଖ ବାହାଦୁର ଅଲ୍ଲୀ, ଶିକ୍ଷୟିତ୍ରୀ ପ୍ରଗତୀବାଳା ପଣ୍ଡା, ପ୍ରଶାନ୍ତ କୁମାର ସିଂ, ସ୍ଥାନୀୟ ସରପଞ୍ଚ ଶେଖ୍ ଅବୁ ତାହାର ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହଯୋଗରେ ୨ଶହରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଆଗକୁ ବିଦ୍ୟାଳୟକୁ ସରସ ସୁନ୍ଦର କରିବା ପାଇଁ ବୃକ୍ଷ ରୋପଣ କରାଯିବ ବୋଲି ପ୍ରଧାନଶିକ୍ଷକ ସାହୁ ଉଦ୍ୟମ ଜାରି ରଖିଛନ୍ତି।

# ଜାତୀୟ ଆୟୁର୍ବେଦ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

୧୦ମ ଜାତୀୟ ଆୟୁର୍ବେଦ ଦିବସ ଉପଲକ୍ଷେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ଶନିବାର ପୁରୀ ବାର୍ ଆସୋସିଏଶନ ଠାରେ ପ୍ରଫେସର୍ ଡା. ବିପିନ ବିହାରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨୩ରେ ଏହା ଦେଶବ୍ୟାପୀ ଆନୁଷ୍ଠାନିକ ଭାବେ ପାଳନ କରାଯିବ। ଏହି ସ୍ୱାସ୍ଥ୍ୟ ଶିବିରରେ ରକ୍ତଚାପ, ଓଜନ, ଉଚ୍ଚତା, ଶାରୀରିକ ଦ୍ରବ୍ୟମାନ ସୂଚକ ସହିତ ବିନା ସମୟରେ ରକ୍ତ ଶର୍କରା ପରିମାପ କରାଯାଇଥିଲା। ଡା. ଭାରତୀଲତା ଆଚାର୍ଯ୍ୟ ଏବଂ ଡା. ସୂର୍ଯ୍ୟକାନ୍ତ ବିଭିନ୍ନ ରୋଗରେ ଆୟୁର୍ବେଦିକ ଉପଚାର ସହ ଲୋକ ଏବଂ ପୃଥିବୀ ପାଇଁ ଆୟୁର୍ବେଦର ଅବଦାନ ବିଷୟରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ। ଡା. ବିଜୟଶ୍ରୀ ଶତପଥୀଙ୍କ ଦ୍ୱାରା ମେଦବହୁଳତା ଏବଂ ଦୈନନ୍ଦିନ ଜୀବନରେ ଯୋଗ ଏବଂ ପ୍ରାଣାୟାମର ଉପକାରିତା ସହ ମଧୁମେହ ରୋଗୀଙ୍କୁ ସଚେତନତା ପୂର୍ବକ ଦୈନିକ ଖାଦ୍ୟ ତାଲିକା ଯୋଗାଇ ଦେଇଥିଲେ। ସ୍ନାତକୋତ୍ତର ଛାତ୍ରୀଛାତ୍ର ଡା. ଲିଜିନା ସ୍ୱାଇଁ, ଡା. ସୋନାଲି ମିଶ୍ର, ଡା. ସୌମ୍ୟଦତ୍ତ ସାମନ୍ତରାୟ, ଡା. ସତ୍ୟନାରାୟଣ ସାହୁ, ଡା. ଅବିନାଶ ବେହୁରା ଏବଂ ଡା. ହିମାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା।

# ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ଅକ୍ଟୋବର ୨ରେ ପୁରୀ ଜିଲାସ୍ତରୀୟ ମହାତ୍ମାଗାନ୍ଧୀଙ୍କ ୧୫୬ତମ ଏବଂ ଲାଲବାହାଦୂର ଶାସ୍ତ୍ରୀଙ୍କ ୧୨୧ତମ ଜୟନ୍ତୀ ପାଳନ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଦୁଇ ମହାପୁରୁଷଙ୍କ ଜୟନ୍ତୀକୁ ସୁଚାରୁରୂପେ ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ସମସ୍ତ ବିଭାଗକୁ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଅକ୍ଟୋବର ୨ତାରିଖ ପ୍ରତ୍ୟୁଷ ୪ଟା ୩୦ରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ସକାଳ ୭ଟା ୩୦ରେ ଗାନ୍ଧୀଘାଟରେ ମହାତ୍ମାଗାନ୍ଧୀଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପରେ ସଦ୍‌ଭାବନା ସଭାଗୃହରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଜୟନ୍ତୀ ସଭା ହେବ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ମିଷ୍ଟାନ୍ନ ବଣ୍ଟାଯିବ। ପୌରପାଳିକା ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯିବ। ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଦ୍ୟୁତିକାନ୍ତ ପ୍ରଧାନ, ସର୍ବୋଦୟ ମେଳା ସମିତି ସମ୍ପାଦକ ଶିବ ପ୍ରସାଦ ମିଶ୍ର,ୱାଟ୍‌କୋ ଅଧିକାରୀ କମଳାକାନ୍ତ ବେହେରା, ସମାଜ କଲ୍ୟାଣ ବିଭାଗ ସେକ୍ସନ ଅଫିସର ଡି.ପି.ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱାଗତ କରିବା ସହ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଜିଲାରେ ଗୋ ଅଭୟାରଣ୍ୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଗୋସମ୍ପଦ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରିରହିଛି। ଏହି ଅନୁଯାୟୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ପଶ୍ଚିମବଙ୍ଗ ଭାଜପାର ଉପସଭାପତି ସୌମିତ କୁମାର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ଟୁଡୁଙ୍କ ନେତୃତ୍ୱରେ ଏକ ଟିମ୍ ପୁରୀ ଆସି ଗୋବିନ୍ଦ ଗୋଧାମ ଗୋଶାଳାର ପ୍ରତିଷ୍ଠାତା ରାମଭଦ୍ରାଚାର୍ଯ୍ୟଙ୍କ ଓଡ଼ିଶା ମୁଖ୍ୟ ପ୍ରଭାରୀ ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଙ୍କ ସହିତ ଆଲୋଚନା କରିଛନ୍ତି। ଓଡ଼ିଶାର ବିଭିନ୍ନ ଜିଲାରେ ଥିବା ସରକାରୀ ଜଙ୍ଗଲରେ ସ୍ୱତନ୍ତ୍ର ରୂପେ ନିର୍ଦ୍ଦିଷ୍ଟ ଯାଗାରେ ଗୋ ଅଭୟାରଣ୍ୟ ପ୍ରତିଷ୍ଠା କରାଯାଇ ଗୋମାତାଙ୍କୁ ସୁରକ୍ଷିତ ରଖାଯିବାକୁ ପଣ୍ଡା ପ୍ରସ୍ତାବ ଦେଇଛନ୍ତି। ସେଥିପାଇଁ ସରକାରୀ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଫଳରେ ସରକାର ଗୋ ଚାଲାଣ ରୋକିପାରିବେ। ଏହି ପ୍ରସ୍ତାବକୁ ଟୁଡୁ ଗ୍ରହଣ କରିବା ସହିତ ମୁଖ୍ୟମନ୍ତ୍ରୀ ଏବଂ ପ୍ରାଣୀସମ୍ପଦ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବ ବୋଲି କହିଛନ୍ତି। ସେହିଭଳି ପୁରୀରେ ଥିବା ବଙ୍ଗାଳୀ ସମ୍ପ୍ରଦାୟଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଭାଜପା ନେତା ସମୀର ଚାନ୍ଦ, ମହିଳା ମୋର୍ଚ୍ଚା ରାଜ୍ୟ ସଦସ୍ୟା ରଞ୍ଜିତା ପାଢ଼ୀ, ପୁରୀ ସିଂହଦ୍ୱାର ମଣ୍ଡଳର ସୋମା ଦାଶ, ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସହ ଗୋବିନ୍ଦ ଗୋ ଧାମ ମୁଖ୍ୟ ଆଲୋଚନା କରୁଛନ୍ତି।

# ଚନ୍ଦ୍ରଭାଗା ବେଳାଭୂମି ସଫା ରଖିବାକୁ ଶପଥ

କୋଣାର୍କ,୨୦।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ସମୁଦ୍ର ଉପକୂଳରେ ଶନିବାର ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ଅବସରରେ ଏକ ମେଗା ସଫେଇ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। ଏଥିରେ ବେଳାଭୂମିକୁ ସଫା ରଖିବାକୁ ସମସ୍ତେ ଶପଥ ନେଇଥିଲେ। ରାଜ୍ୟ ପ୍ରଦୂଷଣ ବୋର୍ଡ, କୋଣାର୍କ ବନ ବିଭାଗ, ପୁରୀ ଜିଲା ଶିକ୍ଷା ବିଭାଗ, ଜାତୀୟ ସବୁଜ ବାହିନୀ, ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଜୁନିଅର ରେଡକ୍ରସର ମିଳିତ ସହଯୋଗରେ ଚନ୍ଦ୍ରଭାଗା ସମୁଦ୍ର ଉପକୂଳରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ଅଧିକାରୀ ସ୍ମୃତିରଞ୍ଜନ ପ୍ରଧାନ, ସତିଶ୍ରୀ ସାମଲ, ସଞ୍ଜୀବ କୁଅଁର, ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ଖିଲାର, ଜାତୀୟ ସବୁଜ ବାହିନୀର ରାମକୃଷ୍ଣ ମହାନ୍ତି, ରେଡ୍‌କ୍ରସର କାଉନ୍‌ସିଲର ପ୍ରଦୀପ ପ୍ରଧାନ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ ଚାନ୍ଦ, ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରମୁଖ ଉଦ୍‌ବୋଧନ ଦେଇ ଆମ ଚନ୍ଦ୍ରଭାଗା ବେଳାଭୂମି ପରିବେଶକୁ ସଫା ରଖିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୋଣାର୍କ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମାନସ ମୁଦୁଲି, ତେଜସ ମହାନ୍ତି, ଦିଲୀପ ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, କଳ୍ପନା ପାତ୍ର, ସୁଲୋଚନା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।


ଚନ୍ଦ୍ରଭାଗା ବେଳାଭୂମି ସଫେଇ କରାଯାଉଛି ।

## ସଂକ୍ଷେପରେ

### ମହଙ୍ଗା ପଡ଼ିଲା ଯୁବତୀଙ୍କ ରିଲ୍ସ କରିବା, ଅଟକ ୩ ଯୁବକ

ବାରଙ୍ଗ,୨୦।୯(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨ ଯୁବତୀଙ୍କ ପ୍ରାଙ୍କ ଭିଡିଓ ଓ ରିଲ୍ସ କରିବା ୩ ଜଣ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଏନେଇ ସମ୍ପୃକ୍ତ ଯୁବକମାନଙ୍କୁ ଶନିବାର ପୋଲିସ ଥାନାରେ ଅଟକ ରଖିଛି। ସେମାନଙ୍କଠାରୁ ୫ଟି ମୋବାଇଲ ଜବତ କରିଛି।

ସୂଚନାଯୋଗ୍ୟ, ଶନିବାର ପ୍ରାଣୀ ଉଦ୍ୟାନର ପ୍ରବେଶ ପଥରେ ପର୍ଯ୍ୟଟକମାନଙ୍କ ଗହଳି ଲାଗିରହିଥିଲା। ଏହି ସମୟରେ ୩ଜଣ ଯୁବକ ବାରଙ୍ଗ–ଭୁବନେଶ୍ୱର ମୁଖ୍ୟ ରାସ୍ତାରୁ ନନ୍ଦନକାନନକୁ ସଂଯୋଗ ହୋଇଥିବା ପ୍ରବେଶପଥ ଆଗରେ ୨ଜଣ ଯୁବତୀଙ୍କ ଭିଡିଓ ସେମାନଙ୍କ ଅଜାଣତରେ ଉତ୍ତୋଳନ କରିଥିଲେ। ଏହି ଭିଡିଓକୁ ପ୍ରାଙ୍କ ଭିଡିଓ କରିବା ସହ ରିଲ୍ସ କରୁଥିଲେ। ନିୟୋଜିତ ଥିବା ନନ୍ଦନକାନନର ସୁରକ୍ଷା କର୍ମଚାରୀ ରତିକାନ୍ତ ଭୋଇ ଓ ଗତିକୃଷ୍ଣ ସାହୁ ଯୁବକଙ୍କ ଏଭଳି ଘଟଣାଦେଖି ସେମାନଙ୍କୁ କାବୁ କରିଥିଲେ। ଏସମ୍ପର୍କରେ ସମ୍ପୃକ୍ତ ଯୁବତୀ ଦ୍ୱୟଙ୍କୁ ପଚାରିବାରୁ ସେମାନେ ଏହି ଯୁବକମାନଙ୍କୁ ଚିହ୍ନି ନ ଥିବା କହିଥିଲେ। ପରେ ସୁରକ୍ଷା କର୍ମୀମାନେ ଯୁବକମାନଙ୍କ ମୋବାଇଲରୁ ଉକ୍ତ ଭିଡ଼ିଓ ଡିଲେଟ କରିବା ସହ ପୋଲିସରେ ଖବର ଦେଇଥିଲେ।

### ବଜାରରୁ ହଟିବ ଜବରଦଖଲ, ୧୪ଦୋକାନୀଙ୍କୁ ନୋଟିସ

ବାଲକାଟୀ, ୨୦।୯(ମନୋଜ ମଣ୍ଡଳ)

ବାଲକାଟୀ ବଜାର ନିକଟସ୍ଥ କଲେଜ ରୋଡ଼ରୁ ଜବରଦଖଲ ଉଠାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ୧୪ ଜଣ ଜବର ଦଖଲକାରୀ ଦୋକାନୀଙ୍କୁ ଶନିବାର ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି। ଜବରଦଖଲକାରୀମାନେ ଆସନ୍ତା ମଙ୍ଗଳବାର ତହସିଲରେ ଉପସ୍ଥିତ ରହି ନିଜ ପକ୍ଷ ରଖିବାକୁ ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ବଜାର ନିକଟସ୍ଥ କଲେଜ ରାସ୍ତା ଦେଇ ଦୈନିକ ଶହ ଶହ ଯାନ ବାହନ ଯାତାୟାତ ହୋଇଥାଏ। ମାତ୍ର ଏହି ମୁଖ୍ୟ ରାସ୍ତାକୁ ଦଖଲ କରି କେତେଜଣ ଦୋକାନୀ ନିଜର ବ୍ୟବସାୟ କରୁଛନ୍ତି। ଫଳରେ ଟ୍ରାଫିକ ଜାମ୍ ହେଉଛି। ଏଥିଯୋଗୁ ଯାତାୟାତରେ ବ୍ୟାଘାତ ହେବାସହ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ଦେଖି ତହସିଲ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଦୋକାନୀମାନଙ୍କୁ ନୋଟିସ ଜାରି କରାଯାଇଛି।

### ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଜୟନ୍ତୀ

ବାଲିପାଟଣା,୨୦।୯(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅନ୍ତର୍ଗତ ଦଳକଷୋଟିର ନୀଳକଣ୍ଠ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରତିଷ୍ଠାତା ନିତ୍ୟାନନ୍ଦ ପରିଡ଼ାଙ୍କ ୯୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁଙ୍କ ପୌରୋହିତ୍ୟରେ ଏକ ସାଧାରଣ ସଭା ହୋଇଥିଲା। ନିତ୍ୟାନନ୍ଦ ଫାଉଣ୍ଡେଶନ ପକ୍ଷରୁ କର୍ନେଲ ଲକ୍ଷ୍ମୀଧର ପରିଡ଼ା, ସଭାପତି ସଞ୍ଜୁକ୍ତା ପରିଡ଼ା, ସମ୍ପାଦକ ନିରଞ୍ଜନ ପରିଡ଼ା, ରଜନୀକାନ୍ତ ମହାପାତ୍ର, ଦୀନକୃଷ୍ଣ ଜେନା, ବେଣୁଧର ପରିଡ଼ା, ପବିତ୍ର ପରିଡ଼ା, ପ୍ରଦୀପ୍ତ ପରିଡ଼ା, ପୂର୍ବତନ ପ୍ରଧାନଶିକ୍ଷକ ରତ୍ନାକର ବେହେରା, ଆଲୁମ୍ନି ସଭାପତି ରତିକାନ୍ତ ବେହେରା ଏବଂ ଏସ୍ଏମ୍ସି ସଭାପତି ସୁଶାନ୍ତ ପାଢ଼ୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମାଟି, ବୃକ୍ଷ, ମଣିଷ, ପ୍ରାଣୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ

## ଓୟୁଏଟିରେ ଦ୍ୱିତୀୟ ପ୍ରଫେସର ଜି. ଏନ. ମିତ୍ର ସ୍ମାରକୀ ବକ୍ତୃତା




ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)

ମୃତ୍ତିକା ବିଜ୍ଞାନ ସମିତି ଭୁବନେଶ୍ୱର ଶାଖା ଏବଂ ମୃତ୍ତିକା ବିଜ୍ଞାନ ଓ କୃଷି ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଦ୍ୱିତୀୟ ପ୍ରଫେସର ଜ୍ଞାନେନ୍ଦ୍ରନାଥ ମିତ୍ର ସ୍ମାରକୀ ବକ୍ତୃତା ଶନିବାର ଓୟୁଏଟିସ୍ଥିତ କୃଷି ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପିପିବି ଆଣ୍ଡ ଏଫ୍ଆର୍ଏର ଚେୟାରପର୍ସନ ଡ. ତ୍ରିଲୋଚନ ମହାପାତ୍ର 'ମୃତ୍ତିକାର ସ୍ଥାୟିତ୍ୱ : ଅଧିକ ଖାଦ୍ୟ ଯୋଗାଇବା ପାଇଁ କୃଷି ଗବେଷଣା' ଉପରେ ବକ୍ତୃ ପ୍ରଦାନ କରି କହିଲେ, ମାଟି, ବୃକ୍ଷ, ମଣିଷ, ପ୍ରାଣୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏଣୁ ମୃତ୍ତିକାର ସ୍ଥାୟିତ୍ୱ ପାଇଁ ସର୍ବଦା ଚେଷ୍ଟା ଜାରି ରଖିବାକୁ ହେବ। କୃଷି କ୍ଷେତ୍ରରେ ବିକାଶ କରିବାକୁ ହେଲେ ମୃତ୍ତିକାର ସଂରକ୍ଷଣ ଓ ସର୍ବେକ୍ଷଣ ଆବଶ୍ୟକ। ଅଣୁପୋଷକତତ୍ତ୍ୱ, ଖଣିଜପଦାର୍ଥ, ଜୈବିକବର୍ଜ୍ୟ, ଡ୍ରେନ ଦ୍ୱାରା ସିଞ୍ଚନ ଆଦି ବ୍ୟବହାରର ଆବଶ୍ୟକତା ରହିଛି । ବୈଷୟିକ ଜ୍ଞାନକୌଶଳ ସହପ୍ରାକୃତିକ ପଦାର୍ଥର ସମ୍ମିଶ୍ରଣ ଦ୍ୱାରା ହିଁ ମୃତ୍ତିକାର ବିକାଶ ଘଟିବ। ଫଳରେ ଚାଷୀ ପାଇଁ ଚାଷ କାର୍ଯ୍ୟ ସହଜ ହୋଇପାରିବ ବୋଲି ଡ. ମହାପାତ୍ର କହିଛନ୍ତି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସ୍ୱର୍ଗତ ମିତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ସରଳ, ନିଷ୍ପାପର ଜୀବନୀ ଉପରେ କହିଥିଲେ। କୃଷି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମହାପାତ୍ର ସ୍ୱର୍ଗତ ପ୍ରଫେସର ଜି. ଏନ. ମିତ୍ରଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱର୍ଗତ ମିତ୍ରଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିବା ସହ କ୍ରିଷ୍ଣା ମିତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡ. ସୌଗତ ମିତ୍ର ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଆଇଏସ୍ଏସ୍ଏସ୍ ଭୁବନେଶ୍ୱର ଶାଖାର ସଭାପତି ପ୍ରଫେସର ରବୀନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାଖା ସେକ୍ରେଟାରୀ ପ୍ରଫେସର ପି. କେ. ସାମନ୍ତ ଧନ୍ୟବାଦ ଦେଇଥିଲେ।

## ସୋଆରେ ଏମଏସ ସ୍ୱାମୀନାଥନ ସ୍ମାରକୀ ବକ୍ତୃତା




ଭୁବନେଶ୍ୱର,୨୦।୯(ଅନୁରାଧା ମହାରଣା)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟ, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍ସ୍‌ରେ ୧୫ଶ ସ୍ୱାମୀନାଥନ୍ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବକ୍ତୃତାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ବିଶିଷ୍ଟ କ୍ଷେତ୍ର ବିଜ୍ଞାନୀ ଡ. ମନୋଜ କୁମାର ସିଂହ ମୁଖ୍ୟ ଆଲୋଚକ ଓ ବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ସ୍ଥାୟୀ କୃଷି ନିମନ୍ତେ କ୍ଷେତ୍ର ବିଜ୍ଞାନସ୍ତରୀୟ ଆଧୁନିକ ଗବେଷଣା ଗୁରୁତ୍ୱପୂର୍ଣ୍ଣ ଓ ଫସଲରେ ଅଣରାସାୟନିକ ପ୍ରୟୋଗର ଯଥାର୍ଥତାକୁ ନେଇ ଆଲୋଚନା କରିଥିଲେ। ଏଥିରେ କୃଷି ମହାବିଦ୍ୟାଳୟ ଭାରତୀୟ କୃଷିରେ କ୍ଷେତ୍ରବିଜ୍ଞାନ ସମ୍ବନ୍ଧିତ ଆଧୁନିକ ଗବେଷଣା କିପରି ସ୍ଥାୟୀ କୃଷିର ଏକ ମାଧ୍ୟମ ପାଲଟିବ ସେ ବିଷୟରେ ଛାତ୍ରୀଛାତ୍ର ଓ ଫ୍ୟାକଲ୍ଟିଙ୍କ ସହିତ ଡ. ସିଂ ଆଲୋଚନା କରିଥିଲେ। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବକ୍ତୃତାର ସଂଯୋଜକ ପ୍ରଫେସର ସରୋଜ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପ୍ରଫେସର ଅଶୋକ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଡ. ରାଜୀବ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭାବନାର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ




ସମାରୋହରେ ଅତିଥିମାନେ ବିଭାବନାର ପୂଜା ସଂଖ୍ୟା– ୨୦୨୫ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୦।୯ (ସୌମ୍ୟରଞ୍ଜନ ରାଉତ)

## ୩ ପୁସ୍ତକ ଲୋକାର୍ପଣ, ୯ ବ୍ୟକ୍ତିତ୍ୱ ସମ୍ବର୍ଦ୍ଧିତ

ବିଭାବନାର ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଶନିବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ସମ୍ପାଦିକା ସଂଯୁକ୍ତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଅତିଥି ଭାବେ ସାହିତ୍ୟିକ ରଞ୍ଜନ କୁମାର ଦାସ, କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, ନାଟ୍ୟକାର ଡ. ଉପେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ 'ବିଭାବନା ପୂଜା ସଂଖ୍ୟା– ୨୦୨୫' ଉନ୍ମୋଚନ କରିଥିଲେ। ଏଥିସହ ଅନ୍ୟ ୩ଟି ପୁସ୍ତକ ବିପ୍ରବର ପଣ୍ଡାଙ୍କ 'ଗୁଞ୍ଜରଣ', ସ୍ୱର୍ଗତ ଆଶା ମିଶ୍ରଙ୍କ 'ଟିଟିଟିଏ ଗପଟିଏ' ଓ ନିର୍ମଳା ମହାପାତ୍ରଙ୍କ 'ଆଦିତ୍ୟାୟନ' ଉନ୍ମୋଚିତ ହୋଇଥିବାବେଳେ କୈଳାସ ଚନ୍ଦ୍ର ଧଳ, ଶେଖ ଅବଦୁଲ ଖାଲିକ, କୈଳାସ ଚନ୍ଦ୍ର ପଣ୍ଡା ଏହି ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ। ପରେ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଶାନ୍ତିଲତା ଦେବୀ, ଅରୁଣ କୁମାର ଗଡ଼ନାୟକ, ସଂଯୁକ୍ତା ସ୍ୱାଇଁ, ପ୍ରକାଶ ଚନ୍ଦ୍ର ରାଉତ, କଳ୍ପନା ବୋଇତି, ସୁବାସ ଚନ୍ଦ୍ର ବେହେରା, ସଙ୍ଗୀତା ଷଡ଼ଙ୍ଗୀ, ଲଲାଟେନ୍ଦୁ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କବିତା ପାଠୋତ୍ସବରେ ପ୍ରାୟ ୮୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଇଂ. ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ, ଚମକ ଚାନ୍ଦିନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ଶୁଭ୍ରା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି ମହାଳୟା ଶ୍ରାଦ୍ଧ

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ଅମାବାସ୍ୟାକୁ ପବିତ୍ର ମହାଳୟା ଭାବେ ବିଚେତନା କରାଯାଏ। ଆଶ୍ୱିନ ମାସ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ଧରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ପିଣ୍ଡ ଦିଆଯାଇଥାଏ। ତେବେ ଯେଉଁମାନେ ଏହି ଦିନଗୁଡ଼ିକରେ ପିଣ୍ଡ ଦେଇପାରି ନ ଥାନ୍ତି, ସେମାନେ ଏହି ମହାଳୟା ତିଥିରେ ଶ୍ରାଦ୍ଧ ଦେଇଥାନ୍ତି। ପିତୃଗଣଙ୍କୁ ସନ୍ତୁଷ୍ଟିର ପର୍ବ ଭାବେ ମହାଳୟାକୁ ବିବେଚନା କରାଯାଏ। ରବିବାର ମହାଳୟା ପଡୁଥିବାରୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ନିକଟରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ସହ ସେମାନଙ୍କ ଆତ୍ମାର ସଦ୍‌ଗତି କାମନା କରିବେ। ଆଜିର ଦିନରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହେବାର ବିଶ୍ୱାସ ରହିଛି। ପିଣ୍ଡଦାନ ଓ ତର୍ପଣ ଦ୍ୱାରା ପିତୃପୁରୁଷ ଶାନ୍ତି ଲାଭ କରିବା ସହ ଆଶୀର୍ବାଦ ପ୍ରଦାନ କରିଥାନ୍ତି ବୋଲି କୁହାଯାଏ।

## କୋଲ୍ ଇଣ୍ଡିଆ ଓ ଆପୋଲୋ ହସ୍ପିଟାଲ୍ସର ଏମ୍ଓୟୁ



ଭୁବନେଶ୍ୱର,୨୦।୯(ଅନୁରାଧା ମହାରଣା)

କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ) ଆପୋଲୋ ହସ୍ପିଟାଲ୍ସ ସହ ମିଳିତ ଭାବେ ଦେଶବ୍ୟାପୀ ୪୩ଟି ହସ୍ପିଟାଲରେ ସେବାରତ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଘୋଷଣା କରିଛି। ଏହି ସହଭାଗିତା କୋଲ ଇଣ୍ଡିଆର ସୁସ୍ଥ ଓ ସବଳ କର୍ମଚାରୀଙ୍କ ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯେଉଁଥିରେ ବିଶ୍ୱସ୍ତରୀୟ ଚିକିତ୍ସା, ପ୍ରତିଷେଧକ ସ୍ୱାସ୍ଥ୍ୟ ସେବା ଏବଂ କଲ୍ୟାଣ କାର୍ଯ୍ୟକ୍ରମ ସାମିଲ ରହିଛି। ଏହି ଉଦ୍ୟମକୁ ଔପଚାରିକ ରୂପ ଦେବା ପାଇଁ ଚେନ୍ନାଇରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। କୋଲ ଇଣ୍ଡିଆର ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ବିନୟ ରଞ୍ଜନ ଏବଂ ଆପୋଲୋ ହସ୍ପିଟାଲ୍ସର ଅଧ୍ୟକ୍ଷ ଡ. ପ୍ରତାପ ସି. ରେଡ୍ଡୀ ଉପସ୍ଥିତ ଥିଲେ।

# ଆଦର୍ଶ ଯୁବ ଗ୍ରାମସଭା ପରିଚାଳନା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)



ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଓଡ଼ିଶାରେ ଆଦର୍ଶ ଯୁବ ଗ୍ରାମସଭା ପରିଚାଳନା ପାଇଁ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ, ସମ୍ବଲପୁର ଓ ଖୋର୍ଦ୍ଧାରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଜ୍ୟ ପଞ୍ଚାୟତିରାଜ ବିଭାଗର ମାଷ୍ଟର ଟ୍ରେନରମାନେ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ବ୍ଲକ୍‌ରୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଆଦର୍ଶ ଯୁବ ଗ୍ରାମସଭା କାର୍ଯ୍ୟକଳାପ ପରିଚାଳନା ସମ୍ବନ୍ଧରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମସଭାର ପ୍ରକ୍ରିୟା ଓ ଗୁରୁତ୍ୱକୁ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବା। ଶିକ୍ଷକମାନେ ଏହି ପ୍ରଶିକ୍ଷଣ ଜରିଆରେ ଛାତ୍ରୀଛାତ୍ର ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନେତୃତ୍ୱ ଗୁଣାବଳୀକୁ ବିକଶିତ କରିବେ। ଏହି ପଦକ୍ଷେପର ଲକ୍ଷ୍ୟ ସଚେତନତା ବୃଦ୍ଧି କରିବା ଏବଂ ସ୍ୱାୟତ୍ତ ଶାସନ ଅଂଶଗ୍ରହଣକୁ ଉତ୍ସାହିତ କରିବା, ଯଦ୍ୱାରା ଛାତ୍ରୀଛାତ୍ରଙ୍କୁ ଏକ ଦାୟିତ୍ୱବାନ ନାଗରିକ ହେବାରେ ସାହାଯ୍ୟ କରିବ ବୋଲି କୁହାଯାଇଛି।

# ୭୫ ହଜାର ଚାରାରୋପଣ କଲା ଜିନ୍ଦଲ ଫାଉଣ୍ଡେଶନ

ଭୁବନେଶ୍ୱର,୨୦।୯(ଅନୁରାଧା ମହାରଣା)



ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ 'ଏକ୍ ପେଡ୍ ମା କେ ନାମ୍ ୨.୦' ଅଭିଯାନ ଅଧୀନରେ ସମଗ୍ର ଭାରତରେ ୭୫ ହଜାରରୁ ଅଧିକ ଚାରାରୋପଣ କରାଯାଇଛି। କୁରୁକ୍ଷେତ୍ର ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନରେ କେବଳ ଓଡ଼ିଶାରେ ୫୫,୦୦୦ ଚାରାରୋପଣ କରାଯାଇଛି। ଅନୁଗୋଳ, ବଡ଼ବିଲ, ଟେନ୍‌ସା ଏବଂ କାଶିଆରେ ଏହାର ପ୍ରମୁଖ କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକରେ ସାମୂହିକ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଅନୁଗୋଳରେ ଏଡିଏମ୍ ପ୍ରତାପ ପ୍ରୀତିମୟଙ୍କ ସହ ସବ୍‌କଲେକ୍ଟର ମାୟାଧର ବେହେରା, ତହସିଲ୍‌ଦାର ସୁଶାନ୍ତ ମିଶ୍ର ବେଣାଗାଡ଼ିଆ ଏବଂ ଡେରଜାଙ୍ଗ ଗ୍ରାମରେ ଚାରାରୋପଣ କରିଥିଲେ। ଜିନ୍ଦଲ ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଭାରପ୍ରାପ୍ତ) ପଙ୍କଜ ମାଲହାନ, ସଭାପତି ଏବଂ ଗୋଷ୍ଠୀ ମୁଖ୍ୟ ସିଏସ୍ଆର୍ ପ୍ରଶାନ୍ତ ହୋତା, ଇଭିପି ଆଶିଷ ପାଣ୍ଡେ, ଇଭିପି ପ୍ରସନ୍ନ ପଣ୍ଡା ଏବଂ ଉପାଧ୍ୟକ୍ଷ ଏସ୍.କେ. ଶର୍ମାଙ୍କ ସହ ସିଡିଏଓ ଉମାଶଙ୍କର ମିଶ୍ର, ନାବାର୍ଡର ଡିଡିଏମ୍ ଆଶୁତୋଷ ରାୟ ପ୍ରମୁଖ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଡ. ଦେବାଶିଷ ମିଶ୍ର ଏବଂ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନେ ସାମିଲ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅନିଲ ପ୍ରଧାନ, ସରପଞ୍ଚ ଚୁନି ସାହୁ, ଜିଲା ପରିଷଦ ସଦସ୍ୟ ଦିଲୀପ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ବିଜୟ ମାଝୀ ଏବଂ ସାମାଜିକ କର୍ମୀ କୁମୁଦା ସାହୁ, ସୌରଭ ବେହେରା ଏବଂ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଜିନ୍ଦଲ ଷ୍ଟିଲର କ୍ଲଷ୍ଟର ମୁଖ୍ୟ (ବିକେଟି) ପ୍ରମୋଦ ପାତ୍ର, ୟୁନିଟ୍ ମୁଖ୍ୟ ପୁରୁଷୋତ୍ତମ ଏମ୍‌ଡି, ୟୁନିଟ୍ ମୁଖ୍ୟ (ଟେନ୍‌ସା) ଆର୍.ଏସ୍. ରଘୁବଂଶୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଆମର ମା'ଙ୍କ ନାମରେ ଗଛ ଲଗାଇବା କେବଳ ପ୍ରତୀକାତ୍ମକ ନୁହେଁ, ବରଂ ପ୍ରକୃତି ଏବଂ ମୂଲ୍ୟବୋଧ ଉଭୟକୁ ପୋଷଣ କରିବା ଦିଗରେ ଏକ ଆନ୍ତରିକ ପଦକ୍ଷେପ।

# ଅଗ୍ନିଶମ ବାହିନୀ ସିଏସ୍ଏସ୍ଆର ପ୍ରଥମ ବ୍ୟାଚ୍‌ର ତାଲିମ୍ ସରିଲା




ବାରଙ୍ଗ,୨୦।୯(ଲିଙ୍ଗରାଜ ରାଉତ)

ମୁଣ୍ଡଳୀସ୍ଥିତ ଏନ୍‌ଡିଆରଏଫ ୩ୟ ବାହିନୀରେ ତାଲିମ ନେଉଥିବା ଓଡ଼ିଶା ଅଗ୍ନିଶମ ବାହିନୀର ସିଏସ୍ଏସ୍ଆର ପ୍ରଥମ ବ୍ୟାଚର ଉଦ୍‌ଯାପନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଡିଆରଏଫସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ କନଫରେନ୍ସ ହଲରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ପାସିଂ ଆଉଟ ହୋଇଥିବା ଯବାନଙ୍କୁ ମାନପତ୍ର ଓ ବ୍ୟାଚ୍ ପ୍ରଦାନ କରିଛନ୍ତି। ପ୍ରଥମ ବ୍ୟାଚରେ ୪୦ଜଣ ପ୍ରଶିକ୍ଷାର୍ଥି ୨୧ଦିନ ଧରି ତାଲିମ ନେଇଥିଲେ। ଅଗ୍ନିଶମ ବିଭାଗର ବିଭିନ୍ନ ସେବା ମଧ୍ୟରୁ ପ୍ରାୟ ୧୩ଟି ବିଷୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ନିପୁଣ ଭାବରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏନ୍‌ଡିଆର୍ଏଫରେ ସମୁଦାୟ ୩୯୫ ଜଣ ଅଗ୍ନିଶମ ବାହିନୀର ଯବାନଙ୍କୁ ତାଲିମ ଯୋଗାଇ ଦିଆଯାଉଅଛି। ଏମାନେ ମୁଖ୍ୟତଃ ଭୂସ୍ଖଳନ ହେଉ ଘର କିମ୍ବା ବଡ଼ବଡ଼ ନିର୍ମାଣ ଅଟ୍ଟାଳିକା ଭୁଶୁଡ଼ିବା କ୍ଷେତ୍ରରେ ପ୍ରଶିକ୍ଷାର୍ଥୀମାନେ ନିୟୋଜିତ ହେବେ। ସେହିପରି କ୍ଷତିକାରକ ଗ୍ୟାସ ଲିକ ଏବଂ କେମିକାଲ ଗ୍ୟାସ ଲିକ ଘଟଣାରେ ମଧ୍ୟ ତାଲିମ ଦିଆଯାଇଛି। ଯାହାଫଳରେ ବିଭିନ୍ନ ଆପତକାଳୀନ ସମୟରେ ଉନ୍ନତ ସେବା ଯୋଗାଇ ଦିଆଯାଇ ପାରିବ ବୋଲି ଡିଜି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ଖବରକାଗଜରେ ଜୀବନ୍ତସତ୍ତା ନିହିତ ଥାଏ: ମୁଖ୍ୟମନ୍ତ୍ରୀ

## 'ନିର୍ଭୟ'ର ୧୨ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୦।୯ (ସୌମ୍ୟରଞ୍ଜନ ରାଉତ)




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କୁ 'ନିର୍ଭୟ ଓଡ଼ିଶା ଗୌରବ ସମ୍ମାନ' ପ୍ରଦାନ କରୁଛନ୍ତି।

ଦୈନିକ ଖବରକାଗଜ 'ନିର୍ଭୟ'ର ୧୨ତମ ବାର୍ଷିକ ଉତ୍ସବ ସମ୍ପାଦକ ନବୀନ ଦାସଙ୍କ ସଭାପତିତ୍ୱରେ ଶନିବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଲେ, ଖବରକାଗଜ ଏକ ଜଡ଼ବସ୍ତୁ ନୁହେଁ, ବରଂ ଏହା ଭିତରେ ଜୀବନ୍ତସତ୍ତା ନିହିତ ଥାଏ। ସମାଜକୁ ଏହା ପଥ ଦେଖାଇଥାଏ। ଖବରକାଗଜ ଯେତେ ସକ୍ରିୟ ଓ ପ୍ରଭାବଶାଳୀ ହେବ ସମାଜ ଓ ଜନତାଙ୍କ ପାଇଁ ସେତିକି କଲ୍ୟାଣକାରୀ ହୋଇପାରିବ। ତେଣୁ ଗଣମାଧ୍ୟମ ଏକ ଚଳନ୍ତି ଇତିହାସ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ପ୍ରଫେସର ସଞ୍ଜୟ ଦ୍ୱିବେଦୀ ଏବଂ ଦ ହିନ୍ଦୁର ଓଡ଼ିଶା ପ୍ରତିନିଧି ସତ୍ୟସୁନ୍ଦର ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଶେଷ ପୁରସ୍କାର ପ୍ରଦାନ କରାଯାଇଥିଲା। ନିର୍ଭୟର ନିମାପଡ଼ା ଖବରଦାତା ଶରତ ସେନାପତି ଏବଂ ବାଲେଶ୍ୱରର ଅଧୀପ କୁମାର ଜେନାଙ୍କୁ 'ଶ୍ରେଷ୍ଠ ଖବରଦାତା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି କାର୍ଟୁନିଷ୍ଟ ଭାବେ ଓଡ଼ିଶା ମିଡିଆରେ ସକ୍ରିୟ ଥିବା କମଳାକାନ୍ତ ରଥଙ୍କୁ 'ନିର୍ଭୟ ସତୀର୍ଥ' ସମ୍ମାନ, ଗ୍ରାମାଞ୍ଚଳରେ ପାଠକୀୟ ଆନ୍ଦୋଳନ ଏବଂ ସଂଗ୍ରହାଳୟ ପ୍ରତିଷ୍ଠାକରି ସାହିତ୍ୟ ସାଧନାରେ ମଗ୍ନଥିବା ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କୁ 'ନିର୍ଭୟ ଓଡ଼ିଶା ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଆନ୍ତଃସ୍କୁଲ ତର୍କ ପ୍ରତିଯୋଗିତାର ବିଜେତା ସୃଜନିକା ମହାପାତ୍ର, ନଭ୍ୟାନମସ୍ୟା କର, ଅଙ୍କିତା ଶୁକ୍ଳା, ନମ୍ରା ଅହମ୍ମଦ, ଶ୍ରୀଲକ୍ଷ୍ମୀ ବଳିଆରସିଂହ, ସ୍ୱୟମ ଦାଶ, ସହସ୍ରା ସୁଶାନ୍ତ ପଢ଼ିହାରୀ ଏବଂ ରୁହାନ ସାମନ୍ତରାୟଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ଯୁବତୀଙ୍କ ରିଲ୍ସ କରିବା ମହଙ୍ଗା ପଡ଼ିଲା, ୩ ଯୁବକ ଅଟକ

**ବାରଙ୍ଗ,୨୦।୯(ଲିଙ୍ଗରାଜ ରାଉତ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨ ଯୁବତୀଙ୍କ ପ୍ରାଙ୍କ ଭିଡିଓ ଓ ରିଲ୍ସ କରିବା ୩ଜଣ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଏନେଇ ସମ୍ପୃକ୍ତ ଯୁବକମାନଙ୍କୁ ଶନିବାର ପୋଲିସ ଥାନାରେ ଅଟକ ରଖିଛି। ସେମାନଙ୍କଠାରୁ ୫ଟି ମୋବାଇଲ ଜବତ କରିଛି। ସୂଚନାଯୋଗ୍ୟ, ଶନିବାର ପ୍ରାଣୀ ଉଦ୍ୟାନର ପ୍ରବେଶ ପଥରେ ପର୍ଯ୍ୟଟକମାନଙ୍କ ଗହଳି ଲାଗିରହିଥିଲା। ଏହି ସମୟରେ ୩ଜଣ ଯୁବକ ବାରଙ୍ଗ-ଭୁବନେଶ୍ୱର ମୁଖ୍ୟ ରାସ୍ତାରୁ ନନ୍ଦନକାନନକୁ ସଂଯୋଗ ହୋଇଥିବା ପ୍ରବେଶପଥ ଆଗରେ ୨ଜଣ ଯୁବତୀଙ୍କ ଭିଡିଓ ସେମାନଙ୍କ ଅଜାଣତରେ ଉତ୍ତୋଳନ କରିଥିଲେ। ଏହି ଭିଡିଓକୁ ପ୍ରାଙ୍କ ଭିଡିଓ କରିବା ସହ ରିଲ୍ସ କରୁଥିଲେ। ନିୟୋଜିତ ଥିବା ନନ୍ଦନକାନନର ସୁରକ୍ଷା କର୍ମଚାରୀ ରତିକାନ୍ତ ଭୋଇ ଓ ଗତିକୃଷ୍ଣ ସାହୁ ଯୁବକଙ୍କ ଏଭଳି ଘଟଣାଦେଖି ସେମାନଙ୍କୁ କାବୁ କରିଥିଲେ। ଏସମ୍ପର୍କରେ ସମ୍ପୃକ୍ତ ଯୁବତୀ ଦ୍ୱୟଙ୍କୁ ପଚାରିବାରୁ ସେମାନେ ଏହି ଯୁବକମାନଙ୍କୁ ଚିହ୍ନି ନ ଥିବା କହିଥିଲେ। ପରେ ସୁରକ୍ଷା କର୍ମୀମାନେ ଯୁବକମାନଙ୍କ ମୋବାଇଲରୁ ଉକ୍ତ ଭିଡିଓ ଡିଲେଟ କରିବା ସହ ପୋଲିସରେ ଖବର ଦେଇଥିଲେ।

### ବଜାରରୁ ହଟିବ ଜବରଦଖଲ, ୧୪ଦୋକାନୀଙ୍କୁ ନୋଟିସ

**ବାଲକାଟୀ, ୨୦।୯(ମନୋଜ ମଣ୍ଡଳ):** ବାଲକାଟୀ ବଜାର ନିକଟସ୍ଥ କଲେଜ ରୋଡ଼ରୁ ଜବରଦଖଲ ଉଠାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ୧୪ ଜଣ ଜବର ଦଖଲକାରୀ ଦୋକାନୀଙ୍କୁ ଶନିବାର ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି। ଜବରଦଖଲକାରୀମାନେ ଆସନ୍ତା ମଙ୍ଗଳବାର ତହସିଲରେ ଉପସ୍ଥିତ ରହି ନିଜ ପକ୍ଷ ରଖିବାକୁ ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ବଜାର ନିକଟସ୍ଥ କଲେଜ ରାସ୍ତା ଦେଇ ଦୈନିକ ଶହ ଶହ ଯାନ ବାହନ ଯାତାୟାତ ହୋଇଥାଏ। ମାତ୍ର ଏହି ମୁଖ୍ୟ ରାସ୍ତାକୁ ଦଖଲ କରି କେତେଜଣ ଦୋକାନୀ ନିଜର ବ୍ୟବସାୟ କରୁଛନ୍ତି।

### ୨୮ରେ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା

**ବେଗୁନିଆ,୨୦।୯(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ପୋଡ଼ାଡ଼ିହ ଗ୍ରାମ ଦୁର୍ଗାପୂଜା କମିଟି ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ୭୪ ବର୍ଷରୁ ଊର୍ଦ୍ଧ୍ୱ ଧରି ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ନାଟକ ପ୍ରତିଯୋଗିତା ଆସନ୍ତା ୨୮ ତାରିଖରୁ ଆରମ୍ଭହୋଇ ଅକ୍ଟୋବର ୨ରେ ଉଦ୍‌ଯାପିତ ହେବ। ଏଥିରେ ଭୁବନେଶ୍ୱର ଘାଟିକିଆର ବାବା ନୀଳକଣ୍ଠେଶ୍ୱର ନାଟ୍ୟସଂସ୍ଥାର ନାଟକ 'କିଏ ପୋଛି ଦେବ ଆଖିର ଲୁହ', କୁଞ୍ଜୁରୀ ଶ୍ରୀଲୋକନାଥ ଦେବ ସାଂସ୍କୃତିକ ଅନୁଷ୍ଠାନର ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ', ପଟନିବର ମା' ବାଉତୀ ଯୁବ ନାଟ୍ୟ ସଂସଦର ନାଟକ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି', ଭୁବନେଶ୍ୱର ରୂପାନ୍ତର ନାଟ୍ୟାନୁଷ୍ଠାନର 'ବିଧାତାର ଖେଳ' ଏବଂ ହରପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ 'ବାବୁ ମୁଠେ ଭିକ ଦିଅ' ନାଟକ ପରିବେଷଣ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ କରିବେ ରାଜ୍ୟପାଳ

**ଖୋର୍ଦ୍ଧା ଜିଲାର ଯକ୍ଷ୍ମା ରୋଗୀଙ୍କ ପାଇଁ ଖାଦ୍ୟ ବାସ୍କେଟ ପ୍ରଦାନ**

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)



ଯକ୍ଷ୍ମା ବିରୋଧରେ ଓଡ଼ିଶାର ଲଢେଇକୁ ସୁଦୃଢ଼ କରିବା ଓ ରୋଗୀମାନଙ୍କୁ ଚିକିତ୍ସା ସମୟରେ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଯକ୍ଷ୍ମାରୋଗୀଙ୍କୁ ଖାଦ୍ୟ ବାସ୍କେଟ ପ୍ରଦାନ କରିଛନ୍ତି। ଶନିବାର ରାଜଭବନର ମିନି କନ୍‌ଫରେନ୍ସ ହଲ୍‌ଠାରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟପାଳ ଖୋର୍ଦ୍ଧା ଜିଲାର ୧୦୦ଜଣ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ ଜିଲାପାଳ ଅମୃତ ଋତୁରାଜଙ୍କୁ ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟପାଳ ନି-କ୍ଷୟ ମିତ୍ର ଭାବେ ଜିଲାର ଯକ୍ଷ୍ମା ରୋଗୀମାନଙ୍କୁ ପୋଷ୍ୟ ରୂପରେ ଗ୍ରହଣ କରିଛନ୍ତି। ଏଥିସହ ସମାଜର ଦୁର୍ବଳ ବର୍ଗର ଆଉ ୫୦ଜଣ ଔଷଧ-ପ୍ରତିରୋଧୀ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ, କର୍ପୋରେଟ୍ ସେକ୍ଟର କର୍ତ୍ତୃପକ୍ଷ ଏବଂ ଜନହିତୈଷୀମାନେ ନି-କ୍ଷୟ ମିତ୍ର ଭାବେ ଆଗେଇ ଆସି ଯକ୍ଷ୍ମାମୁକ୍ତ ଓଡ଼ିଶା ପାଇଁ ସାମୂହିକ ଯୋଗଦାନ ନିମନ୍ତେ ଅନୁରୋଧ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ରଙ୍କ ଦ୍ୱାରା ରାଜ୍ୟରେ ଯକ୍ଷ୍ମା ରୋଗର ବର୍ତ୍ତମାନର ସ୍ଥିତି ଏବଂ ରୋଗ ନିରାକରଣ କରିବା ପାଇଁ ରାଜ୍ୟ ସରକାରଙ୍କ ବହୁମୁଖୀ ପ୍ରୟାସ ସମ୍ପର୍କରେ ବିବରଣୀ ଉପସ୍ଥାପନ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡା. ବୃନ୍ଦା ଡି. ଙ୍କ ସମେତ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବିଭାବନାର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

**୩ ପୁସ୍ତକ ଲୋକାର୍ପଣ, ୯ ବ୍ୟକ୍ତିତ୍ୱ ସମ୍ବର୍ଦ୍ଧିତ**

ଭୁବନେଶ୍ୱର, ୨୦।୯ (ସୌମ୍ୟରଞ୍ଜନ ରାଉତ)

ବିଭାବନାର ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଶନିବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ସମ୍ପାଦିକା ସଂଯୁକ୍ତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଅତିଥି ଭାବେ ସାହିତ୍ୟିକ ରଞ୍ଜନ କୁମାର ଦାସ, କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, ନାଟ୍ୟକାର ଡ. ଉପେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ 'ବିଭାବନା ପୂଜା ସଂଖ୍ୟା- ୨୦୨୫' ଉନ୍ମୋଚନ କରିଥିଲେ। ଏଥିସହ ଅନ୍ୟ ୩ଟି ପୁସ୍ତକ ବିପ୍ରବର ପଣ୍ଡାଙ୍କ 'ଗୁଞ୍ଜରଣ', ସ୍ୱର୍ଗତ ଆଶା ମିଶ୍ରଙ୍କ 'ଟିଟିଏ ଗପଟିଏ' ଓ ନିର୍ମଳା ମହାପାତ୍ରଙ୍କ 'ଆଦିତ୍ୟାୟନ' ଉନ୍ମୋଚିତ ହୋଇଥିବାବେଳେ କୈଳାଶ ଚନ୍ଦ୍ର ଧଳ, ଶେଖ ଅବଦୁଲ ଖାଲିକ, କୈଳାସ ଚନ୍ଦ୍ର ପଣ୍ଡା ଏହି ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ। ପରେ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଶାନ୍ତିଲତା ଦେବୀ, ଅରୁଣ କୁମାର ଗଡ଼ନାୟକ, ସଂଯୁକ୍ତା ସ୍ୱାଇଁ, ପ୍ରକାଶ ଚନ୍ଦ୍ର ରାଉତ, କଳ୍ପନା ବୋଇତି, ସୁବାସ ଚନ୍ଦ୍ର ବେହେରା, ସଙ୍ଗୀତା ଷଡ଼ଙ୍ଗୀ, ଲଲାଟେନ୍ଦୁ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କବିତା ପାଠୋତ୍ସବରେ ପ୍ରାୟ ୮୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଇଂ. ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ, ଚମକ ଚାନ୍ଦିନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ଶୁଭ୍ରା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୬ରୁ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କବାଡ଼ି ଟୁର୍ନାମେଣ୍ଟ

**୨୨ରେ ମା'ରମଚଣ୍ଡୀଙ୍କ ଛତ୍ରିଯାତ୍ରା**

ବୋଲଗଡ଼,୨୦।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ଅନ୍ତର୍ଗତ ବାଙ୍କୋଇ କଚେରିବର କବାଡ଼ି ଖେଳପଡ଼ିଆରେ ଆସନ୍ତା ୨୬ ତାରିଖରୁ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କବାଡ଼ି ଟୁର୍ନାମେଣ୍ଟର ୪୫ତମ ସଂସ୍କରଣ ଆରମ୍ଭ ହେବ। ଅକ୍ଟୋବର ୨ରେ ଫାଇନାଲ ମ୍ୟାଚ୍ ସହ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ଏଥିସହ ମା'ରାମଚଣ୍ଡୀଙ୍କ ଛତ୍ରିଯାତ୍ରା ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଉଭୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମା' ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ଜିଲାର ୮ଟି ଦଳ ଅଂଶଗ୍ରହଣ କରିବେ। ତିନୋଟି ପର୍ଯ୍ୟାୟରେ ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ପୁରୀ ଜିଲାର ପିପିଲି ଓ ଗଡ଼ସାନପୁଟ, ନୟାଗଡ଼ ଜିଲାର ବାଦଭୂଇଁ ଓ ଡମସାହି, ଖୋର୍ଦ୍ଧା ଜିଲାର ବେଣାପଞ୍ଜରୀ, ବାରଙ୍ଗ, ପଟିଆ ଓ ୟୁନିଟ୍-୯ କବାଡ଼ି ଦଳ ଅଂଶଗ୍ରହଣ କରିବେ। ପୂର୍ବରୁ ଉଭୟ କାର୍ଯ୍ୟକ୍ରମ ସୁପରିଚାଳନା ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ବରିଷ୍ଠ ସଦସ୍ୟ ସୁରେଶ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ କୁଳମଣି ହୋତା, ସୁମନ୍ତ ଛୋଟରାୟ, କୃଷ୍ଣଚନ୍ଦ୍ର ବଳିୟାରସିଂହ, ଜୟକୃଷ୍ଣ ଫତେସିଂହ, ସରପଞ୍ଚ ରଶ୍ମିତା ରାଉତରାୟ, ପୂର୍ବତନ ସରପଞ୍ଚ ମାଧବ ବିଶ୍ୱାଳ, ଶିକ୍ଷକ ନେତା ଯୋଗେଶ୍ ଚନ୍ଦ୍ର ସାମନ୍ତସିଂହାର, ସାମାଜିକ କର୍ମୀ ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହରିହର, ସୀମାଞ୍ଚଳଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ଜୀବନବ୍ୟାପୀ ଉପଲବ୍ଧି ସମ୍ମାନ'



ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଚନ୍ଦ୍ରଶେଖର ହୋତାଙ୍କ ସହ ଅତିଥିମାନେ ଦୁଇ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରୁଛନ୍ତି।

ଭୁବନେଶ୍ୱର, ୨୦।୯(ସୌମ୍ୟରଞ୍ଜନ ରାଉତ)

ତ୍ରିନେତ୍ର କଳାକୁଞ୍ଜ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ '୫ମ ଅନ୍ତର୍ଜାତୀୟ ତ୍ରିନେତ୍ର ସମ୍ମାନ ଉତ୍ସବ' ଶନିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ତ୍ରିନେତ୍ର କଳାକୁଞ୍ଜର ଶିଳ୍ପୀଙ୍କ ଦ୍ୱାରା ଏକକ ଓ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସେମାନେ ଏକକ ଓଡ଼ିଶୀ ନୃତ୍ୟ କରିବେଷଣ କରିଥିବାବେଳେ ମୋକ୍ଷ ଅନୁଷ୍ଠାନର ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ଓ ଶେଷରେ ସୌରଶ୍ରୀ ଦେବନାଥ କଥକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ହରିହର ମହାନ୍ତି ଏବଂ ସଙ୍ଗୀତ ଆଚାର୍ଯ୍ୟ ସୀମାଞ୍ଚଳ ଦାସଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ଜୀବନବ୍ୟାପୀ ଉପଲବ୍ଧି ସମ୍ମାନ' ଏବଂ ଓଡ଼ିଶୀ ନୃତ୍ୟଗୁରୁ ସୁଜାତା ମିଶ୍ର, ଓଡ଼ିଶୀ ନୃତ୍ୟାଙ୍ଗନା ଅତଶୀ ମିଶ୍ର, ସଙ୍ଗୀତକାର ବିଦୁଷୀ ସଙ୍ଗୀତା ପଣ୍ଡା ଏବଂ ସମାଜସେବୀ ଶଙ୍କର୍ଷଣ ମହାପାତ୍ରଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ପାଇଁ ଗୁରୁ କିଶୋର ଦଳେଇ, ଜଙ୍ଗଦତ୍ତ ପ୍ରଦାନ, ବିଜୟଲକ୍ଷ୍ମୀ ଓଝା ଓ ପ୍ରତ୍ୟାଶା ପାଣିଗ୍ରାହୀଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ଯୁବ ପ୍ରତିଭା ସମ୍ମାନ' ଏବଂ କଥକ ନୃତ୍ୟ ପାଇଁ ସୌରଶ୍ରୀ ଦେବନାଥ, ଓଡ଼ିଶୀ ନୃତ୍ୟ ପାଇଁ ସାଇ ଦୁର୍ଗା ନାୟକ, ପ୍ରୀୟଙ୍କା ପ୍ରିୟଦର୍ଶିନୀ ଓ ବିଜୟଲକ୍ଷ୍ମୀ ଶ୍ରୀଚନ୍ଦନଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ଶିଶୁ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଚନ୍ଦ୍ରଶେଖର ହୋତା, ଉତ୍କଳ ଅନ୍ତର୍ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରା, ସମାଜିକ କର୍ମୀ ସୁବ୍ରତ କୁମାର ସାମଲ, ସମାଜିକ କର୍ମୀ ହରିହର ବେଉରା, ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ମୁକ୍ତିଲତା ପାଲ ଏବଂ ତ୍ରିନେତ୍ର କଳା କୁଞ୍ଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଗୁରୁ ରମାକାନ୍ତ ସାହୁ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମକୁ ଶିବାନନ୍ଦ ବାରିକ ପରିଚାଳନା କରିଥିଲେ।

## ଆଜି ମହାଳୟା ଶ୍ରାଦ୍ଧ

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ମାସ ଅମାବାସ୍ୟାକୁ ପବିତ୍ର ମହାଳୟା ଭାବେ ବିଚେତନା କରାଯାଏ। ଆଶ୍ୱିନ ମାସ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ଧରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ପିଣ୍ଡ ଦିଆଯାଇଥାଏ। ତେବେ ଯେଉଁମାନେ ଏହି ଦିନଗୁଡ଼ିକରେ ପିଣ୍ଡ ଦେଇପାରି ନ ଥାନ୍ତି, ସେମାନେ ଏହି ମହାଳୟା ତିଥିରେ ଶ୍ରାଦ୍ଧ ଦେଇଥାନ୍ତି। ଶ୍ରାଦ୍ଧ ପ୍ରଦାନ ପାଇଁ ଉକ୍ତ ଦିନଟି ସର୍ବଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ପିତୃଗଣଙ୍କୁ ସନ୍ତୁଷ୍ଟିର ପର୍ବ ଭାବେ ମହାଳୟାକୁ ବିବେଚନା କରାଯାଏ। ପିତୃପକ୍ଷରେ ପ୍ରଦାନ କରାଯାଉଥିବା ଶ୍ରାଦ୍ଧକୁ ମଉଳା ଶ୍ରାଦ୍ଧ ବୋଲି କୁହାଯାଏ। ରବିବାର ମହାଳୟା ପଡୁଥିବାରୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ନିକଟରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ସହ ସେମାନଙ୍କ ଆତ୍ମାର ସଦ୍‌ଗତି କାମନା କରିବେ। ଆଜିର ଦିନରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହେବାର ବିଶ୍ୱାସ ରହିଛି। ପିଣ୍ଡଦାନ ଓ ତର୍ପଣ ଦ୍ୱାରା ପିତୃପୁରୁଷ ଶାନ୍ତି ଲାଭ କରିବା ସହ ଆଶୀର୍ବାଦ ପ୍ରଦାନ କରିଥାନ୍ତି ବୋଲି କୁହାଯାଏ। ମହାଳୟା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଆଦର୍ଶ ଯୁବ ଗ୍ରାମସଭା ପରିଚାଳନା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଓଡ଼ିଶାରେ ଆଦର୍ଶ ଯୁବ ଗ୍ରାମସଭା ପରିଚାଳନା ପାଇଁ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ, ସମ୍ବଲପୁର ଓ ଖୋର୍ଦ୍ଧାରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଜ୍ୟ ପଞ୍ଚାୟତିରାଜ ବିଭାଗର ମାଷ୍ଟର ଟ୍ରେନରମାନେ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ବ୍ଲକ୍‌ରୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଆଦର୍ଶ ଯୁବ ଗ୍ରାମସଭା କାର୍ଯ୍ୟକଳାପ ପରିଚାଳନା ସମ୍ବନ୍ଧରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମସଭାର ପ୍ରକ୍ରିୟା ଓ ଗୁରୁତ୍ୱକୁ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବା। ଶିକ୍ଷକମାନେ ଏହି ପ୍ରଶିକ୍ଷଣ ଜରିଆରେ ଛାତ୍ରୀଛାତ୍ର ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନେତୃତ୍ୱ ଗୁଣାବଳୀକୁ ବିକଶିତ କରିବେ। ଏହି ପଦକ୍ଷେପର ଲକ୍ଷ୍ୟ ସଚେତନତା ବୃଦ୍ଧି କରିବା ଏବଂ ସ୍ୱାୟତ୍ତ ଶାସନ ଅଂଶଗ୍ରହଣକୁ ଉତ୍ସାହିତ କରିବା, ଯଦ୍ୱାରା ଛାତ୍ରୀଛାତ୍ରଙ୍କୁ ଏକ ଦାୟିତ୍ୱବାନ ନାଗରିକ ହେବାରେ ସାହାଯ୍ୟ କରିବ ବୋଲି କୁହାଯାଇଛି।

## ଧାର୍ମିକ ପୁସ୍ତକ ପରିବର୍ତ୍ତେ ଭାରତୀୟ ସମ୍ବିଧାନ ପଢ଼ାଯାଉ

**ସ୍କୁଲରେ ଭଗବଦ୍ ଗୀତା ପଢ଼ାଇବା ପ୍ରସ୍ତାବକୁ ଏଆଇଏସ୍‌ଏଫ୍‌ର ବିରୋଧ**

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)

ଭାରତ ଏକ ଧର୍ମନିରପେକ୍ଷ ଦେଶ। ଏଠାରେ ସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ସବୁ ସମ୍ପ୍ରଦାୟର ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରନ୍ତି। ଆମର ଶିକ୍ଷା ବ୍ୟବସ୍ଥା ସାର୍ବଜନୀନ, ଧର୍ମନିରପେକ୍ଷ, ବିଜ୍ଞାନସମ୍ମତ ଏବଂ ଲୋକତାନ୍ତ୍ରିକ ରହିବା ଉଚିତ। କୌଣସି ଧର୍ମକୁ ଶିକ୍ଷା ମାଧ୍ୟମରେ ପ୍ରଚାରକରିବା ସମ୍ବିଧାନର ପରିପନ୍ଥୀ। ହେଲେ ଓଡ଼ିଶାର ସ୍କୁଲରେ ଛାତ୍ରୀଛାତ୍ର ଶ୍ରୀମଦ୍ ଭଗବଦ୍ ଗୀତା ପଢ଼ିବା ନେଇ ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ ପ୍ରସ୍ତାବ ଅତ୍ୟନ୍ତ ଆପତ୍ତିଜନକ ଓ ଗ୍ରହଣୀୟ ନୁହେଁ ବୋଲି ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପକ୍ଷରୁ କୁହାଯାଇଛି। ସଂଘର ରାଜ୍ୟ ସଭାପତି ସଂଘମିତ୍ରା ଜେନା ଏହି ପ୍ରସ୍ତାବକୁ ତୀବ୍ର ବିରୋଧକରି କହିଛନ୍ତି, ଗୀତା, କୋରାନ, ବାଇବେଲ ଆଦି ଧର୍ମଶାସ୍ତ୍ର ପଢ଼ାହେବା ପାଇଁ ଧର୍ମାନୁଷ୍ଠାନ ରହିଛି। ବିଦ୍ୟାଳୟରେ ପିଲାଙ୍କୁ ଧାର୍ମିକ ପୁସ୍ତକ ପଢ଼ାଇବା ପରିବର୍ତ୍ତେ ଭାରତୀୟ ସମ୍ବିଧାନ ଏବଂ ତାହାର ମୂଲ୍ୟବୋଧ ସମ୍ବନ୍ଧରେ ପଢ଼ାଯାଉ। ଏଥିସହ ଶିକ୍ଷା ପାଇଁ ବଜେଟ ବୃଦ୍ଧି, ଖାଲି ପଡିଥିବା ଅନେକ ହଜାର ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ କେବେ ସୁଦ୍ଧା ପୂରଣ ହେବ ଓ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା କେବେ ହେବ ବୋଲି ସଂଘର ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆମ ରାଜ୍ୟରେ ଶିକ୍ଷାକୁ ଗୈରିକୀକରଣ କରିବା ଓ ଜାତିବାଦୀ ବ୍ୟବସ୍ଥାକୁ ଦୃଢ଼ କରିବା ସହ ସରକାରୀ ଶିକ୍ଷାନୁଷ୍ଠାନକୁ ଦୁର୍ବଳ କରିବାର ଏହି ହୀନ ଉଦ୍ୟମକୁ ଏଆଇଏସ୍‌ଏଫ୍ ବିରୋଧ କରୁଛି। ସରକାର ଏହି ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରୁଛୁ ବୋଲି ପରିଡ଼ା କହିଛନ୍ତି।

## 'ଶୃଙ୍ଖଳା ହିଁ ସଫଳତାର ଚାବିକାଠି'

**ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

ବୋଲଗଡ଼,୨୦।୯(ଦେବବ୍ରତ ହୋତା)

ବୋଲଗଡ଼ ମଣ୍ଡଳ କ୍ରୀଡ଼ା ସଙ୍ଗଠନ ସମ୍ପାଦକ ଅଭିଷେକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଟାଙ୍ଗୀସାହି ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା ବ୍ଲକ ଅନ୍ତର୍ଗତ ୨୮ଟି ମାଧ୍ୟମିକ ବିଦ୍ୟାଳୟ, ୫ଟି ଉଚ୍ଚ ମାଧ୍ୟମିକ ଓ ୩୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମୋଟ୍ ୨୨୨ଜଣ ବିଦ୍ୟାର୍ଥୀ ଖୋଖୋ, ସଫ୍ଟବଲ୍ ଏବଂ ନେଟ୍‌ବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରିୟ ଦେବାଶିଷ ସାମଲ, ଭଗବତ ପ୍ରସାଦ ପଣ୍ଡା, ସୁଶାନ୍ତ ପାଇକରାୟ, ମିହିର କୁମାର ଭୋଇ, କ୍ରୀଡ଼ା ଶିକ୍ଷୟିତ୍ରୀ ସୌଦାମିନୀ ବେହେରା ଓ ସବିତା ବାରିକ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରୁ ପରବର୍ତ୍ତୀ ପର୍ଯ୍ୟାୟ ଖେଳିବାକୁ ୬୦ଜଣ ପ୍ରତିଯୋଗୀ କୃତିତ୍ୱ ହାସଲ କରିଥିବା ବେଳେ ସେମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଛି। ଆୟୋଜକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୃଙ୍ଖଳା ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ବାସୁଦେବ ବେହେରା, ସମ୍ମାନିତ ଅତିଥିଭାବେ ଏବିଇଓ ତଥା ବିଆର୍‌ସିସି କୈଳାସ ନାଥ ସ୍ୱାଇଁ, କ୍ରୀଡ଼ା ସଙ୍ଗଠନ ଉପଦେଷ୍ଟା ପଦ୍ମଚରଣ ବେହେରା, ଗୋପାଳ ଚନ୍ଦ୍ର ମହାନ୍ତି, ଜୟରାମ ଦାସ, ପୂର୍ଣ୍ଣଚନ୍ଦ୍ର କର, ପରିଚାଳନା କମିଟି ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ମାନସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ମୁନା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ବୋଲଗଡ଼ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବିଦ୍ୟାଳୟର ପିଲାମାନେ।

## ଜିଲାସ୍ତରୀୟ ଚିତ୍ରକଳା, ବୃତ୍ତିଚିତ୍ର ପ୍ରତିଯୋଗିତା

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ସେବା ପର୍ବ-୨୦୨୫ ପାଳନ ଅବସରରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବିକଶିତ ଭାରତ ୨୦୪୭ ବିଷୟକୁ ଆଧାରକରି ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ୩ଟି ବିଭାଗରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବୃତ୍ତିଗତ ଚିତ୍ରକଳା ପ୍ରତିଯୋଗିତା ଜିଲା ସଂସ୍କୃତି କାର୍ଯ୍ୟାଳୟ ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ମୋଟ୍ ୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ନବମ ଶ୍ରେଣୀ ଛାତ୍ରୀ ଟିକିରାଣୀ ଦାସ ପ୍ରଥମ, ଡି.ଆର୍. ସ୍କୁଲ ନୟାପଲ୍ଲୀର ଛାତ୍ର ବିଶ୍ୱରଞ୍ଜନ ମହାରଣା ଦ୍ୱିତୀୟ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁକୁନ୍ଦପ୍ରସାଦର ଅଷ୍ଟମ ଶ୍ରେଣୀ ଛାତ୍ରୀ ରାଜଲକ୍ଷ୍ମୀ ସାମଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହାବିଦ୍ୟାଳୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ମୋଟ୍ ୪୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟ ଛାତ୍ର ଦୀପକ କୁମାର ଜେନା ପ୍ରଥମ ସ୍ଥାନ, ଏକାମ୍ର ମହାବିଦ୍ୟାଳୟ ଭୁବନେଶ୍ୱରର ଛାତ୍ର ଜି. ଅମନ ରାଓ ଦ୍ୱିତୀୟ ସ୍ଥାନ ଏବଂ ଦୁଇଜଣ ଯଥା ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ର ପ୍ରକାଶ ପରିଡ଼ା ଓ କମଳା ନେହେରୁ ମହିଳା ମହାବିଦ୍ୟାଳୟ ଭୁବନେଶ୍ୱରର ଛାତ୍ରୀ କଲ୍ୟାଣୀ ସାହୁ ମିଳିତଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜିଲା ସଂସ୍କୃତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୃତ୍ତିଗତ ଚିତ୍ରକଳା ପ୍ରତିଯୋଗିତାରେ ମୋଟ୍ ୧୦ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସ୍ଥାନୀୟ ପୋଷ୍ଟ ଅଫିସ ଲେନ୍ ଖୋର୍ଦ୍ଧାର ଅନୁପମ ମହାନ୍ତି ପ୍ରଥମ ସ୍ଥାନ, ଶହୀଦ ଲକ୍ଷ୍ମଣ ନାୟକ ବେହେରାସାହି ଆଇଆର୍‌ସି ଭିଲେଜ ନୟାପଲ୍ଲୀ ଭୁବନେଶ୍ୱରର ବିଜୟ କୁମାର ମଲ୍ଲିକ ଦ୍ୱିତୀୟ ଏବଂ ସ୍ଥାନୀୟ ଜଜାରସିଂହ ଉପରସାହି ଖୋର୍ଦ୍ଧାର ଲଲାଟ କିଶୋର ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏହାକୁ ପରିଚାଳନା କରିଥିଲେ।

**ଭଣଜାଙ୍କୁ ମାରି ଦିଆଯାଇଥିବା ଅଭିଯୋଗ ଆଣିଲେ ମାମୁ**

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ଅନ୍ତର୍ଗତ ମାଣପୁର ଗ୍ରାମର ଯୁବକ ରୁଦ୍ର ନାରାୟଣ ବେହେରାଙ୍କ ଶନିବାର ସନ୍ଦେହ ଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଖବର ପାଇ ବଡମ୍ବା ଅଞ୍ଚଳର ମାମୁ ବାସୁଦେବ ବେହେରା କିଶନନଗର ଥାନାରେ ଏତଲା ଦେଇ ତାଙ୍କ ଭଣଜାଙ୍କୁ ସାବତ ମା' ଓ ବାପା ମାରି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଥାନା ଅଧିକାରୀ ଦୁର୍ଗେଶ ନନ୍ଦିନୀ ମହାନ୍ତି ଶ୍ମଶାନକୁ ଯାଇ ଶବ ସତ୍କାର ବେଳେ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ପରେ ବାପା ଓ ସାବତ ମା'ଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି।

## ଷୋଳପୂଜାର ସପ୍ତମ ଦିନ ବେଶ


ଷୋଡ଼ଶ ଉପଚାର ପୂଜା ଅବସରରେ ଶନିବାର ମା' କଟକ ଚଣ୍ଡୀଙ୍କ ରାଜା ରାଜେଶ୍ୱରୀ ବେଶ।


ମା' ଗଡ଼ଚଣ୍ଡୀଙ୍କ କାଳୀ ବେଶ।


ମା' ବାସନ୍ତୀ ଦୁର୍ଗାଙ୍କ ଦକ୍ଷିଣ କାଳୀ ବେଶ।


ହରିପୁର ମା' ବିମଳାଙ୍କ ଭୁବନେଶ୍ୱରୀ ବେଶ।


ରଘୁନାଥ ଜୀଉ ମନ୍ଦିରସ୍ଥିତ ମା' ମଙ୍ଗଳାଙ୍କ ଚାମୁଣ୍ଡା ବେଶ।


ପିଠାପୁରସ୍ଥିତ ମା' ଧାକୁଲେଇଙ୍କ କମଳା ବେଶ।


ମା' ଝାଞ୍ଜିରି ମଙ୍ଗଳାଙ୍କ ଗାୟତ୍ରୀ ବେଶ।


ବଡ଼ମ୍ବା ମା' ଭଟ୍ଟାରିକାଙ୍କ ସିଂହବାହିନୀ ବେଶ


ତିଗିରିଆ ହାଟମାଳସ୍ଥିତ ମା' ଦୁର୍ଗା ଦେବୀଙ୍କ ଶାକମ୍ଭରୀ ବେଶ।


ବାଙ୍କୀ ଚର୍ଚ୍ଚିକାଙ୍କ ଷୋଳପୂଜାର ସପ୍ତମ ଦିନର ବେଶ।

## ଡେଙ୍ଗୁ, ମ୍ୟାଲେରିଆ ସଚେତନତା ରାଲି

କଟକ,୨୦।୯(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ୨୩ ନଂ. ୱାର୍ଡରେ ଡେଙ୍ଗୁ ଏବଂ ମ୍ୟାଲେରିଆ ରୋଗକୁ ଦୂର କରିବା ପାଇଁ ଏକ ସଚେତନତା ରାଲି ଶନିବାର ଅନୁଷ୍ଠିତ ହୋଇଯାଇଛି। କୌଣସି ସ୍ଥାନରେ ଅଳିଆ, ଆବର୍ଜନା ଦୀର୍ଘଦିନ ପକାଇ ନ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଖାଲିପାତ୍ରରେ ପାଣି ଜମି ରହିଲେ ସେହିସବୁ ସ୍ଥାନ ମଶାଙ୍କ ବଂଶବୃଦ୍ଧିରେ ସହାୟକ ହୋଇଥାଏ। ଟାୟାର, ପ୍ଲାଷ୍ଟିକ୍ ପାତ୍ର ଆଦିକୁ ଏଣେତେଣେ ନ ପକାଇବାକୁ କୁହାଯାଇଥିଲା। ନିଜେ ସତର୍କ ତଥା ସଚେତନ ରହିଲେ ଡେଙ୍ଗୁ ଏବଂ ମ୍ୟାଲେରିଆ ରୋଗ ହେବନାହିଁ ବୋଲି ଲୋକଙ୍କୁ ବୁଝାଯାଇଥିଲା। ୱାର୍ଡର କର୍ପୋରେଟର ଅରୁନ୍ଧତି କର, ସାନିଟାରୀ ଇନ୍‌ସ୍ପେକ୍ଟର ଭଗବାନ ଲେଙ୍କା, ମହିଳା ସ୍ୱାସ୍ଥ୍ୟକର୍ମୀ ଆରତୀ ଦାସ, ଓଡ଼ିଆ ବଜାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ପରିଚାଳକ ସରୋଜ ମିଶ୍ର, ଆକାଉଟାଣ୍ଟ ସମୀର ପଟ୍ଟନାୟକଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ମହିଳା ଆରୋଗ୍ୟ ସମିତିର ସଦସ୍ୟ, ସ୍ୱଚ୍ଛ ସାଥୀ, ଡେଙ୍ଗୁ ସ୍ୱେଚ୍ଛାସେବୀ ପ୍ରମୁଖ ବୁଲିବୁଲି ଲୋକମାନଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

## 'ସୁସ୍ଥ ନାରୀ ସଶକ୍ତ ପରିବାର' କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୨୦।୯(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଆଠଗଡ଼ ୩ ନଂ. ଜୋନ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଏହାକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯାନର ପ୍ରାରମ୍ଭରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ପରେ ସରକାରଙ୍କ ସୁସ୍ଥ ନାରୀ ଶସକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମରେ ପରିବାର ନାରୀମାନେ କିପରି ସୁସ୍ଥ ରହିବେ ସେଥିପାଇଁ ଜନ୍ମରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ପ୍ରତ୍ୟେକ ଗର୍ଭବତୀ, ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟ ଓ ପୃଷ୍ଟିର ଉନ୍ନତି ଆଣିବା ସମ୍ଭବ ହୋଇପାରିବ ବୋଲି ବୁଝାଇଥିଲେ। ମାତୃ ଓ ଶିଶୁ ମୃତ୍ୟୁହାର ଦୂର କରିବା ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତ ରଖିଥିଲେ। ଏଥିରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ମନୋରଞ୍ଜନ ଦାସ, ଆଠଗଡ଼ ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କବିତା ରାଣୀ ଦାସ, ଆୟୁଷ ଡାକ୍ତର ଦୀପକ ରାଜ, ଫାର୍ମାସିଷ୍ଟ ଦେବୀପ୍ରସନ୍ନ ନନ୍ଦ, ପିଙ୍କି ପ୍ରିୟଦର୍ଶିନୀ ଓ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉପରପଡ଼ିଆରେ ବାଲିଯାତ୍ରା କରାଯାଉ

କଟକ,୨୦।୯(ଶିଳ୍ପା ପ୍ରିୟଦର୍ଶିନୀ)



ଉପର ପଡ଼ିଆରେ ବାଲିଯାତ୍ରା କରିବା ଦାବି ନେଇ କଟକ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳ ଅଫିସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଚଳିତବର୍ଷ ବାଲିଯାତ୍ରା ତଳପଡ଼ିଆରେ ହେବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯିବା ପରେ ବିଭିନ୍ନ ମହଲରୁ ବିରୋଧର ସ୍ୱର ଉଠୁଛି। କଟକ ସୁରକ୍ଷା ସମିତି ପକ୍ଷରୁ ଶନିବାର ବାଲିଯାତ୍ରା ଉପରପଡ଼ିଆରେ କରାଇବାକୁ ଦାବି କରାଯାଇଛି। ଗଣେଶଘାଟସ୍ଥିତ ପେଟ୍ରୋଲ ପମ୍ପ ନିକଟରୁ ଏକ ପଦଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ବାଲିଯାତ୍ରା ଉପରପଡିଆରେ ନ କରି କେବଳ ତଳପଡିଆରେ ଆୟୋଜନ ନିଷ୍ପତ୍ତି ପରମ୍ପରା ଓ ସଂସ୍କୃତି ଉପରେ ପ୍ରଭାବ ପକାଇଛି। ଉପରପଡିଆର ବ୍ୟବହାର ନ ହେବା ଯୋଗୁ ବାଲିଯାତ୍ରାର ପାରମ୍ପରିକ ରୂପ ଏବଂ ଐତିହ୍ୟ ଅନୁଷ୍ଠାନ ଉପେକ୍ଷିତ ହେବା ଆଶଙ୍କା ରହିଛି। ବର୍ଷନ୍ତର ଧରି ଉପରପଡିଆ ହିଁ ବାଲିଯାତ୍ରାର ମୁଖ୍ୟ କେନ୍ଦ୍ର ଥିଲା, ଯାହା ସାଂସ୍କୃତିକ ଓ ଐତିହ୍ୟଗତ ଦୃଷ୍ଟିରୁ ଅପରିହାର୍ଯ୍ୟ। ଏଥିରେ ରାଜ୍ୟର ସର୍ବବୃହତ ବ୍ୟବସାୟିକ ଓ ସାଂସ୍କୃତିକ ମେଳା ବାଲିଯାତ୍ରାର ଭବିଷ୍ୟତ ନେଇ ଗଭୀର ଆଶଙ୍କା ସୃଷ୍ଟି ହେଉଛି। ଉପରପଡିଆରେ ପ୍ରଶାସନ ପାର୍କିଂ ପାଇଁ ବ୍ୟବହାର କରିବ ବୋଲି କହିଛି। କିନ୍ତୁ ପାର୍କିଂ କଲେ ବହୁତ ସମସ୍ୟା ସୃଷ୍ଟି ହେବ। ସହରର ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିବ। ମେଳା ପଡିଆରୁ ପାଖ ହୋଇଥିବାରୁ ସମସ୍ତେ ଚେଷ୍ଟା କରିବେ ଉପରବାଲିଯାତ୍ରାରେ ପାର୍କିଂ କରିବାକୁ। ଏଭଳି ସ୍ଥିତିରେ ଉପରପଡିଆ ଓ

### ଦାବି କଲା କଟକ ସୁରକ୍ଷା ସମିତି

କଟକ ସହରର ଭିଡ ନିୟନ୍ତ୍ରଣ କରିବା କାଠିକର ପାଠ ହେବ ବୋଲି ଅନୁମାନ କରାଯାଉଛି। ତେଣୁ ବାଲିଯାତ୍ରାକୁ ପୁନଃ ଉପରପଡିଆରେ ପୂର୍ବରୂପରେ ଆୟୋଜନ କରିବାକୁ ଅନୁମତି ଦିଆଯାଉ। ପରମ୍ପରା ଓ ସଂସ୍କୃତିକୁ ସୁରକ୍ଷିତ ରଖି ଏହି ଐତିହ୍ୟକୁ ଅଗ୍ରଗତି ଦିଆଯାଉ। ତଳପଡିଆରେ ପରିବେଶ ମାନ୍ୟତା ରକ୍ଷା କରି ଆଂଶିକ ଆୟୋଜନ ହେଉ, କିନ୍ତୁ ବାଲିଯାତ୍ରା ଉପରପଡିଆରେ ବି ହେଉ। ଅବଶ୍ୟକସ୍ଥଳେ ସମସ୍ତ ଉଠା ବ୍ୟବସାୟୀଙ୍କୁ ଉପରପଡିଆରେ ବସାଇ ଦିଆଯାଉ। ଫଳରେ ସେମାନଙ୍କ ବ୍ୟବସାୟ ସହ ବାଲିଯାତ୍ରାର ପରମ୍ପରା ଅକ୍ଷୁର୍ଣ୍ଣ ରହିବ ବୋଲି ଉଲ୍ଲେଖ କରାଯାଇଛି। ଅନ୍ୟପଟେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ ଦାବିପତ୍ର ଗ୍ରହଣ କରି ଉକ୍ତ ବିଷୟରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନ ସଭାପତି ଦେବାଶିଷ ରାଉତ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ସାହୁ, ସୁଜିତ ଦାସ, ଦିପ୍ତୀରଞ୍ଜନ ମହାନ୍ତି, ସୌମିତ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଶାସନ ନେଇଥିବା ନିଷ୍ପତ୍ତିକୁ ପୁନର୍ବିଚାର ଦାବି

ଚଳିତବର୍ଷ ବାଲିଯାତ୍ରା ଉପରପଡ଼ିଆରେ ନ ହେବା ଘଟଣା ନେଇ ଅସନ୍ତୋଷ ପ୍ରକାଶ କରିଛି କଟକ ମହାନଗର ଶାନ୍ତି କମିଟି। ଏହା କଟକବାସୀଙ୍କ ଭାବାବେଗ ସହ ଜଡିତ। ଏଭଳି ନିଷ୍ପତ୍ତିକୁ ପରିବର୍ତ୍ତନ କରିବାକୁ ଦାବି କରିଛି କଟକ ମହାନଗର ଶାନ୍ତି କମିଟି। ଏପରିକି ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ହସ୍ତକ୍ଷେପ କରି ଏହି ବାଲିଯାତ୍ରା ଉତ୍ସବ ଗୁରୁତ୍ୱ ଦୃଷ୍ଟିରୁ ଉପରପଡିଆକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପ୍ରସ୍ତାବକୁ ପୁନର୍ବିଚାର କରିବାକୁ ଦାବି କରାଯାଇଛି। କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସିହ୍ନା ଓ ନୃସିଂହଚରଣ ଚୌଧୁରୀ, ଉପସଭାପତି ତାପସ ପ୍ରହରାଜ ଓ ଧର୍ମେଶ ନାୟକ, ସଙ୍ଗଠନ ସମ୍ପାଦକ ଦେବାଶିଷ ରାୟ, କୋଷାଧ୍ୟକ୍ଷ ନରେଶ କୁମାର ସାହୁ ଏବଂ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ ପ୍ରମୁଖ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଥିବା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ଅସହାୟ ପିଲାଙ୍କୁ ସହାୟତାର ପ୍ରତିଶ୍ରୁତି ଦେଲେ ବିଧାୟକ


ସ୍ୱର୍ଗତ ସନାତନ ସେଠୀଙ୍କ ପରିବାର ସହ ବିଧାୟକଙ୍କ ଆଲୋଚନା।

କଟକ ସଦର,୨୦।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ହାଟସାହି ଗ୍ରାମର ଉଦୀୟମାନ ଯୁବ ତଥା ଭାଜପା କାର୍ଯ୍ୟକର୍ତ୍ତା ସନାତନ ସେଠୀଙ୍କ ହୃଦ୍‌ଘାତରେ ବିୟୋଗ ଘଟିଥିଲା। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଶନିବାର ସନାତନଙ୍କ ଘରକୁ ଆସି ନାବାଳକ ଝିଅ ଓ ପୁଅଙ୍କ ଅସୁବିଧା କଥା ବୁଝି ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପିଲାଙ୍କ ପାଠପଢା ଓ ତାଙ୍କ ବିଧବା ସ୍ତ୍ରୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ପରିବାର ଲୋକଙ୍କୁ ଆଶାସନା ଦେଇଥିଲେ। ଗତ ୧୪ ତାରିଖରେ ପୁରୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସନାତନ ଯାଇଥିବା ବେଳେ ହୃଦ୍‌ଘାତର ଶିକାର ହୋଇ ଅସୁସ୍ଥ ହୋଇପଡିଲେ। ଚିକିତ୍ସାଧୀନ ଅବସ୍ଥାରେ କଟକରେ ତାଙ୍କର ମୃତ୍ୟୁ ଘଟିଥିଲା।

## ରକ୍ତଦାନ ଶିବିର, ଚାରାରୋପଣ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଫୁଲନଖରା,୨୦।୯(ସତ୍ୟରଞ୍ଜନ ଦାସମହାପାତ୍ର)

ସ୍ୱେଚ୍ଛାସେବୀ ସଙ୍ଗଠନ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ କୁରାଙ୍ଗ ଶାସନ ଚନ୍ଦନ ପଡିଆ ଗ୍ରୀନ କ୍ଲବ ଗୃହରେ ମେଗା ରକ୍ତଦାନ ଶିବିର ଓ ବୃକ୍ଷରୋପଣ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କମିଶନରେଟ ପୋଲିସ ଜୋନ-୪ ଏସିପି ଶଶୀକାନ୍ତ ରାଉତ ଓ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ଉଦ୍‌ଘାଟନ କରିଥିଲେ। ପରେ ସଙ୍ଗଠନ ସଭାପତି ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ତଥା ଆଡଭୋକେଟ ଉମାକାନ୍ତ ନନ୍ଦ, ସଦର ବିଧାୟକ ପ୍ରତିନିଧି ତଥା କଟକ ଯୋଜନା ବୋର୍ଡ ସଭ୍ୟ ନିହାର ରଞ୍ଜନ ପଣ୍ଡା, ନିଆଳୀ ବିଧାୟକ ପ୍ରତିନିଧି ଦିଲୀପ କୁମାର ପାତ୍ର, ଜଗତ୍‌ସିଂହପୁର ଏମ୍‌ପି ପ୍ରତିନିଧି ବନ୍ଧୁଚରଣ ସାହୁ, ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ପରିଷଦ ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସମ୍ପାଦକ ଅମିତ କୁମାର ପରିଜା, ବରିଷ୍ଠ ଉପଦେଷ୍ଟା ଇଂ ସୁଶାନ୍ତ କୁମାର ତ୍ରିପାଠୀ, ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟ, ତ୍ରିଲୋଚନ ରାୟ, ପ୍ରଦ୍ୟୁମ୍ନ କୁମାର ପତି, ଧରଣୀଧର ବେହେରା, ଚନ୍ଦ୍ରମଣି ପ୍ରଧାନ, କୁରାଙ୍ଗ ଶାସନ ସରପଞ୍ଚ ରୋହିଣୀ ଭୋଇ, ହରିଅନ୍ତା ସରପଞ୍ଚ ପଦ୍ମିନୀ ପ୍ରଧାନ, ଗଣେଷ ସାହୁ, ବାବୁଲି ଭୋଇ, ସତ୍ୟରଞ୍ଜନ ଦାସ ମହାପାତ୍ର, ହେମନ୍ତ କୁମାର ମଲ୍ଲିକ, ପ୍ରକାଶ ଚନ୍ଦ୍ର ଭୋଇଙ୍କ ସମେତ ଶତାଧିକ ଅଞ୍ଚଳର ଅନେକ ବ୍ୟକ୍ତି ଯୋଗଦେଇଥିଲେ। ଅଞ୍ଚଳର ରାସ୍ତାଘାଟ, ଡାକ୍ତରଖାନା, ଶୀତଳ ଭଣ୍ଡାର ଆଦି ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣିବା, ଗରିବ, ଅସହାୟ ପରିବାର ଯୋଜନାରୁ ବଞ୍ଚିତ ହେଲେ ତାଙ୍କୁ ନ୍ୟାୟ ଯୋଗାଇଦେବା ସଙ୍ଗଠନ ଲକ୍ଷ୍ୟ ବୋଲି ସଭାପତି ଦାଶ କହିଛନ୍ତି। ଆଗାମୀ ଦିନରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରାଯିବା ବୋଲି ସମ୍ପାଦକ ଓ ଉପଦେଷ୍ଟା ମଣ୍ଡଳୀ ସୂଚନା ଦେଇଛନ୍ତି।

## ୨ ବାଇକ୍ ଚୋର ଗିରଫ: ୩ ଚୋରି ବାଇକ୍, ମୋବାଇଲ ଜବତ

ଚୌଦ୍ୱାର,୨୦।୯(ଆଶୁତୋଷ ଦାସ)

ଚୌଦ୍ୱାର ପୋଲିସ ୨ଜଣ ପେସାଦାର ବାଇକ୍ ଚୋରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଓଟିଏମ୍ ଲେବର କଲୋନୀର ହେମନ୍ତ ଦୋରା ଓରଫ ଝୁନା (୨୮) ଓ ବେରେଣାଡମ ଡମଣୀ ନିକଟ ବନ୍ଧସାହିର ପିଣ୍ଟୁ ମଲ୍ଲିକ (୧୯)। ସେମାନଙ୍କଠାରୁ ୩ଟି ଚୋରି ବାଇକ୍ ଓ ଗୋଟିଏ ମୋବାଇଲ ଫୋନ୍‌ଜବତ କରାଯାଇଛି। ଚୌଦ୍ୱାର ଥାନା ଅଧୀନ ଦେବୀ ନଗରର ରାକେଶ କୁମାର ମଙ୍ଗରାଜ ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ, ଗତ ୧୦ ତାରିଖ ବିଳମ୍ବିତ ରାତିରେ ସେ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ଓଟିଏମ୍ ବଜାର ନିକଟ ଲିବ୍ରା କାର୍ପେଟ କାରଖାନା ସମ୍ମୁଖରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବା ସହିତ ଅଚେତ୍ ହୋଇଯାଇଥିଲେ। ଚେତା ଆସିବା ବେଳେ ତାଙ୍କ ବାଇକ୍ (ନଂ. ଓଡି ୦୫ବିବି ୦୩୮୩) ସହିତ ମୋବାଇଲ ଓ ସରକାରୀ କାଗଜପତ୍ର ଥିବା ବ୍ୟାଗ୍ ମଧ୍ୟ ଦୁର୍ବୃତ୍ତମାନେ ଚୋରିକରି ନେଇଥିଲେ। ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୫୫୪/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଚୌଦ୍ୱାର ପୋଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ ବାଇକ୍ ଚୋରଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଉକ୍ତ ଚୋରି ବାଇକ୍ ଓ ମୋବାଇଲ ଫୋନ୍ ଜବତ କରାଯିବା ସହିତ ଅନ୍ୟ ୨ଟି ବାଇକ୍ ଜବତ କରାଯାଇଛି।

## ହାଇଦ୍ରାବାଦ ପ୍ୟାଲେସ ସଦୃଶ ତୋରଣ ମୁଖ୍ୟ ଆକର୍ଷଣ






କଟକ,୨୦।୯(ଶିଳ୍ପା ପ୍ରିୟଦର୍ଶିନୀ)

ଦୁର୍ଗାପୂଜାକୁ ଆଉ ମାତ୍ର ଅଳ୍ପ କେଇଟା ଦିନ ବାକିଥିବା ବେଳେ ଏବେଠାରୁ ଚଳଚଞ୍ଚଳ ହୋଇଉଠିଛି କଟକ ସହର। ପୂଜା ମଣ୍ଡପରେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଦଶହରାରେ ମା'ଦୁର୍ଗାଙ୍କ ସହ କେତୋଟି ପୂଜା ମଣ୍ଡପରେ ମହାଦେବ ପୂଜା ପାଇଥାନ୍ତି। ପୂଜାର ଦୌଡରେ ନିଜକୁ ସାମିଲ କରିଛି ମାଲ୍‌ଗୋଦାମ ପୂଜା କମିଟି। ଚଳିତବର୍ଷ ଏହି ପୂଜା କମିଟି ଦ୍ୱାରା ନିର୍ମାଣାଧୀନ ହାଇଦ୍ରାବାଦ ପ୍ୟାଲେସ ସଦୃଶ୍ୟ ତୋରଣ ମୁଖ୍ୟ ଆକର୍ଷଣ ପାଲଟିବ। ତୋରଣର ଉଚ୍ଚତା ୪୫ ଫୁଟ୍ ରହିଛି। ୧୪ ଫୁଟ୍ ଉଚ୍ଚତାବିଶିଷ୍ଟ ମହାଦେବଙ୍କ ମୂର୍ତ୍ତି ରହିଛି। ତୋରଣ କାର୍ଯ୍ୟରେ କଟକର କାରିଗର ଲାଗିଛନ୍ତି। ଏହି ପୂଜା ମଣ୍ଡପରେ ମହାଦେବଙ୍କ ପୂଜା ୧୮୬୬ରୁ କରାଯାଇ ଆସୁଛି। ମହାଦେବଙ୍କ ଜରି ମେଢ଼ କଟକର କାରିଗର ତିଆରି କରୁଛନ୍ତି। ଚଳିତବର୍ଷ ପୂଜା ବଜେଟ୍ ୨୫ ଲକ୍ଷ ଟଙ୍କା ରହିଛି। ମହାସପ୍ତମୀରେ ଏଥର କମିଟି ପକ୍ଷରୁ ମହାଦେବଙ୍କ ପାଖରେ ୧୦ କୁଇଣ୍ଟାଲ ଲଡୁ ଓ ଅନ୍ୟାନ୍ୟ ଭୋଗ କରାଯାଇ ବଣ୍ଟାଯିବ। କମିଟି ପକ୍ଷରୁ ଲକ୍ଷ୍ମୀପୂଜାରେ ୫ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଦହିପଖାଳ ଭୋଗ କରାଯାଇ ବଣ୍ଟାଯିବ। ଭସାଣିରେ ଭଳିକି ଭଳି ବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ। କମିଟି ସହ କଟକ ବଣିକ ସଂଘ, ଓଡ଼ିଶା ଚାଉଳ ବ୍ୟବସାୟୀକ ସଂଘ, ମାଲଗୋଦାମ ଖୁଚୁରା ବ୍ୟବସାୟୀ ସଂଘ, ଶ୍ରମିକ ସଂଘ, ପୁରୁଣା ଟ୍ରକ୍ ମାଲିକ ସଂଘ ପୂଜା କମିଟି ସହ ଜଡିତ ରହିଛନ୍ତି।

**ମାଲ୍‌ଗୋଦାମ ପୂଜା କମିଟି**

### ଆକର୍ଷିତ କରିବ ତୋରଣ



"ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ପୂଜା କମିଟି ପକ୍ଷରୁ ତୋରଣ ଭେଟି ଦିଆଯାଉଛି। ଏହା ଲୋକଙ୍କୁ ବେଶ୍ ଆକର୍ଷିତ କରିବ। ଏହାସହ ପୂଜା କମିଟି ପକ୍ଷରୁ ପୂଜାକୁ ସମ୍ପୂର୍ଣ୍ଣ ଭାବେ ଶୃଙ୍ଖଳିତ ଢଙ୍ଗରେ କରିବାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକବର୍ଷ ବେଶ୍ ଭିଡ଼ ଜମିଥାଏ, ତାହାକୁ ନଜରରେ ରଖି ସମସ୍ତ କର୍ମକର୍ତ୍ତା ଭିଡ଼ ନିୟନ୍ତ୍ରଣ କରିବା ନେଇ ସଜାଗ ରହିବେ। କୌଣସି ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯିବା ନାହିଁ।

ଧର୍ମାନନ୍ଦ ପାତ୍ର, ସଭାପତି

### ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ



"ପୂଜା କମିଟି ପକ୍ଷରୁ ପ୍ରତ୍ୟେକବର୍ଷ ଦିନ ସମୟରେ ମହାଦେବଙ୍କୁ ଭସାଣି ଶୋଭାଯାତ୍ରାରେ ନେଇ ବିସର୍ଜନ କରାଯାଇଥାଏ। ପୋଲିସ ପ୍ରଶାସନର ଡିଜେମୁକ୍ତ ଓ ନିଶାମୁକ୍ତ ସଚେତନତା ବାର୍ତ୍ତାକୁ ସ୍ୱାଗତ ଜଣାଉଛୁ ଏବଂ ଭସାଣିରେ ଅଧିକ ଗୁରୁତ୍ୱ ହାତବାଜା ଓ ପାରମ୍ପରିକ ବାଦ୍ୟକୁ ଦିଆଯାଇଛି।

ପ୍ରଫୁଲ୍ଲ କୁମାର ଛାଟୋଇ, ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ଲୁଟେରା ଗ୍ୟାଙ୍ଗର ଜଣେ ଅପରାଧୀଙ୍କୁ ଗିରଫ କଲା ପୋଲିସ

ପିପିଲି,୨୦।୯(ଦୁର୍ଗା ମାଧବ ମିଶ୍ର)

ପିପିଲି ଜଇଶପାଟଣା ଛକଠାରେ ଥିବା ଏକ କଲର୍ ଦୋକାନରୁ ଗତ ୧୪ ତାରିଖରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଏଥିରେ ୫ଜଣ ବ୍ୟକ୍ତି ସମ୍ପୃକ୍ତ ଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା। ପିପିଲି ପୋଲିସ ଓ ସାଇଣ୍ଟିଫିକ୍ ଟିମ ଚୋରି ଘଟଣାର ତଦନ୍ତ କରୁଥିବା ବେଳେ ଶନିବାର ଉକ୍ତ ଥାନା ଅନ୍ତର୍ଗତ ଭାରତୀପୁରର ଜ୍ୟୋତିରଞ୍ଜନ ପଟ୍ଟନାୟକଙ୍କୁ ଗିରଫ କରିଛି। ଡକାୟତିରେ ସଂପୃକ୍ତ ଥିବା ଅନ୍ୟ ଦୁର୍ବୃତ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପିପିଲି ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

### 'କୋଣାର୍କରେ ଆଦର୍ଶ ଗୋଶାଳା ଖୋଲାଯାଉ'

#### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାମାଜିକ କର୍ମୀ

କୋଣାର୍କ,୨୦।୯(ଜ୍ୟୋତିରାଜ ମହାନ୍ତି)

ରାଜ୍ୟରେ ଆଦର୍ଶ ଗୋଶାଳା ଖୋଲିବାକୁ ସରକାର ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ସାମାଜିକ କର୍ମୀ ଏନ୍. ଏ. ଶାହ ଅନସାରୀ କହିବା ସହ କୋଣାର୍କରେ ଏକ ଆଦର୍ଶ ଗୋଶାଳା ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେ କହିଛନ୍ତି, କୋଣାର୍କରେ ପର୍ଯ୍ୟଟକଙ୍କ ଭିଡ଼ ହେଉଥିବାବେଳେ ବୁଲା ଷଣ୍ଢ, ଗୋରୁ ଏବଂ ଅନ୍ୟ ପଶୁମାନଙ୍କ ଦ୍ୱାରା ବିଭିନ୍ନ ସମସ୍ୟା ଗୁରୁତର ଅବସ୍ଥା ସୃଷ୍ଟି କରୁଛି। ବହୁ ସମୟରେ ପର୍ଯ୍ୟଟକମାନେ ଆକ୍ରମଣର ଶିକାର ହେଉଛନ୍ତି। କୋଣାର୍କରେ ଏକ ଆଦର୍ଶ ଗୋଶାଳା ଖୋଲାଗଲେ ସହର ବୁଲାପଶୁମୁକ୍ତ ହେବା ସହିତ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ସକାରାତ୍ମକ ବାର୍ତ୍ତା ଯିବ। ଏହି ଗୋଶାଳାକୁ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ପରିଦର୍ଶନ କରି ପ୍ରାଣୀ କଲ୍ୟାଣରେ ଓଡ଼ିଶା ସରକାରଙ୍କ ସଦ୍‌ଭାବନାକୁ ବିଶ୍ୱସ୍ତରରେ ପ୍ରଚାର କରିପାରିବେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବ୍ରହ୍ମଗିରି,୨୦।୯ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକରେ ଶୁକ୍ରବାର ବ୍ରହ୍ମଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ବ୍ରହ୍ମଗିରି ବ୍ଲକ ଅନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ୍ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ଉଦ୍ଦେଶ୍ୟ ନେଇ ଅନୁଷ୍ଠିତ ଏହି ଶିବିରକୁ ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନବାଳା ବେହେରା ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଉପାଧ୍ୟକ୍ଷା ମାଳିନୀ ଦଳାଇ, ଏବିଡିଓ ମହମ୍ମଦ ଆକବର, ଜିଲାପରିଷଦ ସଦସ୍ୟ କୈଳାସ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସେକ୍ସନ ଅଫିସର ସମୀର ମହାନ୍ତି, ସରୋଜ କୁମାର ସେଠୀ, ଶୁଭସ୍ମିତି ଜେନା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପନି ନାୟକ ଶିବିରକୁ ପରିଚାଳନା କରିଥିଲେ।

# ଖୁବ୍‌ଶିଘ୍ର ଭୁବନେଶ୍ୱର-କୋଣାର୍କ ରେଳପଥ ନିର୍ମାଣ ପାଇଁ ସର୍ଭେ

**ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ସୂଚନା ପରେ ବିଭିନ୍ନ ମହଲରୁ ସ୍ୱାଗତ**

କୋଣାର୍କ/ନିମାପଡ଼ା,୨୦।୯ (ଜ୍ୟୋତିରାଜ ମହାନ୍ତି/ବିଚିତ୍ରାନନ୍ଦ ସାହୁ)



ନିମାପଡ଼ା ଦୋଳବେଦି ଛକଠାରେ ଭାଜପା ନେତୃବୃନ୍ଦ ଓ କର୍ମୀମାନେ ବାଜା ବଜାଇ, ବାଣ ଫୁଟାଇ ଖୁସି ମନାଉଛନ୍ତି।

ଭୁବନେଶ୍ୱର-କୋଣାର୍କ ରେଳପଥ ଡିପିଆର୍ ପ୍ରସ୍ତୁତ ପାଇଁ ଖୁବ୍‌ଶୀଘ୍ର ଲୋକେଶନ ସର୍ଭେ କରାଯିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ପତ୍ର ଲେଖି ଜଣାଇବା ପରେ ଉପମୁଖ୍ୟମନ୍ତ୍ରୀ ନିଜ ଏକ୍ସ ଆକାଉଣ୍ଟରେ ଏହି ସୂଚନା ଦେଇଛନ୍ତି। କୋଣାର୍କକୁ ରେଳ ସଂଯୋଗ ନେଇ ସୂଚନା ମିଳିବା ପରେ କୋଣାର୍କ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାର ସୁଅ ଛୁଟିଥିବା ବେଳେ କେନ୍ଦ୍ର ରେଳ ମନ୍ତ୍ରଣାଳୟର ନିଷ୍ପତ୍ତିକୁ କୋଣାର୍କ ଅଞ୍ଚଳର ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ନିମାପଡ଼ା-ଗୋପ କୋଣାର୍କ ଅଞ୍ଚଳର ପର୍ଯ୍ୟଟନ ଶିଳ୍ପର ବିକାଶ, କୃଷି, ସ୍ୱାସ୍ଥ୍ୟ ଓ ଗମନାଗମନ ଆବଶ୍ୟକତା ଦୃଷ୍ଟିରୁ ଏହି ରେଳପଥ ନିର୍ମାଣ ପାଇଁ ଜୁଲାଇ ୨୮ ତାରିଖରେ ଉପମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖିଥିଲେ। ଏହି ମହତ୍ ଉଦ୍ଦେଶ୍ୟକୁ ସ୍ୱାଗତ ଜଣାଇ କୋଣାର୍କ ସୁରକ୍ଷା ସମିତି ସମ୍ପାଦକ ରାମକୃଷ୍ଣ ମହାନ୍ତି, କୋଣାର୍କ ସାମ୍ବାଦିକ ସଂଘ, କୋଣାର୍କ ପ୍ରେସ୍ କ୍ଲବ, ହସ୍ତଶିଳ୍ପ ବ୍ୟବସାୟୀ ସଂଘ, ହୋଟେଲ ଆସୋସିଏଶନ ସଭାପତି ସୁବାସ ନାୟକ, ସାମାଜିକ କର୍ମୀ ରଶ୍ମି ରଞ୍ଜନ ବିଶ୍ୱାଳ, କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ସଭାପତି ଚନ୍ଦ୍ରଶେଖର ରାଉତରାୟ, ପୂର୍ବତନ କାଉନ୍‌ସିଲର ରଞ୍ଜିତ ରାଉତରାୟ, ସାମାଜିକ କର୍ମୀ ପଦ୍ମଚରଣ ବେଉରା, ଶତ୍ରୁଜିତ୍ ନାୟକ, କୋଣାର୍କ ଭାଜପା ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ମଗୁଲି ମୁଦୁଲି ପ୍ରମୁଖ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି ଖୁସି ଖବର ଓ ନୂତନ ରେଳପଥ ସଂଯୋଗ ପାଇଁ ଅନୁମତି ମିଳିଥିବାରୁ ନିମାପଡ଼ା ଭାଜପା ଓ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଗଭୀର କୃତଜ୍ଞତା, ଧନ୍ୟବାଦ ଓ ସାଧୁବାଦ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଭାଜପା ନେତା ଶ୍ୟାମସୁନ୍ଦର ନାୟକ, ନିମାପଡ଼ା ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯତୀନ୍ଦ୍ର ସ୍ୱାଇଁ, ନଗର ସଭାପତି ନିରଞ୍ଜନ ନାୟକ, ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ, ଏମ୍‌ପିଙ୍କ ଗୋପ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି, ନିମାପଡ଼ା ଅଞ୍ଚଳର ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ା, ଭାଜପାର ଯୁବନେତା ସନ୍ତୋଷ ଓଝା, ଆତ୍ମା ଅଧ୍ୟକ୍ଷ ଦିଲ୍ଲୀପ ପରିଡ଼ା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଓ ନେତୃବୃନ୍ଦ ସ୍ଥାନୀୟ ଦୋଳବେଦୀ ଛକଠାରେ ବାଜା ବଜାଇ ଉପମୁଖ୍ୟମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

# ମୁକୁଳାପଡ଼ିଛି ୨୨୦ରୁ ଊର୍ଦ୍ଧ୍ୱ ଟ୍ରାନ୍ସଫର୍ମର

କଣାସ,୨୦।୯(ବିଭୂତି ଭୂଷଣ ତ୍ରିପାଠୀ)



କଣାସ ବ୍ଲକର ୨୮ଟି ପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡ଼ା ଗ୍ରାମ ଥିବାବେଳେ ସମସ୍ତ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଅନେକ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ସୁରକ୍ଷା ବାଡ଼ ତିଆରି ହୋଇଥିବାବେଳେ ୨୨୦ରୁ ଊର୍ଦ୍ଧ୍ୱ ସବ୍‌ଷ୍ଟେଶନରେ ସୁରକ୍ଷା ବାଡ଼ ନ ଥିବାରୁ କେତେବେଳେ ଯେ କ'ଣ ଅଘଟଣ ନ ଘଟିବ କହି ହେବ ନାହିଁ। ଏ ସମ୍ପର୍କରେ କଣାସ ବିଦ୍ୟୁତ୍ ସବ୍‌ଷ୍ଟେଶନର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କୁହନ୍ତି, ବହୁତଗୁଡ଼ିଏ ଟ୍ରାନ୍ସଫର୍ମର ମୁକୁଳା ଥିବାବେଳେ ଧୀରେ ଧୀରେ ତାହାର ସୁରକ୍ଷା ବାଡ଼ ନିର୍ମାଣ କରାଯାଉଛି। ଅନେକ ମୁକୁଳା ପଡ଼ିଥିବା ସବ୍‌ଷ୍ଟେଶନ ତଳେ ଗାଈ ଚରୁଥିବା ଦେଖିବାକୁ ମିଳିଛି।

# ୩୫ ୟୁନିଟ୍ ରକ୍ତ ସଂଗ୍ରହ



ଅତିଥିଙ୍କ ଉପସ୍ଥିତିରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

ସାକ୍ଷୀଗୋପାଳ,୨୦।୯(କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ/ଭରତ ରାଉତ)

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ଅବସରରେ ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନାରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଜୟପ୍ରଦା, ସମ୍ମାନିତ ଅତିଥି ଭାବେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ସ୍ଥାନୀୟ ବିଧାୟକ ଓମପ୍ରକାଶ ମିଶ୍ର ଯୋଗଦେଇ ସପ୍ତାହ ବ୍ୟାପୀ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଜନସାଧାରଣ ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। ଏହି ପରୀପ୍ରେକ୍ଷୀରେ ପ୍ରତିଦିନ ବିଶେଷଜ୍ଞମାନଙ୍କ ଚିକିତ୍ସା ପରାମର୍ଶ ସହିତ ଆସନ୍ତା ୨୫ରେ ସାକ୍ଷୀଗୋପାଳରେ ମେଗା ସ୍ୱାସ୍ଥ୍ୟମେଳା ଆୟୋଜନ କରାଯାଇଛି ବୋଲି ଡ଼ାକ୍ତରଖାନାର ମୁଖ୍ୟ ଡାକ୍ତର ଦେବାଶିଷ ନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ପଞ୍ଚାୟତ ସମିତି ସଭ୍ୟ ଦୀପକ କୁମାର ଶତପଥି, ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ବିଷ୍ଣୁପ୍ରିୟା ବରାଳ, ଆତ୍ମା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ତ୍ରିଲୋଚନ ରଥ, ଉମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସାମଗ୍ରିକ ସୁସ୍ଥତା, ସାମାଜିକ ସେବା ଏନ୍‌ଏସ୍‌ଏସ୍‌ର ମୂଳଲକ୍ଷ୍ୟ



ସମାରୋହରେ ମଞ୍ଚାସୀନ ଅତିଥିଙ୍କ ସହ ଶିବିରାର୍ଥୀମାନେ।

ନିମାପଡ଼ା,୨୦।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ (ଏନ୍‌ଏସ୍‌ଏସ୍) ପକ୍ଷରୁ ଏକ ୭ ଦିନିଆ ସ୍ୱତନ୍ତ୍ର ସେବା ଶିବିରର ଉଦ୍‌ଘାଟନ ସମାରୋହ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ସାମଗ୍ରିକ ସୁସ୍ଥତା ଓ ସାମାଜିକ ସେବା ଏହି ସ୍ୱତନ୍ତ୍ର ଶିବିରର ମୁଖ୍ୟ ଲକ୍ଷ୍ୟ, ମାନବ ସେବା ହିଁ ମାଧବ ସେବା, ସେବା ହିଁ ଚିର ଶାଶ୍ୱତ, ସାଧାରଣଜନତା, ଗରିବ, ନିରୀହ, ଅସହାୟ, ବରିଷ୍ଠ ନାଗରିକଙ୍କ ସେବା କରିବାକୁ ଜାତୀୟ ସେବା ଯୋଜନାର ଶିବିରାର୍ଥୀମାନେ ବ୍ରତୀ ହେବାକୁ ଓ ସମସ୍ତ ଶିବିରାର୍ଥୀମାନେ ଜଣେ ଜଣେ ଉତ୍ତମ ନାଗରିକ ହେବା ସହ ସୁସ୍ଥ, ସ୍ୱଚ୍ଛ ସମାଜ, ଦେଶ, ଜାତି ଗଠନରେ ସହାୟକ ହେବାପାଇଁ ଅତିଥିମାନେ ଆଲୋକପାତ କରିଥିଲେ। ଏହି ସମାରୋହରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ, କବି, ଲେଖକ ପ୍ରକାଶ ଚନ୍ଦ୍ର ଖଟୋଇ, କଲେଜ ଅଧ୍ୟକ୍ଷା ଅମିତା ମହାନାୟକ, ପ୍ରଶାସନିକ ଡ. ରବୀନ୍ଦ୍ର ନାଥ ପାଢ଼ୀ. ପ୍ରଦୀପ କୁମାର ଦାଶ, ସହକାରୀ ପ୍ରଶାସନିକ ଅଧିକାରୀ ତଥା ଏନ୍‌ସିସିର ସିଟିଓ ଅଧ୍ୟାପକ ପ୍ରବୀର କୁମାର ବେହେରା, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଧିକାରୀ ଡ. ବିଷ୍ଣୁ ପ୍ରସାଦ ସାହୁ, ଅଧ୍ୟାପକ ସୁରେଶ ବେହେରା ପ୍ରମୁଖ ଯୋଗଦେଇ ଏହି ଶିବିରର ମୁଖ୍ୟଲକ୍ଷ୍ୟର ଗୁରୁତ୍ୱାରୋପ କରିଥିଲେ। ଶିବିରରେ ସଡ଼କ ସୁରକ୍ଷା, ବୃକ୍ଷରୋପଣ, ପରିବେଶ ସୁରକ୍ଷା, ସାଇବର ସୁରକ୍ଷା, ଉଚିତ ସ୍ପର୍ଶ, ଅନୁଚିତ ସ୍ପର୍ଶ, ମହିଳା ସଶକ୍ତୀକରଣ, ବରିଷ୍ଠ ନାଗରିକଙ୍କୁ ସେବା ପ୍ରଦାନ, ପ୍ରଧାନମନ୍ତ୍ରୀ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ କରାଯିବା ପାଇଁ ଶିବିରରେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଶିବିରାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ଉଦ୍‌ଯାପନୀ ଦିବସରେ ସମ୍ମାନିତ ଓ ପୁରସ୍କୃତ କରାଯିବ ବୋଲି ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଧିକାରୀ ଡ. ବିଷ୍ଣୁ ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

## 'ସୁସ୍ଥ ନାରୀ ସଶକ୍ତ ପରିବାର'

କଣାସ,୨୦।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାରଠାରୁ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କଣାସର ସମସ୍ତ ୨୩ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଟିକାକରଣ କେନ୍ଦ୍ର, ନନ୍ଦିଗଦା, ସାହୁପଡ଼ା, ହରଚଣ୍ଡୀପ୍ରସାଦ ଓ ମଦାରଣସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳାଙ୍କ ବିସ୍ତୃତ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ମାନସ ରଞ୍ଜନ ଦାଶଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ୩୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ରକ୍ତଚାପ, ମଧୁମେହ, କର୍କଟ, ରକ୍ତହୀନତା ଓ ମାନସିକ ରୋଗ ସମ୍ପର୍କରେ ପରୀକ୍ଷା ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ଯକ୍ଷ୍ମା, ମାନସିକ ରୋଗ ସ୍କ୍ରିନିଂ ଇତ୍ୟାଦି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲୁ ରହିବ। ଶୁକ୍ରବାର ରିପୋର୍ଟ ହେଲାବେଳକୁ ୧,୪୭୦ ଜଣ ମହିଳାଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ଆଜି ଆଶା ଦିଦିମାନେ ପ୍ରତ୍ୟେକ ଗୋଟିଏ ଲେଖାଏ ବୃକ୍ଷ ରୋପଣ କରିଥିବା ବେଳେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. କ୍ଷମାନିଧି ସେଠୀ, ଡା. ସବ୍ୟସାଚୀ ମହାପାତ୍ର, ଡା. ସୌମ୍ୟରଞ୍ଜନ ସେଠୀ, ଡା. ବିଶ୍ୱରଞ୍ଜନ ଜେନା, ଧନେଶ୍ୱର ସ୍ୱାଇଁ, ସ୍ୱର୍ଣ୍ଣଲତା ରଥ ପ୍ରମୁଖ ଚାରାରୋପଣ କରିଛନ୍ତି। ଡା. ମାନସ ରଞ୍ଜନ ଦାଶ ଏବଂ ଡା. ସୁଶାନ୍ତ ନାୟକ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଡିମିର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକ୍ରମକୁ ସମୀକ୍ଷା କରିଥିଲେ।

## ପାଲା ଗାୟକ ଅନାଦି ପ୍ରଧାନଙ୍କ ସ୍ମୃତିସଭା

କୋଣାର୍କ,୨୦।୯(ଜ୍ୟୋତିରାଜ ମହାନ୍ତି)

ବିଶ୍ୱଶାନ୍ତି ସେବାଶ୍ରମ ଏବଂ ଅର୍କମଣ୍ଡଳ ପାଲା ଗାୟକ ପରିଷଦ ଆନୁକୂଲ୍ୟରେ ପାଲାକାର ଗାୟକ ଅନାଦି ଚରଣ ପ୍ରଧାନଙ୍କ ଏକାଦଶାହ ଅବସରରେ ତାଙ୍କ ଗ୍ରାମ ରାଇବେରୁଆଁରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଜ୍ୟର ଶତାଧିକ ପାଲା କଳାକାର ଯୋଗଦେଇ ତାଙ୍କର ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅଖଣ୍ଡ ପୁରୀ ଜିଲା ପାଲାଗାୟକ ପରିଷଦର ସଭାପତି ଲକ୍ଷ୍ମୀଧର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ପାଲାଗାୟକ ପରିଷଦ ସାଧାରଣ ସମ୍ପାଦକ ଆନନ୍ଦ ବସନ୍ତ କୁମାର ରାଉତ, ରାଜ୍ୟ ସାଂସ୍କୃତିକ ସମ୍ପାଦକ ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ, ବ୍ୟଙ୍ଗକବି ସମ୍ପଦ କୁମାର ରଥ, ଜିଲା ସମ୍ପାଦକ ଲମ୍ବୋଦର ବେହେରା, ଜିଲା ସାଂସ୍କୃତିକ ସମ୍ପାଦକ ମଙ୍ଗରାଜ ବିଶ୍ୱାଳ, ଗାୟକ ପ୍ରଫୁଲ୍ଲ କୁମାର ରାଉତ, ଗାୟକ ଚନ୍ଦନ ଉପେନ୍ଦ୍ର ସ୍ୱାଇଁ, ଅର୍କମଣ୍ଡଳ ସଭାପତି ବାଉରୀବନ୍ଧୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ପ୍ରଧାନଙ୍କ ପାଲା ପ୍ରତି ଅବଦାନ ଓ ତାଙ୍କର ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅର୍କମଣ୍ଡଳ ସମ୍ପାଦକ ମଙ୍ଗରାଜ ବିଶ୍ୱାଳ ପରିଚାଳନା କରିଥିଲେ।



ସ୍ମୃତିସଭାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ନାରୀଙ୍କ ପ୍ରତି ନିର୍ଯାତନା, ଅପରାଧ ରୋକାଯିବାକୁ ଦାବି

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାରେ ଦିନକୁ ଦିନ ନାରୀଙ୍କ ପ୍ରତି ନିର୍ଯାତନା ଏବଂ ଅପରାଧ ବଢ଼ିଚାଲିଥିବା ସଙ୍ଗଶ୍ରୀ ଫାଉଣ୍ଡେସନ ଅଭିଯୋଗ ଆଣିବା ସହ ଉଦ୍‌ବେଗ ପ୍ରକାଶ କରିଛି। ଏନେଇ ଶନିବାର ସଙ୍ଗଶ୍ରୀ ଫାଉଣ୍ଡେସନ ପକ୍ଷରୁ ପୁରୀ ଆଚାର୍ଯ୍ୟ ହରିହର ଛକଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଉକ୍ତ ପତ୍ରରେ ଦର୍ଶାଯାଇଛି ଯେ, ସରକାର ନାରୀ ସୁରକ୍ଷାକୁ ପ୍ରାଥମିକତା ଦେଉଛନ୍ତି ବୋଲି କହୁଥିବାବେଳେ ବିଗତ ଦିନର ଘଟଣାବଳୀ ଏନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାଲିହରଚଣ୍ଡୀ ପୀଠରେ ଯୁବତୀଙ୍କୁ ବଳାତ୍କାର, କନଷ୍ଟେବଳ ଶୁଭମିତ୍ରା ହତ୍ୟାକାଣ୍ଡ, ସୌମ୍ୟାଶ୍ରୀ ପୋଡ଼ିଯିବା ଆଦି ଅନେକ ଘଟଣା ଏହାର ଉଦାହରଣ। ଅନେକ କ୍ଷେତ୍ରରେ ମହିଳାଙ୍କ ନିର୍ଯାତନା ଘଟଣା ସାମ୍ନାକୁ ଆସିପାରୁନାହିଁ। ଘରୋଇ ହିଂସା ସମ୍ବନ୍ଧିତ ଅନେକ ମାମଲା ଏବେ ବି ଥାନା ଓ କୋର୍ଟରେ ପଡ଼ିରହିଛି। ମା', ବାପାମାନେ ଝିଅଙ୍କୁ ପାଠ ପଢାଇବା ଓ ବାହାରକୁ ଛାଡ଼ିବା ପାଇଁ ଭୟ କରୁଛନ୍ତି। ତେଣୁ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଆଇନଶୃଙ୍ଖଳା ପ୍ରତି ଗୁରୁତ୍ୱ ଦେବାକୁ ଫାଉଣ୍ଡେସନ ପକ୍ଷରୁ ଦାବି କରାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ଅରୁଣିମା ନନ୍ଦ, ସମ୍ପାଦିକା ପଦ୍ମିନୀ ବେହେରା, ସହସମ୍ପାଦିକା ଝାନ୍ସିରାଣୀ ମିଶ୍ର, ସଂଯୋଜିକା ବିଚିତ୍ରା ମିଶ୍ର, ସଭାନେତ୍ରୀ ସବିତା ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।



ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଶ୍ରୀ ଫାଉଣ୍ଡେସନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଷୋଡ଼ଶ ଉପଚାର ପୂଜା ପାଇଁ ମା' ଚିତ୍ରେଶ୍ୱରୀଙ୍କ ପୀଠ ଉତ୍ସବମୁଖର

- ଜବରଦଖଲରେ ସମ୍ପତ୍ତି
- ଅବହେଳିତ ଅବସ୍ଥାରେ ପୀଠ

ଅସ୍ତରଙ୍ଗ,୨୦।୯(ମମତା ଜେନା)

କାକଟପୁର ବ୍ଲକ ଅବଦାନ ଗ୍ରାମପଞ୍ଚାୟତର ଯଦୁପୁର ଗ୍ରାମରେ ମା' ଚିତ୍ରେଶ୍ୱରୀଙ୍କ ପୀଠ ଅବସ୍ଥିତ। ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରୁ ମା' ଚିତ୍ରେଶ୍ୱରୀ ଅନ୍ୟତମ। ମା'ଙ୍କୁ ବନ୍ଦର ଦେବୀ କୁହାଯାଏ। ମା'ଙ୍କ ପୀଠରେ ଆଶ୍ୱିନ ମାସର କୃଷ୍ଣପକ୍ଷ ମୂଳାଷ୍ଟମୀଠାରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ମା' ହେଉଛନ୍ତି ଆଦିକାଳୀ। ଏଣୁ ତାଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥାଏ। ଏହି ସମୟରେ ପୀଠରେ ଷୋଳଦିନ ବ୍ୟାପୀ ଦୁଇବେଳା ଚଣ୍ଡୀପାଠ ଓ ବିଭିନ୍ନ ବେଶ କରାଯାଉଛି। ପ୍ରତ୍ୟହ ଭୋର ୪ଟାରେ ପୀଠରେ ପହଡ଼ ଖୋଲାଯାଇ ମା'ଙ୍କୁ ସୁବାସିତ ଜଳରେ ସ୍ନାନ ଓ ମାଜଣା କରାଯିବା ପରେ ସକାଳ ୫ଟାରେ ମଙ୍ଗଳ ଆଳତି, ମହାପ୍ରସାଦ, ବଲ୍ଲଭ ଭୋଗ, ଦହି, ଖଇ ଓ ଖେଚୁଡ଼ି ଭୋଗ କରାଯାଉଛି। ପ୍ରାତଃ ସମୟରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ହେଉଛି। ମଧ୍ୟାହ୍ନରେ ସାଦା ଅନ୍ନ, ମାଛବେସର, କାକରା, ଡାଲି, ଖଟା ଓ ଖିରି ଭୋଗ ଲାଗିହେଉଛି। ମଧ୍ୟାହ୍ନ ଆଳତି ପରେ ଅପରାହ୍ନ ୧୨ଟାରୁ ୧ଟା ପର୍ଯ୍ୟନ୍ତ ପହଡ଼ ପଡୁଛି। ପୁନର୍ବାର ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ଚାଲୁଛି। ସନ୍ଧ୍ୟା ୬ଟାରେ ଆଳତି, ୬ଟା ୩୦ରେ ସ୍ନାନ ଓ ବାଳଭୋଗ, ରାତି ୧୦ଟାରେ ଦହିପଖାଳ, ପଣା, କାକରା ଆଦି ଭୋଗ ହେଉଛି। ରାତ୍ରଭୋଗ ଶେଷରେ କଂସାପାତ୍ରରେ ପଇଡ଼ ପାଣିକୁ ମା'ଙ୍କୁ ସମର୍ପଣ କରାଯାଉଛି। ରାତ୍ର ୧୧ଟାରେ ବଡ଼ସିଂହାର ଧୂପ ଓ ଆଳତି ପରେ ପହଡ଼ ପଡୁଛି। ମା'ଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଉଛି। ମହାଷ୍ଟମୀ ଦିନ ଭୋର ୩ ଟାରେ ଘିଅ ସହିତ ୧୦୮ ବେଲପତ୍ରକୁ ହୋମାଗ୍ନିରେ ଆହୁତି କରାଯିବାର ପରମ୍ପରା ରହିଛି ବୋଲି ସେବାୟତମାନେ କହିଛନ୍ତି। ଷୋଡ଼ଶ ଉପଚାର ପୂଜା ଅବସରରେ ମା'ଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିରହୁଛି। ମା'ଙ୍କ ସେବା ପାଇଁ ୩୬ ପାଟକ ନିଯୋଗ ନିୟୋଜିତ ଥିବାବେଳେ ୬୦ ଏକର ଜମି ରହିଛି। ମା'ଙ୍କର ଅର୍ଦ୍ଧାଧିକ ସମ୍ପତ୍ତି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବାରୁ ସମ୍ପତ୍ତିର ଆୟ ମନ୍ଦିରକୁ ଆସିପାରୁନାହିଁ। ଫଳରେ ଅର୍ଥାଭାବ ଯୋଗୁ ମା'ଙ୍କ ପୀଠର ବିକାଶରେ ଅନ୍ତରାୟ ସୃଷ୍ଟି ହେଉଛି। କୋଣାର୍କ ଠାରୁ ୧୦ କିଲୋମିଟର ଦୂରରେ ଏହି ପୀଠଟି ଥିଲେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି। ସରକାରଙ୍କ ପ୍ରୋତ୍ସାହନ ମିଳିଲେ ପୀଠଟିର ବିକଶିତ ହୋଇ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେବା ସହ ପ୍ରମୁଖ ଦେବୀ ପୀଠ ଭାବେ ପ୍ରସିଦ୍ଧି ଲାଭ କରିପାରିବ ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।



### ଐତିହାସିକ ତଥ୍ୟ କହେ

ପ୍ରଥମ ଶତାବ୍ଦୀରେ ଏହି ଅଞ୍ଚଳ ଏକ ପ୍ରମୁଖ ନୌବାଣିଜ୍ୟ କେନ୍ଦ୍ର ରୂପେ ଗଢ଼ିଉଠିଥିଲା। ସେତେବେଳେ ଏହି ନୌବାଣିଜ୍ୟ କେନ୍ଦ୍ରର ନାମ ଥିଲା କୋଇନାପୁରା। ପରବର୍ତ୍ତୀ ସମୟରେ କୋଇନାପୁରା ଅପଭ୍ରଂଶ ହୋଇ କୋଣାର୍କ ହୋଇଥିବା ଶୁଣିବାକୁ ମିଳେ। କଥିତ ଅଛି, ନୌବାଣିଜ୍ୟ କରିବାକୁ ଯାଉଥିବା ସାଧବମାନେ ସିଂହଳରୁ ମା'ଙ୍କୁ ଆଣି ଚିତ୍ରୋତ୍ପଳା ନଦୀକୂଳରେ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିଲେ। ତେଣୁ ମା'ଙ୍କୁ ଚିତ୍ରେଶ୍ୱରୀ ନାମରେ ନାମିତ କରାଗଲା। ସେହିପରି ସାଧବ ଓ ବଣିକଙ୍କର ଅଗ୍ରପୂଜ୍ୟା ଦେବୀ ଭାବେ ପୂଜିତ ହେବା ସହ ବନ୍ଦର ଦେବୀ ଭାବେ ଲୋକମୁଖରେ ଖ୍ୟାତ ହେଲେ। ସେ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ। ମା' ଚିତ୍ରେଶ୍ୱରୀଙ୍କ ସମ୍ପର୍କରେ ସାରଳା ମହାଭାରତ, ପୁରୁଷୋତ୍ତମ ମାହାତ୍ମ୍ୟ, ମାଦଳା ପାଞ୍ଜି ତଥା ବିଭିନ୍ନ ଐତିହାସିକ ବିବରଣୀରୁ ଅନେକ ସୂଚନା ମିଳିଥାଏ। ସେହିପରି ଅନେକ କିମ୍ବଦନ୍ତୀ ରହିଛି।

# ୨୨ରେ ବିଧାନସଭା ଘେରିବ ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସଂଘ

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)

୪ ଦଫା ଦାବି ନେଇ ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସଂଘ (ପିଏଚ୍.ଆଇ.ଇ.ଭି.ଡବ୍ଲ୍ୟୁ) ପକ୍ଷରୁ ଆସନ୍ତା ୨୨ରେ ବିଧାନସଭା ଘେରାଉ କରିବ ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ରାଜ୍ୟର ୩୦ ଜିଲାର ୧୧୧୭ ଜଣ ଭିନ୍ନକ୍ଷମ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଭାବେ ଦୀର୍ଘ ୧୪ ବର୍ଷ ହେବ ନିରବଚ୍ଛିନ୍ନ ଭାବେ ଶିକ୍ଷା ପ୍ରଦାନ କରିଆସୁଛନ୍ତି, ଯାହାକି ଜଣେ ଭିନ୍ନକ୍ଷମ ପକ୍ଷେ ଅତ୍ୟନ୍ତ କଷ୍ଟଦାୟକ କାର୍ଯ୍ୟ। ତେଣୁ ସରକାର ଯଦି ୪ ଦଫା ଦାବି ପୂରଣ ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ।

# ଶିଶୁବାଟିକା ପାଇଁ ଶିକ୍ଷକ ନିଯୁକ୍ତି ଦିଆଯାଉ

## ବିଭିନ୍ନ ଦାବିରେ ଆଶାୟୀ ଶିକ୍ଷକଙ୍କ ଆନ୍ଦୋଳନ

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)



ଚାକିରି ଆଶାୟୀମାନେ ଲୋଏର ପିଏମ୍‌ଜିରେ ବିକ୍ଷୋଭ କରୁଛନ୍ତି।

ଶିଶୁ ବାଟିକାରେ ଶିଶୁ ସେବିକା ନିଯୁକ୍ତିକୁ ରଦ୍ଦ କରାଯାଇ ସେଠାରେ ପ୍ରାକ୍-ପ୍ରାଥମିକ ଶିକ୍ଷକ (ଶିଶୁ ଶିକ୍ଷକ)ଙ୍କୁ ନିଯୁକ୍ତି ଦିଆଯାଉ। ଜାତୀୟ ଶିକ୍ଷାନୀତି-୨୦୨୦କୁ ରାଜ୍ୟ ସରକାର ଅନୁସରଣ କରନ୍ତୁ। ଶିଶୁବାଟିକା ପାଇଁ ସ୍ୱତନ୍ତ୍ର ପଦବୀ ସୃଷ୍ଟିକରି ସେଥିରେ ଡିଇସିଇ/ଇସିସିଇ/ଏନ୍‌ଟିଟି ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉ ଆଦି ବିଭିନ୍ନ ଦାବି ନେଇ ଶନିବାର ପ୍ରାକ୍-ପ୍ରାଥମିକ ଆଶାୟୀ ଶିକ୍ଷକ ସଂଘର ହଜାର ହଜାର ଆଶାୟୀ ଶିକ୍ଷକ ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନ କରିଥିଲେ। ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।
ଆଶାୟୀ ଶିକ୍ଷକଙ୍କ କହିବାନୁସାରେ, ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାବର୍ଷ ୨୦୨୫-୨୬ରେ 'ଶିଶୁ ବାଟିକା-୩'ରେ କୁନି କୁନି ପିଲାଙ୍କୁ ବିଭିନ୍ନ ପଦ୍ଧତି ମାଧ୍ୟମରେ ଶିକ୍ଷାଦାନ କରିବାକୁ ତାଲିମ ନେଇଛନ୍ତି। ଜାତୀୟ ଶିକ୍ଷାନୀତିରେ ଶିଶୁବାଟିକାରେ ଜଣେ ଲେଖାଏ ତାଲିପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ଦିଆଯିବାର ପ୍ରସ୍ତାବ ରହିଛି। ହେଲେ ରାଜ୍ୟ ସରକାର ଏଯାଏ ଶିଶୁସେବିକା ପରି କୌଣସି ଶିଶୁ ଶିକ୍ଷକ ପଦବୀ ସୃଷ୍ଟି କରିନାହାନ୍ତି। ଏନେଇ ସଂଘ ପକ୍ଷରୁ ଜୁଲାଇରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲେ ମଧ୍ୟ ସେ ସିଧାସଳଖ ମନା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏପରିକି ଏ ସଂକ୍ରାନ୍ତ ମାମଲାର ବିଚାରକରି ଉଚ୍ଚ ନ୍ୟାୟାଳୟର ବିଚାରପତି ୮ ସପ୍ତାହ ଭିତରେ ଏନ୍‌ଇପି ଆଧାରରେ କାର୍ଯ୍ୟ କରିବାକୁ ଆଦେଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବାଧହୋଇ ଆଶାୟୀ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

# ଧାର୍ମିକ ପୁସ୍ତକ ପରିବର୍ତ୍ତେ ଭାରତୀୟ ସମ୍ବିଧାନ ପଢ଼ାଯାଉ

## ସ୍କୁଲରେ ଭଗବଦ୍ ଗୀତା ପଢ଼ାଇବା ପ୍ରସ୍ତାବକୁ ଏଆଇଏସ୍‌ଏଫ୍‌ର ବିରୋଧ

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)

ଭାରତ ଏକ ଧର୍ମନିରପେକ୍ଷ ଦେଶ। ଏଠାରେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ସବୁ ସମ୍ପ୍ରଦାୟର ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରନ୍ତି। ଆମର ଶିକ୍ଷା ବ୍ୟବସ୍ଥା ସାର୍ବଜନୀନ, ଧର୍ମନିରପେକ୍ଷ, ବିଜ୍ଞାନସମ୍ମତ ଏବଂ ଲୋକତାନ୍ତ୍ରିକ ରହିବା ଉଚିତ। କୌଣସି ଧର୍ମକୁ ଶିକ୍ଷା ମାଧ୍ୟମରେ ପ୍ରଚାରକରିବା ସମ୍ବିଧାନର ପରିପନ୍ଥୀ। ହେଲେ ଓଡ଼ିଶାର ସ୍କୁଲରେ ଛାତ୍ରୀଛାତ୍ର ଶ୍ରୀମଦ୍ ଭଗବଦ୍ ଗୀତା ପଢ଼ିବା ନେଇ ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ ପ୍ରସ୍ତାବ ଅତ୍ୟନ୍ତ ଆପତ୍ତିଜନକ ଓ ଗ୍ରହଣୀୟ ନୁହେଁ ବୋଲି ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପକ୍ଷରୁ କୁହାଯାଇଛି। ସଂଘର ରାଜ୍ୟ ସଭାପତି ସଂଘମିତ୍ରା ଜେନା ଏହି ପ୍ରସ୍ତାବକୁ ତୀବ୍ର ବିରୋଧକରି କହିଛନ୍ତି, ଗୀତା, କୋରାନ, ବାଇବେଲ ଆଦି ଧର୍ମଶାସ୍ତ୍ର ପଢ଼ାହେବା ପାଇଁ ଧର୍ମାନୁଷ୍ଠାନ ରହିଛି। ବିଦ୍ୟାଳୟରେ ପିଲାଙ୍କୁ ଧାର୍ମିକ ପୁସ୍ତକ ପଢ଼ାଇବା ପରିବର୍ତ୍ତେ ଭାରତୀୟ ସମ୍ବିଧାନ ଏବଂ ତାହାର ମୂଲ୍ୟବୋଧ ସମ୍ବନ୍ଧରେ ପଢ଼ାଯାଉ। ଏଥିସହ ଶିକ୍ଷା ପାଇଁ ବଜେଟ ବୃଦ୍ଧି, ଖାଲି ପଡିଥିବା ଅନେକ ହଜାର ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ କେବେ ସୁଦ୍ଧା ପୂରଣ ହେବ ଓ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା କେବେ ହେବ ବୋଲି ସଂଘର ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆମ ରାଜ୍ୟରେ ଶିକ୍ଷାକୁ ଗୈରିକୀକରଣ କରିବା ଓ ଜାତିବାଦୀ ବ୍ୟବସ୍ଥାକୁ ଦୃଢ଼ କରିବା ସହ ସରକାରୀ ଶିକ୍ଷାନୁଷ୍ଠାନକୁ ଦୁର୍ବଳ କରିବାର ଏହି ହୀନ ଉଦ୍ୟମକୁ ଏଆଇଏସ୍‌ଏଫ୍ ବିରୋଧ କରୁଛି। ସରକାର ଏହି ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରୁଛୁ ବୋଲି ପରିଡ଼ା କହିଛନ୍ତି।

# ୟୁନିକ୍ରାଫ୍ଟ ପ୍ରଦର୍ଶନୀ ମେଳା ଉଦ୍‌ଯାପିତ

ଭୁବନେଶ୍ୱର, ୨୦।୯ (ସୌମ୍ୟରଞ୍ଜନ ରାଉତ)

ୟୁନିକ୍ ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ ସୂଚନା ଭବନରେ ଚାଲିଥିବା ଦ୍ୱିତୀୟ 'ୟୁନିକ୍ରାଫ୍ଟ ପ୍ରଦର୍ଶନୀ ମେଳା' ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଜିଲାରୁ ବହୁ ଚିତ୍ରକର ଯୋଗଦେଇ କଳା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଏବଂ ଆଶ୍ରା ଫାଉଣ୍ଡେସନର ପ୍ରତିଷ୍ଠାତା ସନ୍ତୋଷ ପଟ୍ଟନାୟକ ଯୋଗଦେଇଥିଲେ। ଏହି ମେଳାରେ ବିଭିନ୍ନ ହାତବୁଣା ଜିନିଷ ଲୋକଙ୍କୁ ଆକୃଷ୍ଟ କରିଥିଲା। ସୁନନ୍ଦିତା ଚୌଧୁରୀ, ଦେବାଙ୍ଗିନା ମହାପାତ୍ର, ଚିନ୍ମୟୀ ମଲ୍ଲିକ, ଅପରାଜିତା ମହାନ୍ତି, ଅଳକାନନ୍ଦା ନାୟକ, ଶୁଭଶ୍ରୀ ସାହୁ, ପଲ୍ଲବୀ ପଟ୍ଟନାୟକ, ଶାଶ୍ୱତୀ ମିଶ୍ର, ସୁକନ୍ୟା ସେନାପତି, ଅଭିଷେକ ନନ୍ଦ, ସୁଜିତ ମହାରଣା, ତନ୍ମୟ ଭୋଳ ଏବଂ ମହେଶ୍ୱତା ଭୂୟାଁ ପ୍ରମୁଖ ଚିତ୍ର ଓ କ୍ରାଫ୍ଟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଉଜ୍ଜ୍ୱଳ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକଙ୍କ ବିକ୍ଷୋଭ



ପ୍ରାଥମିକ ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)

ରାଜ୍ୟରେ ଶିକ୍ଷା ଅଧିକାର ଆଇନକୁ କଡାକଡି ଭାବେ ଲାଗୁ କରାଯାଉନାହିଁ। ଆଇନକୁ ଠିକ ଭାବେ ତର୍ଜମା ନ କରି ଜାତୀୟ ଶିକ୍ଷା ନୀତି-୨୦୨୦କୁ ଓଡିଶାରେ ଲାଗୁ କରିବା ଓ ଶିଶୁ ବାଟିକା ପିଲାଙ୍କୁ ପଢ଼ାଇବା ପାଇଁ ଶିକ୍ଷକ ନ ଥିବା ବେଳେ ଶିଶୁବାଟିକା ଖୋଲାଯାଇଥିବାରୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସଂଘର ଆହ୍ୱାନ କ୍ରମେ ୪ଦଫା ଦାବିନେଇ ଶନିବାର ଶହଶହ ଶିକ୍ଷକ ଓ କର୍ମଚାରୀମାନେ ବିଧାନସଭା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣା ଦେଇଥିଲେ। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ସମ୍ପୂର୍ଣ୍ଣ ଛଚ୍ଛେଦ କରି କାର୍ଯ୍ୟରତ ସ୍କିମାଟିକ ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ଦିଆଯାଉ। ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକଙ୍କୁ ୬ ବର୍ଷର କାର୍ଯ୍ୟକାଳକୁ ୬ଟି ନୋଶନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରାଯାଉ। ୨୦୧୯ ମସିହା କ୍ୟାଡର ନିୟମ ସଂଶୋଧନ କରି ପ୍ରାଥମିକ ଶିକ୍ଷକଙ୍କ ଅବିକଳ କେନ୍ଦ୍ରୀୟ ହାରରେ ମୂଳ ଦରମା ଦିଆଯାଉ। ୨୦୧୧ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରା ନ ଯାଉ ଓ ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ ତୁରନ୍ତ ପଦୋନ୍ନତି ଦିଆଯାଉ। ଶିକ୍ଷକଙ୍କୁ ସ୍ୱାସ୍ଥ୍ୟ ବୀମା ଓ ପୁରୁଣା ପେନ୍‌ଶନ ପୁନଃ ପ୍ରଚଳନ କରାଯାଉ ବୋଲି ସଂଘ ପକ୍ଷରୁ ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି। ବିକ୍ଷୋଭ ସଭାରେ ସର୍ବଭାରତୀୟ ଶିକ୍ଷକ ସଂଘ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଓଷ୍ଟା ଶିକ୍ଷା ପ୍ରଦୀପର ସମ୍ପାଦକ ଶଙ୍କର ସୁବୁଦ୍ଧି, ପ୍ରାଥମିକ ଶିକ୍ଷକ ନେତା ଶେଖ୍ ଅବଦୁଲ ଖାଲିକ ପ୍ରମୁଖ ଉଦବୋଧନ ଦେଇଥିଲେ। ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପାଇଁ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ବ୍ରହ୍ମପୁରଠାରେ 'ଜାତୀୟସ୍ତରୀୟ ସେବାପର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ତେଣୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ସ୍ଥିରୀକୃତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାପାଳ କୀର୍ତ୍ତିଭାସନ ଭି. ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସୂଚୀ ଉପରେ ଆଲୋକପାତ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସ୍ଥଳ ଓ ଆଭାସି ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବାରୁ ସେସବୁକୁ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ସହ ସମ୍ପାଦନ କରିବାକୁ ମୁଖ୍ୟ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସଭାସ୍ଥଳର ମଞ୍ଚ ପ୍ରସ୍ତୁତି, ଅତିଥି ଓ ଦର୍ଶକଙ୍କ ବସିବା, ଇଭେଣ୍ଟ ଚେକ୍‌ଲିଷ୍ଟ ଆଦି ପ୍ରସ୍ତୁତି ଚୂଡ଼ାନ୍ତ କରାଯିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ କରିବେ ରାଜ୍ୟପାଳ

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)

ଯକ୍ଷ୍ମା ବିରୋଧରେ ଓଡ଼ିଶାର ଲଢେଇକୁ ସୁଦୃଢ଼ କରିବା ଓ ରୋଗୀମାନଙ୍କୁ ଚିକିତ୍ସା ସମୟରେ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଯକ୍ଷ୍ମାରୋଗୀଙ୍କୁ ଖାଦ୍ୟ ବାସ୍କେଟ ପ୍ରଦାନ କରିଛନ୍ତି। ଶନିବାର ରାଜଭବନର ମିନି କନ୍‌ଫରେନ୍ସ ହଲ୍‌ଠାରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟପାଳ ଖୋର୍ଦ୍ଧା ଜିଲାର ୧୦୦ଜଣ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ ଜିଲାପାଳ ଅମୃତ ଋତୁରାଜଙ୍କୁ ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟପାଳ ନି-କ୍ଷୟ ମିତ୍ର ଭାବେ ଜିଲାର ଯକ୍ଷ୍ମା ରୋଗୀମାନଙ୍କୁ ପୋଷ୍ୟ ରୂପରେ ଗ୍ରହଣ କରିଛନ୍ତି। ଏଥିସହ ସମାଜର ଦୁର୍ବଳ ବର୍ଗର ଆଉ ୫୦ଜଣ ଔଷଧ-ପ୍ରତିରୋଧି ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ, କର୍ପୋରେଟ୍ ସେକ୍ଟର କର୍ତ୍ତୃପକ୍ଷ ଏବଂ ଜନହିତୈଷୀମାନେ ନି-କ୍ଷୟ ମିତ୍ର ଭାବେ ଆଗେଇ ଆସି ଯକ୍ଷ୍ମାମୁକ୍ତ ଓଡ଼ିଶା ପାଇଁ ସାମୂହିକ ଯୋଗଦାନ ନିମନ୍ତେ ଅନୁରୋଧ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ରଙ୍କ ଦ୍ୱାରା ରାଜ୍ୟରେ ଯକ୍ଷ୍ମା ରୋଗର ବର୍ତ୍ତମାନର ସ୍ଥିତି ଏବଂ ରୋଗ ନିରାକରଣ କରିବା ପାଇଁ ରାଜ୍ୟ ସରକାରଙ୍କ ବହୁମୁଖୀ ପ୍ରୟାସ ସମ୍ପର୍କରେ ବିବରଣୀ ଉପସ୍ଥାପନ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡା. ବୃନ୍ଦା ଡି. ଙ୍କ ସମେତ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯକ୍ଷ୍ମାରୋଗୀଙ୍କ ପାଇଁ ଖାଦ୍ୟ ବାସ୍କେଟ ପ୍ରଦାନ କରୁଛନ୍ତି।

# 'ଶ୍ରୀ ସାହିତ୍ୟ'ର ଶରତ ସଂଖ୍ୟା ଲୋକାର୍ପିତ

ଭୁବନେଶ୍ୱର, ୨୦।୯ (ସୌମ୍ୟରଞ୍ଜନ ରାଉତ)



ସାହିତ୍ୟ ସଂସ୍କୃତି ପତ୍ରିକା 'ଶ୍ରୀ ସାହିତ୍ୟ'ର ଶରତ ସଂଖ୍ୟା ଅସ୍ମିତା ବିଶେଷାଙ୍କ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ୫୦୦ରୁ ଅଧିକ ପୃଷ୍ଠାର ଏହି ବହିରେ ୩୯ଜଣ ଗବେଷକ ଓ ଲେଖକଙ୍କ ଲେଖା ରହିଛି। ସେହିପରି 'ଅସ୍ମିତା' ଶବ୍ଦର ଆକ୍ଷରିକ ଅର୍ଥ, ଭାବ ଓ ସାମାଜିକ ବ୍ୟବହାରରେ ଏହାର ଉପଯୋଗକୁ ନେଇ ଅନେକ ଗଠନ ମୂଳକ ପ୍ରବନ୍ଧ ରହିଛି। 'ଓଡ଼ିଶା' କୁ ଗୋଟିଏ ଭାଷାଭିତ୍ତିକ ଜାତି ଭାବେ ତା'ର ବିବିଧ ମୌଳିକତା ଓ ସ୍ୱତନ୍ତ୍ରତା ଓ ଏହାକୁ ନେଇ କାର୍ଯ୍ୟ କରିଥିବା ଅସ୍ମିତା ପୁରୁଷମାନଙ୍କୁ ସ୍ଥାନିତ କରାଯାଇଛି। ପ୍ରତ୍ୟେକ ସଚେତନ ଓଡିଆ ପାଇଁ ଶ୍ରୀ ସାହିତ୍ୟ ପଠନଯୋଗ୍ୟ ବୋଲି ଆହ୍ୱାନ ଦିଆଯାଇଛି।

# ସୁରକ୍ଷିତ ପୂଜା ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି

## ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ମନା

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)

ଦଶହରା ପର୍ବ ପାଖେଇ ଆସୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମା'ଙ୍କୁ ସ୍ୱାଗତ କରିବା ପାଇଁ ଜୋରଦାର୍ ପ୍ରସ୍ତୁତି ଚାଲିଛି। ତେବେ ପୂଜାକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ପରିବେଶ ଅନୁକୂଳ କରିବା ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପୂଜାରେ ବିଶେଷକରି ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର କରାଯିବ ନାହିଁ। ପ୍ରସାଦ ସେବନ ପାଇଁ ଜୈବ ବିଘଟନ ଯୋଗ୍ୟ ଠୁଙ୍ଗା, ଖଲି, କଦଳୀ ପତ୍ର, ଶାଳ ପତ୍ର ଇତ୍ୟାଦି ବ୍ୟବହାର କରିବା ଏବଂ ମୂର୍ତ୍ତିରେ କୌଣସି ପ୍ରକାର ପ୍ଲାଷ୍ଟିକ ଆଭୁଷଣର ବ୍ୟବହାର ନ କରିବାକୁ କୁହାଯାଇଛି। ସେହିପରି ବିସର୍ଜନ ପୂର୍ବରୁ ମୂର୍ତ୍ତିରେ ବ୍ୟବହୃତ ଫୁଲକୁ ବିଏମ୍‌ସିର ସ୍ୱତନ୍ତ୍ର ଗାଡିରେ ଦେବା, ଅସ୍ଥାୟୀ ପୁଷ୍କରିଣୀ ନିକଟରେ ନିର୍ଦ୍ଧାରିତ ସ୍ଥାନ/ପାତ୍ରରେ ପକାଇବା, ସାମୂହିକ ପୂଜା କରୁଥିବା ସ୍ଥାନର ୫ମିଟର ଚର୍ତୁଃପାର୍ଶ୍ୱକୁ ନିଜ ଦାୟିତ୍ୱରେ ସଫା ରଖିବା, ପୂଜା ମଣ୍ଡପ ପାଖରେ ବଡ ବଡ ଡଷ୍ଟବିନ ରଖିବା, ସବୁଦିନ ସଂଗୃହୀତ ଆଳିଆକୁ ସଫେଇ ଗାଡିରେ ଦେବା, ପୂଜା ମଣ୍ଡପ ନିକଟରେ ଟ୍ରାଫିକ ସମସ୍ୟା ସୃଷ୍ଟି ନ ହେବା ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରିବା, ଅସ୍ଥାୟୀ ପୂଜା ମଣ୍ଡପଗୁଡିକୁ ମଜବୁତ୍ ଭାବେ ନିର୍ମାଣ କରିବା, ସମସ୍ତ ପ୍ରକାର ବିଦ୍ୟୁତ୍ ସଂଯୋଗର ବୈଧତା ଓ ନିରାପତ୍ତା ରକ୍ଷା କରିବା, ଟିପିସିଓଡିଏଲ୍‌ର ନିୟମ ମାନିବା, ପ୍ରତ୍ୟେକ ମଣ୍ଡପର ନିରାପତ୍ତା ଓ ସୁରକ୍ଷା ନିମନ୍ତେ ଆବଶ୍ୟକ ସଂଖ୍ୟକ ସିକ୍ୟୁରିଟି କର୍ମୀ ମୁତୟନ କରିବା, ବିଏମ୍‌ସି ଦ୍ୱାରା ପ୍ରସ୍ତୁତ ଅସ୍ଥାୟୀ ପୁଷ୍କରିଣୀରେ ମୂର୍ତ୍ତି ବିସର୍ଜନ କରିବା, ଅଗ୍ନି ନିରାପତ୍ତା ନିୟମ ମାନିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ପ୍ଲାଷ୍ଟିକ ପାତ୍ରର ବ୍ୟବହାର, କମିଶନରେଟ ପୋଲିସର ବିନା ଅନୁମତିରେ ଡାକବାଜି ଯନ୍ତ୍ର ବଜାଇବା, ଦୁର୍ଗାପୂଜା ମଣ୍ଡପଠାରେ କୌଣସି ସ୍ଥାୟୀ ନିର୍ମାଣ କରିବା, ଅଗ୍ନିକାଣ୍ଡ ଘଟାଇବା ଭଳି କୌଣସି ଜ୍ୱଳନଶୀଳ ସାମଗ୍ରୀ ଯଥା-ଧୂପ, ଦୀପ ଇତ୍ୟାଦିକୁ ଅଣଦେଖା ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଉତ୍କଳ ସାହିତ୍ୟ ସମାଜର ନିର୍ବାଚନ ଅକ୍ଟୋବର ୧୨ରେ

କଟକ,୨୦।୯(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ନିର୍ବାଚନ ଆସନ୍ତା ଅକ୍ଟୋବର ୧୨ରେ ଅନୁଷ୍ଠିତ ହେବ। ଅନୁଷ୍ଠାନର ନିର୍ବାଚନ କାର୍ଯ୍ୟସୂଚୀ ବିଧିବଦ୍ଧ ଭାବେ ଶନିବାର ପ୍ରକାଶ କରାଯାଇଛି। ଅକ୍ଟୋବର ୯ ତାରିଖ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆଗ୍ରହୀ ପ୍ରାର୍ଥୀମାନଙ୍କୁ ପ୍ରାର୍ଥିପତ୍ର କାର୍ଯ୍ୟାଳୟରୁ ଯୋଗାଇ ଦିଆଯିବ। ସେହିଦିନ ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରାଯିବ। ୧୦ ତାରିଖ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ସେହିଦିନ ଅପରାହ୍ନ ୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ନିମନ୍ତେ ସମୟ ଧାର୍ଯ୍ୟ ହୋଇଛି। ଏଥିସହ ସନ୍ଧ୍ୟା ୭ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ୧୨ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଅପରାହ୍ନ ୩ଟା ୩୦ରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଉତ୍କଳ ସାହିତ୍ୟ ସମାଜର ଯୋଗ୍ୟ ଆଜୀବନ ବା ବାର୍ଷିକ ସଭ୍ୟାସଭ୍ୟ ଭୋଟ ଦେବା ପାଇଁ ଉତ୍କଳ ସାହିତ୍ୟ ସମାଜର ସଭ୍ୟ ପରିଚୟ ପତ୍ର, ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସ୍‌ପୋର୍ଟ, ଫଟୋ ଥାଇ ବ୍ୟାଙ୍କ ପାସ୍‌ବୁକ୍ ଆଦି ମଧ୍ୟରୁ ଯେକୌଣସି ଗୋଟିଏ ଆଣିବା ଜରୁରୀ ବୋଲି ନିର୍ବାଚନ ପରିଚାଳକ ନବକିଶୋର ଦାସ ଜଣାଇଛନ୍ତି।



ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପାଇଁ ସର୍ବନିମ୍ନ ଯୋଗ୍ୟତାକୁ ସ୍ନାତକ କରାଯିବା ସହ ବିଭିନ୍ନ ଦାବି ନେଇ ହାଇସ୍କୁଲ ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

# ହରିହର, ସୀମାଞ୍ଚଳଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ଜୀବନବ୍ୟାପୀ ଉପଲବ୍ଧି ସମ୍ମାନ'

ଭୁବନେଶ୍ୱର, ୨୦।୯(ସୌମ୍ୟରଞ୍ଜନ ରାଉତ)


ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତାଙ୍କ ସହ ଅତିଥିମାନେ ୨ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରୁଛନ୍ତି।

ତ୍ରିନେତ୍ର କଳାକୁଞ୍ଜ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ '୫ମ ଅନ୍ତର୍ଜାତୀୟ ତ୍ରିନେତ୍ର ସମ୍ମାନ ଉତ୍ସବ' ଶନିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ତ୍ରିନେତ୍ର କଳାକୁଞ୍ଜର ଶିଳ୍ପୀଙ୍କ ଦ୍ୱାରା ଏକକ ଓ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସେମାନେ ଏକକ ଓଡ଼ିଶୀ ନୃତ୍ୟ କରିବେଷଣ କରିଥିବାବେଳେ ମୋକ୍ଷ ଅନୁଷ୍ଠାନର ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ଓ ଶେଷରେ ସୌରଶ୍ରୀ ଦେବନାଥ କଥକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ହରିହର ମହାନ୍ତି ଏବଂ ସଙ୍ଗୀତ ଆଚାର୍ଯ୍ୟ ସୀମାଞ୍ଚଳ ଦାସଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ଜୀବନବ୍ୟାପୀ ଉପଲବ୍ଧି ସମ୍ମାନ' ଏବଂ ଓଡ଼ିଶୀ ନୃତ୍ୟଗୁରୁ ସୁଜାତା ମିଶ୍ର, ଓଡ଼ିଶୀ ନୃତ୍ୟାଙ୍ଗନା ଅତଶୀ ମିଶ୍ର, ସଙ୍ଗୀତକାର ବିଦୂଷୀ ସଙ୍ଗୀତା ପଣ୍ଡା ଏବଂ ସାମାଜିକ କର୍ମୀ ଶଙ୍କର୍ଷଣ ମହାପାତ୍ରଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ପାଇଁ ଗୁରୁ କିଶୋର ଦଳେଇ, ଯଜ୍ଞଦତ୍ତ ପ୍ରଧାନ, ବିଜୟଲକ୍ଷ୍ମୀ ଓଝା ଓ ପ୍ରତ୍ୟାଶା ପାଣିଗ୍ରାହୀଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ଯୁବ ପ୍ରତିଭା ସମ୍ମାନ' ଏବଂ କଥକ ନୃତ୍ୟ ପାଇଁ ସୌରଶ୍ରୀ ଦେବନାଥ, ଓଡ଼ିଶୀ ନୃତ୍ୟ ପାଇଁ ସାଇ ଦୁର୍ଗା ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ବିଜୟଲକ୍ଷ୍ମୀ ଶ୍ରୀଚନ୍ଦନଙ୍କୁ 'ଅନ୍ତର୍ଜାତୀୟ ତ୍ରିନେତ୍ର ଶିଶୁ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ଉତ୍କଳ ଅନ୍ତର୍ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରା, ସାମାଜିକ କର୍ମୀ ସୁବ୍ରତ କୁମାର ସାମଲ, ସାମାଜିକ କର୍ମୀ ହରିହର ବେଉରା, ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ମୁକ୍ତିଲତା ପାଲ ଏବଂ ତ୍ରିନେତ୍ର କଳା କୁଞ୍ଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଗୁରୁ ରମାକାନ୍ତ ସାହୁ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମକୁ ଶିବାନନ୍ଦ ବାରିକ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଉତ୍କଳ ସାହିତ୍ୟ ସମାଜର ନିର୍ବାଚନ ଅକ୍ଟୋବର ୧୨ରେ

**କଟକ,୨୦।୯(କାର୍ତ୍ତିକ ସାହୁ):** ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ନିର୍ବାଚନ ଆସନ୍ତା ଅକ୍ଟୋବର ୧୨ରେ ଅନୁଷ୍ଠିତ ହେବ। ଅନୁଷ୍ଠାନର ନିର୍ବାଚନ କାର୍ଯ୍ୟସୂଚୀ ବିଧିବଦ୍ଧ ଭାବେ ଶନିବାର ପ୍ରକାଶ କରାଯାଇଛି। ଅକ୍ଟୋବର ୯ ତାରିଖ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆଗ୍ରହୀ ପ୍ରାର୍ଥୀମାନଙ୍କୁ ପ୍ରାର୍ଥୀପତ୍ର କାର୍ଯ୍ୟାଳୟରୁ ଯୋଗାଇ ଦିଆଯିବ। ସେହିଦିନ ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରାଯିବ। ୧୦ ତାରିଖ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ସେହିଦିନ ଅପରାହ୍ନ ୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନିମନ୍ତେ ସମୟ ଧାର୍ଯ୍ୟ ହୋଇଛି। ଏଥିସହ ସନ୍ଧ୍ୟା ୭ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ୧୨ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଅପରାହ୍ନ ୩ଟା ୩୦ରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

ଉତ୍କଳ ସାହିତ୍ୟ ସମାଜର ଯୋଗ୍ୟ ଆଜୀବନ ବା ବାର୍ଷିକ ସଭ୍ୟାସଭ୍ୟ ଭୋଟ ଦେବା ପାଇଁ ଉତ୍କଳ ସାହିତ୍ୟ ସମାଜର ସଭ୍ୟ ପରିଚୟ ପତ୍ର, ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସ୍‌ପୋର୍ଟ, ଫଟୋ ଥାଇ ବ୍ୟାଙ୍କ ପାସ୍‌ବୁକ୍ ଆଦି ମଧ୍ୟରୁ ଯେକୌଣସି ଗୋଟିଏ ଆଣିବା ଜରୁରୀ ବୋଲି ନିର୍ବାଚନ ପରିଚାଳକ ନବକିଶୋର ଦାସ ଜଣାଇଛନ୍ତି।

### ମହଙ୍ଗା ପଡ଼ିଲା ଯୁବତୀଙ୍କ ରିଲ୍ସ କରିବା, ୩ ଯୁବକ ଅଟକ

**ବାରଙ୍ଗ,୨୦।୯(ଲିଙ୍ଗରାଜ ରାଉତ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨ ଯୁବତୀଙ୍କ ପ୍ରାଙ୍କ ଭିଡିଓ ଓ ରିଲ୍ସ କରିବା ୩ ଜଣ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଏନେଇ ସମ୍ପୃକ୍ତ ଯୁବକମାନଙ୍କୁ ଶନିବାର ପୋଲିସ ଥାନାରେ ଅଟକ ରଖିଛି। ସେମାନଙ୍କଠାରୁ ୫ଟି ମୋବାଇଲ ଜବତ କରିଛି। ସୂଚନାଯୋଗ୍ୟ, ଶନିବାର ପ୍ରାଣୀ ଉଦ୍ୟାନର ପ୍ରବେଶ ପଥରେ ପର୍ଯ୍ୟଟକମାନଙ୍କ ଗହଳି ଲାଗିରହିଥିଲା। ଏହି ସମୟରେ ୩ଜଣ ଯୁବକ ବାରଙ୍ଗ–ଭୁବନେଶ୍ୱର ମୁଖ୍ୟ ରାସ୍ତାରୁ ନନ୍ଦନକାନନକୁ ସଂଯୋଗ ହୋଇଥିବା ପ୍ରବେଶପଥ ଆଗରେ ୨ଜଣ ଯୁବତୀଙ୍କ ଭିଡିଓ ସେମାନଙ୍କ ଅଜାଣତରେ ଉତ୍ତୋଳନ କରିଥିଲେ। ଏହି ଭିଡିଓକୁ ପ୍ରାଙ୍କ ଭିଡିଓ କରିବା ସହ ରିଲ୍ସ କରୁଥିଲେ। ନିୟୋଜିତ ଥିବା ନନ୍ଦନକାନନର ସୁରକ୍ଷା କର୍ମଚାରୀ ରତିକାନ୍ତ ଭୋଇ ଓ ଗତିକୃଷ୍ଣ ସାହୁ ଯୁବକଙ୍କ ଏଭଳି ଘଟଣାଦେଖି ସେମାନଙ୍କୁ କାବୁ କରିଥିଲେ। ଏସମ୍ପର୍କରେ ସମ୍ପୃକ୍ତ ଯୁବତୀ ଦ୍ୱୟଙ୍କୁ ପଚାରିବାରୁ ସେମାନେ ଏହି ଯୁବକମାନଙ୍କୁ ଚିହ୍ନି ନ ଥିବା କହିଥିଲେ। ପରେ ସୁରକ୍ଷା କର୍ମୀମାନେ ଯୁବକମାନଙ୍କ ମୋବାଇଲରୁ ଉକ୍ତ ଭିଡ଼ିଓ ଡିଲିଟ କରିବା ସହ ପୋଲିସରେ ଖବର ଦେଇଥିଲେ।

### ସ୍ୱଚ୍ଛତା ହିଁ ସେବା ଉପରେ କୁଇଜ, ତର୍କ ପ୍ରତିଯୋଗିତା

**ବାଙ୍କୀ,୨୦।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ କଲେଜ ସଭାଗୃହରେ ଶନିବାର ଏନ୍‌ଏସ ତରଫରୁ ବିର୍ତକ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ହିଁ ସେବା ଉପରେ ବିଭିନ୍ନ କୁଇଜ ଓ ବିର୍ତକ ପ୍ରତିଯୋଗିତା କରାଯାଇଛି। ଏହି ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ବିଚାରକ ଭାବେ ସତ୍ୟବ୍ରତ ରଥ, ନଗରପାଳ ମାଣିକ ସାହୁ, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ଗୌରାଙ୍ଗ ବେହେରା, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଭଗବାନ ସାମଲ ଯୋଗଦେଇଥିଲେ।

# ତାଳଦଣ୍ଡା ମୁଖ୍ୟ କେନାଲ ପ୍ରସ୍ଥ ୧୨୦ରୁ ୮୦ ଫୁଟ୍‌କୁ ହ୍ରାସ

## ଉଭୟ ପାର୍ଶ୍ୱ ପ୍ରଶସ୍ତ ରାସ୍ତା ନିର୍ମାଣ ବେଳେ ଜଳସେଚନ ଯନ୍ତ୍ରୀଙ୍କୁ ଅଣଦେଖା



ରାସ୍ତା ନିର୍ମାଣ ପରେ ତାଳଦଣ୍ଡା ମୁଖ୍ୟ କେନାଲ।

**କଟକ ସଦର,୨୦।୯(ସୁଶାନ୍ତ କୁମାର ଜେନା)** କଟକ ଓ ଜଗତ୍‌ସିଂହପୁର ଜିଲାର ଚାଷୀମାନେ ଚାଷକାର୍ଯ୍ୟ ପାଇଁ ତାଳଦଣ୍ଡା ମୁଖ୍ୟ କେନାଲ ଉପରେ ନିର୍ଭର କରନ୍ତି। ଏହି କେନାଲରେ ୩ ହଜାର କ୍ୟୁସେକ୍ ଜଳ ତଳ ମୁଣ୍ଡକୁ ପ୍ରବାହ ପାଇଁ ବ୍ରିଟିଶ ସରକାର ଡିଜାଇନ କରିଥିଲେ। ଫଳରେ ଖରିଫ ଓ ରବି ଋତୁରେ କେନାଲ ଜଳ ସୁରୁଖୁରୁରେ ତଳମୁଣ୍ଡକୁ ଯାଇପାରୁଥିଲା। ଯୋବ୍ରା ଆନିକଟଠାରୁ ବିରିବାଟୀ ପର୍ଯ୍ୟନ୍ତ କେନାଲର ଉଭୟ ପାର୍ଶ୍ୱରେ ପ୍ରଶସ୍ତ ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। କଟକ ସହର ମଧ୍ୟରେ ଏହି ରାସ୍ତା ଯାଇଥିବାରୁ କେନାଲ ପ୍ରସ୍ଥ ୧୨୦ରୁ ୮୦ ଫୁଟ୍‌କୁ ସଙ୍କୁଚିତ କରିଦିଆଯାଇଛି। କେନାଲ ଉଭୟ ପାର୍ଶ୍ୱ ବନ୍ଧକୁ ମାଡି ପକ୍କା ନିର୍ମାଣ କରାଯାଇଛି। ନିର୍ମାଣକାରୀମାନେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଉଚ୍ଛେଦ ସମ୍ଭବ ହୋଇପାରିଲା ନାହିଁ। ସେଥିପାଇଁ କେନାଲରେ କଂକ୍ରିଟ କାନ୍ଥ କରି ରାସ୍ତା ନିର୍ମାଣ କରାଯାଇଛି। ନିର୍ମାଣ ବେଳେ ମହାନଦୀ ସାଉଥ୍ ଜଳସେଚନ ଡିଭିଜନ ଯନ୍ତ୍ରୀମାନଙ୍କ ବୈଷୟିକ ପରାମର୍ଶ ନିଆଯାଇ ନ ଥିବା ସମ୍ପୃକ୍ତ ଡିଭିଜନ ପକ୍ଷରୁ କୁହାଯାଇଛି। କଟକସ୍ଥିତ ରାସ୍ତା ଓ କୋଠାବାଡ଼ି ଡିଭିଜନ ନଂ. ୧ ପକ୍ଷରୁ ରାସ୍ତା ନିର୍ମାଣ ବେଳେ ଜଳସେଚନ ବିଭାଗକୁ ଅଣଦେଖା କରାଯାଇଥିଲା। ଜଣେ ରାଜ୍ୟସ୍ତରୀୟ ଅଧିକାରୀ ସବୁବେଳେ ଭୋର୍‌ରୁ ରାସ୍ତା କାମ ତତ୍କାଳୀନ ଜିଲାପାଳଙ୍କ ସହ ତଦାରଖ କରୁଥିଲେ। ଜଳସେଚନ ବିଭାଗର କେହି ଯନ୍ତ୍ରୀ ମୁହଁ ଖୋଲିଲେ ବଦଳି କିମ୍ବା ପଦୋନ୍ନତିରେ ଅଙ୍କୁଶ ଲଗାଇ ଦିଆଯିବ ବୋଲି ଧମକ ଆସୁଥିବା କଥା ଜଣେ ଅବସରପ୍ରାପ୍ତ ଯନ୍ତ୍ରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି। ସୂଚନା ଅଧିକାର ଆଇନ ବଳରେ ନିରବଚ୍ଛିନ୍ନ ଭାବେ ଜଳସମ୍ପଦ ବିଭାଗର ଏନ୍‌ଓସି ଦେବା ପାଇଁ ଆବେଦନ କରାଯାଉଥିଲେ ସୁଦ୍ଧା ଉତ୍ତର ମିଳି ନ ଥିଲା। ୧୯୩୨ ଓ ୧୯୭୪ ବନ୍ଦୋବସ୍ତ ନକ୍ସାକୁ ତର୍ଜମା କଲେ କେନାଲ ପ୍ରସ୍ଥ ସଙ୍କୁଚିତ କରାଯାଇଛି ବୋଲି ସ୍ପଷ୍ଟ ଜଣାପଡୁଛି। ସରକାର ବଦଳିବା ପରେ ରାସ୍ତା ଓ କୋଠାବାଡ଼ି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ମହମ୍ମଦ ସାହାବାଦ ପ୍ରଥମ ଅପିଲର ଶୁଣାଣି କରି ୧୫ ଦିନ ମଧ୍ୟରେ ଏନ୍‌ଓସି ଦେବେ ବୋଲି ଉତ୍ତର ରଖିଥିଲେ। ଇତି ମଧ୍ୟରେ ୩ ମାସ ବିତିଯାଇଥିଲେ ସୁଦ୍ଧା ଏନ୍‌ଓସି କପି ମିଳି ପାରିନାହିଁ। ଏବେ ସମ୍ପୃକ୍ତ ଯନ୍ତ୍ରୀ ଆଉ ମୁହଁ ଖୋଲୁ ନାହାନ୍ତି।

# ୩ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ଚିକିତ୍ସା

## ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଚୌଦ୍ୱାର/ମଙ୍ଗୁଳି–ଜଗତପୁର, ୨୦।୯ (ଆଶୁତୋଷ ଦାସ/ମାନସ ସାମଲ)** ସ୍ଥାନୀୟ ଓଟିଏମ୍ କଲୋନୀସ୍ଥିତ ଆମ୍ବିସନ୍ କ୍ଲବ୍‌ରେ ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଇମ୍ଫା ଶିଳ୍ପଗୋଷ୍ଠୀ ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ଇମ୍ଫା ସିଓଓ ବିଜୟାନନ୍ଦ ମାହାପାତ୍ର, ଫେରୋ ଆଲଏଜ୍ ବିଭାଗ ମୁଖ୍ୟ ସୁରେଶବାବୁ ଚିଗୁରୁପଲ୍ଲୀ ଏବଂ ଇମ୍ଫାର ଉପ ସଭାପତି ବିନୟ ଅଗ୍ରୱାଲ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଅସ୍ଥିଶଲ୍ୟ, ଚର୍ମ, ଭେଷଜ, ସ୍ତ୍ରୀ ଓ ପ୍ରସୂତି, କର୍ଣ୍ଣ, ନାସା, ଗଳା ଆଦି ବିଭାଗର ବିଶେଷଜ୍ଞ ଡାକ୍ତର ଶିବିରରେ ଯୋଗଦେଇ ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କ୍ଲବ୍ ସଭାପତି ଅମିତ୍ ବେଉରା, ସମ୍ପାଦକ ବିଶ୍ୱଜିତ ଭଞ୍ଜ, କାଉନ୍‌ସିଲର ସୁବ୍ରତ ସାମଲ, ଆଶୁତୋଷ ଦାସଙ୍କ ସହଯୋଗରେ ଆୟୋଜିତ ଶିବିରକୁ ଇମ୍ଫାର ଲଲାଟ କେଶରୀ ମହାପାତ୍ର, ବବିତ ନନ୍ଦ, ଦେବାଶିଷ ତ୍ରିପାଠୀ, ନିରଞ୍ଜନ ସାହୁ, ଉମେଶ ପଟ୍ଟନାୟକ, ମାନସ ରଞ୍ଜନ ପ୍ରଧାନ, ଅଭିଷେକ ଘୋଷ, ବିଆଇପିଏଫର ସ୍ଥିତପ୍ରଜ୍ଞ ଦାସ, ବିଶ୍ୱଜିତ ମିଶ୍ର, ମନୋଜ ମହାପାତ୍ର ପ୍ରମୁଖ ଅଧିକାରୀଙ୍କ ସମେତ ଆମ୍ବିସନ୍ କ୍ଲବ୍‌ର ପ୍ରସାଦ ରାଓ, ସଞ୍ଜୟ ରାଉତ, ମନୋଜ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଶିବିରରେ ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଢୋଲକାଠ ଚାମ୍ପିୟନ

**ବାଙ୍କୀ,୨୦।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ମହୋତ୍ସବ କମିଟି ତରଫରୁ ସ୍ଥାନୀୟ କଚେରି ପଡ଼ିଆଠାରେ ଏକ ଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଆଇନଜୀବୀ ସନ୍ତୋଷ କୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟରେ ଢୋଲକାଠ, ପଦନପୁର, ବେଲଗଛିଆ, ଜୟପୁର, ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ, ମା'ଚର୍ଚ୍ଚିକା ଆସୋସିଏଶନ, ବାଘୁଆ ଓ ପଣ୍ଡାଳମ ଆଦି ଟିମ୍ ଭାଗନେଇଥିଲେ । ଏଥିରେ ଢୋଲକାଠ ଚାମ୍ପିୟନ ହୋଇଥିବାବେଳେ ପଣ୍ଡାଳମ ରନର ଅପ୍ ଆଖ୍ୟା ଅର୍ଜନ କରିଛି । ଉଭୟ ଟିମ୍‌କୁ ଅକ୍ଟୋବର ୭ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବାଙ୍କୀ ମହୋତ୍ସବରେ ପୁରସ୍କୃତ କରାଯିବ ବୋଲି ଆସୋସିଏଶନର ସମ୍ପାଦକ ସନ୍ତୋଷ କୁମାର ରଣା ପ୍ରକାଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ବାଙ୍କୀ ଏନ୍‌ଏସିର ଅଧକ୍ଷା ମାଣିକ ସାହୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ମହୋତ୍ସବ କମିଟି କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, କାଉନ୍‌ସିଲର ସନାତନ ବେହେରା, ପଠାଣି ବେହେରା, ରାଜେନ୍ଦ୍ର ବେହେରା, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ରଣା ପ୍ରକାଶ କରିଛନ୍ତି ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

### ସଫେଇ, ପରିବେଶ ସଚେତନତା କାର୍ଯ୍ୟକ୍ରମ
## ପରିବେଶ ସୁସ୍ଥ ରହିଲେ ସମସ୍ତେ ସୁସ୍ଥ ରହିବେ

**ବାଙ୍କୀ,୨୦।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରକୁ ସ୍ୱେଚ୍ଛାସେବୀମାନେ ସଫାସୁତରା କରିବା ସହ ଅଳିଆ ଆବର୍ଜନାକୁ ଗାତଖୋଳି ପୋତି ଦେଇଥିଲେ। ଏଥିସହିତ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପରିବେଶ ସୁସ୍ଥ ରହିଲେ ସମସ୍ତେ ସୁସ୍ଥରେ ରହିପାରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ. ବୈରାଗୀ ଚରଣ ପଟ୍ଟନାୟକ, ଅଧାପିକା ସରସ୍ୱତୀ ଦେଉରୀ, କ୍ରୀଡ଼ା ଅଧାପକ ରବିନାରାୟଣ ପ୍ରଧାନ, ଡ. ଅଭିମନ୍ୟୁ ରଣା ପ୍ରମୁଖ ଯୋଗଦେଇ ପରିବେଶକୁ ସୁସ୍ଥ ଓ ନିର୍ମଳ ରଖିବା ପାଇଁ ସ୍ୱେଚ୍ଛାସେବୀମାନେ ଉଦ୍ୟମ କରିବା ପାଇଁ କହିଥିଲେ। ଅଧାପକ ପ୍ରକାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର

## ସେବାପକ୍ଷ ପାଳନ

**ବାଙ୍କୀ ,୨୦।୯(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଗୋପାଳପୁର ମଣ୍ଡଳ ସ୍ଥିତ ଢ଼ୁଁସର ପଞ୍ଚାୟତରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମ ଦିନର ସେବାପକ୍ଷ ' ପାଳନ ଉପଲକ୍ଷେ ଶନିବାର ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଥାନା ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଯୋଗଦେଇ ସଭିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳର ଶତାଧିକ ବ୍ୟକ୍ତିବିଶେଷ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କଟକ ଏସ୍‌ସିବି ମେଡିକାଲର ବରିଷ୍ଠ ପ୍ରଫେସର ଓ ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା ସହ ମେଡିସିନ ବଣ୍ଟନ କରିଥିଲେ।

ସେହିପରି ଡମପଡା ବ୍ଲକ ୩୮ ଜୋନ ମଣ୍ଡଳ ସଭାପତି ଦାଶରଥି ପଢ଼ିଆରୀଙ୍କ ଦ୍ୱାରା ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମହିଳା, ଯୁବତୀ, ଯୁବକମାନେ ସ୍ୱତଃପ୍ରବୃତ୍ତ ଭାବେ ରକ୍ତଦାନ କରିଛନ୍ତି। କଟକ ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାର ଡାକ୍ତର ଓ ଷ୍ଟାଫ୍‌ମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ବିନୋଦ କୁମାର ଦାଶ, ସୁଶାନ୍ତ ଜେନା, ଜଗନ୍ନାଥ ପରିଡା, ସମୀର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



ଭାଜପା ନେତା ତୁଷାର କାନ୍ତ ଚକ୍ରବର୍ତ୍ତୀ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

# 'ଯୁବ ଲେଖକ ସାହିତ୍ୟକୁ ଆସିଲେ ହିଁ ସାହିତ୍ୟ ବଞ୍ଚିପାରିବ'



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ପୁସ୍ତକ 'ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି' ଉନ୍ମୋଚିତ

**ସାଲେପୁର,୨୦।୯(ଅରବିନ୍ଦ ଭୂୟାଁ):** କଟକ ଜିଲା ସାଲେପୁର ବ୍ଲକ ସତ୍ୟଭାମାପୁରସ୍ଥିତ ମଧୁବାବୁଙ୍କ ଜନ୍ମପୀଠରେ ଶନିବାର ଯୁବଲେଖକ ସୌମ୍ୟରଞ୍ଜନ ଭୂୟାଁଙ୍କ ଲିଖିତ ପୁସ୍ତକ 'ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି'ର ଶୁଭ ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ତଥା ସଂଗଠକ ରାଜୀବ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ରୂପେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ସନାମଣି ରାଉତ ଯୋଗଦେଇ ଓଡ଼ିଆ ସାହିତ୍ୟରେ ସୁରେନ୍ଦ୍ର ମହାନ୍ତି ଏକ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଭାବରେ ବେଶ୍ ପରିଚିତ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ସାମାଜିକ କର୍ମୀ ଶଶୀଧର ପଣ୍ଡା ଯୋଗଦେଇ ଯୁବଲେଖକ ସାହିତ୍ୟକୁ ଆସିଲେ ହିଁ ସାହିତ୍ୟ ବଞ୍ଚିପାରିବ ବୋଲି କହିଛନ୍ତି। ବରେଣ୍ୟ ଅତିଥିଭାବେ ଲୋକସେବା ଫାଉଣ୍ଡେଶନର ଅଧକ୍ଷ ତଥା ସଂଗଠକ ହିମାଂଶୁ ମହାନ୍ତି ଯୋଗଦେଇଥିଲେ। ଏଥିସହ ସୁରେନ୍ଦ୍ର ମହାନ୍ତିଙ୍କୁ ଓଡ଼ିଶାର ଅସ୍ମିତା ପୁରୁଷ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରାଧ୍ୟାପକ ତଥା ବରିଷ୍ଠ ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇ ସୁରେନ୍ଦ୍ରଙ୍କ ସାହିତ୍ୟ କୃତି ବିଷୟରେ ଆଲୋକପାତ କରିଥିଲେ। ଏହି ଲୋକାର୍ପଣ ଉତ୍ସବରେ ସାହିତ୍ୟିକ ତଥା ପ୍ରକାଶକ ଚନ୍ଦ୍ରମଣି ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁବ ସାହିତ୍ୟିକ ଓ ଖବରଦାତା ଜୟଦେବ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ସାଇ ଯମୁନା ପ୍ରକାଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଜଗନ୍ନାଥ ବସ୍ତିଆଙ୍କୁ 'ଶିକ୍ଷକ ଗୌରବ ସମ୍ମାନ' ଏବଂ ବିଶିଷ୍ଟ ନାଟ୍ୟକାର ଓ ସାହିତ୍ୟିକ ତୁଷାରକାନ୍ତ ମହାନ୍ତିଙ୍କୁ ସାଇଯମୁନା ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଗନ ମିଶ୍ର, ଉଦୟ କେଶରୀ ବର୍ମା, ଜ୍ଞାନରଞ୍ଜନ ପଟ୍ଟନାୟକ, ପ୍ରଦୀପ ନନ୍ଦ, ସୁରେନ୍ଦ୍ର ମହାରଣା, ନିରୁପମା ସାମଲ, ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ପଣ୍ଡା, ବ୍ରହ୍ମାନନ୍ଦ ବିଶ୍ୱାଳ, ଶାରଦା ପଣ୍ଡା, ଅବର୍ତ୍ତନ ଷଡ଼ଙ୍ଗୀ, ମନୋରଞ୍ଜନ ବେହେରା, ମୁରଲୀଧର ଶତପଥୀ, ଗଣେଶ୍ୱର ସ୍ୱାଇଁ, ସନ୍ଧ୍ୟା ଦେବୀ ପ୍ରମୁଖ ଯୋଗଦେଇଥିଲେ। ସୁରେଶ କୁମାର ସ୍ୱାଇଁ, ଶୁକଦେବ ଭୋଇ, ରଜନୀକାନ୍ତ ଦାସ, ଉମେଶଚନ୍ଦ୍ର ସାହୁ, ପ୍ରବୀର ଦାସ, କବି ହରେକୃଷ୍ଣ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ରୋଗ ପ୍ରତିରୋଧକ ଆୟୁର୍ବେଦ ବୁନ୍ଦା ପ୍ରଦାନ

**ବାଙ୍କୀ,୨୦।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ଡମପଡ଼ା ବ୍ଲକ ଅନ୍ତର୍ଗତ ରାମଚଣ୍ଡୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଶ୍ରୀଶ୍ରୀ ଆୟୁର୍ବେଦ ମେଡିକାଲ କଲେଜ ଓ ଚିକିତ୍ସାଳୟ ତରଫରୁ ଶନିବାର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ଶାରୀରିକ ବୃଦ୍ଧି, ମାନସିକ ବୃଦ୍ଧି ଓ ସ୍ମରଣଶକ୍ତି ବୃଦ୍ଧି ନିମନ୍ତେ ଆୟୁର୍ବେଦ ବୁନ୍ଦା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଡ. ଧ୍ରୁବ ପ୍ରସାଦ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଶ୍ରୀ ଆୟୁର୍ବେଦ ମେଡିକାଲ କଲେଜର ଡ. ଅମନ ପରିଛା, ଡ. ସୋନାଲି ନାୟକ ଓ ଡାକ୍ତର ସନ୍ଧ୍ୟାରାଣୀ ଖୁଣ୍ଟିଆ ଛାତ୍ରୀଛାତ୍ରମାନଙ୍କୁ ବୁନ୍ଦା ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ କଲେଜ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏହା ଦ୍ୱାରା ଛାତ୍ରୀଛାତ୍ରମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ ବୋଲି କହିଥିଲେ।

# ଟିଗିରିଆ ଥାନା ପରିସରରେ ଭାଙ୍ଗିଲା ଗଛ

## କାଳବୈଶାଖୀ ପ୍ରଭାବ

**ଟିଗିରିଆ,୨୦।୯(ଜାଫର ଖାଁ):** ଟିଗିରିଆ ଥାନାର ପୁରାତନ ଗୃହ ପରିସରରେ ଥିବା ଗୋଟିଏ କୃଷ୍ଣଚୂଡ଼ା ଗଛ ଶନିବାର ଅପରାହ୍ନରେ ବର୍ଷା ପବନରେ ଭାଙ୍ଗିଯାଇଛି। ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଉକ୍ତ ଗଛଟି ପୁରାତନ ଥାନା ଗୃହ ଉପରେ ଭାଙ୍ଗିପଡ଼ିଛି। ଏଥିରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ । ଥାନା ଗୃହର ପାର୍ଶ୍ୱକୁ ଲାଗି ଟିଗିରିଆ ଟ୍ରେଜେରି କାର୍ଯ୍ୟାଳୟ ରହିଛି। ଗଛଟି ପଡ଼ିବା ସମୟରେ ଟ୍ରେଜେରି ଅଫିସ ମଧ୍ୟରେ କର୍ମଚାରୀ କାର୍ଯ୍ୟରତ ଥିଲେ। କିନ୍ତୁ ଗଛଟି ଟ୍ରେଜେରି ଅଫିସର ଅପରପାର୍ଶ୍ୱକୁ ପଡ଼ିବାରୁ କୌଣସି କ୍ଷୟକ୍ଷତି ହୋଇ ନାହିଁ।

# ଓଡ଼ିଶା ଅଗ୍ନିଶମ ବାହିନୀ ସିଏସ୍‌ଏସ୍‌ଆର୍ ପ୍ରଥମ ବ୍ୟାଚ୍ ତାଲିମ୍ ଶେଷ

**ବାରଙ୍ଗ,୨୦।୯(ଲିଙ୍ଗରାଜ ରାଉତ):** ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାହୀନିରେ ତାଲିମ ନେଉଥିବା ଓଡ଼ିଶା ଅଗ୍ନିଶମ ବାହିନୀର ସିଏସ୍‌ଏସ୍‌ଆର୍ ପ୍ରଥମ ବ୍ୟାଚର ଉଦ୍‌ଯାପନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଡିଆରଏଫ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ କନଫରେନ୍ସ ହଲରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ପାସିଂ ଆଉଟ ହୋଇଥିବା ଯବାନଙ୍କୁ ମାନପତ୍ର ଓ ବ୍ୟାଜ୍ ପ୍ରଦାନ କରିଛନ୍ତି। ପ୍ରଥମ ବ୍ୟାଚରେ ୪୦ ଜଣ ପ୍ରଶିକ୍ଷାର୍ଥୀ ୨୧ଦିନ ଧରି ତାଲିମ ନେଇଥିଲେ। ଅଗ୍ନିଶମ ବିଭାଗର ବିଭିନ୍ନ ସେବା ମଧ୍ୟରୁ ପ୍ରାୟ ୧୩ଟି ବିଷୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ନିପୁଣ ଭାବରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏନ୍‌ଡିଆର୍‌ଏଫ୍‌ରେ ସମୁଦାୟ ୩୯୫ ଜଣ ଅଗ୍ନିଶମ ବାହିନୀର ଯବାନଙ୍କୁ ତାଲିମ ଯୋଗାଇ ଦିଆଯାଉଅଛି। ଏମାନେ ମୁଖ୍ୟତଃ ଭୁ–ସ୍ଖଳନ ହେଉ କିମ୍ବା ବଡ଼ବଡ଼ ନିର୍ମାଣ ହେଉଥିବା ଅଟ୍ଟାଳିକା ଭୁଶୁଡ଼ିବା କ୍ଷେତ୍ରରେ ପ୍ରଶିକ୍ଷାର୍ଥୀମାନେ ନିୟୋଜିତ ହେବେ। ସେହିପରି କ୍ଷତିକାରକ ଗ୍ୟାସ୍ ଲିକ୍ ଏବଂ କେମିକାଲ ଗ୍ୟାସ ଲିକ ଘଟଣାରେ ମଧ ତାଲିମ ଦିଆଯାଇଛି। ଯାହାଫଳରେ ବିଭିନ୍ନ ଆପାତକାଳୀନ ସମୟରେ ଉନ୍ନତ ସେବା ଯୋଗାଇ ଦିଆଯାଇ ପାରିବ ବୋଲି ଡିଜି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।



ମାନପତ୍ର ଓ ବ୍ୟାଜ୍ ପାଇଥିବା ପାସିଂ ଆଉଟ ଯବାନମାନେ।

# ତଳପଡ଼ିଆର ବର୍ଦ୍ଧିତ କଳେବର ଦେବ ନୂଆ ପରିଚୟ

## ଜିଲା ପ୍ରଶାସନର ବାଲିଯାତ୍ରା ପ୍ରସ୍ତୁତି

**କଟକ,୨୦।୯(କାର୍ତ୍ତିକ ସାହୁ)** ଚଳିତବର୍ଷ କେବଳ ତଳପଡ଼ିଆରେ ବାଲିଯାତ୍ରା ଅନୁଷ୍ଠିତ ହେବ। ବର୍ଷକୁ ବର୍ଷ ବାଲିଯାତ୍ରାର କଳେବର ବୃଦ୍ଧି ପାଇ ତଳପଡ଼ିଆରେ ବ୍ୟବସାୟିକ ଦୃଷ୍ଟିରୁ ବହୁ ଲୋକ ଲାଭବାନ ହେଉଛନ୍ତି। ବାଲିଯାତ୍ରାରେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ଲୋକଙ୍କ ଜନଗହଳି ହେଉଥିବାରୁ ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ସହ ଏକାଠି ଶୌଚାଳୟ ବ୍ୟବସ୍ଥା କରାଯାଇ ପରିମଳ ତଥା ପରିଷ୍କାର ଓ ପରିଚ୍ଛନ୍ନତା ବ୍ୟବସ୍ଥା ମଧ ତଳପଡ଼ିଆରେ ସମ୍ଭବପର ହୋଇପାରୁଛି। ଏତଦବ୍ୟତୀତ ମହାନଦୀ ରିଭର ଫ୍ରଣ୍ଟ ପାଇଁ ରାଜ୍ୟ ସରକାର ଅନୁମତି ପୂର୍ବକ ନକ୍ସା ପ୍ରସ୍ତୁତି କରି ଯୋଜନା କରିଥିବାରୁ ଆଗାମୀ ଦିନରେ ସେଠାରେ ଏହି ଯାତ୍ରା ମାଧ୍ୟମରେ ସାଂସ୍କୃତିକ ଐତିହ୍ୟ ସହ ନଦୀ ଦୃଶ୍ୟ ଓ ଅନନ୍ୟ ପରିବେଶ ଦ୍ୱାରା ଆଉ ଏକ ନୂଆ ପରିଚୟ ସୃଷ୍ଟି ହୋଇପାରିବ। ଏନ୍‌ଜିଟି ଓ ହାଇକୋର୍ଟଙ୍କ ନିୟମାବଳୀ ଅନୁଯାୟୀ ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଆୟୋଜନ ନିମନ୍ତେ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ପରିଚାଳନା ପାଇଁ ତଳପଡ଼ିଆରେ କରାଯିବା ପାଇଁ ପ୍ରସ୍ତୁତି ଜାରି ରହିଛି।

କଟକର ସମୃଦ୍ଧ ପରମ୍ପରା, ଭାଇଚାରା ଓ ସଂସ୍କୃତିକୁ ସମ୍ମାନ ଜଣାଇ ସମସ୍ତ ଦିଗକୁ ଲକ୍ଷ୍ୟ କରି ତଥା ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଟ୍ରାଫିକ ପରିଚାଳନା ସହ ଶୃଙ୍ଖଳିତ ଭାବେ ଆୟୋଜନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଗତବର୍ଷ ତୁଳନାରେ ଚଳିତବର୍ଷ ବାଲିଯାତ୍ରାର ବର୍ଦ୍ଧିତ କଳେବରକୁ ଦୃଷ୍ଟିରେ ରଖି ଏଥର ଯଥେଷ୍ଟ ଅଧିକ ସ୍ଥାନରେ ଏହା ଆୟୋଜନ କରାଯିବ। ବିଶେଷ ଭାବେ ହାଇକୋର୍ଟଙ୍କ ବିଭିନ୍ନ ଅନୁଶୀଳନ ସହ ଆଇନଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣ ପରିସ୍ଥିତି ବିଚାରକୁ ନେଇ ତଥା ବିଭିନ୍ନ ବ୍ୟବସାୟୀ ଓ ଅନ୍ୟାନ୍ୟ ସଂଘ, କ୍ଷୁଦ୍ର, ମଧ୍ୟମ ତଥା ବୃହତ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ ଏହି ଅବସରରେ ବିଭିନ୍ନ ସମୟରେ ବ୍ୟବସାୟ ବୃଦ୍ଧି ପାଇଁ ଆବଶ୍ୟକତା କରୁଥିବା ଅଧିକରୁ ଅଧିକ ଜାଗା ସହ ସେମାନଙ୍କ ପ୍ରତ୍ୟକ୍ଷବୋଧ ଆଗ୍ରହକୁ ଦୃଷ୍ଟି ଦେଇ ଆଗାମୀ ଦିନରେ ଏହି ତଳ ବାଲିଯାତ୍ରା ପଡ଼ିଆ ବ୍ୟାପକରୁ ବ୍ୟାପକ ହେବାକୁ ଯାଉଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଜନତାଙ୍କ ସୁରକ୍ଷା, ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ଜିଲା ପୋଲିସର ଅପରାଧ ସମୀକ୍ଷା ବୈଠକ**

- କଡ଼ାକଡ଼ି ହେବ ସ୍ପେଶାଲ ଡ୍ରାଇଭ୍ ପ୍ରହାର, ଦମନ
- ଅପରାଧୀଙ୍କୁ ସାବାଡ଼ ପାଇଁ ସ୍ୱତନ୍ତ୍ର ଟିମ୍

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)



ସମୀକ୍ଷା ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଏବଂ ପୋଲିସ ଅଧିକାରୀମାନେ।

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମାସିକ ଅପରାଧ ସମୀକ୍ଷା ବୈଠକ ଜିଲା ପୋଲିସ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା ଜିଲାର ଅପରାଧ ସମୀକ୍ଷା କରିଛନ୍ତି। ଲୋକଙ୍କ ସୁରକ୍ଷା, ଅପରାଧ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ଉପରେ ଏସ୍‌ପି ଶର୍ମା ଗୁରୁତ୍ୱ ଦେଇଛନ୍ତି। ପାର୍ବଣ ସମୟରେ ଅପରାଧ ନିୟନ୍ତ୍ରଣ ପାଇଁ ସ୍ପେଶାଲ ଡ୍ରାଇଭ୍ ଅପରେଶନ 'ପ୍ରହାର' ଏବଂ 'ଦମନ' କାର୍ଯ୍ୟକୁ କଡ଼ାକଡ଼ି କରିବାକୁ ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଶା କାରବାର ଉପରେ ନିୟମିତ ଚଢ଼ାଉ, ଆପରାଧିକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି। ପ୍ରତି ଥାନା ଅଞ୍ଚଳରେ ଅପରାଧୀଙ୍କ ତାଲିକା ପ୍ରସ୍ତୁତ ସହ ସହରରେ ଥିବା ପେସାଦାର ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବାକୁ ତାଗିଦ୍ କରିଛନ୍ତି। ଅପରାଧୀଙ୍କ ପ୍ରତି କୌଣସି ଅନୁକମ୍ପା ଦେଖାଯିବ ନାହିଁ। ପାର୍ବଣ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀଙ୍କୁ ସାବାଡ଼ ପାଇଁ ଜିଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଚେକିଂ, ବ୍ଲକିଂ କଡ଼ାକଡ଼ି କରାଯିବ।

ଏସ୍‌ପି ଶର୍ମା ଗତମାସର ଅପରାଧ ସମୀକ୍ଷା କରିଥିଲେ। ମହିଳା, ଯୁବତୀଙ୍କ ଉପରେ ଘଟୁଥିବା ଘଟଣା ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଥାନାରେ ମହିଳା ଓ ଶିଶୁ ଡେସ୍କକୁ ପ୍ରାଥମିକତା ସହ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର, ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବାକୁ ଚେଷ୍ଟାକର। ସେମାନଙ୍କୁ ନିରାଶ କରିବା ପରିବର୍ତ୍ତେ ପୋଲିସ ସେମାନଙ୍କ ବନ୍ଧୁ ବୋଲି ହୃଦ୍‌ବୋଧ କରାଅ। ଅଭିଯୋଗର ତ୍ୱରିତ ସମାଧାନ କରିବାକୁ ଚେଷ୍ଟାକର। ସମ୍ବେଦନଶୀଳ ଘଟଣା ଉପରେ ଦାୟିତ୍ୱବାନ୍ ହେବାକୁ କହିଥିଲେ। ଦୁର୍ଗାପୂଜା ଏବଂ ଲକ୍ଷ୍ମୀପୂଜା ପାଇଁ ଜିଲାରେ ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିଥିଲେ। ମାଦକ ବ୍ୟବସାୟ, ଅବକାରୀ ଉଲ୍ଲଂଘନ, ସଡ଼କ ସୁରକ୍ଷା, ଟ୍ରାଫିକ୍ ନିୟମକୁ କଡ଼ାକଡ଼ି କରିବାକୁ କହିଥିଲେ। ବିଶେଷ କ୍ଷେତ୍ରରେ ଏନ୍‌ବିଡବ୍ଲ୍ୟୁ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ବିଚାରାଧୀନ ମାମଲାର ତ୍ୱରିତ ସମାଧାନ, ହାର୍ଡକୋର ଅପରାଧୀଙ୍କୁ ଚିହ୍ନଟ କରିବାକୁ ତାଗିଦ କରିଛନ୍ତି। ଏଥିସହିତ କମ୍ୟୁନିଟି ପୋଲିସ ଏବଂ ସାଧାରଣ ଲୋକଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ, ରାତ୍ରି ପାଟ୍ରୋଲିଂ ବୃଦ୍ଧି କରିବାକୁ କହିଥିଲେ। ସେବା ଓ ସମର୍ପଣ ଭାବ ନେଇ କାମ କର। ଥାନାକୁ ଆସୁଥିବା ଲୋକଙ୍କୁ ସମ୍ମାନ ଦେଲେ ସମ୍ମାନ ପାଇବ ବୋଲି ଏସ୍‌ପି ଶର୍ମା କହିଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ହେଡ୍‌କ୍ୱାର୍ଟର୍ସ) ଶ୍ରୀନିବାସ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଡିଆଇବି) ଅନାଦି ଚରଣ ସେଠୀ, ଖୋର୍ଦ୍ଧା ଉପ-ବିଭାଗୀୟ ପୋଲିସ ଅଧିକାରୀ(ଏସ୍‌ଡିପିଓ) ନୀହାର ରଞ୍ଜନ ପ୍ରଧାନ, ସଞ୍ଜୟ କୁମାର ପଟ୍ଟନାୟକ, ବାଲୁଗାଁ, କ୍ରାଇମ ଡିଏସ୍‌ପି ଅନିଲ କୁମାର ମହାନ୍ତିଙ୍କ ସମେତ ସମସ୍ତ ୧୨ଟି ଥାନାର ଆଇଆଇସି, କୋର୍ଟ ସିଏସ୍‌ଆଇ, ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଓଏସ୍‌ପିଏସ୍ ସିପ୍ରାଞ୍ଜଳି ସ୍ୱାଇଁ ଉପସ୍ଥିତ ଥିଲେ।

## କାଳରାତ୍ରି ବେଶରେ ମା' ବନଦୁର୍ଗା

ନିରାକାରପୁର,୨୦।୯(ମାନସ ଚନ୍ଦ୍ର ପଟ୍ଟନାୟକ)



ଶାରଦୀୟ ଷୋଡ଼ଶ ପୂଜା ଅବସରରେ ଶନିବାର ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗା କାଳରାତ୍ରି ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସପୂଜା, ସୂର୍ଯ୍ୟପୂଜା, ପଞ୍ଚଦେବତା ପୂଜା ପରେ ସହସ୍ର କୁମ୍ଭାଭିଷେକ କରାଯାଇଥିଲା। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ସମର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା।

## ୪୦ କେଜି ଗଞ୍ଜେଇ ଜବତ, ୨ ଗିରଫ


ଗିରଫ ୨ ଅଭିଯୁକ୍ତ, ଜବତ ଗଞ୍ଜେଇ ଏବଂ କାର୍।

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅବକାରୀ ପୋଲିସ ଶନିବାର ପୃଥକ୍ ଭାବେ ଚଢ଼ାଉ କରି ୪୦ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କନ୍ଧମାଳ ଖଜୁରିପଡ଼ା ଥାନା ଅଞ୍ଚଳର ସନ୍ତୋଷ ବେହେରା ଏବଂ କୋଟଗୋଡ଼ ଥାନା ବଡ଼ସାହିର ସହିଦ ମଣ୍ଡଳ। ସନ୍ତୋଷଙ୍କଠାରୁ ୩୫ କେଜି ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ ଏବଂ କାର୍ (ଓଡି ୩୩-ଏଡି-୮୦୪୧) ଜବତ କରାଯାଇଛି। ସେହିପରି ମଣ୍ଡଳଙ୍କଠାରୁ ୫ କେଜି ଗଞ୍ଜେଇ ଜବତ ହୋଇଛି ବୋଲି ଅବକାରୀ ଜିଲା ଅଧୀକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନା ମୁତାବକ, କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଶନିବାର ସକାଳ ୮ଟାରେ ଜିଲା ମୋବାଇଲ ୟୁନିଟ୍ ପୁରୁସାହି ଛକରେ ଛକିରହିଥିଲା। ଉକ୍ତ କାର୍‌କୁ ଅଟକାଇବା ବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ସେହିଭଳି ସକାଳ ସାଢ଼େ ୮ଟାରେ ତରତୁଆ ନିକଟ ପେଟ୍ରୋଲ ପମ୍ପ ଛକରେ ଜଣେ ଯୁବକ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ଖବରପାଇ ସଦର ଟିମ୍ ଚଢ଼ାଉକରି ଗଞ୍ଜେଇ ଜବତ କରିଥିଲା। ତେବେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଜାତୀୟ ରାଜପଥରେ ଓଲଟିଲା ଟ୍ରକ୍; ଚାଳକ ଗୁରୁତର

ଟାଙ୍ଗୀ,୨୦।୯(ରଘୁନାଥ ସାହୁ)


ରାସ୍ତାରେ ଓଲଟି ପଡିଥିବା ଲଙ୍କା ବୋଝେଇ ଟ୍ରକ୍।

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଉଗ୍ରତାରା ଛକ ନିକଟରେ ଶନିବାର ଭାରସାମ୍ୟ ହରାଇ ଏକ ଲଙ୍କା ବୋଝେଇ ଟ୍ରକ୍ ଓଲଟିପଡ଼ିଛି। ଫଳରେ ଚାଳକ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚାଳକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ଘର ଆନ୍ଧ୍ରପ୍ରଦେଶରେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଉକ୍ତ ଟ୍ରକ୍‌ରେ ଶୁଖିଲା ଲଙ୍କା ବୋଝେଇ ହୋଇ ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ଉଗ୍ରତାରା ଛକ ନିକଟରେ ଜଣେ ବାଇକ୍ ଚାଳକ ହଠାତ୍ ରାସ୍ତା ଉପରକୁ ଆସିଯିବାରୁ ଚାଳକ ବ୍ରେକ୍ ମାରିଥିଲେ। ଫଳରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ଆହତ ଟ୍ରକ୍ ଚାଳକଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।

## ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଆଗରେ ଧାରଣା

ନିରାକାରପୁର,୨୦।୯(ମାନସ ଚନ୍ଦ୍ର ପଟ୍ଟନାୟକ)

**୨ବର୍ଷ ହେବ ଖାଲିପଡ଼ିଛି ପ୍ରଧାନ ଶିକ୍ଷକ ପଦବୀ**


ବିଦ୍ୟାଳୟ ଫାଟକ ଆଗରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧା ଜିଲା ଟାଙ୍କୋଳ ପଞ୍ଚାୟତ ଅନ୍ତର୍ଗତ ଟାଙ୍କୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବରେ ଶନିବାର ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଗ୍ରାମବାସୀ ଏବଂ ପରିଚାଳନା କମିଟି ସଦସ୍ୟମାନେ ଧାରଣା ଦେଇଥିଲେ। ଏହି ବିଦ୍ୟାଳୟ ୧୯୭୪ମସିହାରୁ ସ୍ଥାପିତ ହୋଇଥିବା ବେଳେ ଏବେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୫୦ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ରହିଛନ୍ତି। ଏହି ବିଦ୍ୟାଳୟରେ ଦୁଇ ବର୍ଷ ହେବ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡିଛି । ତେବେ ବିଦ୍ୟାଳୟରେ ଷାଣ୍ମାସିକ ପରୀକ୍ଷା ଚାଲୁଥିବା ବେଳେ ହଠାତ୍ ୩ଜଣ ଶିକ୍ଷକ (ଗଣିତ, ଇଂଲିଶି ଏବଂ ହିନ୍ଦୀ)ଙ୍କୁ ଅନ୍ୟତ୍ର ବଦଳି କରିଦିଆଗଲା। ତେବେ ତାଙ୍କ ସ୍ଥାନରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ନ ଦିଆଯିବାରୁ ପାଠପଢ଼ାରେ ସମସ୍ୟା ଉପୁଜିଛି। ବିଦ୍ୟାଳୟରେ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବିରେ ଶନିବାର ବିଦ୍ୟାଳୟ ପରିଚାଳନା କମିଟି ଏବଂ କେତେଜଣ ଗ୍ରାମବାସୀ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଏନେଇ ସ୍କୁଲ ପରିଚାଳନା କମିଟି ସଭାପତି ଭାଗୀରଥି ବେହେରା କହିଛନ୍ତି ଯେ, ପ୍ରଧାନ ଶିକ୍ଷକଙ୍କ ନିଯୁକ୍ତି ଦାବି ନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏବେ ଷାଣ୍ମାସିକ ପରୀକ୍ଷା ଚାଲୁଥିବା ବେଳେ ୩ଜଣ ଶିକ୍ଷକଙ୍କୁ ବଦଳି କରିଦିଆଗଲା। ଏଠାରେ ଉକ୍ତ ବିଷୟର ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଶାନ୍ତିପୂର୍ଣ୍ଣଭାବେ ବିଦ୍ୟାଳୟ ଆଗରେ ଧାରଣା ଦେବୁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ କହିଛନ୍ତି ଯେ, ଯେଉଁଠି ଶିକ୍ଷକ ବଦଳି ହୋଇଛନ୍ତି, ସେହି ସ୍ଥାନରେ ନୂଆ ଶିକ୍ଷକଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ।

## ରାସ୍ତାରେ ଖାଲଖମା, ଲୋକେ ହଇରାଣ



ଟାଙ୍ଗୀ,୨୦।୯(ରଘୁନାଥ ସାହୁ)

ଟାଙ୍ଗୀଠାରୁ ବଡ଼ପାରୀ ଗ୍ରାମକୁ ଯାଇଥିବା ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଛି। ବର୍ଷାଜଳ ଏହି ଖାଲରେ ଭର୍ତ୍ତିହୋଇ ରହିବା ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ରାସ୍ତା ଉପରେ ବଡ଼ପାରୀ, ଭୋବରା, ଝରିଆ, ବଧିସାହି, ସିଙ୍ଗରମା, ଗୋଡ଼ିସାହି, ପଟିଆ ଅଞ୍ଚଳର ଜନସାଧାରଣ ଯାତାୟାତ କରିଥାନ୍ତି। ଶାରଦୀୟ ପୂଜା ପୂର୍ବରୁ ରତ୍ନମାଳୀପାଟଣା ସାହି ଶ୍ମଶାନ ନିକଟରେ ଖାଲ ହୋଇଥିବା ରାସ୍ତାକୁ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ରୋଭର ରେଞ୍ଜରଙ୍କ ଦ୍ୱାରା ଚିଲିକା କୂଳ ସଫେଇ




ବାଣପୁର,୨୦।୯(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ୨୦ରୁ ଊର୍ଦ୍ଧ୍ୱ ରୋଭର ରେଞ୍ଜରଙ୍କ ଦ୍ୱାରା ଶନିବାର ବଡ଼କୂଳ ପାନ୍ଥନିବାସ ନିକଟ ଜଳକ୍ରୀଡ଼ା ଉଦ୍ୟାନ(ଚିଲିକା ପାର୍ଶ୍ୱ)ଠାରେ ଗଦା ହୋଇଥିବା ଅଳିଆ, ଆବର୍ଜନା ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଆଦିତ୍ୟ ସାରଥି ବେଦମତ୍ତା ଏବଂ ଉତ୍କଳିକା ପାଢ଼ୀ ଉଦ୍‌ଘାଟନ କରିଥିଲେ। ରୋଭର ତୁଷାରକାନ୍ତ ମଲ୍ଲିକ ଏବଂ ରେଞ୍ଜର ଶର୍ମିଷ୍ଠା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟ ହୋଇଥିବା ବେଳେ ପୁରାତନ ରୋଭର ସୁନୀଲ କୁମାର ସ୍ୱାଇଁ, ମିଥୁନ ତରାଇ, ଓମ୍ ପ୍ରକାଶ ମହଲା, ତୋଫାନ ବେହେରା ଏବଂ ରେଞ୍ଜର ଚିନ୍ମୟୀ ମିଶ୍ର ଉପସ୍ଥିତ ରହି କାର୍ଯ୍ୟରେ ସମନ୍ୱୟ ରକ୍ଷା କରିଥିଲେ। ସିଡିଏର ମନୋରଞ୍ଜନ ମିଶ୍ର, ବୈରାଗୀ ଚରଣ ବଳ ଉପସ୍ଥିତ ଥିଲେ। ସଫେଇ କାର୍ଯ୍ୟକ୍ରମ ପରେ ଗୋଦାବରୀଶ ମହାବିଦ୍ୟାଳୟଠାରେ ଏସ୍‌ପି ଏନ୍.ଏସ୍ ବର୍ମା ପିଲାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମତ୍ସ୍ୟଜୀବୀଙ୍କ ବିକାଶ ଯୋଜନା ବାଟବଣା

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

**ହିତାଧିକାରୀଙ୍କ ଟଙ୍କା ଆତ୍ମସାତ୍ ଅଭିଯୋଗ**

ମତ୍ସ୍ୟଜୀବୀଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ପାଇଁ ସରକାର ବହୁବିଧ ଯୋଜନା କରୁଛନ୍ତି। ତେବେ ଏହିସବୁ ଯୋଜନା ଅନେକ କ୍ଷେତ୍ରରେ ବାଟବଣା ହେଉଛି। ମିଥ୍ୟା କାଗଜପତ୍ର ଦ୍ୱାରା ଦଲାଲଙ୍କ ମାଧ୍ୟମରେ ଅସାଧୁ ପ୍ରଶାସନିକ ଅଧିକାରୀମାନେ ସମ୍ପୃକ୍ତ ଅର୍ଥରାଶି ଆତ୍ମସାତ୍ କରୁଥିବା ନେଇ ଶନିବାର କେତେଜଣ ମତ୍ସ୍ୟଜୀବୀ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ଆସୁଥିବା ଡଙ୍ଗା, ଜାଲ ଏବଂ ଯନ୍ତ୍ରପାତି ସବ୍‌ସିଡି ଟଙ୍କାକୁ ମତ୍ସ୍ୟ ବିଭାଗର ଅସାଧୁ ଅଧିକାରୀ, ବିଲ୍ଡର ଏବଂ ଗ୍ରାମାଞ୍ଚଳରେ ରହିଥିବା ଦଲାଲ୍‌ମାନେ ମଧୁଚନ୍ଦ୍ରିକାରେ ହରିଲୁଟ୍ କରୁଛନ୍ତି। କେତେଜଣ ମତ୍ସ୍ୟଜୀବୀଙ୍କୁ ଡଙ୍ଗା, ଜାଲ, ଯନ୍ତ୍ରପାତି ବାବଦକୁ ୩୦ରୁ ୫୦ ହଜାର ଟଙ୍କା ଦେଇ ବଳକା ଅର୍ଥ ଆତ୍ମସାତ୍ କରୁଛନ୍ତି। ଚିଲିକାରେ ଅଣମତ୍ସ୍ୟଜୀବୀଙ୍କ ନାଁରେ ଗୋ ସୁଗମ ପୋର୍ଟାଲରେ ଆବେଦନ କରି ଲାଇଫ୍ ଜ୍ୟାକେଟ୍ ପିନ୍ଧାଇ ନାମକୁମାତ୍ର ଫଟୋ ଉଠାଇ ଆସିଥିବା ସବ୍‌ସିଡି ଟଙ୍କାକୁ ଦଲାଲ, ବିଲ୍ଡର ଏବଂ ବିଭାଗୀୟ ଅଧିକାରୀମାନେ ଆତ୍ମସାତ୍ କରୁଛନ୍ତି। ଏହାର ପ୍ରତିବାଦ କଲେ ମିଥ୍ୟା କେସ୍‌ରେ ଫସାଇବାକୁ ଧମକ ଦେଉଛନ୍ତି। ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ବିଭାଗୀୟ ତଥ୍ୟ ଅନୁସାରେ, ୨୪୬ଟି ଡଙ୍ଗା ପାଇଁ ଅନୁମୋଦନ ଆସିଥିବା ବେଳେ ସେଥିରୁ ୨୦ପ୍ରତିଶତ ଡଙ୍ଗା ପ୍ରସ୍ତୁତ କରାଯାଇନାହିଁ। ସ୍ଥାନୀୟ ବିଭାଗୀୟ ଅଧିକାରୀ ଏବଂ ଦଲାଲ ଏହି ଅର୍ଥ ଆତ୍ମସାତ୍ କରିଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ହିତାଧିକାରୀଙ୍କ ଫଟୋ ଉଠାଇବା ପରେ ଜୋରଜବରଦସ୍ତ ସେମାନଙ୍କର ଅନ୍ୟ ବ୍ୟାଙ୍କରେ ଖାତା ଖୋଲିବା ସହ ପାସ୍‌ବୁକ୍ ବହିକୁ ନିଜ ପାଖରେ ରଖୁଛନ୍ତି। ସବ୍‌ସିଡି ଟଙ୍କା ଆସିବା ପରେ କିଛି ଟଙ୍କା ଦେଇ ବଳକା ଟଙ୍କା ଆତ୍ମସାତ୍ କରୁଛନ୍ତି। ମତ୍ସ୍ୟଜୀବୀଙ୍କ ପାଇଁ ଆସୁଥିବା ଯୋଜନା ଅର୍ଥ ଆତ୍ମସାତ୍ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଡଙ୍ଗା, ଜାଲ, ଯନ୍ତ୍ରପାତି ଦିଆଯାଇନାହିଁ, ତାହାର ଏକ ତାଲିକା ଜିଲାପାଳଙ୍କ ନିକଟରେ ଦାଖଲ ସହ ଏହାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଏବଂ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମତ୍ସ୍ୟଜୀବୀଙ୍କୁ ଯୋଜନା ସୁନିଶ୍ଚିତ ପାଇଁ ଦାବି କରିଛନ୍ତି।

## 'ଲକ୍ଷ୍ୟ ହାସଲ ପାଇଁ ସଙ୍କଳ୍ପ ନେଇ କାର୍ଯ୍ୟ କର'

ବୋଲଗଡ଼,୨୦।୯(ଦେବବ୍ରତ ହୋତା)

**ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ପୂଜା ଶିବିର**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାୟୋଜିତ ଜାତୀୟ ସେବା ଯୋଜନା ଅନ୍ତର୍ଗତ ଏକ ସ୍ୱତନ୍ତ୍ର ପୂଜା ଶିବିର ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ଏହାକୁ ଉଦ୍‌ଘାଟନ କରି ଉପସ୍ଥିତ ପ୍ରାଧ୍ୟାପକ, ଅଧ୍ୟାପିକା, ଅଧ୍ୟାପକ, ବିଭାଗୀୟ ସହାୟକ, ଶିକ୍ଷା କର୍ମଚାରୀ, ବିଦ୍ୟାର୍ଥୀ ଓ ୩୦ ଜଣ ଶିବିରାର୍ଥୀଙ୍କୁ ଲକ୍ଷ୍ୟ ହାସଲ ପାଇଁ ସଙ୍କଳ୍ପ ନେଇ କାର୍ଯ୍ୟ କଲେ ନିଶ୍ଚିତ ସଫଳ ହୋଇପାରିବ ବୋଲି କହିଥିଲେ। ପ୍ରଥମ ଦିବସରେ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ଭାସ୍କରଚନ୍ଦ୍ର ମହାପାତ୍ରଙ୍କ ୧୪ତମ ଶ୍ରାଦ୍ଧବାର୍ଷିକ ଥିବାରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଏଥିରେ ତାଙ୍କ ସହଧର୍ମିଣୀ ଶାନ୍ତିଲତା ମହାପାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ରୂପେଲି ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରବୀନ୍ଦ୍ର କୁମାର ବେହେରା, ସହାୟିକା ସସ୍ମିତା ପରିଡ଼ା, ଅବନ୍ତି ପଟ୍ଟନାୟକ, ବରିଷ୍ଠ ପ୍ରାଧ୍ୟାପକ ପୁଷ୍ପରାଜ ପ୍ରଧାନ, ଗାନ୍ଧୀ କୁମାର ସାହୁ, ରଙ୍କନାଥ ମହାରଣା, ଆଲୋକ କୁମାର ଦାସ, ବୈଦ୍ୟନାଥ ହୋତା, ମାୟାଧର ବରାଡ଼, ଶ୍ରୀନିବାସ ଖାଡ଼ଙ୍ଗା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବେଆଇନ ପାଥୋଲାବ୍ ଉପରେ ଅଙ୍କୁଶ ନାହିଁ

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

- ଜିଲାରେ ୪୪ ବୈଧ ଘରୋଇ ପାଥୋଲାବ୍
- ଲାଇସେନ୍ସ ନ ଥିଲେ କାର୍ଯ୍ୟାନୁଷ୍ଠାନ: ସିଡିଏମ୍‌ଓ

ଖୋର୍ଦ୍ଧା ଜିଲାରେ ମୋଟ୍ ୪୪ଟି ଲାଇସେନ୍ସପ୍ରାପ୍ତ ଘରୋଇ ପାଥୋଲାବ୍ ରହିଛି। ସେଥିରୁ ରାଜଧାନୀ ଭୁବନେଶ୍ୱରରେ ୪୦ଟି ଏବଂ ଖୋର୍ଦ୍ଧାରେ ୪ଟି ସଂସ୍ଥାକୁ ଅନୁମୋଦନ ମିଳିଥିବା ବେଳେ ଅନ୍ୟସବୁ ସ୍ଥାନରେ ବେଆଇନ ପାଥୋଲାବ୍ ଚାଲିଛି ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ତେବେ ରାଜଧାନୀଠାରୁ ଜଟଣୀ, ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ବାଣପୁର ଏବଂ ବାଲୁଗାଁ ଅଞ୍ଚଳରେ ଛତୁ ଫୁଟିବା ଭଳି ବେଆଇନ ପାଥୋଲାବ୍ ଖୋଲିଛି। ଏମାନେ ରୋଗୀଙ୍କ ରୋଗ ନିରୂପଣ ସହ ଚିକିତ୍ସା ମଧ୍ୟ କରୁଛନ୍ତି। ଏନେଇ ଜିଲା ପ୍ରଶାସନ କିମ୍ବା ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚଢ଼ାଉ କିମ୍ବା ଯାଞ୍ଚ କରାଯାଉନାହିଁ, ଯାହାକୁ ନେଇ ବୁଦ୍ଧିଜୀବୀ ଏବଂ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଚତୁଃପାର୍ଶ୍ୱରେ ବହୁ ପାଥୋଲାବ୍, ଡାଇଗ୍ନୋଷ୍ଟିକ୍ କେନ୍ଦ୍ର ଖୋଲିଥିବା ବେଳେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଜିଲା ମୁଖ୍ୟ ଚିକିତ୍ସାଳୟରୁ ରୋଗୀଙ୍କୁ ଘରୋଇ ପାଥୋଲାବ୍, କ୍ଲିନିକ୍‌କୁ ରକ୍ତ ନମୁନା, ଏକ୍ସରେ, ସିଟି ସ୍କାନ୍ କରିବାକୁ ପଠାଯାଉଛି। ଏନେଇ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏପରିକି ଅନେକ ସମୟରେ ଭୁଲ୍ ରିପୋର୍ଟ ପାଇଁ ଏକାଧିକ କ୍ଲିନିକ୍ ଏବଂ ପାଥୋଲାବ୍‌କୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିବା ନଜିର ରହିଛି। କିଛି ମାସ ପୂର୍ବେ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଏକ ଡାଇଗ୍ନୋଷ୍ଟିକ କେନ୍ଦ୍ର ଜଣେ ରୋଗୀଙ୍କୁ ଭୁଲ୍ ରିପୋର୍ଟ ଦେଇଥିବା ନେଇ ପରିବାର ଲୋକେ ସିଡିଏମ୍‌ଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ପାଥୋଲାବ୍, ଡାଇଗ୍ନୋଷ୍ଟିକ କେନ୍ଦ୍ର, କ୍ଲିନିକ ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟର କଡ଼ା ନିୟମ ରହିଛି। ତେବେ ସମସ୍ତ ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ଚାଲିଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ନୀରବତାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅଧିକାର କର୍ମୀ ହୃଦାନନ୍ଦ କୋଦମାସିଂ କହିଛନ୍ତି, ବର୍ଷ ବର୍ଷ ଧରି ବେଆଇନ ଭାବେ ପାଥୋଲାବ୍ ଚାଲିଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏକାଧିକ ରେଜିଷ୍ଟ୍ରି ହସ୍ପିଟାଲରେ ମଧ୍ୟରେ ପାଥୋଲାବ୍ ପାଇଁ କୌଣସି ଅନୁମତି ନ ଥିବା ବେଳେ ସେଠାରେ ମଧ୍ୟ ରୋଗୀଙ୍କ ନମୁନା ପରୀକ୍ଷା କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ଅଜିତ୍ ପଟ୍ଟନାୟକ କହିଛନ୍ତି, ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଚାରିପଟେ ଛତୁ ଫୁଟିବା ଭଳି ପାଥୋଲାବ୍ ରହିଥିବା ବେଳେ ଏହାକୁ ନିୟମିତ ଯାଞ୍ଚ କରାଯାଉନାହିଁ। ସାମାଜିକ କର୍ମୀ ସୁଶାନ୍ତ ମୋହନ ପଟ୍ଟନାୟକ କୁହନ୍ତି, ସବୁକିଛି ଜାଣି ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ନୀରବ। ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ। ଅନ୍ୟପକ୍ଷରେ ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ରାୟ କହିଛନ୍ତି, ଏହି ତଥ୍ୟ ହସ୍ତଗତ ହୋଇଛି। ପାଥୋଲାବ୍, ଡାଇଗ୍ନୋଷ୍ଟିକ କେନ୍ଦ୍ର, କ୍ଲିନିକ୍, ଘରୋଇ ହସ୍ପିଟାଲ ପାଇଁ ଆବଶ୍ୟକ ଅନୁମତି ନ ଥିଲେ ତୁରନ୍ତ ଆବେଦନ କରିବାକୁ ତାଗିଦ କରିଛନ୍ତି। ଖୁବ୍‌ଶୀଘ୍ର ଏକ ଟିମ୍ ଗଠନ କରାଯାଇ ଏହାର ଯାଞ୍ଚ କରାଯିବ। ପଞ୍ଜୀକରଣ ନ ଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କାର୍ତ୍ତିକ ପରେ ନାଟମଣ୍ଡପ ଧାଡ଼ିଦର୍ଶନ

## ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ

- ମୋବାଇଲ କଟକଣା ନେଇ ଆସିବ ଗାଇଡ୍‌ଲାଇନ
- ଏମାର ମଠ ରୁପାଇଟା ସ୍ଥାନାନ୍ତର ନେଇ ଆଲୋଚନା

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଉପସ୍ଥିତ ଅଧିକାରୀ।

ଆସନ୍ତା ଅକ୍ଟୋବର ୩ରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହେବ। ସେଥିଲାଗି ନୀତି ନିର୍ଘଣ୍ଟ ସ୍ଥିର ହୋଇଥିବାବେଳେ ପ୍ରତ୍ୟେକ ଦିନ ଭୋର ୪ଟାରୁ ଦ୍ୱାର ଫିଟାଯିବ। ସେହିପରି କାର୍ତ୍ତିକ ମାସ ପରେ ନାଟମଣ୍ଡପରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଶ୍ରୀମନ୍ଦିରରେ ମୋବାଇଲ ଫୋନ୍ କଟକଣା ପାଇଁ ଏକ ଗାଇଡ୍‌ଲାଇନ ଆସିବ। ଏମାର ମଠରୁ ମିଳିଥିବା ରୁପାଇଟା କିପରି ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବ ସେନେଇ ସରକାରଙ୍କୁ ଅନୁରୋଧ କରାଯିବ। ଶନିବାର ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏହିସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି।

ପ୍ରଥମେ ନୀତି ସବ୍‌କମିଟି ବୈଠକ ଏବଂ ପରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୩ରୁ କାର୍ତ୍ତିକ ଧର୍ମମାସ ପାଇଁ ନୀତି ଆରମ୍ଭ ହେବ। ତେଣୁ ବୈଠକରେ କାର୍ତ୍ତିକ ମାସ ଓ ବାଲଧୂପର ନୀତିନିର୍ଘଣ୍ଟ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। କେତେବେଳେ ଶ୍ରୀମନ୍ଦିର ଦ୍ୱାର ଫିଟାଯିବ ଓ ନୀତି ହେବ, ପଞ୍ଚକରେ ବେଶ ଆଦି ସମ୍ପର୍କରେ ବିଭିନ୍ନ ନିଯୋଗର ସେବକଙ୍କ ସହ ଆଲୋଚନା କରାଯାଇଥିଲା। ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ଅନୁମୋଦନ ମିଳିଛି। ପ୍ରତ୍ୟେକ ଦିନ ଭୋର ୪ଟାରୁ ଦ୍ୱାର ଫିଟାଯାଇ ନୀତି ସମ୍ପନ୍ନ କରାଯିବ। ପଞ୍ଚକ ତିଥିରେ ମହାପ୍ରଭୁଙ୍କ ନୀତି ଓ ବେଶ ପାଇଁ ସମସ୍ତ ସେବାୟତଙ୍କ ସହଯୋଗ କାମନା କରାଯାଇଛି। ଆଗକୁ କାର୍ତ୍ତିକ ମାସଟି ନୀତିବହୁଳ ରହିଛି। ତେଣୁ କାର୍ତ୍ତିକ ମାସ ପରେ ପରୀକ୍ଷାମୂଳକ ଭାବେ ନାଟମଣ୍ଡପରେ ଧାଡ଼ିଦର୍ଶନ ବ୍ୟବସ୍ଥା କରାଯିବାକୁ ମତ ପ୍ରକାଶ ପାଇଛି। ଖୁବଶୀଘ୍ର ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ଏସ୍‌ଓପି ପ୍ରସ୍ତୁତ ହେବ। ଏଥିସହ ସେବାୟତ କଲ୍ୟାଣ ଓ ହବିଷିଆଳି ବ୍ରତଧାରୀଙ୍କ ପାଇଁ ଥିବା ବ୍ୟବସ୍ଥା ଉପରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପରିସରରେ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ନେଇ ଏକ ଗାଇଡ୍ ଲାଇନ୍ ଅଣାଯିବ। ପ୍ରାଥମିକ ପର୍ଯ୍ୟାୟରେ ଜେଟିପି, ଜେଟିଏସ୍ ଏବଂ ପରେ ସେବକ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ରରେ କଟକଣା ଲାଗୁ କରାଯିବ। ଏମାରମଠରୁ ମିଳିଥିବା ରୁପାଇଟା ପ୍ରସଙ୍ଗରେ ଆଲୋଚନା କରାଯାଇଛି। କୋର୍ଟରେ ଏ ସଂକ୍ରାନ୍ତ ମାମଲା ବିଚାରାଧୀନ ରହିଛି। ରୁପାଇଟା ଯେପରି ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବ, ସେ ନେଇ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ। ସ୍ଥାୟୀ ରତ୍ନଭଣ୍ଡାରକୁ ରତ୍ନଅଳଙ୍କାର ସ୍ଥାନାନ୍ତର କରାଯିବା ଉପରେ ସହମତି ପ୍ରକାଶ ପାଇଛି। ବେଶ ପାଇଁ ଅଳଙ୍କାର ସେଟ୍ ନିର୍ମାଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିଲାଗି ଏକ ସମନ୍ୱୟ କମିଟି ଗଠନ ହୋଇଛି। ପ୍ରତ୍ୟେକ ବୁଧବାର ବୈଠକ ବସି ନୀତି ଶୃଙ୍ଖଳା ନେଇ ଆଲୋଚନା କରାଯିବ।

# ସାର ପାଇଁ ରାତିରୁ ଲାଗିଲା ଆଧାର ଧାଡ଼ି



ବାଣପୁର ବ୍ଲକ ଅଧୀନ ଦେଓଗାଁ ସମବାୟ ସମିତି ସମ୍ମୁଖରେ ସାର ପାଇଁ ଚାଷୀମାନେ ଆଧାର କାର୍ଡ ରାସ୍ତାରେ ରଖି ଅପେକ୍ଷା କରିଛନ୍ତି।

ବାଣପୁର,୨୦।୯(ଦିଲୀପ କୁମାର ସ୍ୱାଇଁ)

## ନିରାଶରେ ଫେରିଲେ ଚାଷୀ: ଉତ୍ତେଜନା

### ୫ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କ ପାଇଁ ଆସିଥିଲା ୨୨୨ ବସ୍ତା ସାର

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅଞ୍ଚଳରେ ୟୁରିଆ ସାର ଅଭାବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ସାର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା, କଳାବଜାର ଏବଂ ବଜାରରେ ମିଳୁ ନ ଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଦେଓଗାଁ ସମବାୟ ସମିତିକୁ ଗତ ଗୁରୁବାର ୨୨୨ ବସ୍ତା ୟୁରିଆ ସାର ବଣ୍ଟନ ପାଇଁ ଆସିଥିଲା। ସାର ନେବା ଲାଗି ଶୁକ୍ରବାର ବିଳମ୍ବିତ ରାତିରୁ ୫ଶହରୁ ଉର୍ଦ୍ଧ୍ୱ ଚାଷୀ ଆଧାର କାର୍ଡକୁ ଲମ୍ବାଧାଡ଼ିରେ ରଖି ଶନିବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଫଳରେ ୫ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୨୨୨ ବସ୍ତା ସାର ବଣ୍ଟନ କରିବା ସମିତି କର୍ତ୍ତୃପକ୍ଷଙ୍କ ପକ୍ଷରେ ସମ୍ଭବପର ହୋଇ ନ ଥିଲା। ଫଳରେ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଚାଷୀମାନେ ନିରାଶ ହୋଇ ଘରକୁ ଫେରିଥିଲେ। ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ସମବାୟ ସମିତି ସଭାପତି ସୁକାନ୍ତ କୁମାର ବିଶୋଇ କହିଛନ୍ତି, ଅଧିକ ସଂଖ୍ୟକ ଚାଷୀ ଆସିଥିବାରୁ ସାର ବଣ୍ଟନ ସମ୍ଭବ ହୋଇପାରିଲା ନାହିଁ। ଆଗାମୀ ଦିନରେ ଆବଶ୍ୟକ ପରିମାଣର ସାର ଆସିଲେ ଚାଷୀଙ୍କୁ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ଗତ ଶନିବାର ୟୁରିଆ ସାର ପାଇଁ ବଡ଼ହନ୍ତୁଆଡ଼ ସମବାୟ ସମିତି ସମ୍ମୁଖରେ ଦେଢ଼ହଜାରରୁ ଉର୍ଦ୍ଧ୍ୱ ଚାଷୀ ରାତି ଉଜାଗର ରହି ବର୍ଷାରେ ଭିଜି ଅପେକ୍ଷା କରି ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା।

# ଏ ବର୍ଷ ପଞ୍ଚକ ୪ଦିନ, ବାଙ୍କଚୂଡ଼ା ବେଶ ହେବନି

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ଶନିବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ତ୍ତିକ ମାସର ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଛତିଶା ନିଯୋଗ ଅନୁମୋଦନ ଲାଭ କରିଛି। ଅକ୍ଟୋବର ୩ରୁ ଶ୍ରୀମନ୍ଦିରରେ ଆରମ୍ଭ ହେବାକୁ ଥିବା କାର୍ତ୍ତିକ ବାଲଧୂପ ନୀତି ପାଇଁ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତବର୍ଷ ପଞ୍ଚକ ୪ଦିନ ପଡୁଥିବାରୁ ଏଥର ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବ ନାହିଁ। ଛତିଶା ନିଯୋଗ ବୈଠକରେ ଏ ସମ୍ପର୍କରେ ଆଲୋଚନା ପରେ ନୀତି ସବ୍‌କମିଟିରେ ଏହା ଅନୁମୋଦନ ହୋଇଛି। କାର୍ତ୍ତିକ ମାସରେ ରାତି ୧୨ଟାରେ ପହୁଡ଼ ସମ୍ପନ୍ନ ହୋଇ ଭୋର ୪ଟାରେ ଦ୍ୱାର ଫିଟାଯିବ। ସାଢେ ୪ଟାରେ ଭିତର ଶୋଧ କରାଯାଇ ଭୋର ୫ଟାରେ ମଙ୍ଗଳ ଆଳତି କରାଯିବ। ରାଧାଦାମୋଦର ବେଶ ସକାଳ ସାଢେ ୬ଟାରୁ ସାଢେ ୭ଟା ମଧ୍ୟରେ ସମ୍ପନ୍ନ ହେବ। ସେହିପରି ନଭେମ୍ବର ୨ରୁ କାର୍ତ୍ତିକ ପଞ୍ଚକ ବ୍ରତ ଆରମ୍ଭ ହେବ। ନଭେମ୍ବର ୨ରେ ମହାପ୍ରଭୁଙ୍କ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ ସହିତ ହରି ଉତ୍‌ଥାପନ ନୀତି ହେବ। ତେବେ ଦ୍ୱାଦଶୀ ତିଥି କ୍ଷୟ ଯାଉଥିବାରୁ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ହେବେ। ନଭେମ୍ବର ୩ରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ନଭେମ୍ବର ୫ରେ ପଞ୍ଚକର ଶେଷ ଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ସେହିପରି ଦୀପାବଳି ଅମାବାସ୍ୟାଠାରୁ ପଞ୍ଚକ ମଧ୍ୟରେ ସୋମବାର ପଡ଼ିଲେ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ତେଣୁ ଅକ୍ଟୋବର ୨୭ରେ ବଡ଼ଠାକୁରଙ୍କ ହରିହର ବେଶ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମୁକୁଳିଲା ଜାହାଜ

କଟକ,୨୦।୯(କାର୍ତ୍ତିକ ସାହୁ)

ପାରାଦୀପ ବନ୍ଦରରେ ଗିରଫ କରାଯାଇଥିବା ଏକ ଜାହାଜକୁ ମୁକୁଳାଇବା ପାଇଁ ହାଇକୋର୍ଟ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ଗିରଫ ଜାହାଜ କର୍ତ୍ତୃପକ୍ଷ ୩୩ ଲକ୍ଷ ୯୦ ହଜାର ଟଙ୍କା ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିଥିବା ଅବଗତ ହେବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜାହାଜ ଏମ୍‌ଭି. ଡେନ୍‌ସା ସି ଲାୟନ୍ ପକ୍ଷରୁ ଆଗତ ଅନ୍ତରୀଣ ପିଟିଶନ୍‌ର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୱେପଏଣ୍ଟ ପୋର୍ଟ ସର୍ଭିସେସ୍ ଲିମିଟେଡ୍ ଏକ ବ୍ୟବସାୟିକ ବିବାଦକୁ ନେଇ ଏମ୍‌ଭି ଡେନ୍‌ସା ଲାୟନ୍ ଜାହାଜ ବିରୋଧରେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲା। ଉକ୍ତ ଜାହାଜ ଉପରୁ ୪୨ ଲକ୍ଷ ଟଙ୍କା ଆଦାୟ ପାଇଁ ଦାବି କରାଯାଇଥିଲା। ମୂଳ ରାଶି, ସୁଧ, ଆଇନଗତ ଖର୍ଚ୍ଚ ସହ ଏହି ପରିମାଣର ଅର୍ଥ ଦାବି କରାଯାଇ ପାରାଦୀପ ବନ୍ଦରରେ ଥିବା ଜାହାଜକୁ ତୁରନ୍ତ ଗିରଫ ପାଇଁ ଆବେଦନ କରାଯାଇଥିଲା। ହାଇକୋର୍ଟ ଗତ ୧୬ ତାରିଖରେ ମାମଲାର ଶୁଣାଣି କରି ଜାହାଜକୁ ତୁରନ୍ତ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜାହାଜ କର୍ତ୍ତୃପକ୍ଷ ଶୁକ୍ରବାର ହାଇକୋର୍ଟରେ ଏକ ଅନ୍ତରୀଣ ପିଟିଶନ୍ ରୁଜୁ କରି ୪୨ ଲକ୍ଷ ଟଙ୍କାରୁ ୩୩ ଲକ୍ଷ ଟଙ୍କା ଜମା କରିବେ ବୋଲି ଅବଗତ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ୩୩ ଲକ୍ଷ ୯୦ ହଜାର ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ଜମା କରାଯାଇଥିବା ଅଦାଲତଙ୍କୁ ଶନିବାର ଅବଗତ କରାଯାଇଥିଲା। ଫଳରେ ହାଇକୋର୍ଟ ଜାହାଜକୁ ଛାଡ଼ିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୦।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଫଳରେ ଅନ୍ୟ ନୀତିରେ ବିଳମ୍ବ ଘଟିଥିଲା। ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ବେଶ ମଇଲମ ନୀତି ଆରମ୍ଭ ହେବାକୁ ଥିବାବେଳେ ଜୟବିଜୟ ଦ୍ୱାର ନିକଟରେ ରକ୍ତଛିଟା ପଡ଼ିଥିବା କେତେଜଣ ସେବାୟତ ଦେଖିବାକୁ ପାଇଥିଲେ। ଫଳରେ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ଧୂଆଧୋଇ କରାଯାଇ ଚୂନପାଣି ପକାଯାଇଥିଲା। ମଇଲମ, ସିଂହାସନ ଧୂଆ ହୋଇ ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ପୁଣି ଅନ୍ୟାନ୍ୟ ନୀତି କରାଯିବା ସହ ଦର୍ଶନ ସ୍ୱାଭାବିକ ହୋଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହିମାଂଶୁ



@ ସୌର୍ଯ୍ୟ



@ ସଞ୍ଜିତ୍



@ ଆହୂତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓୟୁଏଟିର ୮ ଉଦ୍ୟାନ ଫସଲ କିସମ ବିକଶିତ

## ଅନୁମୋଦନ ମିଳିବା ପରେ କୃଷକଙ୍କ ପାଇଁ ଲୋକାର୍ପିତ

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ)



କୋରାପୁଟ ଆମ୍ବଅଦା



ଫୁଲବାଣୀ ଆଳୁ



କୋରାପୁଟ କଳା ହଳଦୀ



କାଜୁ କିସମ 'ସୁଭଦ୍ରା'

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଦ୍ୱାରା ବିକଶିତ ୮ଟି ଉଦ୍ୟାନ ଫସଲ କିସମକୁ ରାଜ୍ୟସ୍ତରୀୟ କିସମ ଅନୁମୋଦନ କମିଟି ପକ୍ଷରୁ ଅନୁମୋଦନ ମିଳିବା ପରେ କୃଷକଙ୍କ ପାଇଁ ଲୋକାର୍ପଣ କରାଯାଇଛି। ଏହି କିସମଗୁଡିକ ହେଲା କାଜୁ (ସୁଭଦ୍ରା), ଆଳୁ (ଫୁଲବାଣୀ ଆଳୁ), ଆମ୍ବ ଅଦା (କୋରାପୁଟ ଆମ୍ବ ଅଦା), କଳା ହଳଦୀ (କୋରାପୁଟ କଳା ହଳଦୀ), ବାଇଗଣ (ଅଭିଷେକ), ବିଲାତି ବାଇଗଣ (ନିର୍ମଳା), ଲଙ୍କା (ଗଗନ) ଓ ଖଡ଼ା (ମୟୂରୀ)। ଏହିସବୁ ଅଧିକ ଅମଳକ୍ଷମ, ପୋଷଣଯୁକ୍ତ, ପ୍ରକ୍ରିୟାକରଣ ଉପଯୋଗୀ ଓ ରୋଗ ପୋକ ସହନଶୀଳ କିସମ। ନିଜସ୍ୱ ବିଶେଷତା ଯୋଗୁ ଏସବୁ କିସମ କୃଷକ ଓ କୃଷିଜୀବୀ ମହିଳାଙ୍କ ମଧ୍ୟରେ ଆଦୃତ ହେବା ସହ କୃଷକଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି।

କାଜୁ କିସମ 'ସୁଭଦ୍ରା' ଅଧିକ ଅମଳକ୍ଷମ, ବଡ଼ ମଞ୍ଜି ଓ ରପ୍ତାନି ଉପଯୋଗୀ ହୋଇଥିବାରୁ କୃଷକଙ୍କ ପାଇଁ ବ୍ୟାପକ ସୁଯୋଗ ଓ ସମ୍ଭାବନା ଆଣିବା ସହ ଓଡ଼ିଶା କାଜୁକୁ ବିଶ୍ୱ ଦରବାରରେ ପରିଚିତ କରାଇପାରିବ। ସେହିପରି ଝାଉଁଳା ନିରୋଧକ 'ଫୁଲବାଣୀ ଆଳୁ' କିସମଟି ଛୋଟ ଆକାର, ସ୍ୱତନ୍ତ୍ର ବାସ୍ନା ଓ ବ୍ୟାପକ ବଜାର ଚାହିଦା ପାଇଁ ଫୁଲବାଣୀ, କେନ୍ଦୁଝର ଓ କୋରାପୁଟ ଆଦି ଆଦିବାସୀ ବହୁଳ ଅଞ୍ଚଳରେ ଚାଷୀଙ୍କ ପାଖରେ ଆଦୃତ ହୋଇପାରିବ । ଖଡ଼ା କିସମ 'ମୟୂରୀ'ଟି ଅଧିକ ଅମଳକ୍ଷମ, ମାଂସଳ କାଣ୍ଡ ଓ ଉତ୍ତମ ସ୍ୱାଦଯୁକ୍ତ ରହିବ। ବାଇଗଣ କିସମ 'ଅଭିଷେକ' ଝାଉଁଳା ନିରୋଧକ, ଅଧିକ ଅମଳକ୍ଷମ, ନରମ ଓ ଆକର୍ଷଣୀୟ ରଙ୍ଗ ରହିବ। ସେହିପରି ବିଲାତି ବାଇଗଣ କିସମ 'ନିର୍ମଳା' ଏବଂ ରୋଗପୋକ ସହଣୀ ଉନ୍ନତ ଲଙ୍କା କିସମ 'ଗଗନ' ରାଜ୍ୟରେ ପନିପରିବା ଉତ୍ପାଦନ କରିବାରେ ସହାୟକ ହେବ। ଏଥିସହ 'କୋରାପୁଟର ଆମ୍ବ ଅଦା' ଓ 'କଳା ହଳଦୀ' ଅନନ୍ୟ ସୁବାସ, ରାସାୟନିକ ଓ ଔଷଧୀୟ ତତ୍ତ୍ୱ ଏବଂ ଉତ୍କୃଷ୍ଟ ଖାଦ୍ୟ ଗୁଣବତ୍ତା ଯୋଗୁ ଅର୍ଥକରୀ ଫସଲ କିସମ ଭାବେ ରାଜ୍ୟ ଓ ରାଜ୍ୟ ବାହାରେ କୃଷକ ଓ କୃଷି ଉଦ୍ୟୋଗପତିଙ୍କୁ ଆକୃଷ୍ଟ କରିପାରିବ ବୋଲି କୁଳପତି ପ୍ରଫେସର ରାଉଳ ସୂଚନା ଦେଇଛନ୍ତି।

# ବେଳାଭୂମିକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ପ୍ରୟାସ

କାକଟପୁର/ଅସ୍ତରଙ୍ଗ,୨୦।୯
(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

## ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ

ଅସ୍ତରଙ୍ଗ ବ୍ଲକ ନିକଟସ୍ଥ 'ପୀରଜାହାନିଆ'ବେଳାଭୂମିରେ ପର୍ଯ୍ୟଟନ ଓ ବନବିଭାଗ ପକ୍ଷରୁ ସଚେତନତା ଓ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କୋଣାର୍କ ପର୍ଯ୍ୟଟନବିଭାଗ ଅଧିକାରୀ ଅମୀୟ ରଞ୍ଜନ ସେଠୀ ସ୍ୱେଚ୍ଛାସେବୀଙ୍କ ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଶନିବାର ସକାଳ ୬ଟାରୁ ଏହି ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳର ବିଭିନ୍ନ ସଂଗଠନ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସକାଳ ୯ଟା ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅସ୍ତରଙ୍ଗ ନିକଟସ୍ଥ ପୀରଜାହାନିଆଠାରୁ ଆରମ୍ଭ କରି ଡାଲୁଅକଣି ବେଳାଭୂମି ପର୍ଯ୍ୟନ୍ତ ସମସ୍ତେ ପ୍ରତ୍ୟୁଷରୁ ଏକତ୍ରିତ ହୋଇ ଏଥିରେ ସାମିଲ ହୋଇଥିଲେ।

ବଣଭୋଜି କରୁଥିବା ଦଳ, ପର୍ଯ୍ୟଟକ ଓ ବ୍ୟବସାୟୀଙ୍କୁ ପଲିଥିନ ବ୍ୟବହାର ବାରଣ କରିବା ସହ ଆବର୍ଜନା କୁଣ୍ଡରେ ଆବର୍ଜନା ପକାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବଣଭୋଜି ଦଳକୁ ଶାଳପତ୍ର, କଦଳୀ ପତ୍ର କିମ୍ବା ତିଆରି ଖଲିପତ୍ର ଓ ଦନା ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେବା ସହ ପ୍ଲାଷ୍ଟିକ ଦ୍ୱାରା କିପରି ପରିବେଶ ଦୂଷିତ ହୁଏ, ତାହା ଉପରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ,ପର୍ଯ୍ୟଟନ ବିଭାଗ ଅଧିକାରୀ ଅମୀୟ ରଞ୍ଜନ ସେଠୀ, ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନପାଳ କାଳୀଚରଣ ମହାନ୍ତି, ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ, ବିଚିତ୍ରାନନ୍ଦ ବିଶ୍ୱାଳ, ସୁରେଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




'ପୀରଜାହାନିଆ'ବେଳାଭୂମିରେ ଆୟୋଜି ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ସ୍ୱଚ୍ଛାସେବୀ।

# ଓପିଜିସିକୁ ସର୍ବଭାରତୀୟ ସ୍ତରରେ ସମ୍ମାନ

**ଭୁବନେଶ୍ୱର,୨୦।୯**



ରାଜ୍ୟ ସରକାରଙ୍କ ଅଧୀନ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍(ଓପିଜିସି) ରାଜ୍ୟରେ ଏକ ତୃତୀୟାଂଶ ବିଦ୍ୟୁତ୍ ଚାହିଦା ପୂରଣ କରୁଛି। ଗତ ଜୁଲାଇ ମାସରେ ଓପିଜିସି ଭାରତର ସମସ୍ତ ରାଜ୍ୟ ସରକରଙ୍କ ଅଧୀନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରମାନଙ୍କ ମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ (ପିଏଲଏଫ୍)ରେ ପ୍ରଥମ ସ୍ଥାନ ହାସଲ କରିଛି। ଏହାସହ ଓପିଜିସି ସର୍ବ ଭାରତୀୟସ୍ତରରେ ସିଆଇଆଇ ଦ୍ୱାରା 'ଏକ୍ସିଲେଣ୍ଟ ଏନର୍ଜି ଏଫିସିଏଣ୍ଟ ୟୁନିଟ୍' ଆୱାର୍ଡ ଓ 'ଏନର୍ଜି ଲିଡରଶିପ୍ ଆୱାର୍ଡ' ସମ୍ମାନିତ ହୋଇଛି। ସେହିପରି ଇଟି ଦ୍ୱାରା ଡିଜିଟାଲ ଲିଡରଶିପ୍ ସମ୍ମାନରେ ସମ୍ମାନିତ ହୋଇଛି। ସୂଚନା ଥାଉକି, ଓପିଜିସି ନିଜର ୟୁନିଟ୍-୩ର ଦୀର୍ଘ ୨ ବର୍ଷ ଅବଧିର ଅନବରତ ବିଦ୍ୟୁତ୍ ଉପରାନ୍ତ ସୁରକ୍ଷାକୁ ଦୃଷ୍ଟିରେ ରଖି ରକ୍ଷଣାବେକ୍ଷଣା କାର୍ଯ୍ୟ ହାତକୁ ନେଇଛି। ସେପ୍ଟେମ୍ବର ୨୫ ସୁଦ୍ଧା ଓପିଜିସିର ଯନ୍ତ୍ରୀମାନଙ୍କ ଦ୍ୱାରା ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯିବ। ସେହିପରି ୟୁନିଟ୍-୪ରେ ଦେଖାଯାଇଥିବା ସାମୟିକ ତ୍ରୁଟିର ସଂଶୋଧନ କରି ଏହାକୁ ପୂର୍ଣ୍ଣ କ୍ଷମତାରେ ଚାଲୁ କରାଯାଇଛି। ଏହାଦ୍ୱାରା ବର୍ଦ୍ଧିତ ଆବଶ୍ୟକତା ସମୟରେ ଓପିଜିସିର ସମସ୍ତ ୟୁନିଟ୍ ପୂର୍ଣ୍ଣକ୍ଷମତାରେ ରାଜ୍ୟକୁ ବିଦ୍ୟୁତ୍ ଯୋଗାଇବାର ଆଶା କରାଯାଉଛି। ଆଗାମୀ ଦିନରେ ରାଜ୍ୟର ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଓପିଜିସି ୨ଟି ନୂଆ ୬୬୦ ମେଗାୱାଟ୍ ବିଶିଷ୍ଟ ଅଲଟ୍ରା ସୁପର କ୍ରିଟିକାଲ ୟୁନିଟ୍ ସ୍ଥାପନ କରିବା ପାଇଁ ପ୍ରକ୍ରିୟା ଚାଲୁ ରଖିଛି।

# ଆପଲ ଆଇଫୋନ ୧୭ ସିରିଜର ଲଞ୍ଚ

**ଭୁବନେଶ୍ୱର,୨୦।୯**

ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ରିଟେଲ ଚେନ୍ ରିଲାଏନ୍ସ ଡିଜିଟାଲ ଦେଶବ୍ୟାପୀ ଅତ୍ୟନ୍ତ ପ୍ରତୀକ୍ଷିତ ଆପଲ ଆଇଫୋନ୍ ୧୭ ସିରିଜର ଲଞ୍ଚ ଘୋଷଣା କରିଛି। ମେଟ୍ରୋ ସହରଠାରୁ ଆରମ୍ଭକରି ଛୋଟ ସହରରେ ଭାରତୀୟ ଗ୍ରାହକମାନଙ୍କ ପାଇଁ ନୂଆ ଆଇଫୋନ୍ ଉପଲବ୍ଧ ହେବ। ରିଲାଏନ୍ସ ଡିଜିଟାଲ ଆଇଫୋନ୍ ୧୬ ପ୍ଲସ୍ ଏବଂ ଆଇଫୋନ୍ ୧୬ଇ ଉପରେ ବର୍ତ୍ତମାନ ପର୍ଯ୍ୟନ୍ତର ସର୍ବନିମ୍ନ ମୂଲ୍ୟ ଘୋଷଣାକରିଛି। ପ୍ରଥମ ଥର ପାଇଁ ଆଇଫୋନ୍ ୧୬ ପ୍ଲସ୍ ମାତ୍ର ୫୭,୯୯୦ ଟଙ୍କାରେ ଏବଂ ଆଇଫୋନ୍ ୧୬ଇ ମାତ୍ର ୪୨,୯୯୦ ଟଙ୍କାରେ ଉପଲବ୍ଧ। ଆଇଫୋନ୍ ୧୬ ପ୍ଲସ୍‌ର ବୃହତ୍ ସ୍କ୍ରିନ୍ ଭିଡିଓ ଦେଖିବା, ଗେମ ଖେଳିବା ଏବଂ ମଲ୍ଟିଟାସ୍କିଂ ପାଇଁ ଏକ ସ୍ୱତନ୍ତ୍ର ଅଭିଜ୍ଞତା ପ୍ରଦାନ କରେ। ଅନ୍ୟପକ୍ଷରେ ଆଇଫୋନ୍ ୧୬ଇ ହେଉଛି ଆପଲ ଇଣ୍ଟେଲିଜେନ୍ସଚାଳିତ ସର୍ବନିମ୍ନ ମୂଲ୍ୟର ଆଇଫୋନ୍, ଯାହା ଲକ୍ଷାଧିକ ଭାରତୀୟଙ୍କ ପାଇଁ ଉନ୍ନତ ଟେକ୍ନୋଲୋଜିକୁ ଅଧିକ ସୁଲଭ କରୁଛି।

# ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଶ୍ରୀ ସିମେଣ୍ଟ: ବାଙ୍ଗୁର

**ଭୁବନେଶ୍ୱର,୨୦।୯(ଅନୁରାଧା ମହାରଣା)**



ଶ୍ରୀ ସିମେଣ୍ଟ ୬୬.୮ ଏମ୍‌ଟିପିଏ କ୍ଷମତା ସହ ଭାରତର ଅନ୍ୟତମ ଶ୍ରେଷ୍ଠ ସିମେଣ୍ଟ ନିର୍ମାତା ହୋଇଥିବା ବେଳେ ୨୦୨୮ ସୁଦ୍ଧା କ୍ଷମତାକୁ ୮୦ ଏମ୍‌ଟିପିଏ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଲକ୍ଷ୍ୟ ରଖିଛି। ଏହି ସମ୍ପ୍ରସାରଣ ମୂଳରେ ରହିଛି ସ୍ଥାୟିତ୍ୱ। ୱେଷ୍ଟ ହିଟ୍ ରିକଭରି, ବିକଳ୍ପ ଇନ୍ଧନ ଓ ୫୯୦ ମେଗାୱାଟରୁ ଅଧିକ ସବୁଜ ଶକ୍ତି କ୍ଷମତା ସହ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ କମ୍ପାନୀ ଅଗ୍ରଣୀ ରହିଛି। ଏହା ଲୋ-କାର୍ବନ ମିଶା ସିମେଣ୍ଟ ବ୍ୟବହାରକରି କାର୍ବନ ଫୁଟ୍‌ପ୍ରିଣ୍ଟକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିଥିବା ବେଳେ ଏହାର ପରିଚାଳନାରେ ୮ ଗୁଣା 'ୱାଟର ପଜିଟିଭିଟି' ବଜାୟ ରଖିଛି ଯାହା ଶିଳ୍ପ ମାନଦଣ୍ଡଠାରୁ ଅଧିକ। ଶ୍ରୀ ସିମେଣ୍ଟର ଅଧ୍ୟକ୍ଷ ଏଚ୍.ଏମ୍.ବାଙ୍ଗୁର ଏପରି ସୂଚନା ଦେଇଛନ୍ତି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ଭୁବନେଶ୍ୱର ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଏହି ସମ୍ମାନକୁ ଗ୍ରହଣକରି ବାଙ୍ଗୁର କହିଛନ୍ତି, ଭାରତର ଅଭିବୃଦ୍ଧି କାହାଣୀରେ ଓଡ଼ିଶା ଏକ ମୂଳଦୁଆ ହୋଇରହିବ ଏବଂ ଆମେ ଆମ ଉପସ୍ଥିତିରେ ସମ୍ପ୍ରସାରଣ କରୁଥିବା ବେଳେ ଏକ ଆଧୁନିକ, ସବୁଜ ସିମେଣ୍ଟ ବ୍ୟବସାୟ ଗଠନ କରିବାକୁ ପ୍ରତିବଦ୍ଧ ରହିଛୁ। ପରିବେଶ ବ୍ୟତୀତ ଶ୍ରୀ ସିମେଣ୍ଟ ଏହାର ଅଭିବୃଦ୍ଧି ମଡେଲରେ ସାମାଜିକ ଦାୟିତ୍ୱବୋଧକୁ ସମନ୍ୱିତ କରିଛି। ଏହି ଉଦ୍ୟମଗୁଡ଼ିକ ବଳରେ ଶ୍ରୀ ସିମେଣ୍ଟ ଇଏସ୍‌ଜି ରେଟିଂ ହାସଲ କରିଛି ଏବଂ ବ୍ୟବସାୟ ଅଭିବୃଦ୍ଧି ସହ ପରିବେଶ ଦାୟିତ୍ୱ ଓ ଅନ୍ତର୍ଭୁକ୍ତୀକରଣ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ଶିଳ୍ପର ମାପଦଣ୍ଡ ହୋଇଛି। ବିପୁଳ ପ୍ରାକୃତିକ ସମ୍ବଳ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶ୍ରମଶକ୍ତି ସମର୍ଥନ ସହ ଭାରତର ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ପ୍ରମୁଖ ଭୂମିକାକୁ ବାଙ୍ଗୁର ଆଲୋକପାତ କରିଥିଲେ। ସରକାରଙ୍କ ବୃହତ୍ ନିବେଶ ସହ ଶିଳ୍ପ ଅନୁକୂଳ ନୀତି ଓଡ଼ିଶା ପାଇଁ ମେଗା ପ୍ରକଳ୍ପ ହାସଲ କରୁଛି ଯାହା ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ବେଳେ ଅର୍ଥନୈତିକ ପ୍ରଗତିକୁ ବଢ଼ାଉଥିବା ସେ କହିଛନ୍ତି।

# ବିଓବି ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳିତ



**ଭୁବନେଶ୍ୱର,୨୦।୯**

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ପକ୍ଷରୁ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ବାର୍ତ୍ତା ପାଠ କରାଯାଇଥିବାବେଳେ ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦଙ୍କ ଭିଡିଓ ବାର୍ତ୍ତା ପ୍ରସାରଣ କରାଯାଇଥିଲା। କଟକର କ୍ଷେତ୍ରୀୟ ପ୍ରମୁଖ ପ୍ରଦୀପ କୁମାର ବେହେରା କର୍ମଚାରୀମାନଙ୍କୁ ହିନ୍ଦୀ ଦିବସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଉପକ୍ଷେତ୍ରୀୟ ପରିଚାଳକ ଗୌତମ ପାଲ ସୂଚନା ଦେଇଛନ୍ତି ଯେ, ବ୍ୟାଙ୍କ ଅଫ ବରୋଦାକୁ ଭାରତ ସରକାରଙ୍କ ପ୍ରତିଷ୍ଠିତ 'ରାଜଭାଷା କିର୍ତ୍ତୀ ପୁରସ୍କାର' ଯୋଜନା ଅଧୀନରେ ସରକାରୀ ଭାଷା କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ୨୦୨୪-୨୫ ବର୍ଷ ପାଇଁ ଜାତୀୟକରଣ ବ୍ୟାଙ୍କ ବର୍ଗରେ 'ପଞ୍ଚମ ପୁରସ୍କାର' ପ୍ରଦାନ କରାଯାଇଛି। ଗୁଜୁରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିର ସମ୍ମିଳନୀ ଏବଂ ପ୍ରଦର୍ଶନୀ କେନ୍ଦ୍ରରେ ଅନୁଷ୍ଠିତ ହିନ୍ଦୀ ଦିବସ ସମାରୋହ ଏବଂ ପଞ୍ଚମ ଅଖିଳ ଭାରତୀୟ ସରକାରୀ ଭାଷା ସମ୍ମିଳନୀରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଠାରୁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେତ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୀଣା ୱାହିଦ ମଧ୍ୟ ଉପସ୍ଥିତ ଥିଲେ। କଟକ କ୍ଷେତ୍ରର ବିଓବି ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ହିନ୍ଦୀ ମାସ ପାଳନ କରୁଛି। ଏହି ସମୟ ମଧ୍ୟରେ ସରକାରୀ ଭାଷା ସେମିନାର, ବ୍ୟାଙ୍କର ବିଭିନ୍ନ କ୍ୟାଡରର କର୍ମଚାରୀଙ୍କ ପାଇଁ ସରକାରୀ ଭାଷା ପ୍ରତିଯୋଗିତା, ହିନ୍ଦୀ କର୍ମଶାଳା, ଶିକ୍ଷାନୁଷ୍ଠାନରେ ସରକାରୀ ଭାଷା ପ୍ରତିଯୋଗିତା ଏବଂ ଗ୍ରାହକଙ୍କ ସହିତ ଆଲୋଚନା କରାଯାଉଛି। ହିନ୍ଦୀ ମାସ ସମାପ୍ତ ହେବା ପରେ ଏକ ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ମାସ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ ପୁରସ୍କାର ରାଶି ଏବଂ ପ୍ରମାଣପତ୍ର ସହିତ ସମ୍ମାନିତ କରାଯିବ।

# ଇମ୍ଫା ମହାଗିରି ଖଣି ପୁରସ୍କୃତ



**କାଳିଆପାଣି,୨୦।୯ (ଅସିତ୍ ମହାନ୍ତ)**

ଇମ୍ଫା କମ୍ପାନୀର ମହାଗିରି କ୍ରୋମାଇଟ ଖଣିକୁ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା ଉତ୍କର୍ଷ ନିମନ୍ତେ ଫିମି (ଫେଡେରେଶନ ଅଫ୍ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ୍) ପକ୍ଷରୁ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀଠାରେ ଫିମି ପକ୍ଷରୁ ଆୟୋଜିତ ୫୯ତମ ସମାବେଶରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ମହାଗିରି ଖଣିର ଉପସାଧାରଣ ପ୍ରବନ୍ଧକ ରାଜେଶ ରମଧାର ଶର୍ମା, ପ୍ରବନ୍ଧକ ଲେନିନ ଦାସ ମହାପାତ୍ର, ସ୍ମୃତିରେଖା ପାତ୍ର ଓ ନିଶି ଗୁପ୍ତା ପ୍ରମୁଖ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ଲାଗି ଇମ୍ଫା ଖଣି ସମୂହର ପରିଚାଳନା ନିର୍ଦ୍ଦେଶକ ଖୁସି ପ୍ରକାଶ କରିବା ସହିତ କମ୍ପାନୀର ଖଣି ମୁଖ୍ୟ ସନ୍ଦୀପ ବିନାରାଡେ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି।

# ଲୁହାପଥର ଉପରେ ରପ୍ତାନି ଶୁଳ୍କ: ପ୍ରଭାବିତ ହେବ ଖଣିଶିଳ୍ପ

**ଭୁବନେଶ୍ୱର,୨୦।୯**

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ନିମ୍ନ ଗ୍ରେଡ୍ ଲୁହାପଥର (୫୮% ଏଫ୍‌ଇ ତଳେ) ରପ୍ତାନି ଉପରେ ଶୁଳ୍କ ଲାଗୁ କରିବା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ପ୍ରତି ଆଲୋଚନାକୁ ଦୃଷ୍ଟିରେ ରଖି ରାଜ୍ୟର ଲୁହାପଥର ଖଣି ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛି। ଏପରି ପଦକ୍ଷେପ ଖଣି ପ୍ରମୁଖ ରାଜ୍ୟଗୁଡ଼ିକର ରାଜକୋଷକୁ ୧୬୨୦୦ କୋଟିରୁ ଅଧିକ ସାମୂହିକ କ୍ଷତି କରିବା ସହ ରାଜ୍ୟଗୁଡିକରେ ୫ ଲକ୍ଷରୁ ଅଧିକ ଖଣି ନିର୍ଭରଶୀଳଙ୍କ ଜୀବିକା ବିପନ୍ନ କରିବ ବୋଲି ବୋଲି ୟୁସିସିଆଇଏଲ୍ କହିଛି। ନିମ୍ନ-ଗ୍ରେଡ୍ ଲୁହାପଥର (୫୮%ରୁ କମ୍) ଉପରେ ସମ୍ଭାବ୍ୟ ରପ୍ତାନି ଶୁଳ୍କ ଲାଗୁ କରିବା ସମେତ ବିଭିନ୍ନ ପଦକ୍ଷେପ ଅନୁସନ୍ଧାନ କରାଯାଉଛି। ୟୁସିସିଆଇଏଲ୍ କହିଛି, ଏପରି ଯେକୌଣସି ପଦକ୍ଷେପ କେବଳ ରାଜ୍ୟ ରାଜସ୍ୱ ନୁହେଁ ବରଂ ଖଣି କାର୍ଯ୍ୟର କାର୍ଯ୍ୟକ୍ଷମତା ଏବଂ କ୍ଷେତ୍ର ଉପରେ ନିର୍ଭରଶୀଳ ଅନେକ ହଜାର ଲୋକଙ୍କ ଜୀବିକା ଉପରେ ବିଶେଷକରି ଦୂରଦୂରାନ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଅଞ୍ଚଳରେ ପ୍ରତିକୂଳ ପ୍ରଭାବ ପକାଇବ।


**ବିଜ୍ଞାପନ** PR-

**ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**

ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
Email:gkcmorc@gmail.com, Website: gkcmorc.org

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ ଅଗ୍ରିମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୪୦ଦିନ ମଧ୍ୟରେ ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ ଆବେଦନ କରିପାରିବେ ।
ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ ପ୍ରଶିକ୍ଷଣ ଦିଆଯିବ ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ । (୪) ଶିକ୍ଷାମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ । ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ ।

OIPR-03004/11/0006/2526 ମୁଖ୍ୟ ନିର୍ବାହୀ



**ସାମାଜିକ ଦାୟିତ୍ୱ ପରିଷଦ (ଏସ୍‌ଆର୍‌ସି)**

୧୧୪, ୧ମ ମହଲା, ପ୍ରତାପ ଭବନ, ୫ ବିଏସ୍‌ଜେଡ୍ ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨
ସନ୍ଦର୍ଭ ସଂ.: ଏନ୍‌ଏସ୍‌ଟିଏଫ୍‌ଡିସି/ସିଏସ୍‌ଆର୍-ଇଏମ୍‌ଆର୍‌ଏସ୍ ମଲ୍ଟିପଲ୍ ପ୍ରୋଜେକ୍ଟ-ଟି୧/୨୦୨୫-୨୬ ତାରିଖ: ୨୧।୦୯।୨୦୨୫

**ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍) ଗୁଡ଼ିକରେ ଏକାଧିକ ସିଏସ୍‌ଆର୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଭେଣ୍ଡରମାନଙ୍କ ଚୟନ ନିମନ୍ତେ ପ୍ରସ୍ତାବ ଆମନ୍ତ୍ରଣ ବିଜ୍ଞପ୍ତି**

ଟେଣ୍ଡର ଦସ୍ତାବିଜ ତା୨୧।୦୯।୨୦୨୫ରିଖଠାରୁ ସାମାଜିକ ଦାୟିତ୍ୱ ପରିଷଦ (ଏସ୍‌ଆର୍‌ସି)ଙ୍କ ଆନୁଷ୍ଠାନିକ ୱେବ୍‌ସାଇଟ୍ **www.srcouncil.in** ରେ ଉପଲବ୍ଧ ହେବ ।
ଆଗ୍ରହୀ ଆବେଦନକାରୀଙ୍କୁ ଏସ୍‌ଆର୍‌ସି ୱେବ୍‌ସାଇଟ୍ **www.srcouncil.in** ରୁ ଟେଣ୍ଡର ଦସ୍ତାବିଜ ଡାଉନଲୋଡ୍ କରିବାକୁ ହେବ ଏବଂ ସେମାନଙ୍କର ପ୍ରସ୍ତାବଗୁଡ଼ିକୁ **ତା୦୫।୧୦।୨୦୨୫ରିଖ, ୧୭.୦୦ ଘଟିକା (ଆଇଏସ୍‌ଟି)** କିମ୍ବା ତାହା ପୂର୍ବ ସୁଦ୍ଧା କେବଳ ଇମେଲ୍ ଜରିଆରେ **pro@srcouncil.in** ରେ ଦାଖଲ କରିବାକୁ ହେବ । ବୈଷୟିକ ବିଡ୍‌ଗୁଡ଼ିକୁ **ତା୦୬।୧୦।୨୦୨୫ରିଖ, ୧୧.୦୦ ଘଟିକା (ଆଇଏସ୍‌ଟି)**ରେ ଖୋଲାଯିବ । କୌଣସି କାରଣ ନ ଦର୍ଶାଇ ଯେକୌଣସି ପର୍ଯ୍ୟାୟରେ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ।
**ଦ୍ରଷ୍ଟବ୍ୟ: ପ୍ରତ୍ୟେକ ବର୍ଗ ପାଇଁ ପୃଥକ୍ ବିଡ୍ ଦାଖଲ କରାଯିବାକୁ ପଡ଼ିବ ।**

ପିଆର୍‌ଓ-ଏସ୍‌ଆର୍‌ସି



**ADVERTISEMENT**

Online applications are invited in Nayagarh Kalaparisad (A Govt aided Child Care Institution) for the post of **Store Keeper cum Accountant, House Mother, PT Instructor cum Yoga Trainer, Cook, Helper cum Night Watchman, Housekeeper.** For Advertisement details & Online Application please go to the notice section of www.nayagarhkalaparisad.org

**Sd./- Secretary**
**Nayagarh Kalaparisad**

**ବିଜ୍ଞାପନ**

ନୟାଗଡ଼ କଳାପରିଷଦ (ଏକ ସରକାରୀ ସହାୟତା ପ୍ରାପ୍ତ ଶିଶୁ ଯତ୍ନ ପ୍ରତିଷ୍ଠାନ) ରେ ଷ୍ଟୋରକିପର ଏବଂ ଆକାଉଣ୍ଟାଣ୍ଟ, ହାଉସ ମଦର, ପି.ଟି ପ୍ରଶିକ୍ଷକ ଏବଂ ଯୋଗ ପ୍ରଶିକ୍ଷକ, ରୋଷେୟା, ହେଲପର ଏବଂ ରାତ୍ରି ଜଗୁଆଳି ଓ ହାଉସକିପର ପଦବୀ ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଉଛି। ବିଜ୍ଞାପନ ବିବରଣୀ ଏବଂ ଅନଲାଇନ୍ ଆବେଦନ ପାଇଁ ଦୟାକରି www.nayagarhkalaparisad.org ର ନୋଟିସ୍ ସେକ୍ସନକୁ ଯାଆନ୍ତୁ।

ସମ୍ପାଦିକା
ନୟାଗଡ଼ କଳାପରିଷଦ



**GOVERNMENT OF ODISHA**
**SUPERINTENDING ENGINEER, BOUDH (R&B) DIVISION, BOUDH**
E-mail : eeboudhrb@gmail.com
**INVITATIONS FOR BIDS (IFB)**
**"e" procurement Notice**
No.B-537
**Letter No.4451 dtd.16.09.2025**
**Bid Identification No. SE (R&B)-BDH 12/2025-26**

1) Number of work : 01 (One) No. of Civil work (Single Cover) & 02 (Two) Nos. of Civil work (Double Cover)
2) Estimated Cost : 32.58 lakhs to 87.10 lakhs
3) Period of Completion : 04 (Four) to 06 (Six) months
4) Date & Time of availability of Bid documents in the portal : From 22.09.2025, 10.00 AM to 06.10.2025 5.00 P.M.
5) Last date/time for seeking of Tender Clarification : 06.10.2025 up to 1.00 P.M.
6) Last date / time for receipt of bids in the portal : Up to 5.00 P.M. of dated 06.10.2025
7) Date & time of opening of tender / Bid : 08.10.2025 at 11.30 A.M.
8) Name and address of the O.I.T : Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in

**Sd./- Superintending Engineer,**
**Boudh (R&B) Division, Boudh**
**OIPR-34134/11/0027/2526**



**e-Procurment Notice for Road Works Identification No. 05/SERW/JLS/2025-26**
No.O-794

1. Procurement Officer : Superintending Engineer, Rural Works Division, Jaleswar
2. Name of the Work : Buildings
3. Total No. of Works : 3 Nos.
4. Estimated Cost : Approx. Estimated Cost ₹ 72.00 Lakh to ₹ 86.00 Lakh
5. Class of Contractor : 'B' Class
6. Time of Completion : Four months (As per annexure)
7. Availability of tender On-line for bidding : From 22.09.2025 at 11.00 A.M. to 04.10.2025 upto 5.00 P.M.
8. Last date & time of seeking tender clarification : 03.10.2025 upto 5.00 P.M.
9. Date & Time of Opening of tender in the office of the Superintending Engineer, R.W.Division, Jaleswar : Date & Time Opening of Technical bid - 06.10.2025 at 11.00 A.M.

Further details can be seen from the website - **www.tendersodisha.gov.in**

**Sd./- Superintending Engineer**
**R.W.Division, Jaleswar**
**OIPR-25051/11/0015/2526**



**केंद्रीय पेट्रोकेमिकल्स इंजीनियरिंग एवं तकनीकी संस्थान (सिपेट):आईपीटी**
**CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET):IPT**
(Dept . of Chemicals & Petrochemicals, Ministry of Chemicals & Fertilizers, Govt.of India)
B-25, C.N.I. Complex,Patia, Bhubaneswar – 751 024 (Odisha), Phone No. 91-674-2743462, 2743767
E-mail: cipetbbsr@gmail.com & bhubaneswar@cipet.gov.in

**Advertisement No: CIPET/IPT/RECT/CONT/2025-26/01** **Date : 01.09.2025**

**ADVERTISEMENT FOR ENGAGEMENT FOR LIMITED OR FIXED PERIOD ON CONTRACT IN CIPET: IPT-BHUBANESWAR**

**Central Institute of Petrochemicals Engineering & Technology (CIPET)** is a Premier National Institution in the field of Polymer Science & Technology with a focus on Academic, Technology Support, Research & Application Development. CIPET offers UG and PG programmes at its Centers located at Ahmedabad, Bhubaneswar, Chennai, Lucknow and Kochi. CIPET also offers AICTE approved Diploma, Post Diploma & Post Graduation Diploma programmes in the field of Plastics Technology, Mould Technology, Mould Design with CAD/CAM and Plastics Processing & Testing.
**CIPET: IPT-Bhubaneswar** invites applications from eligible candidates for contractual engagement on below mentioned positions on Contract basis one year (renewable up to 03 years based on the performance and requirement).

| Sl.No. | Position | Course | Remuneration range / Consolidated remuneration positions to be paid per month | No. of |
|---|---|---|---|---|
| 01 | Associate Professor (Production/ Mechanical Engineering) | UG/PG | Rs.46,400/- p.m | 2 |
| 02 | Associate Professor (Plastics /Polymer Engineering) | UG/PG | Rs.46,400/- p.m | 1 |
| 03 | Assistant Professor (Production/Mechanical Engineering) | UG/PG | Rs. 35,000 to 40,000/- p.m. | 1 |
| 04 | Assistant Professor (Plastics /Polymer Engineering) | UG/PG | Rs. 35,000 to 40,000/- p.m. | 1 |
| 05 | Assistant Professor (Material Science/Physics) | UG/PG | Rs. 35,000 to 40,000/- p.m. | 1 |
| 06 | Assistant Professor (Computer Science) | UG/PG | Rs. 35,000 to 40,000/- p.m. | 1 |
| 07 | Assistant Professor (Mathematics) | UG/PG | Rs. 35,000 to 40,000/- p.m. | 1 |
| 08 | Assistant Professor (English) | UG/PG | Rs. 35,000 to 40,000/- p.m. | 1 |
| 09 | Assistant Professor (Chemistry) | UG/PG | Rs. 35,000 to 40,000/- p.m. | 1 |

For detailed information on eligibility criteria, educational qualifications & experience, general terms and conditions etc., please visit our website: **www.cipet.gov.in.**

Candidates may submit their application in online mode by logging into the link:
**https://cbtexam.co.in/cipet-Bhubaneswar/**

Date of Opening of Link: **07.09.2025** | Date of closing of the link: **28.09.2025**

*Sd/-* **Principal Director & Head**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**
No.O-791
E-mail : ee_rwbdk@yahoo.com
**"e" Procurement Notice for Building Works**
**Bid Identification No. Online Tender 06 of 2025-26**

1. Name of the Work : Building. 2. Total No. of Works : 2 Nos. 3. Estimated Cost : Rs.5.40 Lakh to Rs.45.45 Lakhs. 4. Class of Contractor : "B", "C" & "D" Class. 5. Period of Completion : As per Annexure. 6. Type of Tender : Single Cover. 7. Other Details :

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking Tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-06 of 2025-26 | 22.09.2025 At - 11.00 A.M. | 04.10.2025 up to 4.00 P.M. | 04.10.2025 up to 2.00 P.M. | 06.10.2025 At - 11.00 A.M. |

Further details can be seen from the e-procurement portal "https://tendersorissa.gov.in"

**Sd./- Er. Ganesh Chandra Hembram**
**Executive Engineer**
**R.W. Division, Bhadrak**
**OIPR-25060/11/0018/2526**



**वरीय पुलिस अधीक्षक का कार्यालय, रॉंची**

सर्वसाधारण के लिए सूचना



नाम—पवन कुमार,
पहनावा—भूरा रंग का टी शर्ट एवं काला
रंग का फुल पैंट पहने हुए है।

उपरोक्त पवन नामक बालक, पिता का नाम मान सिंह, पेशा बोरिंग लेबर, माता—जूली, भाई—शिवम होने तथा रॉंची से गुमशुदा होने की बात बालक द्वारा बताई जा रही है। वर्तमान में पवन नामक बालक को बाल सहयोग अनाथालय, दिल्ली C-ब्लॉक, कनोट पैलेस, नई दिल्ली—110001 में सुरक्षारर्थ रखा गया है।

इनके माता—पिता एवं भाई का नाम राँची जिला के किस थाने अन्तर्गत से है, पवन नामक बालक द्वारा पता बताने में असमर्थ है। अतः सभी जन साधारण से अनुरोध है कि यदि उपरोक्त पवन नामक बालक को बाल सहयोग अनाथालय, दिल्ली C-ब्लॉक, कनोट पैलेस, नई दिल्ली—110001 में सुरक्षारर्थ रखा गया है। जिसका मो0 नं0—9599194805 है। पवन नामक बालक के अभिभावक के बारे जानकारी कहीं मिलती हैं तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

पुलिस उपाधीक्षक, मु0, द्वितीय, राँची। —9431706142
वेलफेर पदा0 दिल्ली। —8383000294

पुलिस उप—महानिरीक्षक—सह—
वरीय पुलिस अधीक्षक, राँची

PR 362507 (Police)25-26*D



ଫର୍ମ ନଂ. ୧୩
**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶା**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୧୪୭ / ୨୦୨୫

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ଭୁବନେଶ୍ୱର .....ଆବେଦନକାରୀ
ବନାମ
ମେସର୍ସ ଜୟ ଜଗନ୍ନାଥ ଫିଲିଂ ଷ୍ଟେସନ୍ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
(୧) ମେସର୍ସ ଜୟ ଜଗନ୍ନାଥ ଫିଲିଂ ଷ୍ଟେସନ୍, ଏହାକୁ ପ୍ରତିନିଧିତ୍ୱ କରୁଥିବା ସ୍ୱତ୍ୱାଧିକାରୀ ଶ୍ରୀମତୀ ମନୋରମା ପାତ୍ର, ପିତା: ବିଜୟ କୁମାର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର ରୋଡ୍, ଥାନା/ଭାୟା: ବିଂଝାରପୁର, ପିନ୍-୭୫୫୦୧୬, ଜିଲ୍ଲା: ଯାଜପୁର, ଓଡ଼ିଶା
(୨) ଶ୍ରୀମତୀ ମନୋରମା ପାତ୍ର, ପିତା: ବିଜୟ କୁମାର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ଥାନା/ଭାୟା: ବିଂଝାରପୁର, ପିନ୍-୭୫୫୦୧୬, ଜିଲ୍ଲା: ଯାଜପୁର
(୩) ବିଜୟ କୁମାର ପାତ୍ର, ପିତା: ୰ ଧନେଶ୍ୱର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୬
(୪) ଶ୍ରୀମତୀ ସୁକାନ୍ତୀ ପାତ୍ର, ସ୍ୱାମୀ: ବିଜୟ କୁମାର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ପିନ୍-୭୫୫୦୧୬, ଜିଲ୍ଲା: ଯାଜପୁର, ଓଡ଼ିଶା
(୫) ଶ୍ରୀ ବିଶ୍ୱନାଥ ପାତ୍ର, ପିତା: ୰ ଧନେଶ୍ୱର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୬, ଓଡ଼ିଶା

**ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**
**ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ ଓ.ଏ. ନଂ. ୧୪୭/୨୦୨୫ ଦ୍ୱାରା ଟ.୫୧,୯୫,୬୭୦.୦୦ ମାତ୍ର ଋଣ ରାଶି ଓ ତତସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା.୧୬.୧୦.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।
ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା ତା.୦୫.୦୮.୨୦୨୫ରିଖରେ ଆଦିଷ୍ଟ।

ସ୍ୱା/- ନିଖିଳ ରଞ୍ଜନ ପତି
ରେଜିଷ୍ଟ୍ରାର



ଅନେକ ବିମାନ ଉଡ଼ାଣ ବିଳମ୍ବିତ ଓ ରଦ୍ଦ ହୋଇଥିବାରୁ ଗ୍ରେଟର ଲଣ୍ଡନସ୍ଥିତ ହିଥ୍ରୋ ଏୟାରପୋର୍ଟ ଚେକ୍-ଇନ୍ ଡେସ୍କ ନିକଟରେ ଶନିବାର ଯାତ୍ରୀମାନେ ଅପେକ୍ଷା କରିଛନ୍ତି।

# ୟୁରୋପୀୟ ଏୟାରପୋର୍ଟକୁ ସାଇବର ଆକ୍ରମଣ

**■ଅନେକ ବିମାନ ଉଡ଼ାଣ ରଦ୍ଦ, ବିଳମ୍ବିତ**

**■ଏୟାରପୋର୍ଟରେ ଫସିରହିଛନ୍ତି ଯାତ୍ରୀ**

ବ୍ରସେଲ୍ସ/ଫ୍ରାଙ୍କଫର୍ଟ/ଲଣ୍ଡନ୍, ୨୦।୯(ଏପି/ରଏଟର୍ସ)

ୟୁରୋପୀୟ ବିମାନବନ୍ଦରଗୁଡ଼ିକ ଉପରେ ଶନିବାର ଏକ ବଡ଼ଧରଣର ସାଇବର ଆକ୍ରମଣ ହୋଇଛି। ଏଥିଯୋଗୁ ଅଧିକାଂଶ ଏୟାରପୋର୍ଟର ଚେକ୍-ଇନ୍ ସିଷ୍ଟମ୍ ଏକପ୍ରକାର ଅଚଳ ହୋଇଯାଇଛି। ଫଳରେ ଚେକ୍-ଇନ୍ ଡିଜିଟାଲି ହୋଇ ନ ପାରି କେବଳ କାଗଜକଲମରେ କରାଯାଉଥିବାରୁ ଅନେକ ବିମାନ ଉଡ଼ାଣ ରଦ୍ଦ କିମ୍ବା ବିଳମ୍ବିତ ହୋଇଛି। ଏହି କାରଣରୁ ବଡ଼ ଏୟାରପୋର୍ଟଗୁଡ଼ିକରେ ଯାତ୍ରୀମାନେ ଫସିରହିଛନ୍ତି। ଏହା ବିମାନ ଉଡ଼ାଣ ନିର୍ଘଣ୍ଟକୁ ବହୁଳ ଭାବେ ପ୍ରଭାବିତ କରିଥିବା ବ୍ରସେଲ୍ସ ଏୟାରପୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି।

ବ୍ରସେଲ୍ସ ଏୟାରପୋର୍ଟ ଏକ ବିବୃତିରେ ଜଣାଇଛି ଯେ, ସେପ୍ଟେମ୍ବର ୧୯ ରାତିରେ ଏହି ସାଇବର ଆଟାକ୍ ହୋଇଥିଲା। ଚେକ୍-ଇନ୍ ଓ ବୋର୍ଡିଂ ସିଷ୍ଟମ୍‌ର ସର୍ଭିସ୍ ପ୍ରୋଭାଇଡରକୁ ଏଥିରେ ଟାର୍ଗେଟ କରାଯାଇଥିଲା। ଏହି ସାଇବର ଆକ୍ରମଣରେ ଅନେକ ୟୁରୋପୀୟ ଏୟାରପୋର୍ଟ ପ୍ରଭାବିତ ହୋଇଛି। ସେହିପରି ବର୍ଲିନ୍‌ର ବ୍ରାଣ୍ଡେନ୍‌ବର୍ଗ ଏୟାରପୋର୍ଟ ପକ୍ଷରୁ କୁହାଯାଇଛି, ଯାତ୍ରୀ ପରିଚାଳନା ସମ୍ପର୍କିତ ଏକ ସର୍ଭିସ୍ ପ୍ରୋଭାଇଡରକୁ ଶୁକ୍ରବାର ରାତିରେ ସାଇବର ଆକ୍ରମଣ ହୋଇଥିଲା। ଏଥିଯୋଗୁ ଏୟାରପୋର୍ଟ ଅପରେଟରମାନେ ସିଷ୍ଟମ୍‌ରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ୟୁରୋପର ସବୁଠୁ ବ୍ୟସ୍ତବହୁଳ ବିମାନବନ୍ଦର ଲଣ୍ଡନସ୍ଥିତ ହିଥ୍ରୋ ଏୟାରପୋର୍ଟ କହିଛି, ଏହାର ସର୍ଭିସ୍ ପ୍ରୋଭାଇଡର ପାଇଁ 'ଏକ ବୈଷୟିକ ସମସ୍ୟା' ଦେଖାଦେଇଛି। ବିଶ୍ୱର ବହୁ ଏୟାରପୋର୍ଟ ପାଇଁ ଏୟାରଲାଇନ୍ସଗୁଡ଼ିକୁ ଚେକ୍-ଇନ୍ ଓ ବୋର୍ଡିଂ ସିଷ୍ଟମ୍ ଲାଗି ସେବା ପ୍ରଦାନ କରୁଥିବା କୋଲିନ୍ସ ଏରୋସ୍ପେସ୍ ବୈଷୟିକ ସମସ୍ୟା ଦେଇ ଗତି କରୁଛି। ଏଥିଯୋଗୁ ଯାତ୍ରୀଙ୍କ ପ୍ରସ୍ଥାନ ବିଳମ୍ବିତ ହୋଇପାରେ ବୋଲି ହିଥ୍ରୋ ପକ୍ଷରୁ ଏକ ବିବୃତିରେ ସ୍ପଷ୍ଟ କରାଯାଇଛି। ଇତିମଧ୍ୟରେ ଏୟାରପୋର୍ଟଗୁଡ଼ିକ ଯାତ୍ରୀଙ୍କୁ ସେମାନଙ୍କ ଫ୍ଲାଇଟ୍ ଷ୍ଟାଟସ୍ ଯାଞ୍ଚ କରିବାକୁ ପରାମର୍ଶ ଦେବା ସହ ଅସୁବିଧାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ବ୍ରିଟେନ୍‌ର ନ୍ୟାଶନାଲ ସାଇବର ସିକ୍ୟୁରିଟି ସେଣ୍ଟର କୋଲିନ୍ସ ଏରୋସ୍ପେସ୍ ସହ ଯୋଗସୂତ୍ର ରଖି କାର୍ଯ୍ୟ କରୁଥିବା କହିଛି।

# ଆତଙ୍କବାଦୀଙ୍କ ଗୁଳିରେ ଯବାନ ମୃତ

ଜମ୍ମୁ,୨୦।୯(ପି.ଟି.)

ଜମ୍ମୁ-କଶ୍ମୀରର ଉଧମପୁର ଜିଲାର ଏକ ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ରାତିରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଗୁରୁତର ଆହତ ହୋଇଥିବା ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ଉଧମପୁର ସୀମାନ୍ତ ସେଓଜଧାର ଜଙ୍ଗଲ ସୀମାରେ ଲୁଚି ରହିଥିବା ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ସେନା ଏବଂ ଜମ୍ମୁ-କଶ୍ମୀର ପୋଲିସର ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ (ଏସ୍‌ଓଜି) ପକ୍ଷରୁ ମିଳିତ ତଲାସି ଅଭିଯାନ ଚାଲିଥିବାବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଆହତ ହୋଇଥିବା ଯବାନଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଉକ୍ତ ଅଞ୍ଚଳକୁ ସେନା ଘେରାବନ୍ଦୀ କରି ରଖିବା ସହ ଶନିବାର ସକାଳୁ ପୁନର୍ବାର ତଲାସି ଅଭିଯାନ ଆରମ୍ଭ କରିଛି। ଉକ୍ତ ଅଞ୍ଚଳରେ ୨ରୁ ୩ ଜଣ ଆତଙ୍କବାଦୀ ଆତ୍ମଗୋପନ କରିଥିବା ବିଶ୍ୱାସ କରାଯାଉଛି।

# ୨୮ ରାଜ୍ୟର ଋଣ ୫୯.୬ ଲକ୍ଷ କୋଟି

**୧୦ ବର୍ଷରେ ୩.୩ ଗୁଣ ବୃଦ୍ଧି ନେଇ ସିଏଜିଙ୍କ ଉଦ୍‌ବେଗ**

**ଓଡ଼ିଶାର ଋଣ ଅନୁପାତ ସର୍ବନିମ୍ନ**

ନୂଆଦିଲ୍ଲୀ,୨୦।୯



ଭାରତର ୨୮ ରାଜ୍ୟର ମୋଟ ସରକାରୀ ଋଣ ୧୦ ବର୍ଷ ମଧ୍ୟରେ ୩ ଗୁଣ ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟ୍ ଜେନେରାଲ (ସିଏଜି)ଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି। ସିଏଜି ପକ୍ଷରୁ ପ୍ରଥମଥର ପାଇଁ ଏଭଳି ୧୦ ବର୍ଷିଆ ବିଶ୍ଳେଷଣ କରାଯାଇଛି। କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୩-୧୪ରେ ଦେଶର ସମସ୍ତ ୨୮ ରାଜ୍ୟର ମୋଟ ଋଣ ପରିମାଣ ୧୭.୫୭ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୨-୨୩ରେ ଏହା ୫୯.୬୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ ୧୦ ବର୍ଷରେ ଋଣ ପରିମାଣ ୩.୩ ଗୁଣରୁ ଅଧିକ ବୃଦ୍ଧି ପାଇଛି, ଯାହାକି ରାଜ୍ୟଗୁଡ଼ିକର ମୋଟ ଦ୍ରବ୍ୟ ଓ ସେବା ଉତ୍ପାଦ ମୂଲ୍ୟର ଏକ ବଡ଼ ଭାଗ।

ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁଯାୟୀ ଦେଖିଲେ ୨୦୧୩-୧୪ରେ ଋଣ ପରିମାଣ ଏହାର ୧୬.୬୬ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ପାଖାପାଖି ୨୩ ପ୍ରତିଶତରେ ପହଞ୍ଚିଛି। ଶୁକ୍ରବାର ରାଜ୍ୟ ଅର୍ଥ ସଚିବମାନଙ୍କ ସମ୍ମିଳନୀରେ ସିଏଜି କେ. ସଞ୍ଜୟ ମୂର୍ତ୍ତି ଏହି ତଥ୍ୟ ପ୍ରକାଶ କରିଛନ୍ତି। ତେବେ ସବୁ ରାଜ୍ୟ ଉପରେ ସମାନ ଋଣ ବୋଝ ନାହିଁ। ୨୦୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପଞ୍ଜାବର ଋଣ ଜିଏସ୍‌ଡିପି ଅନୁପାତ ସର୍ବାଧିକ ୪୦.୩୫ ପ୍ରତିଶତ ଥିବାବେଳେ ଦ୍ୱିତୀୟ ସ୍ଥାନରେ ନାଗାଲାଣ୍ଡ (୩୭.୧୫%) ଏବଂ ତୃତୀୟରେ ପଶ୍ଚିମବଙ୍ଗ (୩୩.୭୦%) ରହିଛି। ତେବେ ଓଡ଼ିଶାର ଋଣ ଏବଂ ଜିଏସ୍‌ଡିପି ଅନୁପାତ ସର୍ବନିମ୍ନ ୮.୪୫ ପ୍ରତିଶତ ରହିଛି। ମହାରାଷ୍ଟ୍ରର ଏହି ଅନୁପାତ ୧୪.୬୪% ହୋଇଥିବାବେଳେ ଗୁଜରାଟର ୧୬.୩୭%। ମୋଟାମୋଟି ଦେଖିଲେ ୮ଟି ରାଜ୍ୟର ସରକାରୀ ଋଣ ଜିଏସ୍‌ଡିପିର ୩୦ ପ୍ରତିଶତରୁ ଅଧିକ ରହିଥିବାବେଳେ ୬ ରାଜ୍ୟର ୨୦ ପ୍ରତିଶତରୁ କମ୍ ଏବଂ ଅବଶିଷ୍ଟ ରାଜ୍ୟଗୁଡ଼ିକର ୨୦ରୁ ୩୦ ପ୍ରତିଶତ ମଧ୍ୟରେ ରହିଛି। ରାଜ୍ୟଗୁଡ଼ିକର ମୋଟ ଋଣ ଭାରତର ଜିଡିପିର ୨୨.୧୭ ପ୍ରତିଶତ ସହ ସମାନ। ୨୦୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତର ଜିଡିପି ୨୬୮.୯ ଲକ୍ଷ କୋଟି ଟଙ୍କା ଥିଲା।

ସରକାରୀ ଋଣରୁ ସରକାର ତାଙ୍କ ବ୍ୟୟ ପାଇଁ କିଭଳି ଫଣ୍ଡିଂ କରୁଛନ୍ତି, ତାହା ଜଣାପଡ଼େ। ରିପୋର୍ଟ ଅନୁଯାୟୀ ରାଜ୍ୟ ଋଣ ହେଉଛି ରାଜସ୍ୱ ଗ୍ରହଣର ଏକ ଭାଗ, ଯାହା ଗତ ୧୦ ବର୍ଷରେ ୧୨୮ରୁ ୧୯୧ ପ୍ରତିଶତ ମଧ୍ୟରେ ଉଠାପକା ହୋଇଛି। ହାରାହାରି ଭାବେ ଦେଖିଲେ ଋଣ ପରିମାଣ ରାଜ୍ୟଗୁଡ଼ିକର ବାର୍ଷିକ ରାଜସ୍ୱର ପ୍ରାୟ ୧୫୦ ପ୍ରତିଶତ ରହିଛି। କୋଭିଡ୍ ମହାମାରୀ ଆର୍ଥିକ କାରବାରକୁ ପ୍ରଭାବିତ କରିବା ଫଳରେ ୨୦୨୧ ଆର୍ଥିକ ବର୍ଷରେ ଋଣ ପରିମାଣ ପୂର୍ବବର୍ଷର ଜିଏସ୍‌ଡିପିର ୨୧%ରୁ ବୃଦ୍ଧି ପାଇ ୨୫% ହୋଇଥିଲା। ୨୦୨୦-୨୧ ଏବଂ ୨୦୨୨-୨୩ ବର୍ଷରେ ଅଧିକ ଋଣ କେନ୍ଦ୍ର ସରକାରଙ୍କଠାରୁ ଜିଏସ୍‌ଟି କ୍ଷତିପୂରଣ ଋଣ ଏବଂ ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଜରିଆରେ ଆସିଥିଲା।

ସରକାର ପରିଚାଳନା ଖର୍ଚ୍ଚ ପାଇଁ ନୁହେଁ, କେବଳ ନିବେଶ ନିମନ୍ତେ ଋଣ ଉଠାଇବାର ତଥାକଥିତ ଗୋଲ୍ଡେନ୍ ରୁଲ୍ ଥିବାବେଳେ ଏଥିରେ ଉଲ୍ଲଂଘନ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୩ ଆର୍ଥିକ ବର୍ଷରେ ଆନ୍ଧ୍ରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, କେରଳ, ବିହାର ଓ ତାମିଲନାଡୁ ଆଦି ୧୧ଟି ରାଜ୍ୟ ସେମାନଙ୍କ ଋଣ ଅର୍ଥର କିଛି ଅଂଶକୁ ପୁଞ୍ଜି ବ୍ୟୟ ପରିବର୍ତ୍ତେ ରାଜସ୍ୱ ନିଅଣ୍ଟ ଭରଣା କରିବାରେ ବିନିଯୋଗ କରିଥିଲେ।

ରାଜ୍ୟଗୁଡ଼ିକର ଋଣ ବୋଝକୁ ନେଇ ସିଏଜି ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। କେନ୍ଦ୍ର ସରକାର ସଂଘୀୟ ସହଯୋଗରେ ଏକଚାଟିଆ ମନୋଭାବ ପୋଷଣ କରୁଥିବାରୁ ରାଜ୍ୟଗୁଡ଼ିକର ସ୍ୱାଧୀନତା ବିପନ୍ନ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଦେଶର ସଂଘବାଦ ଏବେ ଅଭୂତପୂର୍ବ ଚାପ ମଧ୍ୟରେ ରହିଥିବା କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା କହିଛନ୍ତି।

# ଜୁବିନ୍‌ଙ୍କ ମୃତ୍ୟୁର ତଦନ୍ତ କରିବ ପୋଲିସ

ଗୁଆହାଟୀ,୨୦।୯

ଖ୍ୟାତନାମା ଗାୟକ ଜୁବିନ୍ ଗର୍ଗ(୫୨)ଙ୍କ ମୃତ୍ୟୁର ତଦନ୍ତ ହେବ ବୋଲି ଆସାମ ସରକାର କହିଛନ୍ତି। ଜୁବିନ୍ ବିନା ଲାଇଫ୍ ଜାକେଟ୍‌ରେ ସନ୍ତରଣ କରୁଥିବାରୁ ଜୀବନ ହରାଇଲେ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ସିଙ୍ଗାପୁର ରାଷ୍ଟ୍ରଦୂତଙ୍କ ସୂଚନା ଅନୁଯାୟୀ ଜୁବିନ୍ ନିଜ ଟିମ୍‌ର ୪ ସଦସ୍ୟ ଓ ଅନ୍ୟ ୧୧ ଜଣ ଅସମୀୟା ଯୁବକଙ୍କ ସହ ଶୁକ୍ରବାର ସ୍ଥାନୀୟ ସମୟ ଅପରାହ୍ନ ୨ଟାରେ ଏକ ନୌକା ଭ୍ରମଣରେ ଯାଇଥିଲେ। କିଛି ସମୟ ପରେ ସେମାନେ ଗୋଟିଏ ସ୍ଥାନରେ ଅଟକିଯାଇ ସନ୍ତରଣ କରିଥିଲେ। ପ୍ରଥମେ ଜୁବିନ୍ ଲାଇଫ୍ ଜାକେଟ ପିନ୍ଧିଥିଲେ। ତେବେ ଲାଇଫ୍ ଜାକେଟ୍ ବଡ଼ ଥିବାରୁ ସେ ଏହାକୁ ଓହ୍ଲାଇଦେଇ ପୁଣି ସନ୍ତରଣ ଆରମ୍ଭ କରିଥିଲେ। ସେ ବୁଡ଼ିଯାଉଥିବା ଦେଖି ବୋଟ୍‌ର କ୍ରିଉ ସଦସ୍ୟ ପାଣିକୁ ଡେଇଁ ତାଙ୍କୁ ଉପରକୁ ଆଣିଥିଲେ। ଡାକ୍ତର ଓ ତଟରକ୍ଷୀମାନେ ତାଙ୍କୁ ସିପିଆର୍ ଦେଇଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ସିଙ୍ଗାପୁର ଜେନେରାଲ ହସ୍ପିଟାଲକୁ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳତା ଭାରତର ବଡ଼ ଶତ୍ରୁ: ମୋଦି

ଭାବନଗର,୨୦।୯


ଗୁଜରାଟର ଭାବନଗରଠାରେ ଏକ ରୋଡ୍‌ଶୋ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାତ ହଲାଇ ଲୋକମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭରଶୀଳତା ଭାରତର ମୁଖ୍ୟ ଶତ୍ରୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିବା ସହ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେମିକଣ୍ଡକ୍ଟର ଚିପ୍‌ଠାରୁ ଆରମ୍ଭ କରି ଜାହାଜ ପର୍ଯ୍ୟନ୍ତ ସବୁକିଛି ସ୍ୱଦେଶୀ ଉତ୍ପାଦନ ପାଇଁ ସେ ଆହ୍ୱାନ ଦେଇଛନ୍ତି।

ଗୁଜରାଟର ଭାବନଗରଠାରେ 'ସମୁଦ୍ର ସେ ସମୃଦ୍ଧି' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ବିଦେଶ ଉପରେ ଅତ୍ୟଧିକ ନିର୍ଭରଶୀଳତା ବଡ଼ ଜାତୀୟ ବିଫଳତା ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ୩୪,୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ସବୁ ସମସ୍ୟାର ଏକମାତ୍ର ସମାଧାନ ହେଉଛି ଆତ୍ମନିର୍ଭରଶୀଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ବୈଶ୍ୱିକ ଭ୍ରାତୃଭାବ ଭାବନା ନେଇ ଆଗକୁ ବଢୁଛି ଓ ଏବେ ବିଶ୍ୱରେ ଏହାର କେହି ବଡ଼ ଶତ୍ରୁ ନାହାନ୍ତି। ଏହାର ସବୁଠୁ ବଡ଼ ଶତ୍ରୁ ହେଉଛି ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳତା। ଏହି ନିର୍ଭରଶୀଳତାକୁ ସାମୂହିକ ଭାବେ ହଟାଇବାକୁ ହେବ। ବୈଶ୍ୱିକ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ପାଇଁ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ରକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ପଞ୍ଜାବ ବନ୍ୟାକୁ ଗମ୍ଭୀର ବିପର୍ଯ୍ୟୟ ଘୋଷଣା କଲା କେନ୍ଦ୍ର

ଚଣ୍ଡିଗଡ଼,୨୦।୯

କେନ୍ଦ୍ର ସରକାର ପଞ୍ଜାବ ବନ୍ୟାକୁ ଗମ୍ଭୀର ବିପର୍ଯ୍ୟୟ ଘୋଷଣା କରିଛନ୍ତି। ବନ୍ୟା କ୍ଷୟକ୍ଷତି ସମ୍ପର୍କିତ ଆକଳନ ରିପୋର୍ଟ ୩ ମାସ ମଧ୍ୟରେ ପଠାଇବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଗମ୍ଭୀର ବିପର୍ଯ୍ୟୟ ଘୋଷଣା ହୋଇଥିବାରୁ ଅନ୍ତଃମନ୍ତ୍ରଣାଳୟ ଟିମ୍ କ୍ଷୟକ୍ଷତି ଆକଳନ କରିବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଜରିଆରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏଥିପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯିବ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏବଂ ଜିତିନ ପ୍ରସାଦ ମଧ୍ୟ କ୍ଷୟକ୍ଷତି ଆକଳନ ପାଇଁ ପଠାନକୋଟ ଓ ଗୁରଦାସପୁର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୨୬ ଓ ୨୭ରେ ପ୍ରବଳ ବର୍ଷା ହେବାରୁ ରଞ୍ଜିତ ସାଗର ଡ୍ୟାମ୍‌ରୁ ୨.୧୨ ଲକ୍ଷ କ୍ୟୁସେକ୍ ଜଳ ଛଡ଼ାଯାଇଥିଲା। ଅପରେଶନ ସିନ୍ଦୂର ପରେ ପାକିସ୍ତାନକୁ ପାଣି ବନ୍ଦ କରିବାକୁ ମାଧୋପୁର ବ୍ୟାରେଜ୍‌ର ୫୪ଟି ଗେଟ୍‌କୁ ବନ୍ଦ କରାଯାଇଥିଲା। ପ୍ରବଳ ପାଣି ଚାପରୁ ୨ଟି ଗେଟ୍ ଭୁଶୁଡ଼ି ପଡ଼ିବାରୁ ବନ୍ୟା ଆସିଥିଲା।

# ବିମାନ ଦୁର୍ଘଟଣାରେ ଗ୍ରାମୀ ବିଜୟୀ ଗୀତିକାର ବ୍ରେଟ୍ ଜେମ୍ସଙ୍କ ପରଲୋକ



ଲସ୍ ଏଞ୍ଜେଲ୍ସ,୨୦।୯

ଏକ କ୍ଷୁଦ୍ର ବିମାନ ଦୁର୍ଘଟଣାରେ ଗ୍ରାମୀ ପୁରସ୍କାର ବିଜୟୀ ଆମେରିକାର ଲୋକପ୍ରିୟ ଗୀତିକାର ତଥା ଗାୟକ ବ୍ରେଟ୍ ଜେମ୍ସଙ୍କ ପରଲୋକ ହୋଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ଜିଶୁସ୍ ଟେକ୍ ଦି ହ୍ୱିଲ୍ ଏବଂ ହ୍ୱେନ୍ ଦି ସନ୍ ଗୋଜ୍ ଡାଉନ୍ ତାଙ୍କର ସବୁଠୁ ହିଟ୍ ଗୀତ ଥିଲା। ଜେମ୍ସଙ୍କ ସମେତ ୩ ଜଣଙ୍କୁ ନେଇ ଯାଉଥିବା କ୍ଷୁଦ୍ର ବିମାନଟି ଗୁରୁବାର ଅପରାହ୍ନରେ ଫ୍ରାଙ୍କଲିନ୍‌ସ୍ଥିତ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ସଂଘୀୟ ବିମାନ ଚଳାଚଳ ପ୍ରଶାସନ ପକ୍ଷରୁ କୁହାଯାଇଛି। ବିମାନରେ ଥିବା ସମସ୍ତଙ୍କର ମୃତ୍ୟୁ ଘଟିଥିବା ନର୍ଥ କାରୋଲିନା ରାଜ୍ୟ ହାଇୱେ ପାଟ୍ରୋଲ ପକ୍ଷରୁ କୁହାଯାଇଛି। ବିମାନଟି ଜେମ୍ସଙ୍କ ନାମରେ ଥିବାବେଳେ ଏହାକୁ ସେ ଚଳାଉଥିଲେ କି ନାହିଁ ସ୍ପଷ୍ଟ ହୋଇ ନାହିଁ। ବିମାନରେ ଥିବା ଅନ୍ୟ ୨ ଜଣ ହେଲେ ମେଲୋଡି କାରୋଲ ଏବଂ ମେରିଲ୍ ମାକ୍ସୱେଲ ୱିଲ୍‌ସନ୍।

# ସରପଞ୍ଚଙ୍କୁ ଭୋଟ ଦେଇ ନ ଥିବାରୁ ପରିବାର ବାସନ୍ଦ, ଘର ଭାଙ୍ଗିଦେଲେ

ରାୟପୁର,୨୦।୯

ଛତିଶଗଡ଼ର ବେମେତାରା ଜିଲାରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚଙ୍କୁ ଭୋଟ ଦେଇ ନ ଥିବାରୁ ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ କରାଯିବା ସହ ସେମାନଙ୍କ ଘର ଭାଙ୍ଗିଦିଆଯାଇଛି। ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଛି। ନଭଗଡ଼ ତହସିଲ୍ ଅନ୍ତର୍ଗତ ଗାଡ଼ାମୋଡ ପଞ୍ଚାୟତର ଉକ୍ତ ପରିବାର ଏବଂ ସରପଞ୍ଚ ସତନାମୀ (ଅନୁସୂଚିତ ଜାତି) ସମ୍ପ୍ରଦାୟର। ଉକ୍ତ ପରିବାରର ୧୦ ସଦସ୍ୟ ଭୟଭୀତ ଅବସ୍ଥାରେ ରହିଛନ୍ତି। ସରପଞ୍ଚ ମହାଜନ ମାନହାରେଙ୍କ ନିର୍ଦ୍ଦେଶକ୍ରମେ ବୁଲ୍‌ଡୋଜର ଲଗାଇ ସେମାନଙ୍କ ୨୫ ବର୍ଷର ପୁରୁଣା ଘରକୁ ଭଙ୍ଗାଯିବା ବେଳେ ତହସିଲଦାର ଓ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ। ସରପଞ୍ଚଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିବାକୁ ଉକ୍ତ ପରିବାରକୁ ସୁଯୋଗ ଦିଆଯାଇ ନ ଥିଲା। ନ୍ୟାୟ ଓ କ୍ଷତିପୂରଣ ପାଇଁ ଏସ୍‌ଡିଏମ୍, ଜିଲା ପୋଲିସ ମୁଖ୍ୟ ଏବଂ ତହସିଲଦାରଙ୍କ ନିକଟରେ ଦାବି ହୋଇଛି। ବେଆଇନ ଭାବେ ଜମି ଦଖଲ କରି ଘର କରିଥିବାରୁ ଏହାକୁ ଖାଲି କରିବା ପାଇଁ ସରପଞ୍ଚ ନୋଟିସ୍ ଜାରି କରିଥିଲେ।

# ମୋହନଲାଲ୍‌ଙ୍କୁ ଦାଦାସାହେବ ଫାଲ୍‌କେ

ନୂଆଦିଲ୍ଲୀ,୨୦।୯(ପି.ଟି.)



ମାଲୟାଲମ୍ ସୁପରଷ୍ଟାର ମୋହନଲାଲ୍‌ଙ୍କୁ ୨୦୨୩ ବର୍ଷ ପାଇଁ ଦାଦାସାହବ ଫାଲ୍‌କେ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଶନିବାର ଘୋଷଣା କରିଛି। ସିନେମା କ୍ଷେତ୍ରରେ ଦେଶର ସର୍ବୋଚ୍ଚ ସ୍ୱୀକୃତି ଭାବେ ଦାଦାସାହେବ ପୁରସ୍କାର ପ୍ରଦାନ କରାଯାଇଥାଏ। ଭାରତୀୟ ସିନେମାକୁ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତା, ନିର୍ଦ୍ଦେଶକ ଓ ଫିଲ୍ମ ନିର୍ମାତା ମୋହନଲାଲଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିବା ନିମନ୍ତେ ଦାଦାସାହେବ ଫାଲ୍‌କେ ଆୱାର୍ଡ ସିଲେକ୍ସନ କମିଟି ସୁପାରିସ କରିଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ୨୩ ତାରିଖରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ୬୫ ବର୍ଷୀୟ ମୋହନଲାଲ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ମୋହନଲାଲ୍‌ଙ୍କ ଅତୁଳନୀୟ ଦକ୍ଷତା, ବହୁମୁଖୀ ପ୍ରତିଭା ଏବଂ ଅବିଶ୍ରାନ୍ତ କଠିନ ପରିଶ୍ରମ ଭାରତୀୟ ସିନେମା ଇତିହାସରେ ଏକ ସ୍ୱର୍ଣ୍ଣିମ ମାନ ସୃଷ୍ଟି କରିଥିଲା ବୋଲି ମନ୍ତ୍ରଣାଳୟ କହିଛି। ୪ ଦଶନ୍ଧିର କ୍ୟାରିୟରରେ ମୋହନଲାଲ୍ ୩୫୦ରୁ ଊର୍ଦ୍ଧ୍ୱ ମାଲୟାଲମ୍, ତାମିଲ, ତେଲୁଗୁ, ହିନ୍ଦୀ ଓ କନ୍ନଡ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କର ସବୁଠୁ ଲୋକପ୍ରିୟ ଚଳଚ୍ଚିତ୍ର ମଧ୍ୟରେ ରହିଛି ଥାନମଥ୍ରା, ଦୃଶ୍ୟମ୍, ବାନପ୍ରସ୍ଥମ୍ ଏବଂ ପୁଲିମୁରୁଗାନ୍। ସେ ଶ୍ରେଷ୍ଠ ଅଭିନେତା ଭାବେ ୨ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସାଙ୍ଗକୁ ୯ ଥର କେରଳ ରାଜ୍ୟ ପୁରସ୍କାର ଓ ଅନ୍ତର୍ଜାତୀୟ ସମ୍ମାନ ପାଇଛନ୍ତି। ୨୦୦୧ରେ ତାଙ୍କୁ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଦାଦାସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ ହୋଇଥିବା ମୋହନଲାଲ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ମୋହନଲାଲ୍ ଉତ୍କର୍ଷତା ଓ ବହୁମୁଖୀ ପ୍ରତିଭାର ପ୍ରତୀକ ବୋଲି ଏକ ସୋସିଆଲ ମିଡିଆ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି।

# ନିଖୋଜ ଟ୍ୟାକ୍ସି ଡ୍ରାଇଭରଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୨୦।୯(ସତ୍ୟଜିତ ରାଉତ)/ ବାରଙ୍ଗ,(ଲିଙ୍ଗରାଜ ରାଉତ)**



ମୃତଦେହ ଜବତ ସ୍ଥାନ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା କାର୍।


ମୃତ ବିଦ୍ୟାଧର।

- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
- ସନ୍ଦେହ ଘେରରେ ମ୍ୟାଡାମ୍
- ଘଟଣାସ୍ଥଳରୁ କାର୍ ଜବତ

୬ଦିନ ଧରି ରାଜଧାନୀ ଭୁବନେଶ୍ୱରରୁ ନିଖୋଜ ଥିବା ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ମୃତଦେହ ଶନିବାର ଚନ୍ଦକା-ବାରଙ୍ଗ ରାସ୍ତାପାର୍ଶ୍ୱ ଦାରୁଠେଙ୍ଗ ଜୁଝଗଡ଼ ଡ୍ରେନ୍ ନିକଟରୁ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)। ବିଦ୍ୟାଧରଙ୍କୁ ଅପହରଣ କରି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଟଙ୍କା ପାଇଁ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇଥିବା ସମର୍କୀୟମାନେ ଗଣମାଧ୍ୟମରେ କହିଛନ୍ତି। ଏହି ଘଟଣାରେ ଜଣେ ମ୍ୟାଡାମ୍‌ଙ୍କ ଭୂମିକା ସନ୍ଦେହଘେରକୁ ଆସିଛି। ମୃତଦେହ ନିକଟରୁ ପୋଲିସ ବିଦ୍ୟାଧରଙ୍କ କାର୍ (ଓଡି୦୨-ସିସି-୪୨୩୭) ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ତେବେ ମୃତଦେହରେ କୌଣସି କ୍ଷତଚିହ୍ନ ନ ଥିବାରୁ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନାହିଁ। ଗତ ୧୫ତାରିଖରୁ ସେ ବଡ଼ଗଡ଼ ଥାନା ଅଞ୍ଚଳରୁ ନିଖୋଜ ହୋଇଯାଇଥିବାବେଳେ ଅପହରଣକାରୀ ଏକ କୋଟି ଟଙ୍କା ପରିବାର ଲୋକଙ୍କୁ ଦାବି କରିଥିଲେ ବୋଲି ସ୍ତ୍ରୀ ମାମିନା ଖଟୁଆ ଶୁକ୍ରବାର ଅଭିଯୋଗ କରିଥିଲେ। ପୋଲିସ ଏକ ମ୍ୟାନ୍ ମିସିଂ ରିପୋର୍ଟ ରୁଜୁ କରିଥିଲା। ଚନ୍ଦକା ଥାନା ଅଞ୍ଚଳରେ ମୃତଦେହ ମିଳିଥିବାବେଳେ ନିଖୋଜ ଦିଗକୁ ନେଇ ତଦନ୍ତ କରୁଥିବା ବଡ଼ଗଡ଼ ପୋଲିସ ଏକ ହତ୍ୟା ମାମଲା (୫୪୨/୨୦୨୫) ରୁଜୁ କରିଛି।

ମିଳିଥିବା ସୂଚନାନୁଯାୟୀ, ବିଦ୍ୟାଧର ୪ ମାସ ତଳେ ବିବାହ କରିଥିଲେ। ସ୍ତ୍ରୀ ମାମିନାଙ୍କ ସହ ବଡ଼ଗଡ଼ କେନାଲ ରୋଡ଼ରେ ରହିବା ସହ ଓଲାରେ ନିଜ କାର୍ ଚଳାଉଥିଲେ। ଏହାଛଡ଼ା ସେ ଜଣେ ମହିଳା(ମ୍ୟାଡାମ୍)ଙ୍କୁ ପ୍ରତ୍ୟେକ ଦିନ ନେବାଆଣିବା କରୁଥିବା ଜଣାପଡ଼ିଛି। ଉକ୍ତ ମହିଳାଙ୍କ ଖଣ୍ଡଗିରିରେ ଏକ କନ୍ସଲଟାନ୍ସି ଅଫିସ ଅଛି। ଚାକିରି ଆଶାୟୀମାନଙ୍କୁ ସେ ଟଙ୍କା ନେଇ ନିଯୁକ୍ତି ଯୋଗାଉଥିଲେ। ତେବେ ମହିଳାଙ୍କ ଅଫିସରେ ଟଙ୍କା କାରବାର ବିଦ୍ୟାଧର ବୁଝୁଥିଲେ। ଏପରିକି ବିଦ୍ୟାଧର କିଛି ଲୋକଙ୍କ ପାଖରୁ ଟଙ୍କା ନେଇଥିଲେ ବୋଲି ସୂଚନା ମିଳିଛି। କୌଣସି ବ୍ୟକ୍ତିଙ୍କ ସହ ଟଙ୍କା କାରବାରକୁ ନେଇ ଝଗଡ଼ା ପରେ ଏଭଳି ଘଟଣା ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସ କିଛି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଉକ୍ତ ମ୍ୟାଡାମଙ୍କ ସହ ଯୋଗାଯୋଗ କରିବାକୁ ପୋଲିସ ଚେଷ୍ଟା ଚଳାଇଛି। କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜୋନ ଏସିପି ଅଭିମନ୍ୟୁ ନାୟକ କହିଛନ୍ତି। ମୃତଦେହ ପାଖରେ ଥୁଆ ହୋଇଥିବା ମନିପର୍ସ, ଛତା,ମଦବୋତଲ ଓ ଏକ କାର ଜବତ ହୋଇଛି। ବିଦ୍ୟାଧର ଚଳାଉଥିବା କାର୍‌ଟି ଶନିବାର ସକାଳେ ରାସ୍ତା ପାର୍ଶ୍ୱରେ ଥୁଆ ହୋଇଥିବା ଦେଖି ତାଙ୍କ ସାଙ୍ଗ କଟକ ଯିବାବେଳେ ଅଟକି ଯାଇଥିଲେ। କାର୍‌ଠାରୁ ଅଳ୍ପଦୂରରେ ବିଦ୍ୟାଧରଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ସହ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଚନ୍ଦକାଥାନା ପୋଲିସ ସାଇଣ୍ଟିଫିକ ଟିମ୍ ଧରି ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହଠାରୁ କିଛି ଦୂରରେ କାର୍‌ଟି ଥୁଆ ହୋଇଥିବାବେଳେ ମୃତଦେହ ପାଖରେ ପଡ଼ିଥିବା ମନିପର୍ସ, ଛତା ଓ ମଦ ବୋତଲ ମିଳିଥିଲା। ଏହାସହ ମୃତକଙ୍କ ବେକରେ ଏକ ଗାମୁଛା ଭିଡ଼ା ହୋଇଥିବାରୁ ବିଦ୍ୟାଧରଙ୍କୁ ଅପହରଣ ପରେ ଯୋଜନାବଦ୍ଧ ଭାବେ ହତ୍ୟାକରି ଏଠାକୁ ଆଣି ରାସ୍ତା କଡ଼ରେ ଫିଙ୍ଗିଦେଇଥିବା ପୋଲିସ ଅନୁମାନ କରିଛି। ବଡ଼ଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଏପରି କି ଅଭିଯୁକ୍ତମାନେ ବିଦ୍ୟାଧରଙ୍କୁ ଫସାଇ ଯାଜପୁର ନେଇଯାଇଥିଲେ ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ଏସିପି ନାୟକ କହିଛନ୍ତି।

# ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ତୃତୀୟ ବର୍ଷ ଛାତ୍ରଙ୍କ ଆକ୍ରମଣ

**ଭୁବନେଶ୍ୱର, ୨୦।୯(ସତ୍ୟଜିତ ରାଉତ)**

**ଉତ୍କଳ ୟୁନିଭରସିଟି ଲ' କଲେଜରେ ଗଣ୍ଡଗୋଳ**

**୨ ଆହତ, ଥାନାରେ ପୃଥକ୍ ମାମଲା**

ଉତ୍କଳ ୟୁନିଭରସିଟି ଲ' କଲେଜରେ ଶନିବାର ଗଣ୍ଡଗୋଳ ହୋଇଛି। ଦ୍ୱିତୀୟ ବର୍ଷର କିଛି ଛାତ୍ରଙ୍କୁ ତୃତୀୟ ବର୍ଷ ଛାତ୍ରମାନେ ମାଡ଼ ମାରିଛନ୍ତି। ହାତାହାତି ଓ ମାରପିଟରେ ୨ଜଣ ଛାତ୍ର ଆହତ ହୋଇଛନ୍ତି। ଏହି ଗଣ୍ଡଗୋଳ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ଶହୀଦନଗର ଥାନାରେ ପୃଥକ୍ ଅଭିଯୋଗ ହୋଇଛି। ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ କିଛିଦିନ ତଳେ ସିନିୟର ଛାତ୍ର ର୍ୟାଗିଂ କରିଥିଲେ। ଏହାକୁ ନେଇ ଆହତ କେତେଜଣ ଛାତ୍ର ପ୍ରିନ୍ସିପାଲ୍‌ଙ୍କୁ ଫେରାଦ ହୋଇଥିଲେ। ଶନିବାର କ୍ୟାମ୍ପସ ପରିସରରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ତଳେ ପକାଇ ମାଡ଼ ମରଯାଇଥିଲା।


ଧସ୍ତାଧସ୍ତି ମାରପିଟ ବେଳେ କିଛି ଛାତ୍ର ଏହାର ଭିଡିଓ ଉତ୍ତୋଳନ କରିଥିଲେ।

# ୨ ବୃଦ୍ଧଙ୍କୁ ଆଜୀବନ କାରାଦଣ୍ଡ

**ଜଗତ୍‌ସିଂହପୁର, ୨୦।୯ (ପ୍ରମୋଦ କୁମାର ନାୟକ)**

**ବାଲିକୁଦା ନାବାଳିକା ବଳାତ୍କାର ମାମଲା**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ୨୦୨୪ରେ ଅଭାବନୀୟ ଘଟଣା ଘଟିଥିଲା। ଜଣେ ନାବାଳିକାଙ୍କୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ୨ ଜଣ ବ୍ୟକ୍ତି ବଳାତ୍କାର କରିଥିଲେ। ଏହାପରେ ନାବାଳିକା ଜଣକ ଏକ ସନ୍ତାନ ଜନ୍ମ କରିବାକୁ ବାଧ୍ୟ ହୋଇଥିଲେ। ଶନିବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍‌ସୋ) ବିଚାରପତି ଏସ୍‌ଏକେ ଜେଡ୍. ଅହମ୍ମଦ ମାମଲାର ଏହି ବିଚାର କରି ଅଭିଯୁକ୍ତ ବାଲିକୁଦା ଥାନା ଅଞ୍ଚଳର ନଟବର ପରିଡ଼ା (୬୮) ଓ କୁଶା ମଲ୍ଲିକ (୬୩)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ କରିଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି (ପବ୍ଲିକ ପ୍ରସିକ୍ୟୁସନ୍) ଦୋଳଗୋବିନ୍ଦ ଦାସ କହିଛନ୍ତି, ନାବାଳିକା ବାଲିକୁଦା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଏକଦା ସନ୍ଧ୍ୟା ସମୟରେ ସେ ତାଙ୍କ ଘରେ ବସି ପାଠ ପଢୁଥିଲେ। ଏହି ସମୟରେ ନଟବର ଓ କୁଶା ଦୁହେଁ ଘରେ ପଶି ଜଣକ ପରେ ଜଣେ ତାଙ୍କୁ ବଳାତ୍କାର କରିଥିଲେ। ଆଉ ଗଲାବେଳକୁ ଧମକ ଦେଇ ଯାଇଥିଲେ ଯେ ଘରେ କାହାରିକୁ କହିଲେ ତୋତେ ହେଉ ଅବା ତୋ ମା'ବାପାଙ୍କୁ ଜୀବନରେ ମାରିଦେବୁ। ଏଥିରେ ସେ ଭୟଭୀତ ହୋଇ ଘରେ କାହାରିକୁ କିଛି କହି ନ ଥିଲେ। ଗର୍ଭର ୫ ମାସ ବେଳକୁ ସେ ତାଙ୍କ ମା'ଙ୍କୁ ସବୁକଥା କହିବାକୁ ବାଧ୍ୟ ହୋଇଥିଲେ। ଏହାପରେ ଅର୍ଥାତ୍ ୨୦୨୪ ଫେବୃଆରୀ ୧୩ରେ ମା' ତାଙ୍କୁ ନେଇ ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାଲିକୁଦା ଥାନା ପକ୍ଷରୁ ମାମଲା (ନଂ.୫୩/୨୪) ରୁଜୁ ହୋଇଥିଲା। ଏହାପରେ ସେ ଏକ ସନ୍ତାନ ଜନ୍ମ ଦେଇଥିଲେ। ଡିଏନ୍‌ଏ ପରୀକ୍ଷାରେ ମଧ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କର ପ୍ରମାଣ ମିଳିଥିଲା। ଏହି ମାମଲାରେ ୨୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଡେପୁଟି ଡାଇରେକ୍ଟର ପବ୍ଲିକ ପ୍ରୋସିକ୍ୟୁଟର ବିରେନ କୁମାର ପଣ୍ଡା ଏହି ମାମଲା ତଦାରଖ କରିଥିଲେ।

# ଜେସିବି ମାଲିକ, ଡ୍ରାଇଭରଙ୍କୁ ଜେରା

**କେନ୍ଦୁଝର/ଘଟଗାଁ, ୨୦।୯ (ନରେଶ ଚନ୍ଦ୍ର ପଟ୍ଟନାୟକ/ ରାଜେନ୍ଦ୍ର ପଟ୍ଟନାୟକ)**

**ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲଙ୍କୁ ହତ୍ୟା ଘଟଣା**

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ଶନିବାର କେନ୍ଦୁଝର ଜିଲା ଘଟଗାଁରେ ଅଧିକ ତଦନ୍ତ କରିଛି। ତଦନ୍ତକାରୀ ଅଧିକାରୀ ବିପିନ ବିହାରୀ ହୋତାଙ୍କ ନେତୃତ୍ୱରେ ଏକ ୩ ଜଣିଆ ଦଳ ମୃତଦେହ ପୋତିବା ନେଇ ଗାତ ଖୋଳିଥିବା ଜେସିବି ମାଲିକ ଓ ଡ୍ରାଇଭରଙ୍କୁ ଜେରା କରିଛି। ଏଥିସହ ଜେସିବି (ନଂ. ଓଡି ୦୯ ଏଏ ୦୧୦୫)କୁ ପୋଲିସ ଜବତ କରିଛି। ଟିମ୍ ଘଟଗାଁର ଜେସିବି ମାଲିକ ଜିତୁ ସାହା ଓ ଡ୍ରାଇଭର ବୃନ୍ଦାବନ ମହାନ୍ତଙ୍କୁ ଘଟଣା ସମ୍ପର୍କରେ ଦୀର୍ଘ ସମୟ ଧରି ପଚରାଉଚୁରା କରିଥିଲା। ଜଟିଆ ମହାନ୍ତଙ୍କ ପାଇଖାନା ଟାଙ୍କି ଖୋଳିବାକୁ ଭଡ଼ାରେ ଡାକି ନେଇଥିଲେ। ଏଥିପାଇଁ ୯୦୦ ଟଙ୍କା ଦେଇଥିଲେ ବୋଲି ଜେସିବି ମାଲିକ କହିଛନ୍ତି। ପଚରାଉଚୁରା ପରେ ପୋଲିସ ଟିମ୍ ଭୁବନେଶ୍ୱର ଫେରିଯାଇଛନ୍ତି। ଘଣ୍ଟାକୁ ୧୨ ଶହ ଟଙ୍କାରେ ଜେସିବି ମେସିନ ଭଡ଼ାରେ ଦିଆଯାଇଥାଏ। ତେବେ ଏହି ଘଟଣାରେ ଏତେ କମ୍ ଟଙ୍କାରେ କିପରି ଜେସିବି ଯୋଗାଇଲେ ସେନେଇ ସନ୍ଦେହ ବଢ଼ିବାରେ ଲାଗିଛି।

# ମା' ସାମ୍ନାରେ ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା

**ପାର୍ବଣ ପୂର୍ବରୁ ବଲାଙ୍ଗୀରରେ ଗଡ଼ିଲା ମୁଣ୍ଡ**

**ବଲାଙ୍ଗୀର, ୨୦।୯ (ବୀରେନ୍ଦ୍ର କୁମାର ଝାଙ୍କର)**


ମୃତ ରାଜ ବେହେରା

**ହାଣିବା ପରେ ଫେରାର ହୋଇଗଲେ ୨ ଅଭିଯୁକ୍ତ**

ବଲାଙ୍ଗୀର ସହର ଖଦାଲପଡ଼ା ମଙ୍ଗଳା ମନ୍ଦିର ନିକଟରେ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମା' ସାମ୍ନାରେ ପୁଅକୁ ଦୁର୍ବୃତ୍ତମାନେ ଟାଙ୍ଗିରେ ହାଣି ହତ୍ୟାକରି ଫେରାର ହୋଇଯାଇଛନ୍ତି। ମୃତ ଯୁବକ ହେଲେ ରାଜ ବେହେରା (୨୧)। କେଉଁ କାରଣରୁ ରାଜଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ।

ଅଭିଯୋଗ ଅନୁଯାୟୀ, ଅପରାହ୍ଣ ପ୍ରାୟ ସାଢ଼େ ୨ଟା ବେଳେ ରାଜ ତାଙ୍କ ଘର ସାମ୍ନାରେ ଠିଆହୋଇଥିଲେ। ଏହି ସମୟରେ ୨ ଜଣ ଯୁବକ ଆସି ରାଜଙ୍କ ସହ ଯୁକ୍ତିତର୍କକରି ଟାଙ୍ଗିଆ ଓ ଖଣ୍ଡାରେ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ଏତିକି ବେଳେ ରାଜ ପାଟିକରି ତାଙ୍କ ମା'ଙ୍କୁ ଡାକିଥିଲେ। ଘର ଭିତରୁ ମା' ବାସନ୍ତୀ ବେହେରା ବାହାରି ଆସିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ବାସନ୍ତୀଙ୍କୁ ଗାଳିଗୁଲଜ କରିବା ସହ ଠେଲିଦେଇ ତାଙ୍କ ସାମ୍ନାରେ ରାଜଙ୍କୁ ହାଣିଦେଇ ସେଠାରୁ ଫେରାର ହୋଇଯାଇଥିଲେ। ପାଖରେ ଥିବା ରାଜଙ୍କ ବାଇକ୍‌କୁ ମଧ୍ୟ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିଲେ। ଦୁର୍ବୃତ୍ତମାନଙ୍କ ଅତର୍କିତ ଆକ୍ରମଣରେ ଯୁବକ ଜଣକ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କ ଦେହ ସାରା ଚୋଟ ଉପରେ ଚୋଟ ମରାଯାଇଥିବା ଦେଖିବାକୁ ମିଳିଥିଲା। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ୨ଦିନ ତଳେ କେତେଜଣ ଯୁବକ ରାଜଙ୍କ ଘରକୁ ଆସି ତାଗିଦା କରିବା ସହ ଜୀବନରେ ମାରିଦେବାର ଧମକ ଦେଇଥିଲେ। ଜଣେ ଝିଅ ସହ ପ୍ରେମ ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଇଛି। ବଲାଙ୍ଗୀର ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ଟାଉନ ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ. ୬୦୭/୨୫) ରୁଜୁ କରିଛି । ଉକ୍ତ ଘଟଣାରେ ୩- ୪ ଜଣ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି । ଏହି ହତ୍ୟାକାଣ୍ଡ ପରେ ଖଦାଲପଡ଼ା ଅଞ୍ଚଳରେ ଉତ୍ତେଜନା ଓ ଭୟର ବାତାବରଣ ଦେଖାଦେଇଛି। ପାର୍ବଣ ପୂର୍ବରୁ ବଲାଙ୍ଗୀର ସହରରେ ଏହି ହତ୍ୟାକାଣ୍ଡକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଥାନା ପୋଲିସ ଉକ୍ତ ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଅନ୍‌ଲାଇନ୍ ଗେମ୍ ଖେଳି ଜୀବନ ହାରିଲେ ଯୁବକ

**ରେମୁଣା, ୨୦।୯(ରବୀନ୍ଦ୍ର ମହାକୁଡ)**


ଦିବ୍ୟଜ୍ୟୋତି

ଅନ୍‌ଲାଇନ୍ ଗେମ୍ ପୁଣି ନେଲା ଏକ ଜୀବନ। ଲକ୍ଷାଧିକ ଟଙ୍କା ହରାଇବା ପରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି ରେମୁଣା ଥାନା ପୁରୁଷୋତ୍ତମପୁର ଗାଁର ଦିବ୍ୟଜ୍ୟୋତି ପତି (୨୫)। ଦିବ୍ୟଜ୍ୟୋତି ବିଭିନ୍ନ ସମୟରେ ମୋବାଇଲରେ ଅନ୍‌ଲାଇନ୍ ଗେମ୍ ଖେଳିଥାନ୍ତି। ପରିବାର ଲୋକେ ଏଥିରୁ ନିବୃତ୍ତ ରହିବା ଲାଗି ତାଙ୍କୁ ବାରମ୍ବାର ବାରଣ କରୁଥିଲେ ମଧ୍ୟ ସେ ଏହାକୁ ନ ମାନି ଗେମ୍‌ରେ ମସ୍‌ଗୁଲ ରହୁଥିଲେ। ଅନ୍‌ଲାଇନ୍ ଗେମ୍‌ରେ ଲକ୍ଷାଧିକ ଟଙ୍କା ହାରିବା ପରେ ଅଧିକ ଖେଳିବା ପାଇଁ ସେ ଉଧାରରେ ଟଙ୍କା ମଧ୍ୟ ଆଣୁଥିଲେ। ଗୁରୁବାର ରାତିରେ ସେ ଗେମ୍ ଖେଳୁଥିବା ଦେଖି ମା'ବାପା ଶୋଇପଡ଼ିବାକୁ କହିଥିଲେ। ଶୁକ୍ରବାର ସକାଳେ ଦୀର୍ଘ ସମୟ ଧରି ସେ କବାଟ ନ ଖୋଲିବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। ମାତ୍ର ସେ କୌଣସି ଉତ୍ତର ଦେଇ ନ ଥିଲେ। ବେକରେ ଗାମୁଛା ଦେଇ ପଙ୍ଖାରେ ଝୁଲୁଥିବା ତାଙ୍କୁ ଦେଖି ପରିବାର ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ମହିଳାଙ୍କୁ ଉଲଗ୍ନ କରି ଗାଁ ଦାଣ୍ଡରେ ମାଡ଼ ମାରି ବୁଲାଇଲେ

**ବଡ଼ଗାଁ,୨୦।୯(ଅଶୋକ ଷଡ଼ଙ୍ଗୀ)**

**ସ୍ୱାମୀଙ୍କ ସହ ୪ ଅଟକ**

**ଭିଡିଓ ଭାଇରାଲ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗାଁ ନିକଟ ବିରିମୁଣ୍ଡା ଗ୍ରାମରେ ଜଣେ ମହିଳାଙ୍କୁ ଉଲଗ୍ନ କରି ମାଡ଼ ମାରିବା ଘଟଣାରେ ଶନିବାର ପୋଲିସ ତାଙ୍କ ସ୍ୱାମୀଙ୍କ ସହ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ବେଙ୍ଗାଲୁରୁରେ ରହି କାମ କରନ୍ତି। ଏହାର ସୁଯୋଗ ନେଇ ଉକ୍ତ ମହିଳାଙ୍କ ସହ ଜଣେ ଅବିବାହିତ ଯୁବକଙ୍କ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଗତ କିଛି ଦିନ ତଳେ ଯୁବକ ଜଣଙ୍କ ମହିଳାଙ୍କ ଘରେ ରହିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମବାସୀମାନେ ମହିଳା ଓ ଯୁବକଙ୍କୁ ଧରି ଗତ ସପ୍ତାହରେ ଗ୍ରାମରେ ବୈଠକ କରିଥିଲେ। ବୈଠକରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଥିବା ସ୍ୱୀକାର କରିଥିଲେ। ଗତ ବୁଧବାର ମହିଳାଙ୍କ ସ୍ୱାମୀ ବେଙ୍ଗାଲୁରୁରୁ ଫେରିଥିଲେ। ସେ ତାଙ୍କ ସ୍ତ୍ରୀଙ୍କୁ ଉଲଗ୍ନ କରି ଗାଁ ଦାଣ୍ଡରେ ମାଡ ମାରି ବୁଲାଇଥିଲେ। ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ। ଏ ସମ୍ପର୍କରେ ଥାନାରେ କେହି ଅଭିଯୋଗ କରି ନ ଥିଲେ। ଭିଡିଓ ଭାଇରାଲ ହେବା ପରେ ଶନିବାର ସୁନ୍ଦରଗଡ଼ ଏସ୍‌ପି ଆମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ସାନ୍ତା ସାମାଦ, ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କ ସହିତ ବଡ଼ଗାଁ ଥାନା କର୍ମଚାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ମହିଳାଙ୍କ ସ୍ୱାମୀଙ୍କ ସମେତ ୪ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

# ହତ୍ୟା ଅଭିଯୁକ୍ତ ୩ ଜଣଙ୍କୁ ଆଜୀବନ ଜେଲ

**ଅନୁଗୋଳ,୨୦।୯(ମାନସ ବିଶ୍ୱାଳ)**

ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ ଜଜ୍ ହୃଷୀକେଶ ଆଚାର୍ଯ୍ୟ ଏକ ହତ୍ୟା ମାମଲାର ବିଚାର କରି ଶନିବାର ୩ ଅଭିଯୁକ୍ତ ସଦର ଥାନା ନୂଆସାହିର ଦୁଷ୍ମନ୍ତ ସାହୁ, ପିଣ୍ଟୁ ସାହୁ, କୁନା ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୨ ମେ ୨୩ରେ ଅନୁଗୋଳ ସଦର ଥାନା ନୂଆସାହି ଗ୍ରାମର ଇନ୍ଦ୍ରମଣି ସାହୁଙ୍କ ପୁତ୍ର ଲଳିତ ସାହୁଙ୍କୁ ହତ୍ୟା କରାଯାଇଥିଲା। ଉକ୍ତ ଗ୍ରାମରେ ଦୋକାନ ଦେଇଥିବା ଅଭିଯୁକ୍ତ ଦୁଷ୍ମନ୍ତଙ୍କ ଦୋକାନକୁ ପୂର୍ବାହ୍ନରେ ଲଳିତ ଯାଇଥିବା ବେଳେ ସିଗାରେଟ ନ ଦେବାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାପରେ ଲଳିତ ଘରକୁ ପଳାଇ ଆସିଥିଲେ। ହେଲେ ଘଟଣା ସମ୍ପର୍କରେ ଦୁଷ୍ମନ୍ତ ପରିବାର ଲୋକଙ୍କୁ ଜଣାଇବା ପରେ ଦୁଷ୍ମନ୍ତଙ୍କ ବାପା ବିଜୟ ସାହୁଙ୍କ ସମେତ ଭାଇ ପିଣ୍ଟୁ, କୁନା ଏବଂ ପରିବାରର ମହିଳାମାନେ ଲଳିତଙ୍କ ଘରକୁ ଯାଇ ଆକ୍ରମଣ କରିଥିଲେ। ଅଭିଯୁକ୍ତ ପିଣ୍ଟୁ ଏକ ଧାରୁଆ ଅସ୍ତ୍ରରେ ଲଳିତଙ୍କ ବେକକୁ କାଟି ଦେଇଥିଲେ। ଲଳିତଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ସଞ୍ଜୟ ସାହୁ ସଦର ଥାନରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୭୩/୨୦୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ସେସନ ଜଜ୍ ୧୮ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ଦୁଷ୍ମନ୍ତ, ପିଣ୍ଟୁ ଓ କୁନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ଅବେଦନକାରୀଙ୍କ ପକ୍ଷରୁ ସରକାରୀ ଓକିଲ ତାପଶ ରଞ୍ଜନ ମିଶ୍ର ମାମଲା ପରିଚାଳନା କରିଥିଲେ।

# ଲାଞ୍ଚ ନେଇ ଫାଣ୍ଡି ଅଧିକାରୀ ଗିରଫ

**ସୋର, ୨୦।୯ (ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ଅଧିକାରୀ ହୃଷୀକେଶ ବିଶ୍ୱାଳ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଛନ୍ତି। ୧୫ଦିନ ତଳେ କୁରୁଡ଼ା ଗ୍ରାମର ଶଶିଭୂଷଣ ପାତ୍ର ବାଇକରେ ଅନନ୍ତପୁର ଅଭିମୁଖେ ଆସୁଥିବା ବେଳେ ରାସ୍ତାରେ ଶୋଇଥିବା ଏକ ଶଣ୍ଢକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ବାଇକକୁ ଜବତ କରି ଥାନାରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ଗାଡ଼ିକୁ ରିଲିଜ କରିବା ପାଇଁ ଫାଣ୍ଡି ଅଧିକାରୀ ବିଶ୍ୱାଳ ଉକ୍ତ ଯୁବକଙ୍କଠାରୁ ୧୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ଶଶିଭୂଷଣ ଭିଜିଲାନ୍ସଠାରେ ଜଣାଇଥିଲେ। ପୂର୍ବ ଯୋଜନା ଅନୁସାରେ ଶନିବାର ୫୦୦୦ ଟଙ୍କା ଦେବା ବେଳେ ଭିଜିଲାନ୍ସ ଫାଣ୍ଡି ଅଧିକାରୀଙ୍କୁ ଗିରଫ କରିଥିବା ଜଣାପଡିଛି।

# ଲାଞ୍ଚ ନେଇ କିରାଣି ଗିରଫ

**ବଣାଇଁ,୨୦।୯(ପ୍ରଦୀପ ତ୍ରିପାଠୀ)**


ପୃଥ୍ୱୀରାଜ କାମିଲା

ସୁନ୍ଦରଗଡ଼ ଜିଲା ବଣାଇଁ ରୁକୁରା ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ଏବଂ ପୁନର୍ବାସ କାର୍ଯ୍ୟାଳୟର କ୍ଲର୍କ କମ୍ କ୍ୟାଶିଅର ପୃଥ୍ୱୀରାଜ କାମିଲା ଶନିବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରୁକୁରା ଜଳସେଚନ ପ୍ରକଳ୍ପର ଜଣେ ଜମିହରାଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ କ୍ଲର୍କଙ୍କୁ ଗିରଫ କରିଛନ୍ତି। ଏ ନେଇ ରାଉରକେଲା ଭିଜିଲାନ୍ସରେ ଏକ ମାମଲା (ନଂ.୧୦/୨୫) ରୁଜୁ ହୋଇ ତଦନ୍ତ ଚାଲିଛି।

ସୂଚନା ଅନୁଯାୟୀ, ରୁକୁରା ଜଳସେଚନ ପ୍ରକଳ୍ପର କ୍ଷତିଗ୍ରସ୍ତ କଟୁରିଧୁଆ ଗ୍ରାମର ବୁନ୍ଧୁ ଓରାମଙ୍କୁ ସରକାରଙ୍କ ପକ୍ଷରୁ ପ୍ରଥମ କିସ୍ତିରେ ୨ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର ହୋଇଛି। ହେଲେ ତାହାକୁ ପ୍ରଦାନ କରିବା ପାଇଁ ପୃଥ୍ୱୀରାଜ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବୁନ୍ଧୁ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ପରେ ପୃଥ୍ୱୀରାଜ ତାଙ୍କୁ ଅବଶିଷ୍ଟ ଟଙ୍କା ମାଗିଥିଲେ। ଏନେଇ ବୁନ୍ଧୁ ଶୁକ୍ରବାର ରାଉରକେଲା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚି ଘଟଣା ବିଷୟରେ କହିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଶନିବାର ବୁନ୍ଧୁ ତାଙ୍କୁ ୭ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ମାଡିବସିଥିଲା। ପୃଥ୍ୱୀରାଜଙ୍କଠାରୁ ଭିଜିଲାନ୍ସ ୭ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରି ରାଉରକେଲା ନେଇଛି।

# ୧୨.୪୨ କୋଟି ଠକେଇ: ବିଜେଡି ନେତା ଦିଲୀପ ନାୟକ ଗିରଫ

**ଭୁବନେଶ୍ୱର,୨୦।୯(ସତ୍ୟଜିତ ରାଉତ)**



ଜଣେ ବ୍ୟକ୍ତିଙ୍କୁ ୧୨.୪୨ କୋଟି ଟଙ୍କା ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବିଜେଡି ନେତା ଦିଲୀପ କୁମାର ନାୟକଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତ ଦିଲୀପଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ କଟକ ମଙ୍ଗଳାବାଗ ଥାନା ରାଣୀହାଟ ମାଳିସାହିର ବିଜୟ ରାଉତ ୯.୪୨କୋଟି ଟଙ୍କା ଠକେଇ ନେଇ ପ୍ରଥମେ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୨୦୨୩ ନଭେମ୍ବର ୨୨ରେ ବାଦାମବାଡ଼ି ପୋଲିସ ମାମଲା(ନଂ. ୪୧୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଡ଼ ଧରଣର ଠକେଇ ହୋଇଥିବାରୁ ପୋଲିସ ଏହି ମାମଲାକୁ ଇଓଡବ୍ଲ୍ୟୁକୁ ଟ୍ରାନ୍ସଫର କରିଥିଲା। ଏନେଇ ଇଓଡବ୍ଲ୍ୟୁ ଗୁରୁବାର ମାମଲା (ନଂ.୧୩/୨୦୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୧୫ରୁ ୨୦୧୭ ମଧ୍ୟରେ ବିଜୟଙ୍କ ଠାରୁ ଦିଲୀପ ବ୍ୟବସାୟରେ ନିବେଶ କରିବାକୁ ୩ କୋଟି ଟଙ୍କା ନେଇଥିଲେ। ୨୦୧୮ରେ ଦିଲୀପ କଟକ ବଜ୍ରକବାଟିରେ ଜମି ଦେବା ପାଇଁ ପୁଣି ତାଙ୍କ ଠାରୁ ୪ କୋଟି ଟଙ୍କା ନେଇଥିଲେ। ହେଲେ ପ୍ରତିଶ୍ରୁତି ଅନୁଯାୟୀ ଜମି ଦେଇ ନ ଥିଲେ। ପରେ ପଟିଆରେ ବିଜୟଙ୍କୁ ଏକ ଭଲ ଜମି ଦେବା ପାଇଁ କହି ଆଉ ୩.୪୨ କୋଟି ଟଙ୍କା ନେଇଥିଲେ। ଏହାବ୍ୟତୀତ ଏକ କମ୍ପାନୀ କରିବାକୁ ବିଜୟଙ୍କଠାରୁ ୨କୋଟି ଏବଂ ତାଙ୍କ ସ୍ତ୍ରୀଙ୍କ ଠାରୁ କୋଟିଏ ଟଙ୍କା ମଧ୍ୟ ଦିଲୀପ ନେଇଥିଲେ। ଇତିମଧ୍ୟରେ ଦିଲୀପ କୋଟିଏ ଟଙ୍କା ଫେରାଇଥିବାବେଳେ ଆଉ ବାକି ଟଙ୍କା ଦେଇ ନ ଥିଲେ। ତେବେ ପରେ ୨୦୨୧ରେ କଟକ ତ୍ରିଶୂଳିଆରେ ଉଭୟଙ୍କ ମାଲିକାନାରେ ଏକ ଜମି କିଣିବାକୁ ବିଜୟଙ୍କୁ ଦିଲୀପ ପ୍ରବର୍ତ୍ତାଇଥିଲେ। ସେମାନେ ୩.୫ କୋଟି ଟଙ୍କାରେ ୫ ଏକର ପରିମିତ ଏକ ଜମି କିଣିଥିଲେ। ହେଲେ ପରେ ବିଜୟଙ୍କୁ ନ ଜଣାଇ ଦିଲୀପ ଉକ୍ତ ଜମିରୁ ଅଢ଼େଇ ଏକର ବିକ୍ରି କରିଦେଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶୁକ୍ରବାର ବାଦାମବାଡ଼ିସ୍ଥିତ ଦିଲୀପଙ୍କ ଘର ଯାଞ୍ଚ ବେଳେ ଜମି କିଣା ସଂକ୍ରାନ୍ତୀୟ ଦସ୍ତାବିଜ, ବ୍ୟାଙ୍କ ଆକାଉଣ୍ଟ ଆଦି ଇଓଡ଼ବ୍ଲ୍ୟୁ ଜବତ କରିଥିବା ସୂଚନା ଦେଇଛି। ଇଓଡବ୍ଲ୍ୟୁ ଦିଲୀପଙ୍କ ଘରେ ଚଢ଼ାଉ କରି ତାଙ୍କୁ ଉଠାଇ ଆଣିଥିଲା। ସୂଚନାଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନରେ ଦିଲୀପ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୯୦, ୬୬୮ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀନୀ ପ୍ରଭାତୀ ପରିଡ଼ାଙ୍କଠାରୁ ୪,୪୫୮ ଖଣ୍ଡରେ ହାରି ଯାଇଥିଲେ। ୨୦୧୯ ନିର୍ବାଚନରେ ନିମାପଡ଼ାରୁ ଦିଲୀପ କଂଗ୍ରେସ ଟିକେଟରେ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ହେଲେ ସେ ୩୩, ୫୭୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଦିବାସୀ ମାନ୍ୟତା ଦାବିରେ ରେଳରୋକୋ

ବାରିପଦା,୨୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ): କୁଡୁମୀ ଜାତିକୁ ପୁନଃ ଆଦିବାସୀ ମାନ୍ୟତା ଦାବିରେ ଆଦିବାସୀ କୁଡୁମୀ ସମାଜ ଓ କୁଡୁମୀ ଏକତା ମଞ୍ଚ ପକ୍ଷରୁ ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଛି। ତେବେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଭଞ୍ଜପୁର ରେଳ ଷ୍ଟେଶନରେ ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସକୁ ପ୍ରାତଃ ୫ଟାରୁ ସକାଳ ସାଢ଼େ ୬ଟା ଯାଏ ଅଟକି ରଖାଯାଇଥିଲା। ଦୀର୍ଘବର୍ଷ ଧରି କୁଡୁମୀ ଜାତିକୁ ଅନୁସୂଚିତ ଜନଜାତିରେ ପୁନଃ ଅନ୍ତର୍ଭୁକ୍ତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଆସୁଛି। ହେଲେ ସରକାର ଅଣଦେଖା କରିଆସୁଥିବାରୁ ଏଭଳି ପ୍ରତିବାଦ କରାଯାଇଛି।

## ମନେ ପଡ଼ନ୍ତି


ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰କୈଳାସ ଚନ୍ଦ୍ର ଦେବ୍
୫୩୧, ମହତାବ୍ ରୋଡ୍, (ଡାକବଙ୍ଗଳା ଛକ), ଭୁବନେଶ୍ୱର
ଆବିର୍ଭାବ-୦୫।୦୮।୧୯୪୦
ତିରୋଧାନ- ୧୧।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-ସ୍ମୃତି ଅର୍ଘ୍ୟରେ-
ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୯୯୮

4th Death Anniversary



LATE NABANITA DEY (MAMONI)
Kokila Home, Pokhariput
Bhubaneswar
Born: 20.11.1983 (Kartik Purnima)
Death: 06.10.2021 (Mahalaya Amavashya)
*Your Life was a blessing,*
*Your memory a treasure,*
*You are Loved beyond words*
*and missed beyond measure.*
In Grief
Satyajit Dey (Father)
Rita Dey (Mother)
and Rajiv Mitra (Husband)
ଧ-୭୬୯୪୦


# ଜ୍ଞାନ ହିଁ ପରିବର୍ତ୍ତିତ ବିଶ୍ୱ ପାଇଁ ଉପଯୋଗୀ: ଡ. ପି.କେ. ମିଶ୍ର

## ଆଇଆଇଏମ୍ ମୁମ୍ବାଇର ସମାବର୍ତ୍ତନ ସମାରୋହ

ଭୁବନେଶ୍ୱର, ୨୦।୯ (ପିଆଇବି)

ନବସୃଜନ କ୍ଷେତ୍ରରେ ଭାରତ ବିଶ୍ୱର ଏକ ପ୍ରମୁଖ ରାଷ୍ଟ୍ରରେ ପରିଣତ ହୋଇଛି। ଏବେ ଦେଶରେ ୧୦୦ରୁ ଅଧିକ ୟୁନିକର୍ନ ଓ ୧.୯ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛି। ଏହାସହ ସରକାର ୧ଲକ୍ଷ କୋଟି ଟଙ୍କାର ଅନୁସନ୍ଧାନ ଜାତୀୟ ଗବେଷଣା ଫଣ୍ଡ, ଇଣ୍ଡିଆ ଏଆଇ ମିଶନ ଏବଂ ଡିପ୍ ଟେକ୍ ଫଣ୍ଡ ଅଫ୍ ଫଣ୍ଡସ୍‌ର ଶୁଭାରମ୍ଭ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର କହିଛନ୍ତି। ଶନିବାର ଭାରତୀୟ ପ୍ରବନ୍ଧନ ପ୍ରତିଷ୍ଠାନ (ଆଇଆଇଏମ୍), ମୁମ୍ବାଇର ସମାବର୍ତ୍ତନ ସମାରୋହରେ ଯୋଗଦେଇ ଡ. ମିଶ୍ର କହିଲେ, ଜ୍ଞାନ ହିଁ କେବଳ ପରିବର୍ତ୍ତିତ ବିଶ୍ୱ ପାଇଁ ଉପଯୋଗୀ। ଭାରତର ଅଗ୍ରଣୀ ଆଇଆଇଏମ୍‌ଗୁଡ଼ିକ ମଧ୍ୟରେ ୬ଷ୍ଠ ସ୍ଥାନ ହାସଲ କରିଥିବାରୁ ଏହି ଶିକ୍ଷାନୁଷ୍ଠାନକୁ ସେ ପ୍ରଶଂସା କରିଥିଲେ। ମାନବ ସମ୍ବଳ ବିକାଶ ଉପରେ ଗୁରୁତ୍ୱ ଦେଇ ସେ କହିଲେ, ବୈଷୟିକ ଦକ୍ଷତା ସହ ଆଭିମୁଖ୍ୟ, ଦଳଗତ କାର୍ଯ୍ୟ, ମୁକ୍ତ ଭାବନା, ଆପୋସ ସମ୍ମାନ, ସହୃଦୟତା, ନୈତିକତା, ପାରଦର୍ଶିତା ଏବଂ ନିଷ୍ଠା ମଧ୍ୟ ଜରୁରୀ। ବ୍ୟକ୍ତିଗତ ଦକ୍ଷତା ଅପେକ୍ଷା ଦଳଗତ ଭାବନା ଗୁରୁତ୍ୱପୂର୍ଣ୍ଣ। ସରକାର ୨୦୧୬ରେ ଏକ ବହୁମୁଖୀ ମତାମତ ସଂଗ୍ରହ (ଏମ୍ଏସ୍ଏଫ୍) ବ୍ୟବସ୍ଥା ପ୍ରଚଳନ କରିଥିଲେ। ଏହି ବ୍ୟବସ୍ଥାରେ ବରିଷ୍ଠ, କନିଷ୍ଠ, ସହକର୍ମୀ ଏବଂ ବାହ୍ୟ ଅଂଶୀଦାରଙ୍କଠାରୁ ମୂଲ୍ୟାୟନ ସାମିଲ କରାଯାଇଛି। ଏହାବାଦ୍ ଏକ ଦ୍ରୁତ ବିକଶିତ ଭାରତର ଆକାଂକ୍ଷା ପୂରଣ କରିବା ପାଇଁ ଶାସନ ଢାଞ୍ଚାକୁ ନୂଆ ରୂପ ଦିଆଯାଇଛି। ସେହିପରି ଗ୍ରୁପ୍ 'ବି' ଏବଂ 'ସି' ପୋଷ୍ଟ ପାଇଁ ବ୍ୟକ୍ତିଗତ ସାକ୍ଷାତକାର ବନ୍ଦ କରାଯିବା ଫଳରେ ପକ୍ଷପାତିତା ହ୍ରାସ ପାଇଥିବା, ଆଇଗଟ୍ କର୍ମଯୋଗୀ ପ୍ଲାଟ୍‌ଫର୍ମ ଜରିଆରେ ୧.୩ କୋଟିରୁ ଅଧିକ ବ୍ୟବହାରକାରୀ ଏହାର ଲାଭ ପାଇପାରୁଛନ୍ତି। ସେହିପରି ମିଶନ କର୍ମଯୋଗୀ ସାର୍ବଜନୀନ କ୍ଷେତ୍ରର କ୍ଷମତା ନିର୍ମାଣର ଏକ ପରିବର୍ତ୍ତନକାରୀ ଶକ୍ତି ଭାବେ ଉଭା ହୋଇଛି। ଏହା ରାଜ୍ୟ, ସହରାଞ୍ଚଳ ପ୍ରଶାସନ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକରେ ୩୦ଲକ୍ଷରୁ ଅଧିକ କେନ୍ଦ୍ରୀୟ ପ୍ରଶାସନିକ କର୍ମଚାରୀ ଏବଂ ୧କୋଟିରୁ ଅଧିକ ଅଧିକାରୀଙ୍କ ନିକଟରେ ପହଞ୍ଚିଛି। ଭାରତ ଆଜି କେବଳ ପରିବର୍ତ୍ତନ ବିଷୟରେ କହୁନାହିଁ, ବରଂ ଏହାକୁ ଗତି, ବ୍ୟାପକତା ଏବଂ ଉଦ୍ଦେଶ୍ୟ ମାଧ୍ୟମରେ ପ୍ରମାଣ କରୁଛି ବୋଲି ସେ ମତ ରଖିଛନ୍ତି। ଶେଷରେ ଡ. ମିଶ୍ର ସ୍ନାତକମାନଙ୍କୁ ସେମାନଙ୍କର ନେତୃତ୍ୱ ଯାତ୍ରାରେ କର୍ମଯୋଗୀର ଭାବନାକୁ ଆଗକୁ ବଢ଼ାଇବାକୁ ଆହ୍ୱାନ କରିଛନ୍ତି।




ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।


SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214


# ଶାନ୍ତି ପ୍ରତିଷ୍ଠା ପାଇଁ ସମ୍ମିଳିତ ଉଦ୍ୟମ ଦରକାର

## ଆଜି ଅନ୍ତର୍ଜାତୀୟ ଶାନ୍ତି ଦିବସ

ବିଶ୍ୱର ଅନେକ ସ୍ଥାନରେ ଅସ୍ଥିରତା ଲାଗି ରହିଛି। ନିଜ ସ୍ୱାର୍ଥ ସାଧନ ପାଇଁ ଅନ୍ୟ ଦେଶ ଉପରେ ଆକ୍ରମଣ କରିବା ଦ୍ୱାରା ଅଶାନ୍ତ ପରିବେଶ ସୃଷ୍ଟି ହୋଇଥାଏ। ବର୍ତ୍ତମାନ ବିଶ୍ୱବାସୀ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛନ୍ତି। ଏହି ସମୟରେ ଶାନ୍ତିରେ ବ୍ୟାଘାତ ସୃଷ୍ଟି ହେଉଛି। କେବଳ ଖାଇପିଇ ବଞ୍ଚିଲେ ଚଳିବ ନାହିଁ, ଏକ ଶାନ୍ତ ପରିବେଶ ଆମକୁ ଅନେକାଂଶରେ ଟେନସନ୍‌ଠାରୁ ଦୂରେଇ ରଖିଥାଏ। ତେଣୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ 'ବିଶ୍ୱ ଶାନ୍ତି ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ୧୯୮୧ରେ ଜାତିସଂଘରେ ଏ ନେଇ ନିଷ୍ପତ୍ତି ନିଆଯାଇଥିଲା। ୨୦୦୧ରେ ପୁଣି ଏକ ବୈଠକରେ ଅହିଂସା ଏବଂ ଯୁଦ୍ଧ ବିରତି ଉପରେ ଗୁରୁତ୍ୱ ଦିଆଗଲା। ସମସ୍ତେ ଯଦି ଏକ ହୋଇ ଚେଷ୍ଟା କରିବେ, ତେବେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବା ଅନେକାଂଶରେ ସମ୍ଭବ ହେବ। ଏ ନେଇ ଚଳିତବର୍ଷର ବାର୍ତ୍ତା ରହିଛି 'ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇଁ କାମ କରିବା'।

# ଆଲ୍‌ଜିମର୍ସକୁ ନେଇ ସତର୍କ ରହିବା

## ଆଜି ବିଶ୍ୱ ଆଲ୍‌ଜିମର୍ସ ଦିବସ

ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ 'ଆଲ୍‌ଜିମର୍ସ' ଅନ୍ୟତମ। ଆଲୋଏ ଆଲ୍‌ଜିମର୍ସ ନାମକ ଜଣେ ଡାକ୍ତରଙ୍କ ନାମରେ ଏହି ରୋଗଟି ନାମିତ। କାରଣ ସେ ଥିଲେ ଏହି ରୋଗର ଆବିଷ୍କର୍ତ୍ତା। ହେଲେ ୧୯୦୭ ମସିହାରେ ଆବିଷ୍କୃତ ଏହି ରୋଗଟି ଚିକିତ୍ସା ବିଜ୍ଞାନୀଙ୍କ ସ୍ୱୀକୃତି ପାଇଲା। ଉକ୍ତ ରୋଗରେ ସ୍ମରଣଶକ୍ତି ଲୋପ ପାଇଯିବା ହେଉଛି ପ୍ରଧାନ ଲକ୍ଷଣ। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, ''ଆଲ୍‌ଜିମର୍ସ ରୋଗ ହେଲେ ରୋଗୀର ଶରୀର ଓ ମନ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିବା ଭଳି ଅବସ୍ଥା ଉପୁଜିଥାଏ। ତେଣୁ ଏହାକୁ କୁହାଯାଉଛି 'ମନ ହଜି ଯାଇଥିବା ରୋଗ' ଓ ରୋଗୀକୁ କୁହାଯାଉଛି 'ମନ ନ ଥିବା ମଣିଷ'। ରୋଗୀଠାରେ ସ୍ମରଣ ଶକ୍ତି, ବିଶେଷକରି ସଦ୍ୟ ସ୍ମୃତି ଲୋପ ପାଇଯିବାରୁ ତାହାର ଜୀବନ ହୋଇ ଉଠେ ଦୁର୍ବିଷହ। ଏକ ଅଭିଶପ୍ତ ଜୀବନକୁ ବୋହି ସେ ହୁଏ ଶ୍ମଶାନବାସୀ। ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖରେ ପାଳନ ହୋଇଥାଏ 'ବିଶ୍ୱ ଆଲ୍‌ଜିମର୍ସ ଦିବସ'। ଏହି ଦିବସ ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି -'ଆକ୍ସ ଏବାଉଟ୍ ଡେମିଣ୍ଟିଆ' ଅର୍ଥାତ୍, 'ଡେମିଣ୍ଟିଆ ବିଷୟରେ ପଚାରିବା'। ସୁତରାଂ ଆଲ୍‌ଜିମର୍ସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ପାଶ୍ଚାତ୍ୟ ଅଧିବାସୀଙ୍କ ତୁଳନାରେ ଆମ ଦେଶରେ ଆଲ୍‌ଜିମର୍ସ ରୋଗୀସଂଖ୍ୟା ଯଥେଷ୍ଟ କମ୍। ଆଲ୍‌ଜିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ଜାଣିରଖିବା କଥା ଯେ, ଆଲ୍‌ଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡ଼ିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ଭୁଲିଯାଏ ସେମାନଙ୍କ ନାଁ। ଘର ଛାଡ଼ି ବାହାରକୁ ଯାଇଥିଲେ ଫେରିବା ରାସ୍ତାକୁ ଠଉରେଇ ନ ପାରି ଘରକୁ



ଫେରିପାରେନି। ପଇସାପତ୍ର ଧାର ଦେଇଥିଲେ ତାହାକୁ ପରିଶୋଧ କରିବାକୁ ଭୁଲିଯାଏ। କଥାବାର୍ତ୍ତା କରିବା ସମୟରେ ଠିକ୍ ଶବ୍ଦ ଠିକ୍ ଜାଗାରେ ମୁଣ୍ଡକୁ ଢୁକି ନ ଥାଏ। ଏପରି କି ଆତ୍ମୀୟଙ୍କ ମୃତ୍ୟୁରେ ବି ତା'ଠାରେ କୌଣସି ପ୍ରତିକ୍ରିୟା ପରିଲକ୍ଷିତ ହୋଇ ନ ଥାଏ।

ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଗଲେ ଆଲ୍‌ଜିମର୍ସ ବାହାରିବା ଆଶଙ୍କା ବେଶି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଅଶିକ୍ଷିତ ବ୍ୟକ୍ତି ରୋଗଟି ପ୍ରତି ବେଶୀ ସମ୍ବେଦନଶୀଳ। ଏପରିକି ୨୦୫୦ ମସିହା ବେଳକୁ ଆଲ୍‌ଜିମର୍ସ ରୋଗୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଯାଇଥିବ ବୋଲି ଆକଳନ କରାଗଲାଣି। ସୁତରାଂ କାଳ ବିଳମ୍ବ ନ କରି ଏଥିପ୍ରତି ସତର୍କ ହୋଇଯିବା ବାଞ୍ଛନୀୟ। ତେବେ ଏହି ରୋଗଟିକୁ ସଥଳ ଚିହ୍ନଟ କରାଯାଇପାରୁନି କି ରୋଗରୁ ଉପଶମ ମିଳିପାରୁନି। ତେବେ ନିୟମିତ ବହି ଓ ଖବରକାଗଜ ପଢ଼ିବା, ସଭାସମିତିରେ ଯୋଗ ଦେବା, ଗପ, କବିତା ଲେଖିବା, ନୂଆ ଭାଷା ଶିଖିବା, ଚିତ୍ର ଆଙ୍କିବା ଏବଂ ନୂଆ ନୂଆ ରୁଚିରେ ମନ ଦେବା ଦ୍ୱାରା ରୋଗର ଆଗମନକୁ ବିଳମ୍ବିତ କରାଯାଇପାରେ। ତେବେ ଏହି ରୋଗ ପ୍ରକାଶ ପାଇଲେ ପରିବାର ସମସ୍ୟା ବହୁତ ବଢ଼ିଯାଏ। ତେଣୁ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଅପରିହାର୍ଯ୍ୟ।''


# Classified Everyday

0674-2580101, 9692975378



MATRIMONIAL

**BRIDE WANTED**

Handsome Brahmin Boy 1984, 5'10" serving officer Nationalised Bank. "Sunasansar" 9937512659. D-01

**GROOM WANTED**

ମା'ଙ୍କ ସହିତ ରହୁଥିବା 28 ବୟସ୍କା ଅବିବାହିତା କରଣ ଜାତିର ଚାକିରିଆ କନ୍ୟାଙ୍କ ପାଇଁ Anycaste ବରପାତ୍ର ଆବଶ୍ୟକ। 7852970280. D-2053



REAL ESTATE

**SALE**

CDA and RERA approved plot near Trisulia, CISF Campus, Black Loan facilities, Bank top road, Water supply, Electricity, Drainage. Contact- 7008513309. D-2062

ପୁରୀ ବାଟମଙ୍ଗଳା ସମ୍ମୁଖ 200 ଫୁଟ Bypass ରୋଡ୍ ପାଖରେ ଅତିଶୀଘ୍ର ଘରକରିବାଯୋଗ୍ୟ ପ୍ଲଟ୍ ଡିସିମିଲକୁ 12 ଲକ୍ଷ ଟଙ୍କା। ଯୋଗାଯୋଗ: 9438109040/ 8144658008. D-2034

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ଭୁବନେଶ୍ୱର **NISER, IIT** କଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

**Commercial cum residential plot, Gharabari with compoundwall touching to NH-316 Road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30=2400sqft. highland from road level. @2750/- per sqft. 7809525452.** D-76494




Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional & comfortable at all times-7978109255. D-76495

Newly open health benefits spa by experts therapist con 8658088274. D-1866

**AFFIDAVIT**

I, Satyanarayan Dash, S/o- Bhikari Charan Das, Village- Santarapur, P.O.-Bankuala, P.S.- Kamakhyanagar, Dist.- Dhenkanal, Odisha, solemnly declare that, I have changed my minor 9 year old son's name from SAHEB DAS to BADRINATH DASH dated- 01.09.2025 before Executive Magistrate, Kamakhyanagar. D-2051

By virtue of an affidavit sworn before Executive Magistrate, Puri, dt.- 18.09.25 I, Rajesh Kumar Kap Resident of Nuabudhakera of Mahura G.P. that my minor daughter's actual name RAJESWARI KAP but Rajshree Kap wrongly mentioned in aadhaar card. I change her name Rajashree Kap to RAJESWARI KAP for all purposes.
RAJESH KUMAR KAP
D-2059

By virtue of an affidavit sworn before the Notary Public, Birmaharajpur, date 18.09.25 I, Guna Jagadala, W/o- Trilochan Luha, R/o- Village- Baghamari, P.O./P.S.- Birmaharajpur, Dist.- Subarnapur declare that I have changed my name from Gunabati Luha to Guna Jagadala. Henceforth I shall be known as Guna Jagadala for all purposes.
Guna Jagadala
D-2057

By virtue of an affidavit, sworn in before the Executive Magistrate, Vyasanagar, I, Nirupama Swain aged about 43 years, addressed at present, At/P.O./P.S.: Panikoili, Dist.- Jajpur- 755043, do hereby declare that henceforth I will be known as NIRUPAMA NAYAK for all official purpose w.e.f. dated 18.09.2025. That Nirupama Swain and Nirupama Nayak is the same person that is me only. D-2052

By virtue of an affidavit sworn before the Executive Magistrate, Athgarh, District- Cuttack, dated- 08.09.2025 I, Ranjan Kumar Behera, S/o- Sukuta Behera, Address of Village- Mahalpada, P.O.- Kakhadi, P.S.- Choudwar, Dustrict- Cuttack, Odisha, PIN Code No.- 754027 declare that I have changed my son's name from Sai Behera(Old name) to Dibyanshu Behera(New name). Henceforth, he shall be known as Dibyanshu Behera for all purposes.
Ranjan Ku Behera
D-2060

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Swikruti Subhadarshini Pradhan D/o- Sarat Chandra Pradhan and Tulasi Biswal of village Santhasara, P.S.- Gondia, Dist.- Dhenkanal, PIN-759016, Odisha declare by this affidavit CF. No.- 33, dtd- 17/09/2025 in the Court of The Executive Magistrate, Bhubaneswar, that I have changed my name from Swikruti Subhadarshini Pradhan to Hanshika Shaamal W/o- Tusharr Ranjan Samal of village/P.O.- Aruha, P.S.- Dharmasala, Dist- Jajpur, PIN-755024, Odisha, that now onwards I shall be known as Hanshika Shaamal for all future purposes.
Hanshika Shaamal
D-2055

By virtue of an affidavit sworn before Executive Magistrate, Bhubaneswar, dated.- 20.09.2025, I, Sushree Sasmita Satpathy, At./P.O.- Sanda, P.S.- Parjang, Dist.- Dhenkanal, PIN- 759019 declare that I have changed my name from Sashmita Satapathy to Sushree Sasmita Satpathy. Henceforth, I shall be known as Sushree Sasmita Satpathy for all purposes.
Sushree Sasmita Satpathy
D-2029

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଏହି ସତ୍ୟପାଠଟିର ଶପଥ ଥିବା ହେତୁରୁ ଏହାକୁ ନୋଟାରୀଙ୍କ ଦ୍ୱାରା, ଭୁବନେଶ୍ୱରରେ ତା- ୨୦।୦୯।୨୦୨୫ରିଖରେ କରିଅଛି। ମୁଁ ସଲ ମାନ ଲୋ, ଠିକଣା:କ୍ୱାର୍ଟର ନଂ ଓ/୫, ଷ୍ଟେଜ୍-୩, ପୋ- ବୁଦ୍ଧେଶ୍ୱରୀ କଲୋନୀ, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୦୬। ମୁଁ ଘୋଷଣା କରୁଅଛି ଯେ ମୋର ନାମ ପରିବର୍ତ୍ତନ କରି ସଲମାନ ତାମଙ୍ଗା ରୁ ସଲ ମାନ ଲୋ (ନୂତନ ନାମ)। ଆଜି ପରଠାରୁ ମୁଁ ସଲ ମାନ ଲୋ (ନୂତନ ନାମ) ନାମରେ ସମସ୍ତ କ୍ଷେତ୍ରରେ ସ୍ୱାକ୍ଷର କରି ପରିଚିତ ହେବି।
ସଲ ମାନ ଲୋ
ଧ-୨୦୫୬

By virtue of an affidavit sworn before Notary Public, Bhubaneswar, dated 19.09.2025, Address: Flat No.508, S-Block, Trident Galaxy, Kalinga Vihar, Near TATA Ariana, Andharua, Bhubaneswar, Dist- Khordha, I, PRIYADARSHINI BEHARA, D/o Prashant Kumar Behara declare that my father's actual name is PRASANT KUMAR BEHARA. But some documents my father's name wrongly mentioned PRASANT BEHARA. So PRASANT KUMAR BEHARA and PRASANT BEHARA is same and one person.
PRIYADARSHINI BEHARA
D-2061

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Angul on dated 20.09.2025, I, Sarika Kalo, aged about 42 years, W/o- Malaya Ranjan Kalo, resident of At-Tasarda, P.O.- Paraposi, Dist.- Deogarh, Odisha, PIN- 768108 at present residing at Soubhagya Nagar, P.O./P.S./Dist.- Angul, Odisha, PIN- 759122 do hereby solemnly affirm and state as follows. That, my actual name is Sarika Kalo which has been mentioned in my Aadhaar Card vide No.- XXXX XXXX 3531. But my name has been wrongly mentioned as Sharikarani Kalo in the old Birth Certificate. Henceforth, she shall be known as Sarika Kalo for all purposes.
Sarika kalo
D-2063

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଟଙ୍କାଏ କମିଲା 'ରେଳ ନୀର'**

ରେଲୱେ ବୋର୍ଡ ଟ୍ରେନ୍‌ରେ ଉପଲବ୍ଧ 'ରେଳ ନୀର' ଦାମ୍ ୧ ଟଙ୍କା ହ୍ରାସ କରିଛନ୍ତି। ଏନେଇ ସମସ୍ତ ଜୋନାଲ ରେଲୱେ ଏବଂ ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜିମ୍ କର୍ପୋରେସନ ପାଇଁ ବୋର୍ଡ ପକ୍ଷରୁ ଶନିବାର ସର୍କୁଲାର ଜାରି ହୋଇଛି। ବର୍ତ୍ତମାନ ୧୫ ଟଙ୍କାରେ ଉପଲବ୍ଧ ୧ ଲିଟର ରେଳ ନୀର ବଟଲ ୧୪ ଟଙ୍କାରେ ଏବଂ ୧୦ ଟଙ୍କାରେ ଉପଲବ୍ଧ ୫୦୦ ମିଲିଗ୍ରାମ୍ ବଟଲ ୯ ଟଙ୍କାରେ ଉପଲବ୍ଧ ହେବ। ନୂଆ ମୂଲ୍ୟ ଆସନ୍ତା ୨୨ରୁ ଲାଗୁ ହେବାକୁ ଯାଉଛି।

# ରାହୁଲ, ସୋନିଆଙ୍କ ବିରୋଧରେ କୋର୍ଟରେ ମାମଲା

**ଲକ୍ଷ୍ନୌ,୨୦।୯(ପି.ଟି.)**

ରାଷ୍ଟ୍ର ବିରୋଧୀ ମନ୍ତବ୍ୟ ପାଇଁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାଜ୍ୟ ସଭା ସଦସ୍ୟ କେ.ସି. ବେଣୁଗୋପାଳ ଏବଂ ଜୟରାମ ରମେଶଙ୍କ ବିରୋଧରେ ଶନିବାର ଲକ୍ଷ୍ନୌର ଏକ କୋର୍ଟରେ ଅଭିଯୋଗ ଦାଏର ହୋଇଛି। ଜାନୁଆରୀ ୧୫ରେ ଦିଲ୍ଲୀରେ କଂଗ୍ରେସର ନୂଆ ମୁଖ୍ୟାଳୟ ଇନ୍ଦିରା ଭବନ ଉଦ୍‌ଘାଟନ ବେଳେ ରାହୁଲ କହିଥିଲେ, ସେ ଏବେ ଭାଜପା, ଆର୍‌ଏସ୍‌ଏସ୍ ଏବଂ ଭାରତ ରାଷ୍ଟ୍ର ବିରୋଧରେ ଲଢୁଛନ୍ତି। ଏହି ସମୟରେ ଅନ୍ୟ ଅଭିଯୁକ୍ତ କଂଗ୍ରେସ ନେତାମାନେ ଉପସ୍ଥିତ ଥିଲେ। ସେମାନେ ରାହୁଲଙ୍କ ମନ୍ତବ୍ୟକୁ ବିରୋଧ ନ କରି ସେମାନଙ୍କ ମୌନ ସମ୍ମତି ପ୍ରଦାନ କରିଥିଲେ। ଏହା ବିରୋଧରେ କେନ୍ଦ୍ରୀୟ ବାର୍ ଆସୋସିଏଶନ୍‌ର ପୂର୍ବତନ ସାଧାରଣ ସମ୍ପାଦକ ନୃପେନ୍ଦ୍ର ପାଣ୍ଡେ କୋର୍ଟରେ ଅଭିଯୋଗ ଦାଏର କରିଛନ୍ତି। ଦେଶରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ଦେଶ୍ୟମୂଳକ ଭାବେ ଏବଂ ଅତ୍ୟନ୍ତ ସ୍ଥିର ମସ୍ତିଷ୍କରେ ଏଭଳି ମନ୍ତବ୍ୟ ଦିଆଯାଇଛି। କେତେକ ନିର୍ଦ୍ଦିଷ୍ଟ ବିପଜ୍ଜନକ ଉଦ୍ଦେଶ୍ୟରେ ରାହୁଲ ଗାନ୍ଧୀ ଅନାବଶ୍ୟକ ଭାବେ ଦେଶର ମର୍ଯ୍ୟାଦାଜନକ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଉଥିବା ପାଣ୍ଡେ ଅଭିଯୋଗରେ ଦର୍ଶାଇଛନ୍ତି। ସ୍ୱତନ୍ତ୍ର ଅତିରିକ୍ତ ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଅଭିଯୋଗକୁ ଗ୍ରହଣ କରି ଅକ୍ଟୋବର ୧ରେ ଅଭିଯୋଗକାରୀଙ୍କ ଯୁକ୍ତି ଶୁଣିବାକୁ ସମୟ ଧାର୍ଯ୍ୟ କରିଛନ୍ତି।

# ଏଷ୍ଟୋନିଆରେ ପଶିଲା ରୁଷୀୟ ଯୁଦ୍ଧବିମାନ

**ଟେଲିନ୍,୨୦।୯**

ରୁଷିଆର ୩ଟି ଯୁଦ୍ଧବିମାନ ଏଷ୍ଟୋନିଆ ବାୟୁସୀମାକୁ ପ୍ରବେଶ କରିଛି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ବାଲ୍ଟିକ୍ ଏୟାର ପଲିସିଂ ମିଶନର ନିର୍ଦ୍ଦେଶକ୍ରମେ ଇଟାଲୀୟ ଜେଟ୍‌ଗୁଡ଼ିକ ଦେଇଥିବା ସଙ୍କେତକୁ ରୁଷୀୟ ପାଇଲଟ୍‌ମାନେ ଅଣଦେଖା କରି ବାୟୁସୀମା ଉଲ୍ଲଂଘନ କରିଥିବା ନେଇ ଶନିବାର ଏଷ୍ଟୋନିଆ ସେନା ପକ୍ଷରୁ କୁହାଯାଇଛି। ସେପ୍ଟେମ୍ବର ୧୦ରେ ୨୦ ରୁଷୀୟ ଡ୍ରୋନ୍ ପୋଲାଣ୍ଡ ବାୟୁସୀମାରେ ପ୍ରବେଶ କରିଥିବାବେଳେ ସଦ୍ୟ ଅତିକ୍ରମଣ ପାଶ୍ଚାତ୍ୟ ସାମରିକ ମେଣ୍ଟର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଯୁଦ୍ଧବିମାନ କୌଣସି ଦେଶର ବାୟୁସୀମାରେ ପ୍ରବେଶ କରି ନ ଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୨୦୨୭ ସୁଦ୍ଧା ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍

**ନୂଆଦିଲ୍ଲୀ,୨୦।୯**

୨୦୨୭ ଡିସେମ୍ବର ସୁଦ୍ଧା ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ମୁମ୍ବାଇ-ଅହମଦାବାଦ ହାଇସ୍ପିଡ୍ ରେଲ୍ କରିଡର ଅନ୍ତର୍ଗତ ସୁରଟ ଓ ବିଲିମୋରା ମଧ୍ୟରେ ଚଳାଚଳ କରିବ ବୋଲି ଆଶା କରାଯାଉଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ୨୦୨୮ ସୁଦ୍ଧା ଏହି ଲାଇନ୍ ଠାଣେରେ ଏବଂ ୨୦୨୯ ବେଳକୁ ମୁମ୍ବାଇର ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସରେ ପହଞ୍ଚିବ। ଠାଣେରେ ୫ କିଲୋମିଟର ଟନେଲ୍ ନିର୍ମାଣ ପରେ ଗଣମାଧ୍ୟମକୁ ସୂଚନା ଦେଇ ରେଳମନ୍ତ୍ରୀ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଗହଳି ସମୟରେ ବୁଲେଟ୍ ଟ୍ରେନ୍ ପ୍ରତି ୩୦ ମିନିଟ୍‌ରେ ଚଳାଚଳ କରିବ। ସମ୍ପୂର୍ଣ୍ଣ ଭିତ୍ତିଭୂମି ଶେଷ ହେବା ପରେ ପ୍ରତି ୧୦ ମିନିଟ୍‌ରେ ବୁଲେଟ୍ ଟ୍ରେନ୍ ଚାଲିବ।

# ସାମୁଦ୍ରିକ ଶକ୍ତି ବୃଦ୍ଧି ପାଇଁ ୭୦ ହଜାର କୋଟି

## ଓଡ଼ିଶା ସମେତ ୪ ରାଜ୍ୟରେ ଜାହାଜ ନିର୍ମାଣ, ମରାମତି କାରଖାନା ଲାଗି ଜମି ଚିହ୍ନଟ

**ନୂଆଦିଲ୍ଲୀ,୨୦।୯**

ଭାରତର ସାମୁଦ୍ରିକ ଶକ୍ତିରେ ବୃଦ୍ଧି ଘଟାଇ ବିଦେଶୀ ଜାହାଜଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ଭବିଷ୍ୟତରେ କୌଣସି ପ୍ରକାର ଯୋଗାଣ ଶୃଙ୍ଖଳ ବ୍ୟାହତ ସ୍ଥିତିକୁ ସାମନା କରିବା ପାଇଁ କେନ୍ଦ୍ର ସରକାର ୭୦,୦୦୦ କୋଟି ଟଙ୍କାର ୩ଟି ଯୋଜନା ଆଣିଛନ୍ତି। ଏହା ଦେଶର ଜାହାଜ ନିର୍ମାଣ କ୍ଷେତ୍ର ପାଇଁ ବିଶେଷ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଜାହାଜ ନିର୍ମାଣ ଓ ଜାହାଜ ମାଲିକାନା ସହ ବୈଶ୍ୱିକ ସ୍ତରରେ ଭାରତୀୟ ବନ୍ଦରଗୁଡ଼ିକର ମାଲ୍ ପରିବହନ କ୍ଷମତାକୁ ୩ ଗୁଣା ବୃଦ୍ଧି କରିବା ନେଇ ସରକାରଙ୍କ ଯୋଜନାର ଏହା ଏକ ଅଂଶ।

ସାମୁଦ୍ରିକ ଜାହାଜ ଚଳାଚଳ କ୍ଷେତ୍ରରେ ବିଶ୍ୱର ୧୦ ସର୍ବବୃହତ୍ ରାଷ୍ଟ୍ର ମଧ୍ୟରେ ଭାରତ ସାମିଲ ହୋଇପାରିବ ବୋଲି ଏଥିରେ ଆଶାବ୍ୟକ୍ତ କରାଯାଇଛି। ବର୍ତ୍ତମାନ ଭାରତ ଉଭୟ ଜାହାଜ ନିର୍ମାଣ ଓ ଜାହାଜ ମାଲିକାନା କ୍ଷେତ୍ରରେ ବିଶ୍ୱରେ ୧୬ତମ ସ୍ଥାନରେ ରହିଛି। ଭାରତ ମାଲିକାନାରେ ଥିବା ମାତ୍ର ୭ ପ୍ରତିଶତ ଜାହାଜ ସ୍ୱଦେଶରେ ନିର୍ମିତ। ତଥ୍ୟରୁ ଆହୁରି ଜଣାପଡ଼ିଛି ଯେ, ଭାରତୀୟ ମାଲବାହୀ ଜାହାଜଗୁଡ଼ିକରେ ରପ୍ତାନି ଆମଦାନୀ ୧୯୮୮



ମସିହାରେ ୪୧ ପ୍ରତିଶତ ଥିବାବେଳେ ୨୦୨୩ରେ ଏହା ୫ ପ୍ରତିଶତକୁ ଖସିଆସିଛି। ଶନିବାର ଗୁଜରାଟର ଭାବନଗରରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ହ୍ରାସ ଯୋଗୁ ଭାରତକୁ ବାର୍ଷିକ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ବିଦେଶୀ ଜାହାଜ କମ୍ପାନୀଗୁଡ଼ିକୁ ପୈଠ କରିବାକୁ ପଡୁଛି। ବିଦେଶୀ ଜାହାଜ କମ୍ପାନୀଗୁଡ଼ିକ ଭାରତଠାରୁ ନେଉଥିବା ଏହି ଅର୍ଥର ପରିମାଣ ଦେଶର ପ୍ରତିରକ୍ଷା ବଜେଟ ସହ ସମତୁଲ୍ୟ। ସରକାର ଜାହାଜ ନିର୍ମାଣକାରୀ କମ୍ପାନୀଗୁଡ଼ିକୁ ଶିପ୍ ବିଲ୍ଡିଂ ଫାଇନାନ୍ସିଆଲ ଆସିଷ୍ଟାନ୍ସ ଅଧୀନରେ ୨୫ ହଜାର କୋଟି ଟଙ୍କାର ସହାୟତା ଯୋଗାଇ ଦେବାକୁ ଥିବାବେଳେ ମାରିଟାଇମ୍ ଡେଭେଲପ୍‌ମେଣ୍ଟ ଫଣ୍ଡ ଅଧୀନରେ ୨୫ ହଜାର କୋଟି ଟଙ୍କା ଦୀର୍ଘମିଆଦୀ ଓ ସ୍ୱଳ୍ପ ସୁଧ ହାରରେ ପ୍ରଦାନ କରାଯିବ। ତୃତୀୟ ଯୋଜନା ଶିପ୍‌ବିଲ୍ଡିଂ ଡେଭେଲପ୍‌ମେଣ୍ଟ ସ୍କିମ୍ (ଏସ୍‌ଡିଏସ୍)ରେ ଗ୍ରୀନ୍‌ଫିଲ୍ଡ ଶିପ୍‌ବିଲ୍ଡିଂ ମେଗା କ୍ଲଷ୍ଟର ପାଇଁ ୨୦,୦୦୦ କୋଟି ଟଙ୍କାର ସହାୟତା ଦିଆଯିବ। ସୂତ୍ରରୁ ଜଣାପଡ଼ିଛି ଯେ, ଚାଇନା ଓ ଦକ୍ଷିଣ କୋରିଆ ଭଳି ବୃହତ୍ ସାମୁଦ୍ରିକ ଶକ୍ତିସମ୍ପନ୍ନ ରାଷ୍ଟ୍ରଗୁଡ଼ିକର ଅଭିଜ୍ଞତାକୁ ପାଥେୟ କରି ଏହି ଯୋଜନାଗୁଡ଼ିକ ଚୂଡ଼ାନ୍ତ ହୋଇସାରିଛି। ଏଗୁଡ଼ିକ ଲାଗୁହେଲେ ଦେଶରେ ୨ କୋଟି କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ। ଆସନ୍ତା ୨ ସପ୍ତାହ ମଧ୍ୟରେ ଉକ୍ତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ମିଳିବ ବୋଲି ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ଭାରତରେ ଥିବା ୬୧ ଶିପ୍‌ୟାର୍ଡ ମଧ୍ୟରୁ ମାତ୍ର ୮ଟି ହେଉଛି ବୃହତ୍ ଜାହାଜ ନିର୍ମାଣ କାରଖାନା। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଗୁଜରାଟ ଓ ତାମିଲନାଡୁରେ ଜାହାଜ ନିର୍ମାଣ ତଥା ମରାମତି ସକାଶେ ଗ୍ରୀନ୍‌ଫିଲ୍ଡ ବିକଶିତ କରିବା ପାଇଁ କେନ୍ଦ୍ର ସରକାର ପ୍ରତି ରାଜ୍ୟରେ ୨,୦୦୦ରୁ ୩,୦୦୦ ଏକର ପର୍ଯ୍ୟନ୍ତ ଜମି ଚିହ୍ନଟ କରିସାରିଛନ୍ତି।

# ୫ ନିୟୁତ 'ଗୋଲ୍ଡ କାର୍ଡ' ଆଣିଲେ ଟ୍ରମ୍ପ

**ନ୍ୟୁୟର୍କ/ୱାଶିଂଟନ୍,୨୦।୯**




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର 'ଦି ଗୋଲ୍ଡ କାର୍ଡ ଶୀର୍ଷକ' ଏକ ନୂଆ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ଆମେରିକାକୁ ସମର୍ଥନ ପାଇଁ ପ୍ରତିଶ୍ରୁତିବଦ୍ଧ ତଥା ସ୍ୱତନ୍ତ୍ର ଦକ୍ଷତାସମ୍ପନ୍ନ ବିଦେଶୀମାନଙ୍କ ଲାଗି ଏହା ଏକ ନୂଆ ଭିଜା ହାସଲର ପଥ ସୁଗମ କରିବ ବୋଲି କୁହାଯାଉଛି। ଗୋଲ୍ଡ କାର୍ଡ ଯୋଜନା ଅଧୀନରେ ଯେଉଁ ବ୍ୟକ୍ତିମାନେ ଆମେରିକା ଟ୍ରେଜେରିକୁ ୧ ନିୟୁତ ଡଲାର ପାଇଠ କରିପାରିବେ, ସେମାନେ ତ୍ୱରିତ ଭିଜା ସୁବିଧା ପାଇବେ, ଯାହାକି ଆମେରିକାରେ ଗ୍ରୀନ୍‌କାର୍ଡ ହାସଲ ଲାଗି ବାଟ ଫିଟାଇପାରେ ବୋଲି କୁହାଯାଉଛି। ଏହି କ୍ଷେତ୍ରରେ ସେମାନଙ୍କୁ କୌଣସି କମ୍ପାନୀ ଆମେରିକାକୁ ପଠାଉଥିଲେ ସମ୍ପୃକ୍ତ ସଂସ୍ଥାକୁ ୨ ନିୟୁତ ଡଲାର ଦେବାକୁ ପଡ଼ିବ। ଧନୀ ବିଦେଶୀମାନଙ୍କୁ ଆମେରିକାକୁ ଆକର୍ଷିତ କରିବା ପାଇଁ ଏହି ଭିଜା କାର୍ଯ୍ୟକ୍ରମ ଉଦ୍ଦିଷ୍ଟ। ଏହି ଯୋଜନାରେ ୫ ନିୟୁତ ଗୋଲ୍ଡ କାର୍ଡ ଜାରି କରିବା ପାଇଁ ଲକ୍ଷ ରଖାଯାଇଛି।

**OFFICE OF THE SUPERINTENDING ENGINEER P.H. DIVISION, BHANJANAGAR AT CHATRAPUR**

E-mail : eephchpr@gmail.com

No.C-1141

**CANCELLATION OF TENDER**

**Bid Identification No. 11/03/SPH(C)/2025-26 Dt.22.07.2025**

| Sl. No. | Name of the work | Estimated cost (Rs. in Lakh) |
|---|---|---|
| 1 | Procurement of 150mm to 450mm dia DI pipes inconnection with the work-Construction of intake well, laying of RWRM and ancillary works for improvement of water supply to Kodala NAC and Construction of WTP and laying of RWRM and CWRM with ancillary works for Sorada NAC under AMRUT 2.0 SWAP-III | Rs.371.03 Lakh |

The tender invited by this office for the above work vide Bid Identification No. 11/03/SPH(C)/2025-26 dt.22.07.2025 is hereby cancelled as per instruction of Engineer-in-Chief, P.H Odisha, Bhubaneswar vide letter no.9172 dt.18.09.2025.

Sd./- Additional Chief Engineer
P.H. Division, Bhanjanagar at Chatrapur

OIPR-13013/11/0027/2526

**ODISHA JOINT ENTRANCE EXAMINATION-2025**

No. OJEE/539 Date: 20.09.2025

**NOTICE**

**COUNSELLING FOR POSTGRADUATION COURSE [MD (HOM.)] & POSTGRADUATION COURSE [MD/MS (AYURVEDIC)] FOR THE SESSION 2025-26**

**No.h-10** : This is for the information of all the candidates who have qualified in AIAPGET – 2025 examination and are interested to take admission into **PG [MD (HOM.)] / PG [MD/MS (AYURVEDIC)]** courses offered by various institutes in Odisha for the session 2025-26, that the process of Online Registration, Choice Filling and Locking is scheduled to start from 22nd September 2025, 05.00 PM. For other details like schedule and Detail Information & Instructions for eligibility, counselling process etc., candidates are advised to visit OJEE website and carefully read the "Information & Instructions 2025" for different programs, available in OJEE website: http://ojee.nic.in

OIPR-14020/11/0011/2526 Sd./- Chairman, OJEE

No.JJ-52

**Directorate of Ports & Inland Water Transport**

Fortune Tower, Ground Floor, Zone - A, Chandrasekharpur, Bhubaneswar, Phone : 0674-2300885, Email : portsniwt.od@nic.in

**e-PROCUREMENT NOTICE**

**Bid Identification No. DPIWT - 16/2025-26**

| | | |
|---|---|---|
| 01. | Name of work | : **Construction of Jetty and Public Rain Shelter (Yatri Bishramgara) at Subarnapur Village under Rajnagar Block of Kendrapada District** |
| 02. | No. of works | : **1 (One) No.** |
| 03. | No. of Covers | : **Double cover** |
| 04. | Approximate Value of works | : **Rs.6.81 Crore** |
| 05. | Bid Cost | : **Rs.10,000.00** |
| 06. | Period of Completion | : **11 (Eleven) Calendar Months** |
| 07. | Date & Time of availability of bid document in the portal | : **23.09.2025 to 13.10.2025 upto 05.00 P.M.** |
| 08. | Date & Time of Bid Clarification | : **23.09.2025 to 03.10.2025 upto 03.00 P.M.** |
| 09. | Last date & time for receipt of bids in the portal | : **13.10.2025 up to 05.00 P.M.** |
| 10. | Date of opening of bid document (Cover-I) | : **14.10.2025 at 11.30 A.M.** |
| 11. | Date of document verification | : **Within five (05) working days from the date of Technical Bid (Cover-I) opening** |
| 12. | Date of transparent lottery process (If situation arises) | : **Intimation will be given through online** |
| 13. | Class of Contractor | : **"A" & "Special" Class Contractor** |
| 14. | Name and address of Officer Inviting Tender (OIT) | : **Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, PIN-751023 Phone : 0674-2390355, Fax - 2396885, e-Mail : portsniwt.od@nic.in** |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

Sd./- Director
Ports & IWT, Odisha

OIPR-38035/11/0048/2526

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 6783 / P.S.C., Dt. 20.09.2025**

**1E-12-2025/26 (DR-III)**

**Recruitment to the Post of Post Graduate Teacher in Discipline - SOCIOLOGY**

**(Advertisement No.25 of 2023-24)**

**No.D-223** : In continuation to this Office Notice No. 5513/PSC, dtd. 01.08.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Sociology Discipline**, pursuant to Advertisement No. 25 of 2023-24 will be held from **27.10.2025 to 29.10.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 27.10.2025 | 08.30 A.M. | 10.30 A.M. | 103897, 103898, 103906, 103943, 103949, 103956, 103973, 202588, 202589, 202590, 202639, 202653, 202663, 202667, 309287, 309301, 309303, 309310, 309311, 309323, 309337, 309344, 309356, 309362, 309367, 309378, 309389, 309401, 309404 & 309415 **= 30 Candidates** |
| | 12.30 P.M. | 02.30 P.M. | 309418, 309423, 309427, 309442, 309458, 309463, 309488, 309490, 309491, 309498, 309515, 309553, 309568, 309573, 309585, 309601, 309617, 309622, 309626, 309636 & 309647 **= 21 Candidates** |
| 28.10.2025 | 08.30 A.M. | 10.30 A.M. | 309653, 309669, 309671, 309678, 309681, 309682, 309691, 309699, 309702, 309703, 309707, 309711, 309713, 309716, 309719, 309734, 309740, 309754, 309756, 309763, 309769, 309775, 309778, 309800, 309808, 309812, 309823, 309828, 309833 & 309834 **= 30 Candidates** |
| | 12.30 P.M. | 02.30 P.M. | 309836; 309842; 309848, 309849, 309864, 309870, 309878, 309879, 309880, 309897, 309910, 309918, 309921, 309923, 404159, 404163, 404170, 404206, 404235, 404293 & 404310 **= 21 Candidates** |
| 29.10.2025 | 08.30 A.M. | 10.30 A.M. | 404311, 404323, 404327, 404355, 404357, 404362, 404365, 404379, 404382, 404391, 404394, 505995, 506022, 506028, 506047, 506049, 506051, 506068, 506074, 506078, 506083, 506085, 506087, 506093, 506107, 506148, 506165, 506186 & 506192 **= 29 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of Self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** passport size photographs (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree Certificate** in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports, Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0321/2526 Sd./- Secretary

NO.A-640

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**BALANGIR IRRIGATION CIRCLE, BALANGIR**

E-mail : sebalangir@gmail.com

**"e-Procurement Notice"**

**Bid Identification No. : ACE, BOIC-04/2025-26**

**Procurement Details**

| Pkg. No. | Name of works | Approx. Tender Cost in lakh | Class of Contractor | Bid Security/ EMD-(online) | Cost of tender document (online)-(in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Improvement to Inspection canal road of Dunguripali minor of taking RD 37.340 KM of Ong Main Canal (Working RD 0.00 KM to RD 3.380 KM) | **Rs.241.45 Lakh** (excluding G.S.T) | 'A' & 'B' Class | **Rs.2,41,500/-** | Rs.10,000/- | 12(Twelve) Calendar Months |

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC - 04/2025-26 | Dt.25.09.2025 at 10.00 A.M. | Dt.13.10.2025 up to 05.30 P.M. | Dt.26.09.2025 to Dt.10.10.2025 At Office during office hours. (In working days) | Dt.14.10.2025 at 11.00 A.M. | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal **"https://www.tendersodisha.gov.in"**

Sd./- Additional Chief Engineer
Balangir Irrigation Circle, Balangir

OIPR-32347/11/0005/2526

**OFFICE OF THE DEAN & PRINCIPAL**
**FAKIR MOHAN MEDICAL COLLEGE & HOSPITAL, BALASORE**

Remuna, Balasore, Odisha - 756019
E-mail: dean.fmmchb@gmail.com Tel.: 06782-224901

**No. 5563/D/FMMCHB** **Date: 20.09.2025**

No. E-399: Sealed tenders (in two bid system) are invited from the interested reputed Travel Agencies/Tour Operators/Individuals for providing 01 (One) No. of AC Petrol BS-VI emission compliant vehicle (Tiago/Bolt/Celerio/Higher Model same version within same range) having sitting capacity not more than 05 (Five) including driver for official use of the Dean & Principal, FMMCH, Balasore. The proposal of the prescribed format along with all supportive documents should reach to the office of the Dean & Principal, FMMCH, Balasore by 14.10.25 (5 P.M.) through Regd. Post/Speed Post/Courier only. The bidders may download the tender documents directly from the website **(www.baleswar.odisha.gov.in)**. Authority reserves every right to reject all or any of the tender without assign any reason thereof.

Sd./- Dean & Principal
Fakir Mohan Medical College & Hospital, Balasore

OIPR-10134/11/0053/2526

**ପୌର ପରିଷଦ, ବେଲପାହାଡ଼**

ପତ୍ର ସଂ.: ୧୭୨୩ ତା୧୯।୦୯।୨୦୨୫

**ଅଭିବ୍ୟକ୍ତି ପ୍ରକାଶନ**

No. C-1136: ଏତଦ୍ୱାରା ବେଲପାହାଡ଼ ପୌର ପରିଷଦର ସମସ୍ତ ୧୯ ଗୋଟି ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅନ୍ତର୍ଗତ ସ୍ୱଚ୍ଛ କର୍ମୀ ନିୟୋଜନ ସକାଶେ ଇଚ୍ଛୁକ ଓ ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ କରୁଥିବା ମିଶନ ଶକ୍ତି ଗୋଷ୍ଠୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏଣୁ ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା୧୯।୦୯।୨୦୨୫ରିଖରୁ ତା୨୬।୦୯।୨୦୨୫ରିଖ ଅପରାହ୍ନ ୧୧ଟା ସୁଦ୍ଧା କେବଳ ସ୍ପିଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌର ପରିଷଦରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ। ଧାର୍ଯ୍ୟ ସମୟ ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା୨୬।୦୯।୨୦୨୫ରିଖ ସମୟ ସନ୍ଧ୍ୟା ୩.୩୦ ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି। ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନପତ୍ର ଝାରସୁଗୁଡ଼ା ଜିଲ୍ଲା ୱେବସାଇଟ **www.jharsuguda.nic.in**ରୁ ମଧ ଡାଉନଲୋଡ କରିପାରିବେ। ଅଧିକ ଜାଣିବା ପାଇଁ ବେଲପାହାଡ଼ ପୌର ପରିଷଦ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରନ୍ତି।

**ବିଶେଷ ଦ୍ରଷ୍ଟବ୍ୟ:** ୧. ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ବେଲପାହାଡ଼ ପୌର ପରିଷଦ କିମ୍ବା ଜିଲ୍ଲା ଦ୍ୱାରା କୌଣସି ଚୁକ୍ତିଭିତ୍ତିକ କାର୍ଯ୍ୟ ଯଥା: (ଆହାର, FSTP, MCC, MRF, ଚୁଡ଼ା ଛତୁଆ ଇତ୍ୟାଦିରେ) କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇନଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ବେଲପାହାଡ଼

OIPR-13050/11/0021/2526

No.C-1128

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BALANGIR**

Email ID - eephbgr@yahoo.co.in , Ph. No. - (06652-234647)

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. ACE PH BGR 06/2025-26 Dt. 19.09.2025**

| | | |
|---|---|---|
| 01 | Number of the Works | : 03 Nos. |
| 02 | Estimated Cost | : Rs. 41.67 Lakhs to 610.64 Lakhs |
| 03 | Period of Completion | : 03 (Three) Calendar Months |
| 04 | Date & Time of availability of bid document in the portal | : From 11.00 A.M. of dt. 25.09.2025 to 5.00 P.M. of dt. 09.10.2025 |
| 05 | Last date / time of receipt of bids in the portal | : 5 P.M. of dt. 09.10.2025 |
| 06 | Date & Time of opening of Bids | : At 11.30 A.M. of dt. 10.10.2025 |
| 07 | Name and Address of the Officer Inviting Bid | : **The Addl. Chief Engineer Office of the Additional Chief Engineer Public Health Division, Balangir At-Tulasinagar, PO/Dist-Balangir, Pin-767001, Odisha, Phone : 06652-234647 E-mail : eephbgr@yahoo.co.in** |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Addl. Chief Engineer
P.H. Division, Balangir

OIPR-13005/11/0038/2526

**EXPRESSION OF INTEREST (EOI)**

**No.C-1140** : Bellaguntha NAC invites EOI from experienced competent and eligible Agencies/Suppliers/Bidders for supply and installation of the different items as mentioned below for Development of the Smart Park (Gyanadevi Udyan) to the office of NAC Bellaguntha.

| Sl. No. | Name of the Item Required |
|---|---|
| 01 | Supply & Installation of Floating Jetty |
| 02 | Supply, Installation & Trail run of Trackless Train |
| 03 | Supply, Installation & trail run of Pedal Boats |

The Tender Schedules will be available at Development Section of NAC Bellaguntha @ Rs.1000/- (Rupees One Thousand) only per each schedule from **Dt-20.09.2025, 11.00 A.M. to 3.00 P.M. of 03.10.2025** (Within Working Day & Office Hours) and the tender schedule received with in stipulated time period will be open on 03.10.2025 at 4.00 P.M. in presence of the respective quotationers and their authorized representatives.

Any other clarification regarding EOI may contact Development Section of NAC Bellaguntha or Email : **eonacbellaguntha@gmail.com.**

The authority reserves the right to accept, reject or cancel any or all the quotations without assigning any reason thereof.

Sd./- Executive Officer
NAC, Bellaguntha

OIPR-13113/11/0040/2526

**Government Of Odisha "e" Procurement of Notice**

**Bid Identification No. 02 of 2025-26**

**(Ref-TCN No. 499/Dated 20.09.2025)**

No.H-28 **No. 502 date : 20.09.2025**

| Sr. No. | Item | Details |
|---|---|---|
| 1 | The Sub-Collector-Padampur-cum-Chairman, RMC Padampur invites percentage rate bids in Single cover system in ONLINE MODE only for work as detailed below : | |
| 2 | Nature of the work | Construction of Black rice processing unit at Jagdalpur PPC, RMC Padampur |
| 3 | No. of work | 1 Nos |
| 4 | Bid Cost | Rs.6000.00 online transfer |
| 5 | Value of Tender | Rs. 14.73 lakhs |
| 6 | Class of Contractor | "D" & "C" Class |
| 7 | Availability of Bid Documents in the website | **Dt.22.09.2025 to 03.10.2025** |
| 8 | Last date/time of Receipt of bids in the portal | **Dt.03.10.2025 up to 5.00 P.M.** |
| 9 | Date of opening of bid | **Dt.04.10.2025 at 11.30 A.M.** |
| 10 | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any Addendum/Corrigendum/ Cancellation of the Tender etc can also be seen in the website : https://tendersorissa.gov.in. | |

Sd./- Sub-Collector, Padampur-Cum-Chairman
R.M.C. Padampur

OIPR-01478/11/0004/2526

# ଆଜି ଭାରତ-ପାକିସ୍ତାନ ମ୍ୟାଚ୍

**ଏସିଆ କପ୍ କ୍ରିକେଟ**

ଦୁବାଇ,୨୦ା୯(ପି.ଟି.)

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ଏସିଆ କପ୍‌ର ସୁପର-୪ ପର୍ଯ୍ୟାୟରେ ରବିବାର ଏକ ହାଇଭୋଲ୍ଟେଜ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହି ମ୍ୟାଚ୍ ପୂର୍ବରୁ ଠିକ୍ ଏକ ସପ୍ତାହ ତଳେ ଦୁଇ ଦଳ କ୍ରିକେଟ ପଡ଼ିଆରେ ମୁହାଁମୁହିଁ ହୋଇଥିଲେ। ମ୍ୟାଚ୍‌ରେ ପ୍ରତିପକ୍ଷ ଦଳର ଖେଳାଳିଙ୍କ ସହ ଭାରତୀୟ ଖେଳାଳିଙ୍କର ହାତ ନ ମିଳାଇବା ନିଷ୍ପତ୍ତିକୁ ନେଇ ପ୍ରବଳ ବିବାଦ ହୋଇଥିଲା। ଭାରତୀୟ ଦଳର ନୋ-ହ୍ୟାଣ୍ଡସେକ ପଲିସି ରବିବାର ହେବାକୁ ଥିବା ମ୍ୟାଚ୍‌ରେ ମଧ୍ୟ ଜାରି ରହିବ। ମ୍ୟାଚ୍ ପୂର୍ବରୁ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଯେତେବେଳେ ହ୍ୟାଣ୍ଡସେକ୍ ପ୍ରସଙ୍ଗ ଏବଂ ପାଇକ୍ରଫ୍ଟଙ୍କ ଉପସ୍ଥିତି ସମ୍ପର୍କରେ ପଚରାଗଲା, ସେ ବିଷୟବସ୍ତୁ ଏଡ଼ାଇ ମ୍ୟାଚରେ ବଲ୍ ଓ ବ୍ୟାଟ୍ ମଧ୍ୟରେ ଏକ ସଂଘର୍ଷ ଦେଖିବାକୁ ମିଳିବ ବୋଲି କହିଛନ୍ତି। ଟୁର୍ନାମେଣ୍ଟରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱାଧୀନ ଦଳ ଏପର୍ଯ୍ୟନ୍ତ ଅପରାଜିତ ରହିବା ସହ ପ୍ରତ୍ୟେକ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛି। ଭାରତୀୟ ଦଳରେ ପ୍ରାୟତଃ କୌଣସି ପ୍ରକାର ସମସ୍ୟା ନାହିଁ। ହେଲେ ଓମାନ ବିପକ୍ଷ ମ୍ୟାଚ୍‌ରେ ଏକ କ୍ୟାଚ୍ ଧରିବା ବେଳେ ଅକ୍ଷର ପଟେଲଙ୍କ ମୁଣ୍ଡରେ ବଲ ବାଜିଥିଲା। ଏହି ଆହତ ସମସ୍ୟା ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଚିନ୍ତିତ କରିପାରେ। କିନ୍ତୁ ଅକ୍ଷର ସମ୍ପୂର୍ଣ୍ଣ ଫିଟ୍ ଥିବା ଫିଲ୍ଡିଂ କୋଚ୍ ଟି. ଦିଲୀପ କହିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ସୂର୍ଯ୍ୟ ଭାରତୀୟ ଦଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କ ପ୍ରଦର୍ଶନ ଯାଞ୍ଚ କରିବାକୁ ଚାହୁଁଥିଲେ। ହର୍ଷିତ ରାଣା ଓ ଅର୍ଶଦୀପ ସିଂ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ପାକିସ୍ତାନରେ ଜନ୍ମିତ ଓମାନର ୪୩ ବର୍ଷୀୟ ଅମିର କାଲିମ ଓ ହାମଦ ମିର୍ଜା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଏହି ମ୍ୟାଚ୍ ଲାଗି ଯଶପ୍ରୀତ ବୁମରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ବିଶ୍ରାମ ଦିଆଯାଇଥିଲା। ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମର ପିଚ୍ ଧିମା ବୋଲରଙ୍କୁ ସୁହାଏ। ଏଣୁ ଭାରତୀୟ ଦଳ ଟୁର୍ନାମେଣ୍ଟରେ ସର୍ବାଧିକ ୮ ଉଇକେଟ ନେଇଥିବା କୁଲଦୀପ ଯାଦବ, ଅକ୍ଷର ଓ ବରୁଣଙ୍କୁ ଖେଳାଇବ। ଯଦି ଅକ୍ଷର ଫିଟ୍ ନ ଥାନ୍ତି, ତେବେ ୱାଶିଂଟନ ସୁନ୍ଦର କିମ୍ବା ରିୟାନ ପରାଗଙ୍କୁ ଡାକରା ଦିଆଯିବ। ନଂ-୩ରେ ସଞ୍ଜୁ ସାମସନ ଓମାନ ବିପକ୍ଷରେ ଅର୍ଦ୍ଧଶତକ କରିଥିଲେ। ହେଲେ ତାଙ୍କ ବଦଳରେ ସୂର୍ଯ୍ୟ ଏହି ପୋଜିଶନରେ ବ୍ୟାଟିଂ କରିବେ। ଯଦି ପାୱାରପ୍ଲେ ମଧ୍ୟରେ ଅଭିଷେକ ଶର୍ମା ଆଉଟ୍ ହୁଅନ୍ତି, ତେବେ ବାମହାତୀ ତିଲକ ବର୍ମା ନଂ-୩ରେ ଆସିବେ।

ଅନିଶ୍ଚିତତା ପାଇଁ ଜଣାଯାଉଥିବା ପାକିସ୍ତାନର ବର୍ତ୍ତମାନ ଦଳରେ କ୍ୱାଲିଟିର ଅଭାବ ରହିଛି। ମୁଖ୍ୟତଃ ବ୍ୟାଟିଂ ବିଭାଗ ଦଳର ଦୁର୍ବଳତା। ଦଳର କୌଣସି ବ୍ୟାଟର ସ୍ପିନରଙ୍କୁ ପଢ଼ିପାରୁ ନାହାନ୍ତି। ଓପନର ସଇମ ଆୟୁବ ୩ଟି ମ୍ୟାଚ୍‌ରେ ରନଠାରୁ ଅଧିକ ଉଇକେଟ ନେଇଛନ୍ତି। କେବଳ ଫଖର ଜମାନ ଓ ଶାହିନ ଶାହ ଆଫ୍ରିଦି ଚଳିତ ଟୁର୍ନାମେଣ୍ଟରେ ଭଲ ବ୍ୟାଟିଂ କରିଛନ୍ତି। ଗତ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ୩ ସ୍ପିନରଙ୍କୁ ଖେଳାଇଥିଲା। କିନ୍ତୁ ରବିବାର ହାରିସ ରୌଫଙ୍କୁ ସାମିଲ କରାଯିବାର ବିଶେଷ ସମ୍ଭାବନା ରହିଛି।

**ମ୍ୟାଚ୍ ସମୟ- ରାତି ୮ଟା**
**ସ୍ଥାନ - ଦୁବାଇ**
**ପ୍ରସାରଣ- ସୋନୀ ସ୍ପୋର୍ଟ୍ସ ନେଟୱର୍କ**



ଖବରଦାତା ସମ୍ମିଳନୀରେ ସୂର୍ଯ୍ୟକୁମାର ଯାଦବ।



ଟୋକିଓ: ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୫,୦୦୦ ମିଟର ଫାଇନାଲରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ଓ ରୌପ୍ୟ ବିଜେତା କେନିଆର ବିଟ୍ରିସ ଚେବେଟେ ଓ ଫେଥ୍ କିପ୍‌ୟେଗନ ଖୁସି ମୁହୂର୍ତ୍ତରେ।

## ପାଇକ୍ରଫ୍ଟଙ୍କୁ ରେଫରି ଦାୟିତ୍ୱ

ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପୁଣି ଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲ୍ଟେଜ ଏସିଆ କପ୍ ସୁପର-୪ ମ୍ୟାଚ୍ ଲାଗି ମ୍ୟାଚ୍ ରେଫରି ଭାବେ ଆଣ୍ଡି ପାଇକ୍ରଫ୍ଟଙ୍କୁ ନିଯୁକ୍ତ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଆଇସିସି ଏଭଳି ନିଷ୍ପତ୍ତି ନେଇଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ମ୍ୟାଚ୍ ଅଫିସିଆଲଙ୍କ ତାଲିକା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଏସିଆ କପ୍ ଟୁର୍ନାମେଣ୍ଟ ଲାଗି ନିଯୁକ୍ତ ଅନ୍ୟ ରେଫରି ହେଉଛନ୍ତି ୱେଷ୍ଟଇଣ୍ଡିଜର ପୂର୍ବତନ ଅଧିନାୟକ ରିଚି ରିଚାର୍ଡସନ। ଗତ ରବିବାର ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ପଡ଼ୋଶୀଙ୍କ ମଧ୍ୟରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ପାଇକ୍ରଫ୍ଟ ହିଁ ରେଫରି ଥିଲେ। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରତିପକ୍ଷ ଦଳ କିମ୍ବା ମ୍ୟାଚ୍ ଅଫିସିଆଲଙ୍କ ସହ ହାତ ନ ମିଳାଇବା ନିଷ୍ପତ୍ତି ନେଇଥିଲା। କିନ୍ତୁ ଟସ୍ ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପରମ୍ପରା ପାଳନ ନ କରିବାରୁ ପାଇକ୍ରଫ୍ଟ ବିବାଦରେ ଫସି ଯାଇଥିଲେ। ଏଥିଯୋଗୁ ପାଇକ୍ରଫ୍ଟଙ୍କୁ ଟୁର୍ନାମେଣ୍ଟରୁ ହଟାଇବା ଲାଗି ପିସିବି ପକ୍ଷରୁ ଆଇସିସିକୁ ଦୁଇ ଥର ମେଲ୍ କରାଯାଇଥିଲା। ଉଭୟ ଅନୁରୋଧକୁ ଆଇସିସି ପ୍ରତ୍ୟାଖ୍ୟାନ କରିବା ସହ ପାଇକ୍ରଫ୍ଟ କିଛି ଭୁଲ୍ କରି ନ ଥିବା କୁହାଯାଇଥିଲା। ଏସିଆ କ୍ରିକେଟ କାଉନ୍‌ସିଲ (ଏସିସି)ର ଭେନ୍ୟୁ ମ୍ୟାନେଜର ଦେଇଥିବା ବାର୍ତ୍ତାକୁ ପାଇକ୍ରଫ୍ଟ ଉଭୟ ଅଧିନାୟକଙ୍କୁ ଜଣାଇଥିଲେ। ପରେ ଆଇସିସି ଦ୍ୱାରା ପାଇକ୍ରଫ୍ଟ ଓ ପାକିସ୍ତାନ ଦଳର ଅଧିନାୟକ ସଲମାନ ଅଲୀ ଆଘା, ମୁଖ୍ୟ କୋଚ୍ ମାଇକ ହେସନ ଓ ମ୍ୟାନେଜର ନବିଦ ଆକ୍ରମ ଚିମାଙ୍କ ସହ ଏକ ବୈଠକ କରାଯାଇଥିଲା, ଯେଉଁଠାରେ ସେ ଭୁଲ୍ ବୁଝାମଣା ଲାଗି କ୍ଷମାପ୍ରାର୍ଥନା କରିଥିଲେ।

### ଖବରଦାତା ସମ୍ମିଳନୀକୁ ଏଡ଼ାଇଲା ପାକିସ୍ତାନ

ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛି। ପାଇକ୍ରଫ୍ଟଙ୍କ ନିଯୁକ୍ତି ସମ୍ପର୍କରେ ପ୍ରଶ୍ନରୁ ବର୍ତ୍ତିବା ପାଇଁ ପାକିସ୍ତାନ ପୁଣି ଥରେ ମ୍ୟାଚ୍ ପୂର୍ବରୁ ପ୍ରେସ୍ କନ୍‌ଫରେନ୍ସକୁ ବୟକଟ୍ କରିଦେଇଛି।

## ବାଂଲାଦେଶର ରୋମାଞ୍ଚକ ବିଜୟ

ଦୁବାଇ,୨୦ା୯

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ପ୍ରଥମ ସୁପର-୪ ମ୍ୟାଚ୍‌ରେ ବାଂଲାଦେଶ ୪ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ବିଜୟ ସହ ଦଳ ୨ ପଏଣ୍ଟ ହାସଲ କରିଛି। ଦାସୁନ ଶନକାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଶ୍ରୀଲଙ୍କା ଦ୍ୱାରା ଧାର୍ଯ୍ୟ ୧୬୯ ରନର ବିଜୟ ଲକ୍ଷ୍ୟକୁ ବାଂଲାଦେଶ ୧୯.୫ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଦଳ ତା'ର ଦ୍ୱିତୀୟ ସୁପର-୪ ମ୍ୟାଚ୍‌ରେ ଭାରତକୁ ୨୪ ତାରିଖରେ ସମାନ ଭେନ୍ୟୁରେ ଭେଟିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଥିଲା। ଦଳକୁ ପଥୁମ ନିଶଙ୍କା (୨୨) ଓ କୁସାଲ ମେଣ୍ଡିସ (୩୪) ଭଲ ଆରମ୍ଭ ଦେଇଥିଲେ। ହେଲେ ମିଡିଲ ଅର୍ଡର ଫେଲ ମାରିଥିଲା। ଏଭଳି ପରିସ୍ଥିତିରେ ଶନକା ୩୭ ବଲରେ ୩ ଚୌକା ଓ ୬ ଛକା ସହିତ ୬୪ ରନ କରିଥିଲେ। ବାଂଲାଦେଶ ପକ୍ଷରୁ ମୁସ୍ତାଫିଜୁର ରହମାନ ୩, ମେହେଦି ହସନ ୨ ଓ ଟସ୍କିନ ଅହମଦ ୧ ଉଇକେଟ ନେଇଥିଲେ। ଜବାବରେ ବାଂଲାଦେଶ ୧୯.୫ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମ୍ୟାଚ୍‌ରେ ୧୮.୨ ଓଭର ସୁଦ୍ଧା ୩ ଉଇକେଟରେ ୧୫୯ ରନ କରି ବାଂଲାଦେଶ ଅତ୍ୟନ୍ତ ଫାଇଦାରେ ଥିଲା। ହେଲେ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ପଡ଼ିବାରୁ ମ୍ୟାଚ୍‌ରେ ରୋମାଞ୍ଚ ଭରି ଯାଇଥିଲା। ଶେଷ ଓଭରରେ ବାଂଲାଦେଶକୁ ଜିତିବା ପାଇଁ ୫ ରନ ଦରକାର ଥିବା ବେଳେ ପ୍ରଥମ ବଲରେ ଜାକର ଅଲୀ ଚୌକା ଲଗାଇଥିଲେ। ହେଲେ ପରବର୍ତ୍ତୀ ୩ ବଲରେ ଶନକା ଦୁଇ ଉଇକେଟ ନେଇଥିଲେ। ମାତ୍ର ପଞ୍ଚମ ବଲରେ ନସୁମ ଅହମଦ ଏକ ସିଙ୍ଗଲ ନେଇ ବାଂଲାଦେଶକୁ ମ୍ୟାଚ୍ ଜିତାଇଥିଲେ। ଦଳ ପାଇଁ ସୈଫ ହସନ ୪୫ ବଲରେ ୬୧ (୨ ଚୌକା ଓ ୪ ଛକା) ଓ ହ୍ରିଦୟ ୩୭ ବଲରେ ୫୮ (୪ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା: ୨୦ ଓଭରରେ ୧୬୮/୭(ଦାସୁନ ଶନକା-୬୪*, କୁସାଲ ମେଣ୍ଡିସ-୩୪, ମୁସ୍ତାଫିଜୁର ରହମାନ-୩/୨୦, ମହେଦି ହାସନ-୨/୨୫)। ବାଂଲାଦେଶ: ୧୯.୫ ଓଭରରେ ୧୬୯/୬ (ସୈଫ ହସନ-୬୧, ତୋହିଦ ହ୍ରିଦୟ-୫୮, ଶନକା-୨/୨୧, ୱାନିନ୍ଦୁ ହସରଙ୍ଗା-୨/୨୧)।

**ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ୍**

## ଆର୍ଯ୍ୟନଙ୍କ ଚମତ୍କାର ପ୍ରଦର୍ଶନ



ଭୁବନେଶ୍ୱର, ୨୦ା୯ (ବିଜୟ ରଣା)

ମାଳଦ୍ୱୀପରେ ଚଳିତ ମାସ ୧୫-୨୪ ପର୍ଯ୍ୟନ୍ତ ଚାଲିଥିବା ପ୍ରଥମ ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଆର୍ଯ୍ୟନ ଚମତ୍କାର ପ୍ରଦର୍ଶନ କରିଛନ୍ତି, ଯାହାଫଳରେ ଭାରତ ୨- ୧ ସେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଆର୍ଯ୍ୟନଙ୍କ ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଡ. ଗଗନେନ୍ଦୁ ଦାଶ ଓ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ ଓ କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଆର୍ଯ୍ୟନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭାରତୀୟ ଦଳର ନେତୃତ୍ୱ ନେବେ ଜ୍ୟୋତି

**ଜୁନିୟର ମହିଳା ହକି**

ନୂଆଦିଲ୍ଲୀ, ୨୦ା୯ (ପି.ଟି.)

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଅଷ୍ଟ୍ରେଲିଆ ଟୁର୍ ପାଇଁ ମନୋନୀତ ୨୩ ଜଣିଆ ଜୁନିୟର ଭାରତୀୟ ମହିଳା ହକି ଦଳର ନେତୃତ୍ୱ ନେବେ ଡିଫେଣ୍ଡର ଜ୍ୟୋତି ସିଂ। ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ମ୍ୟାଚଗୁଡ଼ିକ କାନବେରାସ୍ଥିତ ନ୍ୟାଶନାଲ ହକି ସେଣ୍ଟରଠାରେ ଖେଳାଯିବ। ଭାରତୀୟ ଦଳ ଅଷ୍ଟ୍ରେଲିଆ ଜୁନିୟର ଦଳ ବିପକ୍ଷରେ ତିନୋଟି ଏବଂ ଅଷ୍ଟ୍ରେଲିଆର ହକି ୱାନ ଲିଗ୍‌ରେ ଭାଗ ନେଉଥିବା କ୍ଲବ କାନବେରା ଚିଲ୍ ସହିତ ଦୁଇଟି ମ୍ୟାଚ ଖେଳିବ। ଡିସେମ୍ବରରେ ଚିଲିର ସାଣ୍ଟିଆଗୋଠାରେ ଖେଳାଯିବାକୁଥିବା ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍ ୨୦୨୫ ପାଇଁ ଏହି ଟୁର୍‌କୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବିବେଚନା କରାଯାଉଛି। ଡିଫେଣ୍ଡର, ମିଡ୍‌ଫିଲ୍ଡର ଓ ଫରୱାର୍ଡରେ ସନ୍ତୁଳିତ ମିଶ୍ରଣ ବିଶିଷ୍ଟ ଏହିଦଳର ନେତୃତ୍ୱ ନେବେ। ଜ୍ୟୋତି ଇତିମଧ୍ୟରେ ଚଳିତବର୍ଷ ପ୍ରାରମ୍ଭରେ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍‌ରେ ସିନିୟର ଦଳ ତରଫରୁ ଖେଳିସାରିଛନ୍ତି। ଡିଫେନ୍ସ ପାଇଁ ମନୀଷା, ଜ୍ୟୋତି ଲାଲ୍‌ଥାଣ୍ଟ ଲୁଆଙ୍ଗି, ମମିତା ଓରାମ, ସାକ୍ଷୀ ଶୁକ୍ଳା, ପୂଜା ସାହୁ ଏବଂ ନନ୍ଦିନୀଙ୍କୁ ମନୋନୀତ କରାଯାଇଛି। ମିଡ୍‌ଫିଲ୍ଡରରେ ପ୍ରିୟଙ୍କା ଯାଦବ, ସାକ୍ଷୀ ରାଣା, ଖାଇଦେମ ଶିଲିମା ଚାନୁ, ରଜନୀ କେରକେଟା, ବିନିମା ଧନ୍, ଇଶିକା, ସୁନେଲିତା ଟୋପ୍ପୋ ଓ ଅନିଶା ସାହୁ ଦାୟିତ୍ୱ ସମ୍ଭାଳିବାକୁ ଥିବାବେଳେ ଫରୱାର୍ଡ ଲାଇନ୍‌ରେ ଲାଲ୍‌ରିନ୍‌ପୁଇ, ନିଶା ମିଞ୍ଜ, ପୂର୍ଣ୍ଣିମା ଯାଦବ, ସୋନମ କନିକା ସିୱାଚ ଓ ସୁଖବୀର କୌର ରହିଛନ୍ତି।



ଜ୍ୟୋତି ସିଂ

## ଝିଲିଲତା ଲେଭଲ-୨ ଭଲିବଲ କୋଚ୍

**ଓଡ଼ିଶାର ପ୍ରଥମ**

ଭୁବନେଶ୍ୱର, ୨୦ା୯ (ବିଜୟ ରଣା)

ଝିଲିଲତା ସେଣ ଓଡ଼ିଶାର ପ୍ରଥମ ଏଫ୍‌ଆଇଭିବି ଲେଭଲ-୨ ମହିଳା ଭଲିବଲ୍ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଇଣ୍ଟରନ୍ୟାଶନାଲ ଭଲିବଲ୍ ଫେଡେରେଶନ (ଏଫ୍‌ଆଇଭିବି) ଅଧୀନରେ ବାହାରିନର ମାନାମାଠାରେ ସେପ୍ଟେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ବାହାରିନ ଭଲିବଲ ଆସୋସିଏଶନ ଅଧୀନରେ ଅୟୋଜିତ କୋଚିଂ ପାଠ୍ୟକ୍ରମ ସେ ଶେଷ କରିଛନ୍ତି। ଏଫ୍‌ଆଇଭିବି କୋଚିଂ ପାଠ୍ୟକ୍ରମ ଯଦିଓ ଲେଭଲ-୧ ସହ ଆରମ୍ଭ ହୋଇଥାଏ, ଝିଲିଲତା ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ହୋଇଥିବାରୁ ସେ ସିଧାସଳଖ ଲେଭଲ-୨ ପାଠ୍ୟକ୍ରମରେ ଭର୍ତ୍ତି ହୋଇପାରି ଥିଲେ। ବର୍ତ୍ତମାନ ସେ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଏବଂ ସବୁଠାରୁ ଯୋଗ୍ୟତା ସମ୍ପନ୍ନ ମହିଳା ଭଲିବଲ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଝିଲିଲତା ବର୍ତ୍ତମାନ ଇଷ୍ଟକୋଷ୍ଟ ରେଲୱେର ଜଣେ କର୍ମଚାରୀ। ସେ ଭୁବନେଶ୍ୱରରେ ନିଯୁକ୍ତି ପାଇଛନ୍ତି। ଭାରତୀୟ ରେଲୱେ ଭଲିବଲ ଦଳର ସେ ଜଣେ ସହକାରୀ କୋଚ୍ ମଧ୍ୟ। ଏଫ୍‌ଆଇଭିବି ଲେଭଲ-୨ କୋଚିଂ ସାର୍ଟିଫିକେଟ ହାସଲ କରିବା ଦ୍ୱାରା ଏଣିକି ସେ ଜାତୀୟ ଦଳର କୋଚ୍ ଦାୟିତ୍ୱ ସମ୍ପାଦନ କରିପାରିବେ। ଝିଲିଲତା ଜଣେ ଖେଳାଳି ହିସାବରେ ତାଙ୍କ କ୍ୟାରିୟରରେ ୨୦୦୨ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଛନ୍ତି। ଦେଶ ପାଇଁ ସେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିପାରିଛନ୍ତି।



## ମନ୍ଧାନାଙ୍କ ରେକର୍ଡ

ନୂଆଦିଲ୍ଲୀ,୨୦ା୯(ପି.ଟି.)

ବିସ୍ଫୋରକ ଓପନର ସ୍ମୃତି ମନ୍ଧାନା ଅଷ୍ଟ୍ରେଲିଆ ବିପକ୍ଷରେ ଶନିବାର ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ୫୦ ବଲରେ ଶତକ ପୂରଣ କରିଛନ୍ତି। ଏହା ଦିନିକିଆ କ୍ରିକେଟ ଇତିହାସରେ ଭାରତୀୟ ବ୍ୟାଟରଙ୍କ ଲାଗି ଦ୍ରୁତତମ ଶତକ। ଏଥିପୂର୍ବରୁ ଏହି ରେକର୍ଡ ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନାମରେ ଥିଲା। କୋହଲି ୨୦୧୨/୧୩ ସିଜନରେ ଅଷ୍ଟ୍ରେଲିଆ ବିପକ୍ଷରେ ୫୨ ବଲରେ ଶତକ କରିଥିଲେ। ଏହା ବ୍ୟତୀତ ମନ୍ଧାନା ମହିଳା ଦିନିକିଆ କ୍ରିକେଟ ଇତିହାସର ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ମହିଳା ଦିନିକିଆ କ୍ରିକେଟରେ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟିକା ମେଗ ଲାନିଂଙ୍କ ନାମରେ ରହିଛି। ସେ ୨୦୧୨-୨୩ ସିଜନରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୪୫ ବଲରେ ଶତକ ପୂରଣ କରିଥିଲେ।

**ସିରିଜ୍ ଜିତିଲା ଅଷ୍ଟ୍ରେଲିଆ**

## ମନ୍ଧାନାଙ୍କ ବିସ୍ଫୋରକ ଶତକ ବୃଥା

ନୂଆଦିଲ୍ଲୀ,୨୦ା୯

ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଶତକ ସତ୍ତ୍ୱେ ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ ତଥା ହାଇସ୍କୋରିଂ ମହିଳା ଦିନିକିଆ ମ୍ୟାଚ୍‌ରେ ଭାରତ ୪୩ ରନରେ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ ବ୍ୟବଧାନରେ ଜିତି ନେଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୪୧୩ ରନର ବିଶାଳ ଟାର୍ଗେଟ ଆଗରେ ଭାରତ ୩୬୯ ରନ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୪୭.୫ ଓଭରରେ ୪୧୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଏହା ଭାରତୀୟ ମହିଳା ଦଳ ବିପକ୍ଷରେ ଦିନିକିଆ ଫର୍ମାଟରେ ସର୍ବାଧିକ ଦଳଗତ ସ୍କୋର। ଅଷ୍ଟ୍ରେଲିଆ ପାଇଁ ବେଥ ମୁନି ୨୩ ଚୌକା ଓ ୧ ଛକା ସହିତ ୧୩୮ ରନ କରିଥିଲେ। ଏହା ତାଙ୍କର ଚତୁର୍ଥ ଦିନିକିଆ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜର୍ଜିଆ ଭଲ ୮୧, ଏଲିସେ ପେରୀ ୬୮, ଆଶଲେ ଗାର୍ଡନର ୩୯ ରନ କରିଥିଲେ। ଭାରତ ପାଇଁ ବୋଲିଂରେ ଅରୁନ୍ଧତୀ ରେଡ୍ଡୀ ୩ ଉଇକେଟ ନେଇଥିବା ବେଳେ ରେଣୁକା ସିଂ ଓ ଦୀପ୍ତି ଶର୍ମା ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଭାରତ ୪୭ ଓଭରରେ ୩୬୯ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ସ୍ମୃତି ମନ୍ଧାନା ୬୩ ବଲରେ ୧୭ ଚୌକା ଓ ୫ ଛକା ସହିତ ୧୨୫ ରନ କରିଥିଲା। ଏହା ତାଙ୍କର ୧୩ତମ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୭୨, ହରମନପ୍ରୀତ କୌର ୫୨, ସ୍ନେହ ରାଣା ୩୫ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କିମ ଗାର୍ଥ ୩ ଓ ମେଗାନ ସ୍କଟ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୪୭.୫ ଓଭରରେ ୪୧୨/ଅଲଆଉଟ୍(ବେଥ ମୁନି-୧୩୮, ଜର୍ଜିଆ ଭଲ-୮୧, ଏଲିସେ ପେରୀ-୬୮, ଅରୁନ୍ଧତୀ ରେଡ୍ଡୀ-୩/୮୬, ଦୀପ୍ତି ଶର୍ମା-୨/୭୫)। ଭାରତ: ୪୭ ଓଭରରେ ୩୬୯/ଅଲଆଉଟ୍ (ସ୍ମୃତି ମନ୍ଧାନା-୧୨୫, ଦୀପ୍ତି ଶର୍ମା-୭୨, ହରମନପ୍ରୀତ କୌର-୫୨, ସ୍ନେହ ରାଣା-୩୫, କିମ ଗାର୍ଥ-୩/୬୯, ମେଗାନ ସ୍କଟ-୨/୫୩)।

### ପିଙ୍କ୍ ଜର୍ସିରେ ଖେଳିଲା ଭାରତ

ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ପିଙ୍କ୍ ଜର୍ସି ପରିଧାନ କରିଥିଲା। ସ୍ତନ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଭାରତୀୟ ଦଳ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା।





ଶତକ ହାସଲ ପରେ ଭାରତର ସ୍ମୃତି ମନ୍ଧାନା ଓ ଅଷ୍ଟ୍ରେଲିଆର ବେଥ ମୁନି।

## ସାତ୍ତ୍ୱିକ-ଚିରାଗ ଫାଇନାଲରେ

ଶେନଝେନ୍ (ଚାଇନା), ୨୦ା୯ (ପି.ଟି.)

ଷ୍ଟାର ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପୂର୍ବତନ ବିଶ୍ୱ ଚାମ୍ପିୟନ ମାଲେସିଆର ଆରୋନ ଚିଆ ଓ ସୋହ୍ ଉଇ ୟିକ୍‌ଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ସେମାନଙ୍କର କ୍ରମାଗତ ଦ୍ୱିତୀୟ ଫାଇନାଲ। ନିକଟରେ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିବା ସହ ଗତ ସପ୍ତାହରେ ହଂକଂ ଓପନରେ ରନରଅପ୍ ତଥା ଏସିଆନ ଗେମ୍ସ ଚାମ୍ପିୟନ ଏହି ଭାରତୀୟ ଯୋଡ଼ି ସେମାନଙ୍କର ଦୀର୍ଘଦିନର ପ୍ରତିଦ୍ୱନ୍ଦ୍ୱୀ ଆରୋନ ଓ ସୋହ୍‌ଙ୍କୁ ୨୧-୧୭, ୨୧-୧୪ରେ ହରାଇ ଦେଇଛନ୍ତି। ଏହିମ୍ୟାଚ ପୂର୍ବରୁ ମାଲେସୀୟ ଯୋଡ଼ିଙ୍କ ବିପକ୍ଷରେ ସାତ୍ତ୍ୱିକ ଓ ଚିରାଗଙ୍କ ହେଡ୍-ଟୁ-ହେଡ୍ ରେକର୍ଡ ୪-୧୧ ରହିଥିଲା, ଯେଉଁ ଯୋଡ଼ି ହେଉଛନ୍ତି ଦୁଇଥର ଅଲିମ୍ପିକ ବ୍ରୋଞ୍ଜ ବିଜେତା। ତେବେ ଭାରତୀୟ ଯୋଡ଼ି ନିକଟରେ ପ୍ୟାରିସରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଆରୋନ ଓ ସୋହ୍‌ଙ୍କୁ ପଛରେ ପକାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।




# ଫେଷ୍ଟିଭ୍ ଅଫର




ପାର୍ବଣ ଋତୁରେ ଶପିଂ କରିବାକୁ ସମସ୍ତେ ଚାହିଁ ରହିଥାନ୍ତି। ଆଉ ଯଦି କିଣିବାକୁ ଇଚ୍ଛାଥିବା ଯେକୌଣସି ସାମଗ୍ରୀ ଉପରେ ଭଲ ଡିସ୍‌କାଉଣ୍ଟ ମିଳିଯାଏ, ତେବେ ସୁଯୋଗକୁ କିଏ ବା ହାତଛଡ଼ା କରିବାକୁ ଚାହିଁବ ! ହେଲେ କେବେକେବେ ସେଲ୍ କିମ୍ବା ସ୍ପେଶାଲ୍ ଡିସ୍‌କାଉଣ୍ଟ ଅଫର୍ ନିଶାରେ ଆଗପଛ ବିଚାର ନ କରି ହଠାତ୍ ସାମଗ୍ରୀ କିଣି ନେଇ ଅନେକେ ଠକାମିର ଶିକାର ହୋଇଥିବାର ନଜିର ରହିଛି। କାରଣ ଫେଷ୍ଟିଭ୍ ସିଜନ୍‌ରେ ବିଭିନ୍ନ ସାମଗ୍ରୀ ଉପରେ ସ୍ପେଶାଲ୍ ଡିସ୍‌କାଉଣ୍ଟ, ଅନ୍ୟାନ୍ୟ ଆକର୍ଷଣୀୟ ଅଫର ଦେଇ ଗ୍ରାହକଙ୍କୁ ଆକୃଷ୍ଟ କରିବା ଅନେକ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଏକ ଚାଲ୍ ହୋଇଥାଏ। ତେଣୁ ଅନ୍‌ଲାଇନ୍‌ରେ ହେଉ ଅବା ଅଫ୍‌ଲାଇନ୍‌ରେ ଫେଷ୍ଟିଭ୍ ଅଫର ଦେଖି ଶପିଂ କରୁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ନିହାତି ଆବଶ୍ୟକ।

**ଜାଣିରଖନ୍ତୁ:**

❖ପ୍ରଥମେ ଶପିଂ ପୂର୍ବରୁ ନିଜର ଆବଶ୍ୟକ ସାମଗ୍ରୀର ଏକ ଲିଷ୍ଟ କରିନିଅନ୍ତୁ ଏବଂ ସର୍ବୋପରି ବଜେଟ ସେଟ୍ କରନ୍ତୁ, ଅର୍ଥାତ୍ କେତେ ଟଙ୍କା ଭିତରେ ଶପିଂ କରିବେ ନିର୍ଦ୍ଧାରିତ କରି ରଖନ୍ତୁ। ଅଫର୍ ଦେଖି ଛୋଟ ଛୋଟ ଜିନିଷ ବିଶେଷକରି ଅଳ୍ପ ଦାମ୍‌ର ଜିନିଷ କିଣିବା ବେଳେ ବଜେଟ ଉପରେ ବି ଧ୍ୟାନ ଦିଅନ୍ତୁ। କାରଣ ଗୋଟିଏ ଗୋଟିଏ ଜିନିଷ କିଣିବା ଭିତରେ କେତେବେଳେ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ ହୋଇଯାଏ ଜଣାପଡ଼େନାହିଁ। ତେଣୁ ଭଲ ଲାଗୁଥିବା ସବୁ ଜିନିଷ ବଦଳରେ କେଉଁସବୁ ସାମଗ୍ରୀ ବାସ୍ତବରେ ଜରୁରୀ ଏକ ଲିଷ୍ଟ ପ୍ରସ୍ତୁତ କରି କିଣନ୍ତୁ।

**ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ବର୍ତ୍ତମାନ ଶପିଂ ମଲ୍, ଛୋଟ ବଡ଼ ଦୋକାନ ଏବଂ ଅନ୍‌ଲାଇନ୍ ଶପିଂ ସାଇଟ୍‌ଗୁଡ଼ିକରେ ଡ୍ରେସ୍‌ଠୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପରେ ପୂଜା ପାଇଁ ମିଳୁଛି ସ୍ପେଶାଲ୍ ଡିସ୍‌କାଉଣ୍ଟ। ଆଉ ଏହି ଫେଷ୍ଟିଭ୍ ଅଫରର ଭରପୂର ଫାଇଦା ନେବାକୁ ବେଶ୍ ଉତ୍କଣ୍ଠିତ ଯୁବପିଢ଼ି। ହେଲେ ଅଫର ନିଶାରେ କେବେକେବେ ଠକାମିର ଶିକାର ହେବାକୁ ପଡ଼ିଥାଏ। ତେଣୁ ଫେଷ୍ଟିଭ୍ ଅଫରରେ ଶପିଂ କରିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ...**

❖ଫେଷ୍ଟିଭ୍ ଅଫର୍ ନିର୍ଦ୍ଦିଷ୍ଟ ସମୟ ପାଇଁ ଥିବାରୁ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ବିଭିନ୍ନ ସାମଗ୍ରୀରେ ଲାଷ୍ଟ ଡେଟ୍, ଲିମିଟେଡ୍ ଡିସ୍‌କାଉଣ୍ଟ ଅଫର୍, ରିହାତି, ମାଗଣା ଉପହାର ଆଦି ଭଳି ବିଭିନ୍ନ ଅଫର ଦିଆଯାଇଥାଏ, ଯାହାକୁ ଦେଖିବାମାତ୍ରେ ଅନେକେ ଅଫର ହାତଛଡ଼ା ନ ହୋଇଯିବା ଲୋଭରେ କାଳବିଳମ୍ବ ନ କରି ଶୀଘ୍ର କିଣିନିଅନ୍ତି। ଫଳରେ ସେମାନେ ଅଫର୍‌ରେ ଶସ୍ତାରେ ପାଇଯିବା ଆଳରେ ଠକାମିର ଶିକାର ହୋଇଥା'ନ୍ତି। ତେଣୁ ଠକାମିର ଶିକାର ନ ହେବା ଲାଗି ଅନ୍ୟ ଦୋକାନ କିମ୍ବା ଅନ୍‌ଲାଇନ୍ ସାଇଟ୍‌ରେ ଏହାର ମୂଲ୍ୟ କେତେ ରହିଛି ଦେଖିବା ପରେ ହିଁ କିଣନ୍ତୁ। କାରଣ ବେଳେବେଳେ ପ୍ରଡକ୍ଟ ଉପରେ ଅଧିକ ଦାମ୍ ଲେଖାଯାଇ ଅଫର୍ ଦିଆଯାଇଥାଏ ଏବଂ ଡିସ୍‌କାଉଣ୍ଟ ଦାମ୍ ହିଁ ଉକ୍ତ ସାମଗ୍ରୀର ପ୍ରକୃତ ଦାମ୍ ହୋଇଥାଏ।

❖ଯୁବପିଢ଼ି ସାଧାରଣତଃ ଡ୍ରେସ୍, ଜୋତା, ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ କିଣିବା ପ୍ରତି ବେଶି ଆଗ୍ରହୀ, ଯାହାକୁ ଦୃଷ୍ଟିରେ ରଖି ଏହିସବୁ ସାମଗ୍ରୀରେ ଅଧିକ ଡିସ୍‌କାଉଣ୍ଟ କିମ୍ବା ବିଭିନ୍ନ ଆକର୍ଷଣୀୟ ଅଫର୍ ଦିଆଯାଇଥାଏ। ହେଲେ କେବେକେବେ ଷ୍ଟକ୍ ମାଲ୍‌ଗୁଡ଼ିକୁ ଶୀଘ୍ର ବିକ୍ରି ହେବା ଲାଗି ମଧ୍ୟ ଅଫର୍ ଦିଆଯାଇଥାଏ। ତେଣୁ କିଣିବା ପୂର୍ବରୁ ଏହାର ଫେବ୍ରିକ୍ ବା ମ୍ୟାଟେରିଆଲ୍ କ୍ୱାଲିଟି ଯାଞ୍ଚ କରନ୍ତୁ। ଅନ୍‌ଲାଇନ୍‌ରେ କିଣୁଥିଲେ ଅନ୍ୟ ଗ୍ରାହକମାନଙ୍କ ରିଭ୍ୟୁ କ'ଣ ରହିଛି, ରେଟିଂ କେତେ ପଢ଼ନ୍ତୁ।

❖ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଧିକାଂଶ ଡିସ୍‌କାଉଣ୍ଟ ଅଫର୍ ଥିବା ବା ସେଲ୍‌ରେ ଥିବା ଆଇଟମ୍‌ରେ ରିଟର୍ନ କିମ୍ବା ରିଫଣ୍ଡ ଅପ୍ସନ ନ ଥାଏ। ତେଣୁ ବିଭିନ୍ନ ସାମଗ୍ରୀ ଉପରେ କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍, କ୍ୟାଶ୍ ବ୍ୟାକ୍ ଅଫର୍ ଆଦି ଦେଖିବାମାତ୍ରେ ଲୋଭରେ ଆଗ ପଛ ବିଚାର ନ କରି ଜିନିଷ କିଣି ନିଅନ୍ତୁ ନାହିଁ। ପ୍ରଥମେ ଏଥିରେ ଥିବା ବିଭିନ୍ନ ସର୍ତ୍ତାବଳୀ ବା ଟର୍ମ ଆଣ୍ଡ କଣ୍ଡିଶନ୍ସ ପଢ଼ନ୍ତୁ। ନଚେତ୍ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସେହିପରି ଅନ୍‌ଲାଇନ୍ ଶପିଂ କରୁଥିଲେ ପେମେଣ୍ଟ କରିବା ପୂର୍ବରୁ କ୍ୟାଶ୍ ଅନ୍ ଡେଲିଭରର ସୁବିଧା ଅଛି କି ନାହିଁ ଜାଣିବା ପରେ ଅର୍ଡର କରନ୍ତୁ। ନଚେତ୍ ଥରେ କିଣିବା ପରେ ସାମଗ୍ରୀ ପସନ୍ଦ ନ ହେଲେ ନା ଆପଣ ଏହାକୁ ବଦଳାଇପାରିବେ ନା ଟଙ୍କା ଫେରସ୍ତ ପାଇପାରିବେ।

❖ଯଦି ଅନ୍‌ଲାଇନ୍ ସାଇଟ୍‌ରେ ଶପିଂ କରୁଛନ୍ତି, ତେବେ ଅନ୍‌ନୋନ୍ ଶପିଂ ସାଇଟ୍ କିମ୍ବା ହ୍ୱାଟ୍ସଆପ୍‌ରେ ଆସୁଥିବା ଶପିଂ ଅଫର୍‌ରେ ଜିନିଷ କିଣିବାଠୁ ଦୂରେଇ ରହନ୍ତୁ। ବିଶେଷକରି ପର୍ସନାଲ୍ ଡାଟା ମାଗୁଥିବା କିମ୍ବା ସ୍କାନ୍ କୋଡ୍ ଆଦି ସାହାଯ୍ୟରେ ପେମେଣ୍ଟ ଅପ୍ସନ୍ ମାଗୁଥିବା ସାଇଟ୍‌ରୁ ଶପିଂ କଲେ ଠକାମିର ଶିକାର ହୋଇପାରନ୍ତି, ସେଥିପ୍ରତି ବିଶେଷ ଭାବେ ସତର୍କ ରହିବା ଆବଶ୍ୟକ।







### ସେଲ୍ସ ସମୟରେ ଦିଆଯାଇଥିବା ଅଫର୍‌ର ଅର୍ଥ...

**ଅପ୍ ଟୁ ୭୦% ଅଫ୍:** ଅନେକେ ଏହି ଅଫର ଦେଖିବା ମାତ୍ରେ ୭୦% ଅଫ୍ ଭାବି ଜିନିଷ କିଣିବା ଆରମ୍ଭ କରିଦିଅନ୍ତି ଏବଂ ବିଲ୍ କରିବାବେଳେ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ତେବେ ଏହି ଅଫର୍‌ର ଅର୍ଥ ହେଉଛି ଭିନ୍ନ ଭିନ୍ନ ପ୍ରଡକ୍ଟ ଉପରେ ୭୦% ପର୍ଯ୍ୟନ୍ତ ରିହାତି, ତାହା ୫%, ୧୦% ରୁ ୭୦% ପର୍ଯ୍ୟନ୍ତ କିଛି ବି ହୋଇପାରେ।

**ଫ୍ଲାଟ୍ ୩୦%:** ଯେଉଁଠି ଫ୍ଲାଟ୍ ଲେଖାଯାଇଥାଏ, ଏହାର ଅର୍ଥ ସେଠାରେ ଥିବା ସବୁ ପ୍ରଡକ୍ଟ ଉପରେ ଲେଖାଯାଇଥିବା ରିହାତି ପ୍ରତିଶତ ସମାନ।

**ଫ୍ଲାଶ୍ ସେଲ୍:** ଏହି ଅଫର୍ ଅଧିକ ଡିସ୍‌କାଉଣ୍ଟ ସହିତ ଥାଏ, ଯାହାକି ଖୁବ୍ କମ୍ ସମୟ ପାଇଁ ଅର୍ଥାତ୍ ମାତ୍ର କିଛି ଘଣ୍ଟା କିମ୍ବା ଗୋଟିଏ ଦିନ ପାଇଁ ରହିଥାଏ। ଏଥିରେ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଅଳ୍ପ ସମୟରେ ଅଧିକ ବିକ୍ରି ଟାର୍ଗେଟ୍ ରହିଥାଏ।

**କ୍ଲିଅରାନ୍ସ ସେଲ୍:** ଏଥିରେ ଅଧିକ ଡିସ୍‌କାଉଣ୍ଟ ଦେଖି ଗ୍ରାହକ ଏକାଧିକ ସାମଗ୍ରୀ କିଣି ନିଅନ୍ତି। ହେଲେ ଏହାର ଅର୍ଥ ହେଉଛି ଏଣ୍ଡ ଅଫ୍ ଷ୍ଟକ୍ ସେଲ୍ ବା ଷ୍ଟକ୍ ରହିଯାଇଥିବା ସାମଗ୍ରୀକୁ ଶସ୍ତାରେ ଗ୍ରାହକଙ୍କୁ ବିକ୍ରୟ କରିବା, ଯେଉଁଥିରେ ସାଧାରଣତଃ ଏକ୍ସଚେଞ୍ଜ ଏବଂ ରିଟର୍ନ ସୁବିଧା ଉପଲବ୍ଧ ନ ଥାଏ।

**ବାଏ ୱାନ୍ ଗେଟ୍ ୱାନ୍ ଫ୍ରି:** ଏହା ମଧ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରିବାର ଏକ ବଡ଼ ବିଜ୍‌ନେସ୍ ଷ୍ଟ୍ରାଟେଜି, ଯେଉଁଥିରେ ପ୍ରଥମ ପ୍ରଡକ୍ଟର ଦାମ ଯଥେଷ୍ଟ ଅଧିକ କରାଯାଇ ଦ୍ୱିତୀୟକୁ ସେଥିରେ ଫ୍ରି କରାଯାଇଥାଏ।








## ଏ ସପ୍ତାହର ପ୍ରଶ୍ନ ?

୧– ଟିପେଶ୍ୱର ଅଭୟାରଣ୍ୟ .......... ରାଜ୍ୟରେ ଅବସ୍ଥିତ ?
୨– ୱାର୍ଲ୍ଡ ଇଣ୍ଟେଲେକ୍ଚୁଆଲ୍ ପ୍ରପର୍ଟି ଅର୍ଗାନାଇଜେଶନ୍ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗ୍ଲୋବାଲ୍ ଇନୋଭେଶନ୍ ଇଣ୍ଡେକ୍ସ ୨୦୨୫ରେ ଭାରତର ର୍‍ୟାଙ୍କ୍ ........... ରହିଛି ?
୩– ୫ମ କୋଷ୍ଟ ଗାର୍ଡ ଗ୍ଲୋବାଲ୍ ସମିତି ......... ଠାରେ ଆୟୋଜନ ହେବ ?
୪– ନାଟ୍ରନ୍ ହ୍ରଦ .......... ଏବଂ ........... ଦୁଇ ଦେଶର ସୀମାରେ ଅବସ୍ଥିତ ?
୫– ବିଶ୍ୱ ଛାତ୍ର ଦିବସ ............ ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଆମେରିକା
୨ ତାମିଲନାଡୁ
୩ ଅପରେଶନ୍ ବ୍ଲାକ୍ ଫରେଷ୍ଟ
୪ ପ୍ରଧାନମନ୍ତ୍ରୀ ଆବାସ ଯୋଜନା– ଅର୍ବାନ ୨.୦
୫ ସୈଦ୍ ଅମୀର୍ ଅଲି

## ଉତ୍ତର ଦାତା


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ଚିନ୍ତାମଣି ବିଶାଲ, ବରଗଡ଼

## ଟପ୍ ଟେନ୍ ୧୦

### ପୃଥିବୀର ବଡ଼ ପ୍ଲାନେଟାରିୟମ



୧– ସେଣ୍ଟ ପିଟର୍ସବର୍ଗ ପ୍ଲାନେଟାରିୟମ୍........... ରୁଷିଆ
୨– ନାଗୋୟା ସିଟି ସାଇନ୍ସ ମ୍ୟୁଜିୟମ୍ ........... ଜାପାନ
୩– ଜେନିଫର୍ ଚାଲ୍‌ଷ୍ଟି ପ୍ଲାନେଟାରିୟମ୍ ........... ଆମେରିକା
୪– ଜେଇସ୍ ମେଜର ପ୍ଲାନେଟାରିୟମ୍ ........................... ଜର୍ମାନୀ
୫– ବିର୍ଲା ପ୍ଲାନେଟାରିୟମ୍ ........................... କୋଲକାତା, ଭାରତ
୬– ପ୍ଲାନେଟାରିୟମ୍ ଅଫ୍ ରୟାଲ୍ ଅବ୍‌ଜର୍ଭେଟୋରି........... ବେଲ୍‌ଜିୟମ୍
୭– ମୋରିସନ୍ ପ୍ଲାନେଟାରିୟମ୍ ............................. କାଲିଫର୍ନିଆ
୮– ସାମୁଏଲ୍ ଅଶ୍ଟିନ୍ ପ୍ଲାନେଟାରିୟମ୍.......................... ଆମେରିକା
୯– ଆଡ୍‌ଲର୍ ପ୍ଲାନେଟାରିୟମ୍ ................................ ଆମେରିକା
୧୦– ହୋଠନ୍ ପ୍ଲାନେଟାରିୟମ୍ .............................. ଆମେରିକା

ଜାଣନ୍ତୁ ଦୁନିଆ

## ପୃଥିବୀର ସବୁଠୁ ଶକ୍ତିଶାଳୀ ରକେଟ୍

**ସ୍ପେଶ୍‌ଏକ୍ସର ଷ୍ଟାରଶିପ୍ ହେଉଛି ପୃଥିବୀର ସବୁଠୁ ଶକ୍ତିଶାଳୀ ରକେଟ୍, ଯେଉଁଥିରେ ରକେଟ୍ ସହିତ ସ୍ପେଶ୍‌ଶିପ୍ ମଧ୍ୟ ରହିଛି। ଏହି ରକେଟ୍ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ସ୍ପେଶ୍ ସାଇଣ୍ଟିଷ୍ଟଙ୍କ ସହ ପୃଥିବୀବାସୀଙ୍କ ପାଇଁ ଏକ ବଡ଼ ସଫଳତା ହୋଇପାରିବ ଏବଂ ଅନ୍ୟ ଗ୍ରହରେ ଜନବସତି ସ୍ଥାପନାର ସ୍ୱପ୍ନ ଶାକାର ହୋଇପାରିବ। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**

– ୧୨୦ ମିଟର (୩୯୮ ଫୁଟ) ଉଚ୍ଚତା ବିଶିଷ୍ଟ ଏହି ରକେଟ୍‌ର ୧୦୦ରୁ ୧୫୦ ଟନ୍ ଓଜନର ସାମଗ୍ରୀ ବହନ କରିବାର କ୍ଷମତା ରହିଛି।

– ଏହି ରକେଟ୍‌ର ଦୁଇଟି ଭାଗ ରହିଛି। ତଳ ଭାଗ ହେଉଛି ସୁପର ହେଭି ବୁଷ୍ଟର, ଯେଉଁଥିରେ ୩୩ଟି ୭୧ ମିଟର ଉଚ୍ଚ ଏବଂ ୯ ମିଟର ଗୋଲେଇ ବିଶିଷ୍ଟ ୩୩ଟି ରାପ୍ଟର ଇଞ୍ଜିନ୍ ରହିଛି, ଯାହାକି ରକେଟ୍‌କୁ ଜୋର୍ ବଳ ପ୍ରୟୋଗ କରି ଉପରକୁ ଠେଲିଥାଏ। ଦ୍ୱିତୀୟ ଭାଗ ବା ଉପର ଅଂଶ ହେଉଛି ପେଲୋଡ୍ ବା କ୍ରୁ କ୍ୟାରିଂ ଭର୍ସନ, ଯାହାକି ମହାକାଶଚାରୀ, ବୈଜ୍ଞାନିକ ଏବଂ ବିଭିନ୍ନ ଯାନ୍ତ୍ରିକ ଉପକରଣ ବହନ କରିଥାଏ। ଏଥିରେ ପ୍ରାୟ ୧୦୦ ଜଣ ପର୍ଯ୍ୟନ୍ତ ଯାତ୍ରା କରିପାରିବାର କ୍ଷମତା ରହିଛି।

– ଏହି ରକେଟ୍ ସମ୍ପୂର୍ଣ୍ଣ ଭାବେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ପ୍ରସ୍ତୁତ କରାଯାଇଛି। ଏହି ରକେଟ୍‌ର ସବୁଠୁ ଭଲ କଥା ହେଲା ଏହା ପୁନଃ ବ୍ୟବହାର ଉପଯୋଗୀ। ଏହା ଥରେ ସ୍ପେଶ୍‌କୁ ଯାଇ ଫେରିବା ପରେ ପୁଣିଥରେ ଯାଇପାରିବ। ଏଥିରେ କକ୍ଷପଥରେ ଇନ୍ଧନ ପୁନର୍ବାର ଭର୍ତ୍ତି କରିବାର ସୁବିଧା ରହିଛି।

– ସ୍ପେଶ୍‌ଏକ୍ସର ହେଡ୍‌କ୍ୱାର୍ଟରରେ ଏହାର ନିର୍ମାଣ କାର୍ଯ୍ୟ ସହିତ ପରୀକ୍ଷଣ ମଧ୍ୟ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏହା ୧୦ ଥର ପରୀକ୍ଷଣ କରାଯାଇ ସାରିଛି, ଯେଉଁଥିରୁ କେତେକ ପରୀକ୍ଷଣ ଅସଫଳ ମଧ୍ୟ ରହିଥିଲା। ହେଲେ ଏଲନ୍ ମସ୍କଙ୍କ କହିବା ଅନୁଯାୟୀ, ୬ ମାସ ମଧ୍ୟରେ ଷ୍ଟାର୍‌ଶିପ୍ ସମ୍ପୂର୍ଣ୍ଣ ସଫଳ ପରୀକ୍ଷଣ ହୋଇପାରିଲେ ଏହା ଚନ୍ଦ୍ର ଏବଂ ମଙ୍ଗଳକୁ ଯାତ୍ରା କରିପାରିବ। ଆଗାମୀ ୨୦୫୦ ସୁଦ୍ଧା ମଙ୍ଗଳ ଗ୍ରହରେ ଏକ ସିଟି ନିର୍ମାଣର ସ୍ୱପ୍ନ ସାକାର ହୋଇପାରିବ। ପୃଥିବୀରେ ମଧ୍ୟ ଏହା ଯୋଗୁ ତୀବ୍ର ଗତିରେ ଯାତାୟାତ ସହଜ ହୋଇପାରିବ।



ୟୁଥ୍ ଆଲର୍ଟ

# କାନରେ ପାଣି ପଶିଗଲେ

**ଗାଧୋଇବା କିମ୍ବା ପହଁରିବା ବେଳେ କେବେକେବେ କାନରେ ପାଣି ପଶିଯିବା ଏକ ସାଧାରଣ କଥା। ଏହାଦ୍ୱାରା କାନ ଭାରି ଲାଗିବା, କୁଣ୍ଡେଇ ହେବା କିମ୍ବା ତାବ୍‌ଦା ଲାଗିବା ଭଳି ଲକ୍ଷଣ ଦେଖାଦିଏ ଏବଂ ପାଣି ବାହାରିଗଲେ ବା ପୋଛି ଦେଲେ କାନ ସାଧାରଣ ଅବସ୍ଥାକୁ ଚାଲିଆସେ। ହେଲେ କେବେକେବେ ଏହାକୁ ଠିକ୍ ଭାବେ ସଫା ନ କଲେ କିମ୍ବା ଅଣଦେଖା କଲେ କାନରେ ଇନ୍‌ଫେକ୍ଶନ ହୋଇ ଜଟିଳ ସମସ୍ୟା ବି ସୃଷ୍ଟି ହୋଇପାରେ। ଜାଣିରଖନ୍ତୁ କାନରେ ପାଣି ପଶିଗଲେ କ'ଣ କରିବେ...**

➔ଯେଉଁ କାନରେ ପାଣି ପଶିଛି, ସେହି ପାଖ ମୁଣ୍ଡକୁ ତଳକୁ କରି କାନ ଉପରେ ପାପୁଲି ରଖି କିଛି ସମୟ ଚାପି ଧରନ୍ତୁ ଏବଂ ଛାଡ଼ି ଦିଅନ୍ତୁ, ଦେଖିବେ ପାଣି ବାହାରି ଆସିବ।

➔ଏପରି ନ ବାହାରିଲେ ମୁଣ୍ଡକୁ ପୂର୍ବ ଅବସ୍ଥାରେ ନୁଆଁଇ ରଖି କାନ ଫରିକୁ ଧୀରେ ଧୀରେ ହଲାନ୍ତୁ। ଏହାଦ୍ୱାରା କାନର ନଳୀ ସିଧା ହୋଇ ପାଣି ବାହାରି ଆସିବ।

➔ଶୁଖିଲା କପଡ଼ାରେ ଧୀରେ ଧୀରେ କାନକୁ ପୋଛି ଆଣନ୍ତୁ। ଏପରି କଲେ ମଧ୍ୟ ପାଣି ଶୁଖିଯିବ ଏବଂ ଫଙ୍ଗାଲ୍ ଇନ୍‌ଫେକ୍ଶନ ହେବ ନାହିଁ। ମନେରଖନ୍ତୁ, ଏହା ଯେପରି କାନ ଭିତରକୁ ଆଦୌ ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➔ପାଣି ଭିତରକୁ ଥିଲେ ଏପରି କଲେ ବି କୌଣସି ଉପକାର ମିଳି ନ ଥାଏ। ଏମିତିରେ ହେୟାର୍ ଡ୍ରାୟର ମଧ୍ୟ କାମରେ ଆସିପାରେ। ଏଥିପାଇଁ ହେୟାର୍ ଡ୍ରାୟରକୁ ଲୋ ହିଟ୍ ମୋଡ୍‌ରେ ସେଟ୍ କରି କାନଠାରୁ ଏକ ଫୁଟ୍ ଦୂରରେ ରଖି ଅନ୍ କରନ୍ତୁ। ହାଲୁକା ଗରମ ପବନ ବାଜିଲେ କାନରେ ପଶି ରହିଥିବା ପାଣି ବାହାରି ଆସିବ ଏବଂ କାନ ଭିତରେ ଓଦା ନ ରହି ଶୀଘ୍ର ଶୁଖି ମଧ୍ୟ ଯିବ। ହେଲେ ଏଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ ନିଜେ ହେୟାର ଡ୍ରାୟର ନ ଧରି ଅନ୍ୟର ସାହାଯ୍ୟ ନେବା ଭଲ।





➔ଯଦି ଏହିସବୁ ଉପାୟ ପରେ ବି କାନରୁ ପାଣି ନ ବାହାରେ କିମ୍ବା କାନରେ ଯନ୍ତ୍ରଣା ଅନୁଭବ ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ଇୟର ଡ୍ରପ୍ ପକାଇପାରିବେ କିମ୍ବା ଡାକ୍ତରଖାନାରେ ପାଣି ବାହାର କରିପାରିବେ।

➔ମନେରଖନ୍ତୁ, ଇୟର ବଡ୍ କିମ୍ବା କୌଣସି କାଠି ଯେପରି ଦିଆସିଲି କାଠିରେ ତୁଳା ଗୁଡ଼ାଇ କିମ୍ବା ଚାବି ଆଦିକୁ ପାଣି ବାହାର କରିବା ଲାଗି କାନରେ ଆଦୌ ପୂରାନ୍ତୁ ନାହିଁ। ଏହାଦ୍ୱାରା କାନକୁ କ୍ଷତି ପହଞ୍ଚିପାରେ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ




**SHOWROOMS: ODISHA:** RENAULT **CUTTACK** Ph: 9311772648. RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9311733963. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.




**SHOWROOMS: ODISHA:** RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9311733963. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.